(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର,ରବିବାର, ମାର୍ଚ୍ଚ ୫/୨୦୨୩ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 5/2023 | Page 20 | ₹ 7.00 | SAMBALPUR

୪୯ଶ ଭାଗ ୧୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 101 | ମୂଲ୍ୟ₹୭/-

DSPL-479

Government of Odisha

ସ୍ୱାଧୀନତା ସଂଗ୍ରାମୀ, ଆଧୁନିକ ଓଡିଶାର ନିର୍ମାତା,
ଦୁଃସାହସୀ ପାଇଲଟ୍ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ
**ବିଜୁ ପଟ୍ଟନାୟକଙ୍କର**
ଡାକୋଟା (ଡିସି-୩) ବିମାନର ସର୍ବସାଧାରଣଙ୍କ
ଉଦ୍ଦେଶ୍ୟରେ ପ୍ରଦର୍ଶନ

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା ଓଡିଶାବାସୀଙ୍କ ଉଦ୍ଦେଶ୍ୟରେ ସମର୍ପଣ

୫ ମାର୍ଚ୍ଚ, ୨୦୨୩ । ସକାଳ ୯:୨୫
**ପଞ୍ଚାୟତି ରାଜ ଓ ଲୋକସେବା ଦିବସ**
ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱର



ଓଡିଶା ସରକାର ଅତ୍ୟନ୍ତ ଗୌରବର ସହିତ ବିଜୁ ପଟ୍ଟନାୟକଙ୍କର କଳିଙ୍ଗ ଏୟାରଲାଇନ୍ସର ଐତିହାସିକ ଡାକୋଟା (ଡିସି-୩) ବିମାନକୁ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ସମ୍ମୁଖରେ ସର୍ବସାଧାରଣଙ୍କ ନିମନ୍ତେ ପ୍ରଦର୍ଶନ କରୁଛନ୍ତି । ଏହା ବିଜୁ ପଟ୍ଟନାୟକଙ୍କ ଦୁଃସାହସିକ ବିମାନ ଚାଳନା ଓ ଅଭୂତପୂର୍ବ ବୀରତ୍ୱର ଗାଥା ଜନମାନସରେ ଚିର ସ୍ମରଣୀୟ କରି ରଖିବ । ଏହା ଯୁଗ ଯୁଗ ଧରି ସମସ୍ତଙ୍କୁ ପ୍ରେରଣା ଦେବ ଏବଂ ଭବିଷ୍ୟତରେ ବଡ ସ୍ୱପ୍ନ ଦେଖିବା ପାଇଁ ପ୍ରୋତ୍ସାହିତ କରାଇବ ।

**ବାଣିଜ୍ୟ ଓ ପରିବହନ ବିଭାଗ**

Commerce & Transport Department
Government of Odisha




OIPR-38001/13/0026/2223

## ୫ ସ୍ଥାନରେ ୩୮ ଡିଗ୍ରୀ ଉପରେ ପାରଦ

■ **ଅସମ୍ଭାଳ ହେଉଛି ଖରାତାତି**

ଭୁବନେଶ୍ୱର, ୪।୩(ବ୍ୟୁରୋ)

ରାଜ୍ୟରେ ଅସମ୍ଭାଳ ହେଲାଣି ଖରା ତାତି। ତାପମାତ୍ରା ୪୦ ଡିଗ୍ରୀ ମୁହାଁ ହୋଇଥିବାବେଳେ ଶନିବାର ରାଜ୍ୟର ୫ଟି ସ୍ଥାନରେ ୩୮ଡିଗ୍ରୀ ଉପରେ ରହିଥିଲା। ସେହିପରି ୧୪ଟି ସ୍ଥାନରେ ପାରଦ ୩୭ ଡିଗ୍ରୀ ଡେଇଁଥିଲା। ସମ୍ବଲପୁର ଓ ତାଳଚେରରେ ସର୍ବାଧିକ ୩୮.୬ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଭୁବନେଶ୍ୱର ୩୮.୫, ଝାରସୁଗୁଡ଼ା ୩୮.୪ ଓ ସୋନପୁରରେ ୩୮.୪ ଡିଗ୍ରୀ ରହିଥିଲା। ସେହିପରି ବାରିପଦାରେ ୩୮, ବୌଦ୍ଧ ୩୮, ଖୋର୍ଦ୍ଧା ୩୮, ବାଲେଶ୍ୱର ୩୭.୨, ଅନୁଗୋଳ୩୭.୧, ସୁନ୍ଦରଗଡ଼୩୭.୩, ହୀରାକୁଦ ୩୭.୪, ବଲାଙ୍ଗୀର ୩୭.୮, ମାଲକାନଗିରି ୩୭.୭, ଚାନ୍ଦବାଲି ୩୭, କଟକ ୩୭, ଟିଟିଲାଗଡ଼ ୩୭, ନୟାଗଡ଼ ୩୭, ଢେଙ୍କାନାଳ ୩୭ ଓ ଜଗତ୍‌ସିଂହପୁରରେ ତାପମାତ୍ରା ୩୭ ଡିଗ୍ରୀରେ ପହଞ୍ଚିଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ଅଧିକାଂଶ ସ୍ଥାନରେ ୨ ରୁ ୩ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ୭ ତାରିଖରୁ ରାଜ୍ୟର କିଛି ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। କେନ୍ଦ୍ରର ସୂଚନାନୁସାରେ, ୭ରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର ଓ ବରଗଡ଼ରେ ସ୍ୱଳ୍ପ ଧରଣର ବର୍ଷା ହେବାର ଆଶଙ୍କା ରହିଛି। ସେହିଭଳି ୮ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ନୂଆପଡ଼ା, ବରଗଡ଼, କଳାହାଣ୍ଡି, କନ୍ଧମାଳ ଓ ବଲାଙ୍ଗୀରର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

# କୋଟିପତି ଖଣି ଅଧିକାରୀ ଗିରଫ

ଭୁବନେଶ୍ୱର,୪।୩(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱରସ୍ଥିତ ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନାଙ୍କୁ ଶନିବାର ଭିଜିଲାନ୍ସ ଗିରଫ କରିଛି। ଦୁଇଦିନର ଚଢ଼ାଉ ଓ ଯାଞ୍ଚ ପରେ ଉମେଶ ଏବଂ ତାଙ୍କ ପରିବାର ସଦସ୍ୟଙ୍କଠାରୁ ବହୁ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏପରିକି ଭିଜିଲାନ୍ସ ତାଙ୍କ ଘରୁ ଆଉ ନଗଦ ୬୪ ଲକ୍ଷ ଟଙ୍କା ଠାବ କରିଛି। ଫଳରେ ଠାବ ହୋଇଥିବା ମୋଟ ନଗଦ ଟଙ୍କାର ପରିମାଣ ୧ କୋଟି ୬୪ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ତେବେ ଠାବ ହୋଇଥିବା ମୋଟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଉମେଶଙ୍କ ପ୍ରକୃତ ଆୟଠାରୁ ୩୬୮ % ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ପତ୍ତିର ଉତ୍ସ ସଂକ୍ରାନ୍ତରେ ଉମେଶ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ଥାନାରେ ତାଙ୍କ ବିରୋଧରେ ଏକ



ଉମେଶ ଚନ୍ଦ୍ର ଜେନା

ମାମଲା (ନଂ.୨/୨୦୨୩) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗିରଫ ପରେ କୋଟିପତି ଉମେଶଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

**ପ୍ରକୃତ ଆୟଠାରୁ ୩୬୮% ଅଧିକ ସମ୍ପତ୍ତି ଠାବ**

■ **ଶୁକ୍ରବାର ୧୩ ସ୍ଥାନରେ ଚଢ଼ାଉ ହୋଇଥିଲା**

■ **ଘରୁ ଠାବହେଲା ଆଉ ୬୪ ଲକ୍ଷ ଟଙ୍କା**

■ **ପୂର୍ବରୁ ମିଳିଥିଲା କୋଟିଏ ଟଙ୍କା, ଅଧାକେଜି ସୁନା, ଅନ୍ୟାନ୍ୟ ସମ୍ପତ୍ତି**

ସୂଚନା ଅନୁଯାୟୀ, ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଯାଞ୍ଚ ୱାରେଣ୍ଟ ବଳରେ ଶୁକ୍ରବାର ଭିଜିଲାନ୍ସ ଟିମ୍ ଉମେଶଙ୍କ ବାସଭବନ ସମେତ ଭୁବନେଶ୍ୱର ଓ କେନ୍ଦୁଝରର ୧୩ ସ୍ଥାନରେ ଚଢ଼ାଉ କରିଥିଲା। ଏଥିରେ ୧୦ଜଣ ଡିଏସ୍‌ପି, ୭ଜଣ ଇନ୍‌ସପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଥିଲେ। ଯାଞ୍ଚବେଳେ ଭୁବନେଶ୍ୱରରେ ଗୋଟିଏ ବହୁ ମହଲା ବିଶିଷ୍ଟ କୋଠା, କେନ୍ଦୁଝରରେ ୩ଟି କୋଠା ଏବଂ ୫ଟି ପ୍ଲଟ୍ ସହ ଘରୁ ପ୍ରାୟ ନଗଦ ୧.୬୪ କୋଟି, ୬୫୦ ଗ୍ରାମର ସୁନା ଅଳଙ୍କାର, ଦୁଇଟି ବାଇକ, ଗୋଟିଏ କାର୍ ଏବଂ ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଭିଜିଲାନ୍ସ ଠାବ କରିଛି। ଉମେଶ ତାଙ୍କ ଚାକିରି କାଳ ମଧ୍ୟରେ ଖଣି ଦୁର୍ନୀତିରେ ଜଡ଼ିତ ରହି ବେଆଇନ ଭାବେ ସମ୍ପତ୍ତି ଅର୍ଜନ କରିଥିବା ଭିଜିଲାନ୍ସ ସନ୍ଦେହ କରୁଥିବା ସୂଚନା ମିଳିଛି। ତେବେ ଏହି ମାମଲା ସଂକ୍ରାନ୍ତରେ ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଖୋଲିପାରେ ହିସାବୁର ଖଣି ଦୁର୍ନୀତି ଫାଇଲ

କେନ୍ଦୁଝର,୪।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ପୂର୍ବତନ ଉପନିର୍ଦ୍ଦେଶକ ତଥା ବର୍ତ୍ତମାନ ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନାଙ୍କ ଘର, ଅଫିସ୍ ସମେତ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏଥିସହ ବିଭିନ୍ନ କାଗଜପତ୍ର ଓ ଫାଇଲ୍ ଜବତ କରାଯାଇ ଯାଞ୍ଚ କରାଯାଉଛି। ଶନିବାର ତାଙ୍କୁ ଭିଜିଲାନ୍ସ ଗିରଫ କରିଥିବାବେଳେ ଏହି ଘଟଣାକୁ ନେଇ ବିଶେଷକରି କେନ୍ଦୁଝର ଜିଲାରେ ନାନା ଗୁଞ୍ଜରଣ ଆରମ୍ଭ ହୋଇଛି। ତାଙ୍କ କାର୍ଯ୍ୟକାଳ ସମୟରେ ଛପି ରହିଥିବା ଖଣି ଦୁର୍ନୀତିର ଖୋଳତାଡ଼ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏଥି ମଧ୍ୟରେ ଯୋଡ଼ା ହିସାବୁର ସାଇଡିଂ ଖଣି ଦୁର୍ନୀତି ଫାଇଲ ରହିଥିବା ଶୁଣିବାକୁ ମିଳୁଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଉଲିବୁର ଖଣି ମହାଦୁର୍ନୀତିର ଅନ୍ୟଏକ ଅଧ୍ୟାୟ ହିସାବୁର ସାଇଡିଂରେ ହୋଇଥିବା ଦୁର୍ନୀତିର ତଦନ୍ତ ସେ ସମୟରେ ହୋଇ ନ ଥିଲା। ଉକ୍ତ ସାଇଡିଂରୁ ବହୁ ପରିମାଣରେ ଖଣିଜ ପଥର ଚାଲାଣ ହୋଇଥିଲେ ହେଁ ତାହା ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରାଯାଇ ନ ଥିଲା। ବିପୁଳ ଖଣିଜ ପଥର ଚୋରା ଚାଲାଣ କରିଥିବା କୋଲକାତାସ୍ଥିତ ପରିବହନ ସଂସ୍ଥା ଏହି ଘଟଣାକୁ ଚପାଇବାକୁ ସେ ସମୟରେ ସଫଳ ହୋଇଥିଲା ବୋଲି କୁହାଯାଉଛି। ତେବେ ଉକ୍ତ ସଂସ୍ଥା ଘରୋଇ ବ୍ୟବହାର ପାଇଁ ଲୁହାପଥର ନେଉଥିବା ଦର୍ଶାଇ ବାହାରକୁ ପଠାଉଥିଲା। ଫଳରେ ରେଳ ମନ୍ତ୍ରଣାଳୟ ଭଡ଼ା ବାବଦକୁ ବହୁ ରାଜସ୍ୱ କ୍ଷତି ସହିଥିଲା। ଏହା ଜଣାପଡ଼ିବା ପରେ ରେଳ ମନ୍ତ୍ରଣାଳୟ ମଧ୍ୟ ନୋଟିସ୍ କରିଥିଲା। ଉକ୍ତ ସାଇଡିଂରୁ ଚାଲାଣ ହୋଇଥିବା ବହୁ ପରିମାଣର ଲୁହାପଥର ଚୋରାରେ ରେଳ ଯୋଗେ ଯାଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଘଟଣାକୁ

## ଅତିରିକ୍ତ ଖଣି ନିର୍ଦ୍ଦେଶକଙ୍କ ଅଫିସ୍‌ରେ ଭିଜିଲାନ୍ସ ଚଢ଼ାଉ ପରେ ଗୁଞ୍ଜରଣ

ନେଇ ୫ବର୍ଷ ପୂର୍ବେ ଜଣେ ପୂର୍ବତନ ବିଧାୟକ ଓ କେତେଜଣ ସାମାଜିକ କର୍ମୀ ସମ୍ପୃକ୍ତ ଖଣି ଅଧିକାରୀଙ୍କ କାର୍ଯ୍ୟଧାରାକୁ ନେଇ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ସଂସ୍ଥା ନିଜର ନାମ ବଦଳାଇ କେନ୍ଦୁଝର ଜିଲାରୁ ଖଣିଜ ପଥର ଚାଲାଣ କରିଥିଲା ବୋଲି ଖଣି ବିଭାଗ ସବୁ ଜାଣି ବି ଚୁପ୍ ରହିବା ସମସ୍ତଙ୍କୁ ଚକିତ କରିଥିଲା।

ସେହି ସମୟରେ ଖଣି ମହାଦୁର୍ନୀତିକୁ ନେଇ ଖଣି ବିଭାଗର ବହୁ ଅଧିକାରୀ ଧରାପଡ଼ି ଜେଲ ଯାଇଥିଲେ ହେଁ ଭିଜିଲାନ୍ସ ଆଖିରୁ ଯୋଡ଼ା ଖଣି ମଣ୍ଡଳର ତତ୍‌କାଳୀନ ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଜେନା ଖସିଯାଇଥିଲେ। କାର୍ଯ୍ୟାନୁଷ୍ଠାନ ବଦଳରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଖଣି ନିର୍ଦ୍ଦେଶାଳୟକୁ ବଦଳି କରାଯାଇଥିଲା। ପୁଣି ପରବର୍ତ୍ତୀ ସମୟରେ ସେ ଖଣି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ହୋଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ସେହି ସମୟରେ ଖଣି ମହାଦୁର୍ନୀତିର ତଦନ୍ତ ଜଷ୍ଟିସ ଶାହା କମିଶନ କରୁଥିଲେ। ଶାହା କମିଶନ ତଦନ୍ତ ପାଇଁ କେନ୍ଦୁଝର ଖଣି ଅଞ୍ଚଳ ଗସ୍ତବେଳେ ଉମେଶ ଉକ୍ତ ଟିମ୍‌ରେ ଆସିଥିବା ଦେଖି ସ୍ଥାନୀୟ ଲୋକ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି। ତେବେ ତାଙ୍କର ଅନେକ ଘର, ଜମି, ସୁନା ତଥା ଅର୍ଥ ଏବଂ ତାଙ୍କ ପରିବାର ନାମରେ ଫାର୍ମ ବିଭିନ୍ନ ଜିଲା ଓ ରାଜ୍ୟ ବାହାରେ ରହିଛି। ଏସବୁର ତଦନ୍ତ କରାଗଲେ ବହୁ ଦୁର୍ନୀତି ପଦାକୁ ଆସିପାରିବ। ତାଙ୍କ ସହିତ ଜଡ଼ିତ ଅନ୍ୟ ଖଣି ଓ ପରିବହନ ସଂସ୍ଥାଙ୍କ ମୁଖା ଖୋଲିବ ବୋଲି ସାମାଜିକ କର୍ମୀ ଗୁଲାବ ମୁଖତାର ରାଇନ କହିଛନ୍ତି।

# ଅବସରପ୍ରାପ୍ତ ଆର୍‌ଆଇଙ୍କୁ ଅଢ଼େଇ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୪।୩(ବ୍ୟୁରୋ)

ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ୨୪ ବର୍ଷ ପରେ ଶନିବାର ରାୟ ପ୍ରକାଶ ପାଇଛି। ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଥିବା ପୁରୁଣା ଭୁବନେଶ୍ୱରର ପୂର୍ବତନ ତଥା ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଦାଶରଥି ମାଝିଙ୍କୁ ୨ ବର୍ଷ ୬ ମାସ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ୫୦ ହଜାର ଟଙ୍କାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୪ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ଅତିରିକ୍ତ ସ୍ୱତନ୍ତ୍ର

**୨୪ବର୍ଷ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ**

ଭିଜିଲାନ୍ସ କୋର୍ଟ ବିଚାରପତି ସସ୍ମିତା ପାଢ଼ୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏହି ଦଣ୍ଡାଦେଶକୁ ଆଧାର କରି ଦାଶରଥିଙ୍କ ପେନ୍‌ଶନ ବନ୍ଦ କରିବାକୁ ଭିଜିଲାନ୍ସ ପକ୍ଷରୁ କମ୍ପିଟେଣ୍ଟ ଅଥରିଟିଙ୍କୁ ଜଣାଇବାକୁ ପ୍ରକ୍ରିୟା ଆରମ୍ଭ କରିଛି।

ମାମଲାର ବିବରଣୀ ଅନୁଯାୟୀ, ଦାଶରଥି ପୁରୁଣା ଭୁବନେଶ୍ୱରରେ ଆର୍‌ଆଇ ଥିବାବେଳେ ତାଙ୍କ ବିରୋଧରେ ଦୁର୍ନୀତି ଓ ଲାଞ୍ଚ କାରବାର ଅଭିଯୋଗ ଆସିଥିଲା। ଏନେଇ ୧୯୯୮ ମସିହା ମାର୍ଚ୍ଚ ୧୮ରେ ଭିଜିଲାନ୍ସ ଟିମ୍ ତାଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ଓ ଯାଞ୍ଚ ବେଳେ ତାଙ୍କ ନିକଟରୁ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିଲା। ଏହା ତାଙ୍କ ପ୍ରକୃତ ଆୟଠୁ ୯୮% ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୬/୧୯୯୮) ରୁଜୁ କରାଯାଇ ତଦନ୍ତ କରାଯିବା ସହ ଦାଶରଥିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ତେବେ ୨୦୦୨ରେ ଭିଜିଲାନ୍ସ ପକ୍ଷରୁ କୋର୍ଟରେ ଏହି ମାମଲାର ଚାର୍ଜଶିଟ୍ ଦାଖଲ କରାଯିବା ପରେ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ କାମଦେବ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର,ରବିବାର, ମାର୍ଚ୍ଚ ୫/୨୦୨୩ | Bhubaneswar, Sunday, March 5/2023 | ପୃଷ୍ଠା-୧

# ଦ୍ୱନ୍ଦ୍ୱ ବଢ଼ାଇଲେ ରିଜିଜୁ

## ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

ଭୁବନେଶ୍ୱର,୪।୩(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନ ଧରି ହେଉଥିବା ଦାବି ଉପରେ ଗତ ଡିସେମ୍ବର ୧୪ତାରିଖରେ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲାରେ କୋର୍ଟର ଡିଜିଟାଇଜେଶନ କରାଗଲାଣି। ଟେକ୍ନୋଲୋଜିର ବହୁଳ ବ୍ୟବହାର ଆଇନଜୀବୀଙ୍କ ବେଞ୍ଚ ପ୍ରତିଷ୍ଠା ଦାବିକୁ ପୁରୁଣାକାଳିଆ କରିପକାଇଛି। ପ୍ରଯୁକ୍ତିର ବ୍ୟବହାର ଦିନକୁ ଦିନ ବିସ୍ତାର ହେବାରେ ଲାଗିଛି। ତେଣୁ ପଶ୍ଚିମ ଓଡ଼ିଶାର କୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ପରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଦୁର୍ବଳ ହୋଇଥିବାବେଳେ ଏବେ କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁଙ୍କ ବିଭ୍ରାନ୍ତିକର ମନ୍ତବ୍ୟ ଓଡ଼ିଶାରେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି କରିଛି। ଶନିବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ପୂର୍ବ ରାଜ୍ୟଗୁଡ଼ିକୁ ନେଇ ଗଠିତ ପରିଷଦର ପ୍ରଥମ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରିଜିଜୁ କହିଛନ୍ତି ଯେ, ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ରାଜ୍ୟ ସରକାର ଏବଂ ଓଡ଼ିଶା ହାଇକୋର୍ଟ ଚୂଡ଼ାନ୍ତ ନିଷ୍ପତ୍ତି ନିଅନ୍ତୁ। କେନ୍ଦ୍ର ସରକାର ସାହାଯ୍ୟ କରିବାକୁ ପ୍ରସ୍ତୁତ। ଆମକୁ କେବଳ ଅନୁମୋଦନ କରିବାର ଅଛି। ଏହାର ଭିତ୍ତିଭୂମି ତିଆରି ଓ ସୁଦୃଢ଼ କରିବାର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ଉପରେ ନିର୍ଭର କରୁଛି। ଏ ନେଇ ଆମେ ପୂର୍ବରୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ସାରିଛୁ। ପାର୍ଲାମେଣ୍ଟରେ ଏହାକୁ ନେଇ ଓଡ଼ିଶା ଏମ୍‌ପିମାନେ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତର ମଧ୍ୟ ପାର୍ଲାମେଣ୍ଟରେ ମୁଁ ଦେଇ ସାରିଛନ୍ତି ବୋଲି ରିଜିଜୁ କହିଛନ୍ତି।



କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁ

## 'ରାଜ୍ୟ ନିଷ୍ପତ୍ତି ନେଉ, ସହଯୋଗ ପାଇଁ କେନ୍ଦ୍ର ପ୍ରସ୍ତୁତ'

ଶନିବାର ଭୁବନେଶ୍ୱର ନିକଟସ୍ଥ ପାହାଳସ୍ଥିତ ପାଲ ହାଇଟସ୍ ମନ୍ଦ୍ରାରେ ଅନୁଷ୍ଠିତ ବୈଠକରେ ରିଜିଜୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ବି.ଭି. ନାଗରତ୍ନା, ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର, ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ପୂର୍ବାଞ୍ଚଳର ୯ ଗୋଟି ରାଜ୍ୟର ଆଇନ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡିଶା, ଛତିଶଗଡ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଅଣ୍ଡାମାନ ନିକୋବରରୁ ୩୦୦ରୁ ଅଧିକ ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ କେନ୍ଦ୍ର ଆଇନମନ୍ତ୍ରୀ ରିଜିଜୁ କହିଛନ୍ତି ଯେ, ଦେଶର ବିଭିନ୍ନ ନ୍ୟାୟାଳୟରେ ୪ କୋଟି ୯୦ ଲକ୍ଷ ମାମଲା ପଡ଼ିରହିଛି। ତୁରନ୍ତ ଏହାର ସମାଧାନ ନ ହେଲେ ମାମଲା ସଂଖ୍ୟା ୫ କୋଟିକୁ ଅତିକ୍ରମ କରିଯିବ। ଏହାର ସମାଧାନ ପାଇଁ ଟେକ୍ନୋଲୋଜି ଜରୁରୀ। ସେଥିପାଇଁ ଚଳିତ ବଜେଟରେ ଇ-କୋର୍ଟ ଫେଜ୍-୩ କାର୍ଯ୍ୟକାରୀ କରିବା ପାଇଁ ୭ହଜାର କୋଟି ଟଙ୍କାକୁ ମଞ୍ଜୁରୀ ଦିଆଯାଇଛି। ଏହାଦ୍ୱାରା ଭାରତୀୟ ନ୍ୟାୟପାଳିକା ଡିଜିଟାଲ ଓ ପେପର୍ ଲେସ ହେବ। ଏହା କରା ନ ଗଲେ ବର୍ଷ ବର୍ଷ ପର୍ଯ୍ୟନ୍ତ ଗରିବଙ୍କୁ କୋର୍ଟର ଦ୍ୱାରସ୍ଥ ହେବାକୁ ପଡିବ। ଦେଶରେ କିଛି ଲୋକ ଅଛନ୍ତି ଯେଉଁମାନେ ସବୁବେଳେ ଦେଶ ବିରୋଧୀ ଓ ନ୍ୟାୟପାଳିକାର ଅପବ୍ୟବହାର ଭଳି କାର୍ଯ୍ୟ କରିଥାନ୍ତି। ଏହି ଅଧିବେଶନରେ ମୁଖ୍ୟତଃ ଆଇନଗତ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ଉଭୟ ପକ୍ଷଙ୍କ ମତାମତ ଦ୍ୱାରା ଅନେକ ସମସ୍ୟାର ସମାଧାନ ବାଟ ମଧ୍ୟ ବାହାରିପାରୁଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ଏନେଇ ପୂର୍ବତନ ଆଇନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତି, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ପରସ୍ପର ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଉତ୍ତର ନାହିଁ**






**ଆଜିର ମନ୍ତବ୍ୟ**

"ଆଧୁନିକ କାରିଗରୀ ସହ ପାରମ୍ପରିକ ପଦ୍ଧତିରେ ଜଳ ପରିଚାଳନା ଓ ଫସଲ ଅମଳ କରିବା ବର୍ତ୍ତମାନ ସମୟର ଆବଶ୍ୟକତା। **-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଭାଗ୍ୟକୁ ଏପରି ଘଟେ**
**ଅଣ୍ଟି ସୁନା ପିତଳ ପାଲଟେ।**

ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ମଣିଷ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ। ଭାଗ୍ୟ ସାଥ୍ ନ ଦେଲେ ମଣିଷ ହତାଶ ହୋଇଯିବା ସାର ହୋଇଥାଏ। ସେହିପରି ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମଧ୍ୟ ମାଟି ପାଲଟି ଯାଇଥାଏ। ଭାଗ୍ୟହୀନ ବ୍ୟକ୍ତିର ଅସରନ୍ତି ଧନ ଉଭେଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅନ୍ଧାରକଣା**
**ଯେଣେ ଗଲେ ତେଣେ ବଣା।**

ଅନ୍ଧାରକଣା ବ୍ୟକ୍ତିଙ୍କୁ ଭଲ ଦିଶି ନ ଥାଏ। ଯେଉଁଠିକି ବା ଯେଉଁଆଡ଼େ ଗଲେ ସେମାନେ ନିଜ ଦୈନନ୍ଦିନ କାର୍ଯ୍ୟ କରିବାରେ ଦହଗଞ୍ଜ ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନବୀନ ଓଡ଼ିଶା ଗଠନ ପାଇଁ ଶପଥ ନେବେ ନେତା, କର୍ମୀ

**ଆଜି ବିଜୁ ଜୟନ୍ତୀ**

**୨୫ ଯାଏ ବିଭିନ୍ନ କାର୍ଯ୍ୟକ୍ରମ**
**ସବୁ ନିର୍ବାଚନମଣ୍ଡଳୀରେ ହେବ ମହିଳା ସମାବେଶ**

ଭୁବନେଶ୍ୱର,୪।୩(ବ୍ୟୁରୋ)

ରବିବାର ବିଜୁବାବୁଙ୍କ ୧୦୭ତମ ଜୟନ୍ତୀ ପାଳନ ହେବ। ଏ ନେଇ ବିଜେଡି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ନବୀନ ଓଡ଼ିଶା ଗଢ଼ିବା ପାଇଁ ବିଜୁ ଜୟନ୍ତୀରେ ବିଜେଡି କର୍ମୀ ଶପଥ ନେବେ । ଦଳ ପକ୍ଷରୁ ମାର୍ଚ୍ଚ୫ରୁ ୨୫ ତାରିଖ ଯାଏ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ବିଜେଡି କର୍ମୀ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନ ଦିଗରେ ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବ। ବିଜୁ ଯୁବ ଏବଂ ଛାତ୍ର ଜନତା ଦଳକୁ ଏଥିପାଇଁ ଦାୟିତ୍ୱ ଦିଆଯାଇଛି। ଏପ୍ରିଲ ୧୭ରେ ବିଜୟୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହିତ ମାର୍ଚ୍ଚ ୮ ରେ ଅନ୍ତର୍ଜାତୀୟ ମହିଳା ଦିବସ ରାଜ୍ୟସ୍ତରରେ ପାଳନ କରାଯିବ। ମାର୍ଚ୍ଚ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ମହିଳା ସମାବେଶ ଆୟୋଜନ କରାଯିବ। ବିଜୁବାବୁଙ୍କ ଜନ୍ମ ଦିବସ ବିଭିନ୍ନ ସ୍ତରରେ କିପରି ପାଳନ କରାଗଲା ତାହାର ଏକ ବିଶଦ ବିବରଣୀ, ଫଟୋଗ୍ରାଫ୍ ଏବଂ ଭିଡିଓ ରାଜ୍ୟ କାର୍ଯ୍ୟାଳୟକୁ ପଠାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫେବୃୟାରୀ ୨୮ରେ ଚିଠି ଲେଖି କର୍ମୀମାନଙ୍କୁ ଅନୁରୋଧ କରିଛନ୍ତି।

# ତାମିଲନାଡୁରେ ରାଜମିସ୍ତ୍ରିଙ୍କ ସନ୍ଦେହଜନକ ମୃତ୍ୟୁ

ଗୋପାଳପୁର,୪।୩(ଡି.ଏନ୍.ଏ.)

ତାମିଲନାଡୁ ରାଜ୍ୟ ଚେନ୍ନାଇରେ ଜନୈକ ରାଜମିସ୍ତ୍ରିଙ୍କ ଶୁକ୍ରବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଗୋଳନ୍ଥରା ଥାନା ଅଧୀନ ହଳଦିଆପଦର ଗ୍ରାମର ବିପ୍ରଚରଣ ଦାସ। ଶନିବାର ତାଙ୍କ ମୃତଦେହ ଓଡ଼ିଶା ମୋ ପରିବାର ପକ୍ଷରୁ ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ହଳଦିଆପଦର ଗ୍ରାମରେ ପହଞ୍ଚିଛି। ବିପ୍ରଚରଣ ଗତ ୨୦ ବର୍ଷ ହେବ ଚେନ୍ନାଇ ନିକଟସ୍ଥ କାଲାଡ଼ିପେଟା ଗ୍ରାମରେ ଜଣେ ଠିକାଦାର ନିକଟରେ ରାଜମିସ୍ତ୍ରି ଭାବେ କାମ କରୁଥିଲେ। ଗତମାସ ୨୫ ତାରିଖରେ ବିପ୍ର ଗ୍ରାମକୁ ଆସି ଦୁଇଜଣଙ୍କୁ ସାଙ୍ଗରେ ନେଇ ଚେନ୍ନାଇ ଯାଇଥିଲେ। ଗତ ମଙ୍ଗଳବାର ବିପ୍ର ଅସୁସ୍ଥ ହେବା ଖବର ପାଇ ପରିବାର ଲୋକେ ଚେନ୍ନାଇ ଯାଇଥିଲେ। ଗୁରୁବାର ସେଠାରେ ପହଞ୍ଚିବା ପରେ ଶୁକ୍ରବାର ସ୍ଥାନୀୟ ଲୋକେ ତାଙ୍କ ସ୍ତ୍ରୀଙ୍କୁ ସ୍ଥାନୀୟ ଥାନାକୁ ନେଇଥିଲେ। ପୋଲିସ ବିପ୍ରଙ୍କ ମୃତ୍ୟୁ ଘଟିଥିବା ଖବର ଦେଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ମୃତଦେହକୁ ଆଣିବା ସମ୍ଭବ ନ ଥିଲା। ଏନେଇ ହଳଦିଆପଦର ସରପଞ୍ଚ ଦଣ୍ଡପାଣି ବେହେରା ଓ ସମିତିସଭ୍ୟ ପ୍ରବୀଣ କୁମାରଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରେ ବ୍ଲକ ସଭାପତି ଅଜିତ କୁମାର ଦାସଙ୍କ ସହଯୋଗରେ ରାଜନୈତିକ ସଚିବ ଗୋପବନ୍ଧୁ ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। 'ଓଡ଼ିଶା ମୋ ପରିବାର' ପକ୍ଷରୁ ବିପ୍ରଙ୍କ ମୃତଦେହ ଗ୍ରାମକୁ ଅଣାଯାଇଥିଲା। ଏହି ସମୟରେ ଜିଲା ପରିଷଦ ଉପସଭାନେତ୍ରୀ ଏସ୍. ରାଜେଶ୍ୱରୀ ଦୋରା, ସରପଞ୍ଚ, ସମିତିସଭ୍ୟ, ବ୍ଲକ ସଭାପତି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସହଯୋଗ ପ୍ରଦାନ କରାଯିବ ବୋଲି କହିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଦ୍ୱନ୍ଦ୍ୱ ବଢ଼ାଇଲେ ...

କରୁଥିଲେ ମଧ୍ୟ ଏନେଇ ଉଭୟ କୌଣସି ନିଷ୍ପତ୍ତି ନେଉ ନାହାନ୍ତି। ଏପରି କି ଯଶୋବନ୍ତ ସିଂ କମିଶନ ରିପୋର୍ଟ ଆଧାରରେ ରାଜ୍ୟ ସରକାର ପଦକ୍ଷେପ ନେଉ ନାହାନ୍ତି। ସ୍ଥାୟୀ ବେଞ୍ଚ କେଉଁଠି ସ୍ଥାପନ ହେବ ସେ ନେଇ ରାଜ୍ୟ ସରକାର ପାଲ୍ କମିଶନ ଗଠନ କରିଥିଲେ। କମିଶନ ରିପୋର୍ଟ ଦେଇ ସାରିଥିଲେ ମଧ୍ୟ ତାହାକୁ ଗୋପନ ରଖାଯାଇଛି। ରାଜ୍ୟ ସରକାର ଏବଂ ହାଇକୋର୍ଟ ମଧ୍ୟ ଏ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚି ନାହାନ୍ତି ବୋଲି ମିଶ୍ର କହିଛନ୍ତି। ପଶ୍ଚିମ ଓଡ଼ିଶା ଓକିଲ ସମୂହ କ୍ରିୟା ଅନୁଷ୍ଠାନ କମିଟି ଆବାହକ ଅଶୋକ ଦାସଙ୍କ କହିବା ହେଲା କେନ୍ଦ୍ର ଆଇନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଥିବାବେଳେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ କେନ୍ଦ୍ର ସମ୍ପୂର୍ଣ୍ଣ ସହଯୋଗ କରିବ, ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି କହିଛନ୍ତି। ଏହା ନୂଆ କଥା ନୁହେଁ, ଚିରାଚରିତ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ ଥର ଏଭଳି କୁହାଯାଇଛି। ହେଲେ ଠୋସ କାର୍ଯ୍ୟପନ୍ଥା ଗହଣ କରୁ ନାହାନ୍ତି। ରାଜ୍ୟ ସରକାର ଉପରେ କେନ୍ଦ୍ର ଦୋଷ ଦେଉଥିବା ବେଳେ ରାଜ୍ୟ କେନ୍ଦ୍ର ଉପରକୁ ବଲ୍ ପିଙ୍ଗୁଛନ୍ତି। ଏଭଳି କରି ପଶ୍ଚିମ ଓଡ଼ିଶାବାସୀଙ୍କ ସହ ଖେଳ ଖେଳାଯାଉଛି। ପୂର୍ବରୁ କେନ୍ଦ୍ର ଆଇନ ବିଭାଗ ରାଜ୍ୟ ସହ ହାଇକୋର୍ଟଙ୍କୁ ଚିଠି କରି ମତ ଲୋଡ଼ିଥିଲେ। ରାଜ୍ୟ ସରକାର ମଧ୍ୟ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଯଦି କେନ୍ଦ୍ର ସରକାରଙ୍କ ସହଯୋଗ ରହିଛି, ରାଜ୍ୟ ସରକାରଙ୍କ ସହ ଅନ୍ୟ ବିଷୟ ଉପରେ ଆଲୋଚନା କରି ସମସ୍ୟା ସମାଧାନ କରୁଛନ୍ତି, ହାଇକୋର୍ଟ ବେଞ୍ଚ ଦାବି ନେଇ ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ନିଅନ୍ତୁ ବୋଲି ଦାସ କହିଛନ୍ତି। ବ୍ରହ୍ମପୁର ବାର୍ ଆସୋସିଏଶନ ବରିଷ୍ଠ ଆଇନଜୀବୀ ନିର୍ମଳ ସାହୁଙ୍କ କହିବା ହେଲା ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ଚାହିଁଲେ ତାହା ସମ୍ଭବ ହୋଇପାରିବ। ୧୯୮୧ ମସିହାରେ ଯଶୋବନ୍ତ ସିଂ କମିଶନ ରିପୋର୍ଟ ଆଧାରରେ ରାଜ୍ୟର କେଉଁ ସ୍ଥାନରେ ଏହି ବେଞ୍ଚ ପ୍ରତିଷ୍ଠା କରିବାକୁ ସରକାର ଚାହୁଁଛନ୍ତି, ସେ ନେଇ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବାକୁ ପଡିଥାଏ। ପ୍ରସ୍ତାବ ଆଧାରରେ କେନ୍ଦ୍ର ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ସଂସଦରେ ରାଜ୍ୟର ଅନେକ ଏମ୍‌ପି ଉକ୍ତ ପ୍ରସଙ୍ଗ ଉପରେ ବହୁବାର ପ୍ରଶ୍ନ କରିଛନ୍ତି। ନ୍ୟାୟିକ ବ୍ୟବସ୍ଥାରେ ଲୋକଙ୍କ ପାଖରେ ନ୍ୟାୟ ପହଞ୍ଚାଇବା ପାଇଁ ବିଭିନ୍ନ ସରକାର ନିର୍ବାଚନ ସମୟରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଘୋଷଣା କରିଥାନ୍ତି। କିନ୍ତୁ ନିର୍ବାଚନ ଜିତିବା ପରେ ସେହି ପ୍ରତିଶ୍ରୁତିକୁ ଭୁଲିଯାଉଛନ୍ତି, ଯାହାକି ବିଡ଼ମ୍ବନାର ବିଷୟ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା କଳାଭୂମି ଫେଷ୍ଟିଭାଲରେ ପ୍ରଦର୍ଶିତ ଚିତ୍ରକଳାକୁ ଦର୍ଶକମାନେ ଦେଖୁଛନ୍ତି।

# ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

ପୁରୀ ଅଫିସ,୪।୩



ଫାଲଗୁନ ଶୁକ୍ଳ ଦ୍ୱାଦଶୀ ତିଥି ଶନିବାର ଅବସରରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମହାପ୍ରଭୁଙ୍କ ଚତୁର୍ଥ ବେଣ୍ଟ ନୀତି ଶ୍ରଜଗନ୍ନାଥ ବଲ୍ଲଭ ପରିସରରେ ଥିବା ବେଣ୍ଟ ପୋଖରୀରେ ସମ୍ପନ୍ନ ହୋଇଛି। ଶନିବାର ଶ୍ରୀବିଗହମାନଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ନୀତି ନିମନ୍ତେ ଦକ୍ଷିଣଘରୁ ଶ୍ରୀରାମ ଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନ ସିଂହାସନକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଏକ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ବେଣ୍ଟ (ଶିକାର) ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଇଥିଲେ। ପରେ ବିମାନବଡୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇ ବନ୍ଦାପନା ସମ୍ପନ୍ନ ହେବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ନିମନ୍ତେ ମଠ ପରିସରରେ ଥିବା ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଶରଗୁଡିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଶରଗୁଡିକୁ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳ ବେହେରାଙ୍କୁ ଦିଅନ୍ତି। ଲେଙ୍କା ସେବକ ପଇଡ଼ଗୁଡିକୁ ମୃର୍ଗ ଭାବେ ବିବେଚନା କରି ପଇଡ଼କୁ ଶରବିଦ୍ଧ କରିଥାନ୍ତି। ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ଼ ରଖାଯାଇଥିଲା। ସେଥିମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ବାଣଫୁଟି ଯୁବକଙ୍କ ପାପୁଲି ଛିଡ଼ିଲା

ବାଲିପାଟଣା,୪।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲିପାଟଣାର ପ୍ରସିଦ୍ଧ ଦୋପଟି ମେଳଣର ଜମାଣ ବେଳେ ବାଣ ଫୁଟି ଜଣେ ଯୁବକଙ୍କ ହାତ ପାପୁଲି ଛିଡ଼ିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଆହତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ମେଳଣ ଜମାଣ ବେଳେ ବାଲିପାଟଣା ଅଞ୍ଚଳର ଜଣେ ଯୁବକ ଏକ ବାଣକୁ ହାତରେ ଧରି ଫୁଟାଉଥିଲା। ଅସାବଧାନତାରୁ ହଠାତ୍ ବାଣଟି ଫୁଟିଯିବାରୁ ତାଙ୍କ ହାତ ପାପୁଲିଟି ଛିଡ଼ିଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଅଘଟଣ ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।–**ଜଳିଗଲା ଦୋକାନ, ୪ ଗୁରୁତର**

# ୮୫ ହଜାର ଟଙ୍କା ଲୁଟ୍

ଭୁବନ, ୪।୩(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ସିନେମା ହଲ୍ ରୋଡ୍‌ରୁ ଶନିବାର ଅପରାହ୍ନରେ ୮୫ ହଜାର ଟଙ୍କା ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଭୁବନ ଥାନା ବାରୁଆଁ (ବି) ଗ୍ରାମର ସୁନୀଲ କୁମାର ସାହୁ। ସେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ୮୫ ହଜାର ଉଠାଇ ବାଇକ୍‌ରେ ଘରକୁ ଆସୁଥିଲେ। ଟଙ୍କା ଥିବା ବ୍ୟାଗ୍‌କୁ ବାଇକ୍‌ରେ ଝୁଲାଇ ଦୋକାନରୁ ବିହନ କିଣୁଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଟଙ୍କା ବ୍ୟାଗ୍ ଧରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଲୁଟେରାଙ୍କ ପିଛା କରିଥିଲେ ମଧ୍ୟ ସେମାନଙ୍କୁ ଧରିପାରି ନ ଥିଲେ। ଏ ସଂକ୍ରାନ୍ତରେ ଭୁବନ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। କାମାକ୍ଷାନଗର, ପରଜଙ୍ଗ ଏବଂ ଭୁବନ ଅଞ୍ଚଳରେ ଦିନକୁ ଦିନ ଡକାୟତି, ରାହାଜାନି ବଢ଼ିବାରେ ଲାଗିଛି। ଅଭିଯୁକ୍ତମାନେ ଆଖି ପିଛୁଳାକେ ଟଙ୍କା, ସୁନା ଅଳଙ୍କାର ଝାମ୍ପି ନେଇ ପଳାଉଛନ୍ତି। ସମ୍ପୃକ୍ତ ଥାନା ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୨ ବାଇକ୍ ମୁହାଁମୁହିଁ: ଜଣେ ମୃତ, ୩ ଗୁରୁତର

ଢେଙ୍କାନାଳ ଅଫିସ, ୪।୩-ଢେଙ୍କାନାଳ ସଦର ଥାନା ଗେଙ୍ଗୁଟିଆ-କମଗରା ବ୍ରାହ୍ମଣୀ ନଦୀର ସାରଙ୍ଗଧର ସେତୁରେ ଶନିବାର ସନ୍ଧ୍ୟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ଜୀବନ ଯାଇଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ କାମାକ୍ଷାନଗର ଉପଖଣ୍ଡ ବୃନ୍ଦାବନପୁର ଗ୍ରାମର ସୁଶାନ୍ତ ବେହେରା। ଏଥିରେ ବିଜୟ ବେହେରା, ଗଁଦିଆ ଥାନା ଅଧୀନ ଆଡିଣ୍ଡା ଗ୍ରାମର ଅମର ପ୍ରଧାନ, ଉଦୟ ପ୍ରଧାନ ଗୁରୁତର ହୋଇଛନ୍ତି। ବିଜୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଦୁଇଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ସୁଶାନ୍ତ ଏବଂ ବିଜୟ ବାଇକ୍‌ରେ ଢେଙ୍କାନାଳ ସହରରୁ ନିଜ ଗ୍ରାମ ବୃନ୍ଦାବନପୁରକୁ ଯାଉଥିଲେ। ଏହି ସମୟରେ ତାଳଚେରରୁ ନିଜ ଗ୍ରାମ ଆଡିଣ୍ଡାକୁ ଫେରୁଥିବା ଅମର ଓ ଉଦୟଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ୪ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୁଶାନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

# ବିଦ୍ୟୁତ୍‌ଖୁଣ୍ଟରେ ପିଟି ହୋଇ ଜଳିଗଲା କାର୍



ସାକ୍ଷୀଗୋପାଳ,୪।୩(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ବୀରଗୋବିନ୍ଦପୁର ଛକ ନିକଟରେ ଶନିବାର ଏକ କାର୍ ଗୋଟିଏ ବିଦ୍ୟୁତ୍‌ଖୁଣ୍ଟରେ ପିଟି ହୋଇ ଜଳିଯାଇଛି। ଫଳରେ ଦୁର୍ଘଟଣାରେ କାର୍‌ରେ ଥିବା ୪ଜଣ ଆହତ ହୋଇଥିବାବେଳେ କାର୍ ନିଆଁରୁ ନିକଟରେ ଥିବା ଏକ ଦୋକାନକୁ ବ୍ୟାପୀଯାଇଥିଲା। ଆହତଙ୍କୁ ମେଡିକାଲ ପଠାଯାଇଛି। ସୂଚନା ଅନୁଯାୟୀ, କୋଲକାତାରୁ ଡ୍ରାଇଭର ପ୍ରସନ୍ନଜିତ ରାୟ(୪୩), ସୋପନ ସରକାର (୪୯)ତାଙ୍କ ସ୍ତ୍ରୀ ସୋମରାୟ ସରକାର (୩୯) ଓ ୧୨ ବର୍ଷର ପୁଅକୁ ନେଇ ଏକ କାର୍ ଯୋଗେ ପୁରୀ ଅଭିମୁଖେ ଯାଉଥିଲେ। ହେଲେ ଅପରାହ୍ନ ପ୍ରାୟ ଗୋଟାଏ ସମୟରେ କାର୍‌ଟି ହଠାତ ଭାରସାମ୍ୟ ହରାଇ ବୀରଗୋବିନ୍ଦପୁରଠାରେ ଜାତୀୟ ରାଜପଥର ବାମପାର୍ଶ୍ୱରେ ଥିବା ବିରଞ୍ଚି ଭୋଇଙ୍କ ଦୋକାନ ସହ ନିକଟରେ ଥିବା ୧୧ କେଭି ବିଦ୍ୟୁତ୍‌ଖୁଣ୍ଟ ସହିତ ପିଟି ହୋଇଯାଇଥିଲା। ଧକ୍କା ପରେ ହଠାତ୍ କାରଟି ଜଳିଉଠିଥିଲା। ଏହି ମଧ୍ୟରେ ସ୍ଥାନୀୟ ଲୋକ କାର୍‌ରେ ଥିବା ୪ଜଣଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପୁରୀ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ଖବରପାଇ ସ୍ଥାନୀୟ ଅଗ୍ନିଶମ ବିଭାଗର ଅଧିକାରୀ ମନୋଜ କୁମାର ପାତ୍ର ଓ ତାଙ୍କ ଟିମ୍ ସହ ଜିଲା ଅଗ୍ନିଶମ ବିଭାଗ ଅଧିକାରୀ ନାରାୟଣ ଦାସ ପହଞ୍ଚି କାର୍, ଦୋକାନ ସମେତ ବିଦ୍ୟୁତ୍‌ଖୁଣ୍ଟରେ ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ଦୁର୍ଘଟଣାରେ କାର୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଥିବାରୁ ନମ୍ବର ଜଣା ପଡ଼ିନାହିଁ। ସେହିପରି ଦୋକାନୀ ବିରଞ୍ଚି ଭୋଇଙ୍କ କ୍ୟାବିନ ସମେତ ଫ୍ରିଜ, ଗ୍ୟାସଚୁଲା, ସିଲିଣ୍ଡର, ଅନ୍ୟ ସାମଗ୍ରୀ ପୋଡିଯାଇଛି। ଏପରିକି ପାଖରେ ଥିବା ଏକ ଚକୁଣ୍ଡା ଗଛ ମଧ୍ୟ ନିଆଁରେ ଅଧା ପୋଡିଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମାଧିପ ଏକାଦଶସ୍ଥ ଯୋଗୁ ଉପରିସ୍ଥଙ୍କ ତାଗିଦା କାରଣରୁ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ଆନୁଷ୍ଠାନିକ କାମରେ ନିୟୋଜିତ ହୋଇପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଆଶାଜନକ ସୁଫଳ ପାଇବେ। ସାହିତ୍ୟ, କଳା, ବୈଷୟିକ ଓ ସାଂସ୍କୃତିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** ବନ୍ଧୁଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜ କାମକୁ ଅବହେଳା କରିବେ। କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଅତ୍ୟାବଶ୍ୟକ କାମ ସକାଶେ ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ସାହିତ୍ୟ, ସଂସ୍କୃତି ଓ ଆନୁଷ୍ଠାନିକ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମିଥୁନ** ରାଶ୍ୟାଧିପ ଭାଗ୍ୟସ୍ଥ ହେତୁ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସକାଶେ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ। ପୁନର୍ବସୁ ନକ୍ଷତ୍ର ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ସହ ନୂଆ ବ୍ୟବସାୟଟିଏ ଯୋଡି ପାରନ୍ତି।

**କର୍କଟ** ନିଜ ରାଶିରେ ଚନ୍ଦ୍ର ଥିବାରୁ ଦୈହିକ ଓ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। ଦୀର୍ଘଦିନରୁ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କୃତି ଓ କୃତିତ୍ୱଲାଭ ସକାଶେ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ। ଭାବପ୍ରବଣତା ପରିହାର କଲେ କେତେକାଂଶରେ ଉପକୃତ ହେବେ।

**ସିଂହ** ରବିଙ୍କ ସହ ଶନିଙ୍କ ସଂଯୋଗରୁ ମାନସିକ ସ୍ଥିରତା ନ ରହିଲେ ମଧ୍ୟ ପ୍ରତ୍ୟେକ କାମ କରିବାକୁ ବାଧ୍ୟ ହେବେ। ସାଧାରଣ କଥାରେ ବନ୍ଧୁମାନଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମସ୍ୟା ଆସିପାରେ। ସଭାସମିତିରେ ଯୋଗଦେଲେ ସଫଳତା ହାସଲ କରିବେ।

**କନ୍ୟା** ସ୍ଥଗିତ କାମକୁ ପୂରାଦ୍ଦମରେ କରି ସଫଳତା ହାସଲ କରିବେ। ପଡ଼ୋଶୀଙ୍କ ସହାୟତାରେ ଭାଙ୍ଗିପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଆତ୍ମୀୟମାନଙ୍କ ପ୍ରଚେଷ୍ଟାରୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ। କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ହେବେ।

**ତୁଳା** ସହକର୍ମୀଙ୍କ ଅସହଯୋଗ କାରଣରୁ କାର୍ଯ୍ୟକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବ। ଆଗାମୀ ଶୁଭକାର୍ଯ୍ୟ ପରିପ୍ରେକ୍ଷୀରେ ଘର ସାଜସଜ୍ଜାରେ ମଜିରହିପାରନ୍ତି। ପାରିବାରିକ ସହମତି ମଧ୍ୟରେ କୌଣସି ନୂତନ କର୍ମାରମ୍ଭ କରିପାରନ୍ତି।

**ବିଛା** ନିଜଲୋକମାନଙ୍କ ଅନାଦର ଭାବରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଦୀର୍ଘଦିନାନ୍ତେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଅର୍ଥସଂକଟ କ୍ରମଶଃ ଦୂରୀଭୂତ ହେବା କାରଣରୁ ସାମୟିକ ଖୁସି ରହିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ବହୁତ ଭଲ ରହିବ।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିବେ। ଅର୍ଥ ସଂକଟ ଦୂରେଇବା ଲାଗି ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଆନୁଷ୍ଠାନିକ କାମ, ଭ୍ରମଣ, ରାଜନୀତି, ପ୍ରଶାସନ, ସଭାସମିତି ଓ ସାଂସ୍କୃତିକ କାର୍ଯ୍ୟ ସକାଶେ ଦିନଟି ବହୁତ ଭଲ। ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ମକର** ବନ୍ଧୁମାନଙ୍କ ସାହାଯ୍ୟ ନେଇ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଦୀର୍ଘ ଦିନ ପରେ ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତିଲାଭ କରିବେ। ପ୍ରକାଶନ, କ୍ରୀଡା, ଚଳଚ୍ଚିତ୍ର ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କୁମ୍ଭ** ଧନସ୍ଥାନରେ ଶୁକ୍ର ଓ ବୃହସ୍ପତି ଥିବାଜନିତ ବୈଷୟିକ ଅଭିବୃଦ୍ଧି ସାଙ୍ଗକୁ ବହୁ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ଅନ୍ୟଦ୍ୱାରା ପ୍ରଭାବିତ ହେଲେ ବହୁତ ଭୁଲ୍ କରିବେ। କଳା, ସାହିତ୍ୟରେ ଉନ୍ନତି କରି ପ୍ରଶଂସିତ ହୋଇପାରନ୍ତି। ଜମିଜମା କାରବାର, କଚେରି ମାମଲା, ନୂତନ ଯାନବାହନ ଲାଭ ଯୋଗ ରହିଛି।

**ମୀନ** ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଉନ୍ନତ ସ୍ତରକୁ ଫେରି ଆସିବାରୁ ଆଶ୍ୱସ୍ତିଲାଭ କରିବେ। ଶିଳ୍ପ, ବାଣିଜ୍ୟ, ଆନୁଷ୍ଠାନିକ କାମରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହୁଥିବାରୁ କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ।

ଆଜି ଫାଲଗୁନ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ରବିବାର, ପଞ୍ଚାୟତିରାଜ ଦିବସ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ମାର୍ଚ୍ଚ ୫ ତାରିଖ, ରାଶି ନକ୍ଷତ୍ର- ଅଶ୍ଳେଷା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ ଘ.୦୬।୦୭ ଗତେ ଘ.୧୦।୦୧ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୪।୨୧ ଗତେ ଘ.୦୫।୪୯ ମଧ୍ୟେ ରାହୁ କାଳ ।

# ସୁଯୋଗରୁ ସଫଳତା

ଭୁବନେଶ୍ୱରରୁ ଏମ୍‌ବିଏ ଶିକ୍ଷା ଶେଷକରି ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ସହ ଯୋଡ଼ି ହୋଇଥିଲି। ପରବର୍ତ୍ତୀ ସମୟରେ ପାରିବାରିକ ବ୍ୟବସାୟ (ଟ୍ରୁ ଭ୍ୟାଲୁ ଡିପାର୍ଟମେଣ୍ଟ)ରେ ଯୋଗଦେଇଥିଲି। ଏପରିକି ଆରେନାର ବରଗଡ଼ ଓ ସମ୍ବଲପୁରଠାରେ କାର୍ଯ୍ୟକରି ଅନେକ ଅଭିଜ୍ଞତା ଓ ଲୋକ ସମ୍ପର୍କ ବୃଦ୍ଧି କରିପାରିଥିଲି। ବିଶେଷକରି ସେହି ସମୟରେ ନେକ୍ସା ପକ୍ଷରୁ ସ୍ୱତନ୍ତ୍ର ସୁଯୋଗ ମିଳିଥିଲା। ଫଳରେ ଗ୍ରାହକ ସମ୍ପର୍କ ଓ ଏକ୍ସକ୍ଲୁସିଭ ଗ୍ରାହକ ସେବା ଯୋଗାଇବାର ଅପୂର୍ବ ସମ୍ଭାବନାକୁ ସଫଳତାରେ ପରିଣତ କରାଇପାରିଥିଲି। ସେହି ସଫଳ ମହିଳା ଉଦ୍ୟୋଗୀ ତଥା ଓଡ଼ିଶା ମୋଟର୍ସ (ନେକ୍ସା)ର ନିର୍ଦ୍ଦେଶିକା ରୁଚି ଜଲାନଙ୍କ ସହ ଧରିତ୍ରୀର ବିଶେଷ ଆଲୋଚନା...






ରୁଚି ଜଲାନ

**ପ୍ରଶ୍ନ–୧: ଅଟୋମୋବାଇଲ ଶିଳ୍ପର ପ୍ରମୁଖ ସମସ୍ୟାଗୁଡ଼ିକ କ'ଣ?**

ଉତ୍ତର: ସୁଧହାର, ଇନ୍ଧନ ମୂଲ୍ୟ ଏବଂ ମୁଦ୍ରାସ୍ଫୀତି ହାର ବୃଦ୍ଧି ହେବା ଯୋଗୁ ଦେଶର ଅଟୋମୋବାଇଲ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେଇଛି। ଏହା ସହ ସେମିକଣ୍ଡକ୍ଟରର ଅଭାବ ଯୋଗୁ ଅଟୋମୋବାଇଲ କ୍ଷେତ୍ର ବିଶେଷ ଭାବେ ପ୍ରଭାବିତ ହୋଇଛି।

**ପ୍ରଶ୍ନ–୨ : ଅଟୋମୋବାଇଲ ଶିଳ୍ପରେ ବିକ୍ରିରେ ଉନ୍ନତି କିଭଳି ଆଣିପାରିବା?**

ଉତ୍ତର: ଦେଶର ଅଧିକାଂଶ ଲୋକ କୌଣସି ଜିନିଷ କିଣିବାକୁ ସେସବୁ ବୈଶିଷ୍ଟ୍ୟ ଜାଣିବା ସହ ଅନ୍‌ଲାଇନ ମାଧ୍ୟମରେ ବିଶେଷ ଆଗ୍ରହ କରିଥାଆନ୍ତି। ଏଥିରେ କାର୍ କିଣିବା ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି। ତେଣୁ ଡିଜିଟାଲ ମାର୍କେଟିଂ ଉପରେ ଗ୍ରାହକଙ୍କ ସମୀକ୍ଷା ସହ ବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକ ରହିଛି। ଏପରିକି ଗ୍ରାହକ ସେବାରେ ଉନ୍ନତି ଆଣିବା ପାଇଁ ସକ୍ରିୟ ଭାବେ ମତାମତ ମାଗିବା ହେଉଛି ସେବାର ଉନ୍ନତି ପାଇଁ ସର୍ବୋତ୍ତମ ଉପାୟ। ବିଶେଷକରି ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ମତାମତକୁ ପ୍ରତିକ୍ରିୟା ଏବଂ ସ୍ୱୀକାର କରିବା ଅତ୍ୟନ୍ତ ଜରୁରୀ।

**ପ୍ରଶ୍ନ–୩: ଓଡ଼ିଶୀ ମୋଟର୍ସ (ନେକ୍ସା)ର ଯାତ୍ରା କିପରି ରହିଛି?**

ଉତ୍ତର: ୨୦୧୫ରେ ନେକ୍ସା ବ୍ରାଣ୍ଡ୍ ଭାରତରେ ଆରମ୍ଭ ହୋଇଥିଲା। ବିଶେଷ କରି ଦେଶରେ କାର୍ କ୍ରୟକାରୀଙ୍କ ପାଇଁ ଏକ ଭିନ୍ନ ଏବଂ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଲକ୍ଷ୍ୟ ନେଇ ନେକ୍ସାର ଅୟମାରମ୍ଭ ହୋଇଥିଲା। ୨୦୧୭ରେ ଆମେ ଓଡ଼ିଶୀ ମୋଟର୍ସ ନାମରେ ପ୍ରଥମ ନେକ୍ସା ଶୋ'ରୁମ୍ ଆରମ୍ଭ କରିଥିଲୁ। ଏପରିକି ବିକ୍ରି ସ୍ଥିତି ଏବଂ ଗାଡ଼ି ବିକ୍ରିରେ ଗ୍ରାହକମାନଙ୍କଠାରୁ ଭିନ୍ନ ଅଭିଜ୍ଞତା ପରେ ଆମେ ୨୦୧୯ରେ ଅନୁଗୋଳଠାରେ ଆଉ ଏକ ନୂତନ ଶୋ'ରୁମ୍ ଆରମ୍ଭ କରିଥିଲୁ। ତେବେ ରାଜ୍ୟର ପଶ୍ଚିମ ଓଡ଼ିଶାରେ ନେକ୍ସା କର୍ମଚାରୀମାନେ ଉପରୋକ୍ତ ଅଞ୍ଚଳରେ ରହିଛନ୍ତି। ଏପରିକି ସେମାନେ ଗ୍ରାହକମାନଙ୍କୁ ଉଚ୍ଚକୋଟୀର ସେବା ଯୋଗାଇ ଦେଉଛନ୍ତି। ସେହିଭଳି ଅନୁଗୋଳ ଜିଲାରେ ଆମେ ଖୁବ୍‌ଶୀଘ୍ର ନେକ୍ସାର ସର୍ଭିସ୍ ୱାର୍କଶପ ଖୋଲିବା ସହ ଝାରସୁଗୁଡ଼ା ଏବଂ ବଲାଙ୍ଗୀରଠାରେ ମଧ୍ୟ ନେକ୍ସା ସେଲ୍‌ସ ସେଣ୍ଟର ଆରମ୍ଭ କରିବାକୁ ଯାଉଛୁ।

**ପ୍ରଶ୍ନ–୪ : ଇଭି ବଜାର ସମ୍ପର୍କରେ ଆପଣଙ୍କ ମତ କ'ଣ?**

ଉତ୍ତର: ବର୍ତ୍ତମାନର ପରିସ୍ଥିତିକୁ ଲକ୍ଷ୍ୟକଲେ ନିଶ୍ଚିତ ଭାବେ ଭାରତ ଇଲେକ୍ଟ୍ରି ଭେଇକିଲ(ଇଭି) ହବ୍‌ରେ ପରିଣତ ହେବାର କ୍ଷମତା ରଖିଛି। ଏଠାରେ ଦିନକୁ ଦିନ ଇଭି କ୍ଷେତ୍ରରେ ଅଭିବୃଦ୍ଧି ହେବାକୁ ଲାଗିଛି। ତେବେ ଆମକୁ ମଧ୍ୟ ଇଭି ବ୍ୟାଟେରି ଚାର୍ଜର ସ୍ଥାନ ସୃଷ୍ଟି କରିବା ଏବଂ ବ୍ୟାଟେରି ରିସାଇକ୍ଲିଂ ଉପରେ ବିଶେଷ ଧ୍ୟାନଦେବା ଆବଶ୍ୟକ। ଏପରିକି ଚଳିତ ବର୍ଷର କେନ୍ଦ୍ର ବଜେଟରେ ଘୋଷଣା ହୋଇଥିବା ବ୍ୟାଟେରିର ଲିଥିୟମ୍ ସେଲ୍ ଉପରେ ଡ୍ୟୁଟି ହ୍ରାସ, ଏହା ଠିକ୍ ଦିଗରେ ଏକ ପଦକ୍ଷେପ ବୋଲି କୁହାଯାଉଛି।

**ପ୍ର–୫. ଶିକ୍ଷା–କାର୍ଯ୍ୟ କ୍ଷେତ୍ରର ଅଭିଜ୍ଞତା କିଭଳି ରହିଛି?**

ଉତ୍ତର: ଏମ୍‌ବିଏ (ଅର୍ଥନୀତି ଏବଂ ମାର୍କେଟିଂ)ରେ ମୁଁ ମାଷ୍ଟର୍ସ ଡିଗ୍ରୀ କରିଛି। ୨୦୧୬ରେ ମୁଁ ଆମ ପରିବାରରେ ରହିଥିବା ବ୍ୟବସାୟ ସହ ଯୋଡ଼ି ହୋଇଥିଲି। ପରବର୍ତ୍ତୀ ସମୟରେ ନୂଆ କାର୍ ବିକ୍ରି ଏବଂ ସେବା କ୍ଷେତ୍ରକୁ ଯାଇଥିଲି। ତେବେ କାର୍ଯ୍ୟ ଆରମ୍ଭରେ ମୁଁ ବରଗଡ଼ ଏବଂ ସମ୍ବଲପୁର ଜିଲାରେ ଥିବା 'ଆରେନା' ଶୋ'ରୁମ୍‌ରେ କାମ ଆରମ୍ଭ କରିଥିଲି।



ସଲିଳା ଜେନାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନିତ କରୁଛନ୍ତି।



ବିଷ୍ଣୁପ୍ରିୟା ମହାକୁଡ଼ଙ୍କୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱାତ୍ ସମ୍ମାନିତ କରୁଛନ୍ତି।

# ୨ ମହିଳାଙ୍କୁ ସ୍ୱଚ୍ଛ ସୁଜଳ ଶକ୍ତି ସମ୍ମାନ

**ସମ୍ମାନିତ କଲେ ରାଷ୍ଟ୍ରପତି ଓ ଜଳଶକ୍ତି ମନ୍ତ୍ରୀ**

ଯାଜପୁର ଟାଉନ, ୪।୩ (ଡି.ଏନ୍.ଏ.)

ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଯାଜପୁର ଜିଲାର ୨ ମହିଳା ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ରାଜ୍ୟର ପ୍ରଥମ ଭାବେ ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅଧୀନ ଅକରପଡ଼ା ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କର୍ମୀ ସଲିଳା ଜେନା ଘରୋଇ ପାଇଖାନା ଟାଙ୍କି ସଫେଇ ପରିଚାଳନାରେ ଉଲ୍ଲେଖନୀୟ ସେବା ପାଇଁ ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସ୍ୱଚ୍ଛ ସୁଜଳଶକ୍ତି ସମ୍ମାନରେ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ସମ୍ମାନିତ ହୋଇଛନ୍ତି। ସଲିଳା ଘରର ଗୁଜରାଣ ମେଣ୍ଟାଇବା ପାଇଁ ଚାରିକାନ୍ଥ ମଧ୍ୟରେ ସୀମିତ ନ ରହି ପଦାକୁ ଗୋଡ଼ କାଢ଼ି ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ପ୍ରେରଣାରେ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରିଥିଲେ। ସେହିପରି ଯାଜପୁର ସଦର ବ୍ଲକ୍ ଅଧୀନ ସୁଜନପୁର ସରପଞ୍ଚ ବିଷ୍ଣୁପ୍ରିୟା ମହାକୁଡ଼ ସମାଜସେବାକୁ ବ୍ରତ ଭାବେ ଗ୍ରହଣକରି ନିଜ ପଞ୍ଚାୟତକୁ ବାହ୍ୟ ମଳମୂତ୍ର ଗ୍ରାମ ଭାବେ ଗଢ଼ିତୋଳିଛନ୍ତି। ଏଥିସହିତ ସୁଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ତାଙ୍କର ଉଲ୍ଲେଖନୀୟ ସେବା ଓ ଅବଦାନ ରହିଛି। ତେଣୁ ତାଙ୍କୁ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱାତ୍ ସ୍ୱଚ୍ଛ ଜଳଶକ୍ତି ସମ୍ମାନରେ ସମ୍ମାନିତ କରିଛନ୍ତି। ମହାକୁଡ଼ ନିଜ ପଞ୍ଚାୟତକୁ ପରିଷ୍କାର ପରିଚ୍ଛନ୍ନ ରଖିବା, କଠିନ ବର୍ଜ୍ୟବସ୍ତୁଗୁଡ଼ିକୁ ଡଷ୍ଟବିନ୍‌ରୁ ସଂଗ୍ରହ କରି ସେଗୁଡ଼ିକୁ ଠିକ୍ ଢଙ୍ଗରେ ପରିଚାଳନା କରିବା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବୈଠକ ଡକାଇ ସଚେତନ କରିବା ଆଦି ବିଭିନ୍ନ କୌଶଳ ଅବଲମ୍ବନ କରିଛନ୍ତି। ଏପରି କି ଜିଲାପାଳ ରାଠୋରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଯାଜପୁର ଜିଲା ସମଗ୍ର ଦେଶରେ ଗୌରବ ଆଣିବାରେ ସହାୟକ ହୋଇପାରିଛି। ସ୍ୱଚ୍ଛ ସୁଜଳଶକ୍ତି ସମ୍ମାନ ପ୍ରଦାନ ଉତ୍ସବରେ ଯାଜପୁର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ବରୀ ବିଡିଓ ନମିତା ବାରିକ, ସୁକିନ୍ଦା ବିଡିଓ ନମ୍ରଦା ମୋଦି ଓ ଜିଲା ପରିମଳ ବିଶାରଦ ମାନସ ରଞ୍ଜନ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ଭୁବନେଶ୍ୱରରୁ ରଙ୍ଗେଇଲୁଣ୍ଡା ଉଡ଼ିବ ବିମାନ

ଭୁବନେଶ୍ୱର, ୪।୩(ବ୍ୟୁରୋ) – ଭୁବନେଶ୍ୱରରୁ ବ୍ରହ୍ମପୁର ରଙ୍ଗେଇଲୁଣ୍ଡାକୁ ଉଡ଼ିବ ବିମାନ। ଏଥିପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଉଷା ପାଢ଼ୀ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ଯାଇ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ତଦାରଖ କରିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହି ବିମାନ ସେବାକୁ ଉଦ୍‌ଘାଟନ କରିବେ। କେନ୍ଦ୍ର ସରକାରଙ୍କ ଉଡ଼ାନ ଯୋଜନାରେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌କୁ ସାମିଲ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମେ ଭୁବନେଶ୍ୱର–ରଙ୍ଗେଇଲୁଣ୍ଡା ବିମାନ ସେବା ଆରମ୍ଭ କରାଯିବ। ପ୍ରଥମ ପର୍ଯ୍ୟାୟରେ ନନ୍ ସିଡ୍ୟୁଲ ୯ ସିଟ୍ ବିଶିଷ୍ଟ ବିମାନ ଉଡ଼ାଣ ପାଇଁ ଯୋଜନା ରହିଛି। ଏହାପରେ ଲୋକଙ୍କ ଆଗ୍ରହ ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ସମ୍ପ୍ରସାରଣ କରାଯିବ। ଆଗାମୀ ଦିନରେ ଏୟାରଷ୍ଟ୍ରିପ୍‌ର ମଧ୍ୟ ସମ୍ପ୍ରସାରଣ କରାଯିବ।

# ୧୭ରୁ ଓଡ଼ିଶାରେ ବିମାନ ସେବା ଆରମ୍ଭ କରିବ ଆକାଶା ଏୟାର ଲାଇନ୍ସ

ଭୁବନେଶ୍ୱର, ୪।୩(ବ୍ୟୁରୋ) – ଜେଟ୍ ଏରିନା ପକ୍ଷରୁ ଆକାଶା ଏୟାର ଲାଇନ୍ସ ଆସନ୍ତା ୧୭ ତାରିଖରୁ ଓଡ଼ିଶାରେ ବିମାନ ସେବା ଆରମ୍ଭ କରିବ। ଏହି ବିମାନ ପ୍ରତିଦିନ ବେଙ୍ଗାଲୁରୁ–ଭୁବନେଶ୍ୱର–ପୁଣେ ଚଳାଚଳ କରିବ। ଏ ନେଇ ଜେଟ୍ ଏରିନା ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। କ୍ୟୁପି୧୩୮୧ ଏୟାରକ୍ରାଫ୍ଟ ସକାଳ ୫ଟା ୪୦ରେ ବେଙ୍ଗାଲୁରୁରୁ ଉଡ଼ାଣ ଭରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସକାଳ ୭ଟା ୫୦ରେ ପହଞ୍ଚିବ। ସେହିପରି ଭୁବନେଶ୍ୱରରୁ କ୍ୟୁପି୧୩୮୨ ଏୟାରକ୍ରାଫ୍ଟ ସକାଳ ୮ଟା ୪୦ରୁ ଭୁବନେଶ୍ୱରରୁ ବାହାରି ୧୦ଟା ୫୦ରେ ପୁଣେରେ ପହଞ୍ଚିବ। ପୁଣି ପୁଣେରୁ କ୍ୟୁପି୧୩୮୩ ଏୟାରକ୍ରାଫ୍ଟ ସକାଳ ୧୧ଟା ୨୫ରେ ବାହାରି ଭୁବନେଶ୍ୱରରେ ଅପରାହ୍ନ ୧ଟା ୩୦ରେ ଅବତରଣ କରିବ। ଭୁବନେଶ୍ୱରରୁ କ୍ୟୁପି୧୩୮୪ ଏୟାରକ୍ରାଫ୍ଟ ଅପରାହ୍ନ ୨ଟା ୫ରୁ ଉଡ଼ାଣ ଭରି ବେଙ୍ଗାଲୁରୁରେ ୪ଟା ୨୦ରେ ପହଞ୍ଚିବ ବୋଲି ଜେଟ୍ ଏରିନା ପକ୍ଷରୁ ସୂଚନା ଦିଆଯାଇଛି।




# ବୈଦ୍ୟନାଥ ଘରେ ଡାକ୍ତର

ପ୍ରାକୃତିକ ଆୟୁର୍ବେଦିକ ଔଷଧ

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, କାମଦୁଧା ରସ |
| ଆନିମିଆ | ହେମୋପ୍ଲସ୍, ନୱାୟସ୍ ଲୌହ |
| ଆର୍ଥ୍ରାଇଟିସ୍, ଗାଉଟ୍, ରୁମାଟିକ୍ ଯନ୍ତ୍ରଣା | ଆର୍ଥ ପ୍ଲସ୍, ଆର୍ଥ ଅଏଲ୍, ରୁମାର୍ଥୋ |
| ଡାଇବେଟିସ୍ | ମଧୁମେହାରୀ ଦାନା, ଡାଇବେଟ୍ ଗାର୍ଡ |
| ବୃଦ୍ଧିପ୍ରାପ୍ତ ପୌରୁଷ ଗ୍ରନ୍ଥି | ପ୍ରୋସଗାର୍ଡ, ପ୍ରୋଷ୍ଟେଡ୍ |
| ଗ୍ୟାସ୍, ପେଟ ଫାମ୍ପିବା | ଗୌସାନ୍ତକ ଟ୍ୟାବ୍, ଚିତ୍ରକାଦି ବଟି |
| ଉଚ୍ଚ କୋଲେଷ୍ଟ୍ରଲ୍ | ଗୁଡହାର୍ଟ, କୋଲେଷ୍ଟ ଗାର୍ଡ |
| ଅନିଦ୍ରା | ନାଇଟ୍‌କ୍ୱ, ବ୍ରାହ୍ମୀ ବଟି |
| ବଦହଜମି | ଏକ୍ସାକେଷ୍ଟ, ଅଜୱାଇନ୍ ଅର୍କ |
| ଲ୍ୟୁକୋରିଆ | ଲ୍ୟୁକୋନିଲ୍, ପତ୍ରାଙ୍ଗାସବ |
| ଯକୃତ ସମସ୍ୟା | ଲିଭ୍‌ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ୍ |
| ସ୍ମୃତି ବର୍ଦ୍ଧକ | ମେମୋରେକ୍ସ, ଶଙ୍ଖପୁଷ୍ପି ସରବତ |
| ଅନିୟମିତ ରକ୍ତସ୍ରାବ | ସୁନ୍ଦରୀ ସଖୀ, ବୈଦ୍ୟନାଥ ଅଶୋକାରିଷ୍ଟ |
| ପାଇଲ୍ସ | ପାଇରାଇଡ୍‌ସ୍ ଟ୍ୟାବ୍, ପାଇରାଇଡ୍‌ସ୍ ଅଏଣ୍ଟମେଣ୍ଟ |
| ଚାପ ଏବଂ ଚିନ୍ତା | ଷ୍ଟ୍ରେସ୍ ଗାର୍ଡ, ଷ୍ଟ୍ରେସ୍ ଗାର୍ଡ ମସାଜ ଅଏଲ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ

JAIPUR: 9439088809 BERHAMPUR: 9861540324 CUTTACK: 9439486929 BHUBANESWAR: 8249945802 PURI: 9861068109 DHENKANAL: 8249703170 ANGUL: 9937734509 BALASORE: 9438725025 BARIPADA: 9437350156 KENDUJHAR: 6370698870 BHADRAK: 7978313169 ROURKELA: 7008870227 SAMBALPUR: 8763343900 / 9437681346 BOLANGIR: 7008384344 KUCHINDA: 7978655905


# ପ୍ରୀତିମାନ, ମାନସଙ୍କ ଲାଏ ଡିଟେକ୍ସନ ଟେଷ୍ଟ ସରିଲା

ଭୁବନେଶ୍ୱର/ସମ୍ବଲପୁର, ୪।୩ (ବ୍ୟୁରୋ)

ବୁର୍ଲା ପିସି ବ୍ରିଜ୍ ପାୱାର ଚାନେଲରୁ ଭିସୁଟ୍‌ର ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁଙ୍କ ମୃତଦେହ ମିଳିବା ଘଟଣାର ୪ଦିନ ପରେ ବି ରହସ୍ୟ ଉନ୍ମୋଚନ ହୋଇପାରୁନାହିଁ। ଚିନ୍ମୟୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ହତ୍ୟା ମାମଲା ରୁଜୁକରି ୩ଟି ଟିମ୍ ଦ୍ୱାରା ତନାଘନା ଚଳାଇଥିଲେ ମଧ୍ୟ ମୃତ୍ୟୁର କାରଣ ଏବେ ବି ଅସ୍ପଷ୍ଟ ରହିଛି। ଫଳରେ ଏହା ହତ୍ୟା ନା ଆତ୍ମହତ୍ୟା, ତାହାକୁ ନେଇ ସସ୍‌ପେନ୍ସ ଲାଗି ରହିଛି। ଅନ୍ୟପଟେ ଅଟକ ଥିବା ଚିନ୍ମୟୀଙ୍କ ସହପାଠୀ ପ୍ରୀତିମାନ ଦେ ଓ ତାଙ୍କ ସହଯୋଗୀ ମାନସ ଟୁଡୁଙ୍କୁ ୪ଦିନ ଧରି ବୁର୍ଲା ଥାନାରେ ଘନଘନ ଜେରା ପରେ ଶନିବାର ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ଫୋରେନ୍‌ସିକ ଲାବ୍‌ରେ ଲାଏ ଡିଟେକ୍ସନ କରାଇଛି ପୋଲିସ। ଲାଏ ଡିଟେକ୍ସନ ଟେଷ୍ଟ ବେଳେ ପ୍ରୀତିମାନ ଓ ମାନସଙ୍କୁ ସକାଳ ୧୧ଟାରୁ ୪ ଘଣ୍ଟା ଧରି ଫୋରେନ୍‌ସିକ୍ ଲାବ୍‌ରେ ପଚରାଉଚରା କରାଯାଇଥିଲା। ଚିନ୍ମୟୀଙ୍କ ସହ କେଉଁ ସଂପର୍କ ଥିଲା? ସହଯୋଗୀ ମାନସ ଟୁଡୁଙ୍କ ସହ ଚିନ୍ମୟୀଙ୍କୁ ଧରି କାହିଁକି ପିସି ବ୍ରିଜ୍‌କୁ ଯାଇଥିଲେ? ସେଠାରେ ତାଙ୍କ ସହ କିଛି ପାଟିତୁଣ୍ଡ ହୋଇଥିଲା କି? ସମାବର୍ତ୍ତନ ଉତ୍ସବରେ ଚିନ୍ମୟୀଙ୍କୁ କେହି କିଛି କହିଥିଲେ କି? ଏଭଳି ପ୍ରାୟ ୫୦ରୁ ଅଧିକ ଉଭୟଙ୍କୁ ପ୍ରଶ୍ନ ପଚରାଯାଇଥିବା ବିଶେଷସୂତ୍ରରୁ ଜଣାପଡିଛି। ହେଲେ ଏହି ମାମଲାରେ ଏଯାଏ ପୋଲିସ କାହାକୁ ଗିରଫ କରିପାରୁ ନ ଥିବାରୁ ତଦନ୍ତର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ସେହିଭଳି ଶନିବାର ଭୁବନେଶ୍ୱର ବିଜେବି ନଗରସ୍ଥିତ ଚିନ୍ମୟୀଙ୍କ ଭଡ଼ାଘରେ ସମ୍ବଲପୁର ପୋଲିସ ଟିମ୍ ଛାନ୍‌ଭିନ କରିଥିବାବେଳେ ଏକ ଲାପ୍‌ଟପ୍ ଓ ଡାଏରି ଜବତ କରିଛି। ତେବେ ଏଥିରୁ କିଛି ପ୍ରମାଣ ମିଳିଲା କି ନାହିଁ ସେନେଇ ଖବରଦାତାମାନେ ପଚାରିବାରୁ ପୋଲିସ ହାତ ଯୋଡି କିଛି କହି ନ ଥିଲେ। ଅପରପକ୍ଷରେ ବଲାଙ୍ଗୀର ସହରର ବିକ୍ରମ ଛକରେ ଥିବା ଚିନ୍ମୟୀଙ୍କ ଘରକୁ ଯାଇ ପ୍ରାୟ ଘଣ୍ଟାଏ ଧରି ବଲାଙ୍ଗୀର ପୋଲିସ ଚିନ୍ମୟୀଙ୍କ ମା' ଓ ଭଉଣୀଙ୍କୁ ପଚରାଉଚରା କରିଛି। ତା'ସହ ମା' ଝିଅଙ୍କ ମଧ୍ୟରେ ହୋଇଥିବା ଶେଷ ହ୍ୱାଟ୍ସଆପ୍ ଚାଟକୁ ପୋଲିସ ସଂଗ୍ରହ କରିଛି। ସେପଟେ ବୁର୍ଲା ଥାନା ପୋଲିସ ମଧ୍ୟ ତଦନ୍ତ ଚଳାଇଛି। ଘଟଣା ଦିନ ଚିନ୍ମୟୀ ସମଲେଶ୍ୱରୀ ଢାବାରେ ଖାଇଥିଲେ। ଏହି ଢାବାର ମାଲିକ, ଭିସୁଟ୍‌ର କେତେଜଣ ଛାତ୍ର, ପାଣିକୁ ଚିନ୍ମୟୀ ଖସି ପଡୁଥିବାବେଳେ ଉପସ୍ଥିତ ପ୍ରତ୍ୟକ୍ଷଦର୍ଶୀଙ୍କୁ ମିଶାଇ ପ୍ରାୟ ୨୫ଜଣଙ୍କୁ ବୁର୍ଲା ଥାନାରେ ଥାନାରେ ପଚରାଉଚରା କରାଯାଇଛି। ଏଏସ୍‌ପି ତପନକୁମାର ମହାନ୍ତି ସେମାନଙ୍କୁ ପଚରାଉଚରା କରି ଅଧିକ ତଥ୍ୟ ହାସଲ କରିଥିବା ଜଣାପଡିଛି।



ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁ



ପ୍ରୀତିମାନ, ମାନସଙ୍କୁ ଫୋରେସିକ୍ ଲାବ୍‌କୁ ନିଆଯାଉଛି।

**ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ମୃତ୍ୟୁ ଘଟଣା**

- **ଚିନ୍ମୟୀଙ୍କ ଭୁବନେଶ୍ୱର ଭଡ଼ାଘରୁ ଲାପ୍‌ଟପ୍, ଡାଏରି ଜବତ କଲା ସମ୍ବଲପୁର ପୋଲିସ**
- **ମା' ଓ ଭଉଣୀଙ୍କୁ ବଲାଙ୍ଗୀର ପୋଲିସର ପଚରାଉଚରା**

## ତଦନ୍ତର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଲେ ବିଧାୟକ, ଚିନ୍ମୟୀଙ୍କ ପରିବାର

ଚିନ୍ମୟୀଙ୍କ ସହପାଠୀ ପ୍ରୀତିମାନଙ୍କ ବାପା ଗୃହ ବିଭାଗର ଜଣେ ବରିଷ୍ଠ ଅଧିକାରୀ ହୋଇଥିବାରୁ ତଦନ୍ତରେ ସ୍ୱଚ୍ଛତାକୁ ନେଇ ଆଶଙ୍କା କରିଛନ୍ତି ଚିନ୍ମୟୀଙ୍କ ମା'। ଏଥିସହ ଚିନ୍ମୟୀଙ୍କ ବେକରେ ରହିଥିବା ଦାଗକୁ ପ୍ରମାଣ ସ୍ୱରୂପ ନେଇ ତାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ଦୋହରାଇବା ସହ ହତ୍ୟାକାରୀଙ୍କୁ ଗିରଫ ଦାବି କରିଛନ୍ତି ପରିବାର ସଦସ୍ୟ। ଏପରିକି ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମଧ୍ୟ ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ପୋଲିସ ମାମଲାର ତଦନ୍ତ ଠିକ୍ ଭାବେ କରିପାରିବ ନାହିଁ। କାରଣ ସମସ୍ତଙ୍କ ସନ୍ଦେହରେ ଥିବା ଯୁବକଙ୍କ ବାପା ଜଣେ ସଚିବ ପାହ୍ୟାର ଅଧିକାରୀ। ତେଣୁ ମାମଲାର ନିରପେକ୍ଷ ତଦନ୍ତ ହେବା ଉଚିତ। ସେପଟେ ପ୍ରୀତିମାନଙ୍କ ବାପା ପ୍ରଣବ କୁମାର ଦେ କହିଛନ୍ତି, ତଦନ୍ତରେ ସେ କୌଣସି ଚାପପକାଉ ନାହାନ୍ତି। ପୋଲିସ ଯାହା ତଦନ୍ତ କରିବା କଥା କରୁ। ସତ କିନ୍ତୁ ସାମ୍ନାକୁ ଆସୁ।




ବାହ୍ୟ ଘଟଣାଗୁଡିକୁ ଆଧାରକରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ–ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କ'ଣ ପ୍ରଥମ ସର୍ତ୍ତ ନୁହେଁ? ଘଟଣାଗୁଡିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ। –ଶ୍ରୀମା



# ଉତ୍ତର ନାହିଁ



ଆକାର ପଟେଲ

ଚଳିତ ସପ୍ତାହରେ କିଛି ଘଟଣା ଘଟିଛି ଯାହା ଉପରେ ଗଭୀର ଚିନ୍ତାକରିବା ସହ ପ୍ରକାଶ କରିବା ଦରକାର। ଏହା ମଧ୍ୟରେ ଅନେକ ବିଷୟ ଉପରେ ଅନୁଧ୍ୟାନ କରିବା ମଧ୍ୟ ଆବଶ୍ୟକ। ନିକଟରେ ଭାରତ ତା' ପିଲାମାନଙ୍କୁ ନେଇ ଜି୨୦ ସମ୍ମିଳନୀ ଆୟୋଜିତ କରିଥିଲା। ପୂର୍ବରେ ଥିବା ଆମର ବେନାମୀ ପଡ଼ୋଶୀ ଭଳି ଗଣତନ୍ତ୍ର ବିହୀନ ଗଲ୍ଫ ଦେଶ ଏବଂ ନାମକୁ ମାତ୍ର ଗଣତନ୍ତ୍ର ଥିବା ରୁଷିଆ ଓ ତୁର୍କୀ ଭଳି ଦେଶଗୁଡ଼ିକରୁ ପିଲାମାନେ ଉକ୍ତ ସମ୍ମିଳନୀରେ ଯୋଗଦେଇଥିଲେ। ତେବେ ବିଭିନ୍ନ ପ୍ରସଙ୍ଗଭିତ୍ତିକ ବୃହତ୍ ଯୋଜନାରେ ସବୁ ବିଷୟକୁ ବିଚାରକୁ ନେଇ ଆମ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କଲାବେଳେ ମନରେ କିଛି ପ୍ରଶ୍ନ ଉଠେ। ପ୍ରଥମରେ ଆମ ଦାବି ହେଉଛି, ଅନ୍ତର୍ଜାତୀୟ ବ୍ୟବସ୍ଥାରେ ଉନ୍ନତି ଅଣାଯିବା ସହ ଆମକୁ ଜାତିସଂଘ ସୁରକ୍ଷା ପରିଷଦରେ ଉପଯୁକ୍ତ ସ୍ଥାନ ଦେବା ଆବଶ୍ୟକ। ଏହି ଦାବି ଚଳିତ ସପ୍ତାହରେ ଦୋହରାଗଲା। ତେବେ ପ୍ରଶ୍ନ ଉଠୁଛି, ବିଶ୍ୱଗୁରୁ ହୋଇଥିବା ଦେଶ କାହିଁକି ସୁରକ୍ଷା ପରିଷଦରେ ରହିବାକୁ ଚାହୁଁଛି? ସମ୍ଭବତଃ ଏହାର ଉତ୍ତର ଆମକୁ ଜଣାନାହିଁ। କିନ୍ତୁ ସରକାରଙ୍କ ଦାବି ଅତ୍ୟନ୍ତ ଗମ୍ଭୀର ହୋଇଥିବାରୁ ଏହି ବିଷୟକୁ ବି ଗମ୍ଭୀରତାର ସହ ବିଚାର କରିବାକୁ ହେବ। ଯଦି ଭାରତ ବିଶ୍ୱଗୁରୁ ତେବେ ପରିଷଦରେ ରହିବାକୁ ଦାବି କରିବା ବଦଳରେ କାହିଁକି ସାଙ୍ଗେସାଙ୍ଗେ ସେଥିରେ ସ୍ଥାନ ଦଖଲ କରୁନାହିଁ? ଯଦି କେହି ଆମକୁ ରୋକୁଛନ୍ତି, ତେବେ ସିଏ ବିଶ୍ୱଗୁରୁକୁ ରୋକିବାକୁ କେମିତି ସାହସ କରୁଛି? ତଥାପି ଏହାର ଉତ୍ତର ସ୍ପଷ୍ଟ ନୁହେଁ।

ଆଉ ଏକ ବିଷୟ ହେଉଛି ଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମ୍ମିଳନୀରେ ଘଟିଥିବା ଘଟଣା। ଏହା ଥିଲା ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ। ଏହାକୁ ନେଇ ଦି ହିନ୍ଦୁ ଏକ ଶୀର୍ଷକ ପ୍ରକାଶ କରିଥିଲା ଯେ, ଜି୨୦ ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟରେ ବିଭାଜନ ହେତୁ ଔପଚାରିକ ମିଳିତ ଘୋଷଣାନାମାରୁ ରୁଷିଆ ଓ ଚାଇନା ଓହରିଗଲେ। ଏଠି ପ୍ରସଙ୍ଗ ଥିଲା ୟୁକ୍ରେନ୍ ଯୁଦ୍ଧ। ଏହାକୁ ନେଇ ମଧ୍ୟ ଗତବର୍ଷ ଇଣ୍ଡୋନେସିଆ ଜି୨୦ ଅଧ୍ୟକ୍ଷ ଥିଲାବେଳେ ବାଲି ସମ୍ମିଳନୀରେ ଏଭଳି ଘୋଷଣାନାମା ହୋଇପାରି ନ ଥିଲା। ତେବେ ପ୍ରଶ୍ନ ହେଉଛି, ଜି୨୦ର ଅଧ୍ୟକ୍ଷତା ନେଇ କ'ଣ ଇଣ୍ଡୋନେସିଆ କିମ୍ବା ଅନ୍ୟ କୌଣସି ଦେଶଠାରୁ କିଛି ଭିନ୍ନ କରିପାରିବା ନାହିଁ? ଯଦି କରିବ ପାରିବା ନାହିଁ ତେବେ କାହିଁକି ଏତେ ପ୍ରଦର୍ଶନ କରାଯାଉଛି? ଅନ୍ୟ ଏକ ବିଷୟକୁ ଆସିବା। ଗଣତନ୍ତ୍ରର ଜନକ ତଥା ବିଶ୍ୱଗୁରୁ ଭାରତ ଏବେ ବିଶ୍ୱରେ ସବୁଠୁ ଜନବହୁଳ ଦେଶ। ଏହି ତଥ୍ୟ ବାହାରୁ ମିଳିଛି, ନିଜେ ବିଶ୍ୱଗୁରୁ ପ୍ରସ୍ତୁତ କରିନାହିଁ। ୱାର୍ଲ୍ଡ ପପୁଲେସନ ରିଭ୍ୟୁର ତଥ୍ୟରୁ ଜଣାପଡ଼ିଛି ଯେ, ମାର୍ଚ୍ଚ ୩ରେ ଚାଇନା ଜନସଂଖ୍ୟା ୧୪୨ କୋଟି ୫୦ ଲକ୍ଷ ଥିଲାବେଳେ ଭାରତ ଜନସଂଖ୍ୟ ଥିଲା ୧୪୨ କୋଟି ୮୦ ଲକ୍ଷ। ମନେରଖିବାକୁ ହେବ ଯେ, ଜନସଂଖ୍ୟାରେ ଦ୍ୱିତୀୟ ଥର ଚାଇନାକୁ ଭାରତ ଟପିଛି। ଯଦି ଅଖଣ୍ଡ ଭାରତ କଥା ବିଚାରକୁ ନିଆଯାଏ ତେବେ ଏହା ପ୍ରଥମେ ୧୯୪୭ ପୂର୍ବରୁ ଘଟିଥିଲା ଓ ସବୁ ବର୍ଷ ଜନସଂଖ୍ୟାରେ ଚାଇନାଠାରୁ ଭାରତ ଆଗରେ ରହି ବିଶ୍ୱର ସବୁଠୁ ଜନବହୁଳ କ୍ଷେତ୍ର ଭାବେ ପରିଚିତ ଥିଲା। ତେବେ ଏହି ଖବର ବାହାରୁ ମିଳିଲା ବୋଲି କହିବାର କାରଣ ହେଉଛି ଏକ ଶତାବ୍ଦୀ ମଧ୍ୟରେ ଆମେ ପ୍ରଥମ ଥର ପାଇଁ ଜନଗଣନା କରିନାହୁଁ କିମ୍ବା ଏହା କେବେ ହେବ ତାହା ବି ଜାଣିନାହୁଁ। ଦ୍ୱିତୀୟ କଥା ହେଉଛି, ବିଶ୍ୱର ସବୁଠୁ ଜନବହୁଳ ଦେଶ ହେଲେ ବି ଆମର ବାର୍ଷିକ ଜନ୍ମହାର(୧ହଜାର ମହିଳାରେ) କିମିଚାଲିଛି। ଏହା ଏବେ ୨.୦ରେ ରହିଛି ଓ ଲଗାତର କମିବାରେ ଲାଗିଛି। ଏଥିରୁ ବୁଝାପଡୁଛି, ଆଗାମୀ କିଛି ବର୍ଷ ମଧ୍ୟରେ ଆମ ଜନସଂଖ୍ୟା କମିବା ଆରମ୍ଭ ହୋଇଯିବ। ଏଠାରେ ଆଉ ବିଷୟରେ ଆଲୋଚନା କରିବା ଉଚିତ। କିଛି ବର୍ଷ ପୂର୍ବେ କାମ କରିବାକୁ ଯୋଗ୍ୟ ଲୋକଙ୍କ ସଂଖ୍ୟା ବଢ଼ିବା ଆରମ୍ଭ ହେବାବେଳେ ଜନସାଂଖ୍ୟିକ ଆକଳନ ଆରମ୍ଭ କରାଯାଇଥିଲା। କିନ୍ତୁ ସରକାରୀ ତଥ୍ୟ କହେ, ସେହି ସମୟରେ ଆମ ବେରୋଜଗାର ଅଧିକ ଥିଲା। ବିଶ୍ୱରେ ସବୁଠୁ ଜନବହୁଳ ଦେଶ ଭାବେ ରେକର୍ଡ ହାରର ବେରୋଜଗାର ଥିବାବେଳେ ଏହା କି ପରିବର୍ତ୍ତନ ଆଣିପାରିବ। ଉକ୍ତ ସ୍ତମ୍ଭରେ ଶେଷ ବିଷୟଟି ହେଉଛି କେନ୍ଦ୍ର ବଜେଟ। ଚଳିତ ସପ୍ତାହରେ ପ୍ରଧାନମନ୍ତ୍ରୀ ଏହାକୁ ଅମୃତକାଳ ବଜେଟ ବୋଲି କହିଛନ୍ତି। ତାଙ୍କ ମତରେ ଅମୃତ କାଳର ପ୍ରଥମ କଥା ହେଉଛି,୨୦୪୭ ସୁଦ୍ଧା କିମ୍ବା ସେହି ମସିହାରେ ଭାରତ ଏକ ବିକଶିତ ଦେଶ ହେବ। ଯଦ ଅଭିବୃଦ୍ଧି ହାର ଦେଖିବା ୨୦୧୪ରୁ ହାରାହାରି ବାର୍ଷିକ ଅଭିବୃଦ୍ଧି ହାର ୫.୭% ରହିଆସିଛି। ତେବେ ୨୦୪୭ରେ ଏହା କେତେରେ ପହଞ୍ଚିବ? ଏହାର ଉତ୍ତର ମିଳିଯିବ ଆମ ବାର୍ଷିକ ମୁଣ୍ଡପିଛା ଆୟରୁ। ଏହା ବର୍ତ୍ତମାନ ୮୦୦ ଡଲାର। ଏହା ଚାଇନାର ଏବକାର ବାର୍ଷିକ ମୁଣ୍ଡପିଛା ଆୟ ତୁଳନାରେ ୪୦୦୦ ଡଲାର କମ୍, ଜାପାନ ମୁଣ୍ଡ ପିଛା ଆୟର ଏକ ଚତୁର୍ଥାଂଶରୁ କମ୍ ଏବଂ ଆମେରିକାର ଏବକାର ଜିଡିପିରେ ମୁଣ୍ଡପିଛା ଆୟର ପ୍ରାୟ ୯ ଭାଗରୁ ଭାଗେ।

ଆମେ ନିଜକୁ ବିକଶିତ କହୁଛୁ। କିନ୍ତୁ ବିକାଶ ସଂଜ୍ଞା ପରିବର୍ତ୍ତନ କରି ଏହା ହାସଲ କରିବାକୁ କିଛି କରୁଛୁ କି? ଆମେ କ'ଣ ଅନ୍ୟମାନଙ୍କୁ ପଛରେ ପକାଇବା ଲାଗି ଚାହୁଁଛୁ କି? ୨୦୧୪ରେ ଯାହା ଥିଲା ତା'ଠାରୁ ଶୀଘ୍ର ଅଭିବୃଦ୍ଧି କରିବାକୁ ଆଶାବାଦୀ ଅଛୁ କି?। ଯଦି ପୂର୍ବାପେକ୍ଷା ଶୀଘ୍ର ଅଭିବୃଦ୍ଧି କରିବାକୁ ଚାହୁଁ ତେବେ ୨୦୧୪ ଠାରୁ କିଛି ଭିନ୍ନ କରୁଛୁ ବା କରିବାକୁ ଯାଉଛୁ କି? ପୁନର୍ବାର ଏହା ବାଚନିକ ପ୍ରଶ୍ନ, କାରଣ ଏହାର କୌଣସି ଉତ୍ତର ନାହିଁ। ସବୁ ବିଷୟର ସମାଧାନ କେବଳ ଶବ୍ଦ ଓ ସ୍ଲୋଗାନରେ ସୀମିତ। ସବୁବେଳେ ନୂଆ ଶବ୍ଦ, ଖଣ୍ଡବାକ୍ୟ ସୃଷ୍ଟି କରାଯାଉଛି। ଆମେ ଯାହା ନୋହୁଁ କିମ୍ବା ଯାହା ହୋଇପାରିବୁ ନାହିଁ ତାହାକୁ ନେଇ ବାହାନା କରୁଛୁ। ଯେଉଁ ସରକାର ତାଙ୍କ ଲୋକଙ୍କୁ ଗଣେ ନାହିଁ, ତାଙ୍କ ନିଜର ଅଭିବୃଦ୍ଧି ରେକର୍ଡ ପ୍ରତି ଧ୍ୟାନ ଦିଏ ନାହିଁ, ସେଭଳି ସରକାର ନିଯୁକ୍ତି ଉପରେ ନିଜସ୍ୱ ତଥ୍ୟକୁ ଅସ୍ୱୀକାର କରିବା ସହ ବେରୋଜଗାରକୁ ଗମ୍ଭୀରତାର ସହ ନ ନେବା ସ୍ୱାଭାବିକ। ଉଚ୍ଚ ସ୍ୱରରେ କହି ଲୋକଙ୍କୁ ପ୍ରଭାବିତ କରିବା ଓ ମିଛ ଅଭିନୟ କରିବାରୁ କହି ଆମକୁ କେହି ଅଟକାଇପାରିବେ ନାହିଁ। ଏଣୁ ଏଭଳି ସ୍ଥିତି ହିଁ ଲାଗି ରହିବ।

Email:aakar.patel@gmail.com

# ପଞ୍ଚାୟତିରାଜ ବ୍ୟବସ୍ଥା ଓ ବିଜୁବାବୁ



ଡ. ପ୍ରଫୁଲ୍ଲ କୁମାର ସାହୁ

ଗାଁର ଦେଶ ଭାରତ। ଗାଁ ଉପରେ ନିର୍ଭର କରେ ଦେଶର ଖାଦ୍ୟାବସ୍ଥା ଓ ଅର୍ଥନୀତି। ଗାଁର ବିକାଶ ହିଁ ଦେଶର ବିକାଶ। ଗାଁରୁ ଶାସନ ଆରମ୍ଭ ନ ହେଲେ ସଫଳ ହେବନି ଗଣତନ୍ତ୍ର। ଏପରି ଏକ ବିଚାରଧାରାରୁ ଜନ୍ମ ନେଇଥିଲା ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ୍ୟ ସ୍ୱପ୍ନ। ଗ୍ରାମ ସ୍ୱରାଜ୍ୟ କହିଲେ ଗାନ୍ଧିଜୀ ବୁଝିଥିଲେ ଦେଶର ସାତଲକ୍ଷ ଗାଁ ହେବ ସାତଲକ୍ଷ ସାଧାରଣତନ୍ତ୍ର। ଏଠାରେ ଅନୁଭୂତ ହେବ ପ୍ରତ୍ୟକ୍ଷ ଗଣତନ୍ତ୍ରର ସ୍ୱାଦ। ଶାସନ ଓ ବିକାଶ ପ୍ରକ୍ରିୟାରେ ସମସ୍ତେ ଭାଗ ନେବେ, ମତ ଦେବେ ଏବଂ ଗ୍ରାମସଭାରେ ବସି ନିଷ୍ପତ୍ତି ନେବେ ସମୂହଭାବେ। ସେମାନେ ଏକାଠି ହୋଇ ଏଭଳି ପ୍ରତିନିଧି ବାଛିବେ ଯେ, ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ ଏବଂ ଉତ୍ତରଦାୟୀ ରହିବେ ପଞ୍ଚାୟତ ପାଖରେ।

ଗାନ୍ଧିଜୀଙ୍କ ଦୃଷ୍ଟିରେ ଦେଶର ସ୍ୱାଧୀନତା ଓ ଗ୍ରାମ୍ୟ ବିକାଶ ଥିଲା ମୁଦ୍ରାର ଦୁଇଟି ପାର୍ଶ୍ୱ। ସ୍ୱାଧୀନତା ପ୍ରାପ୍ତିର ବହୁ ପୂର୍ବରୁ ଏ କଥା ସେ ଲେଖିଥିଲେ ତାଙ୍କ 'ହିନ୍ଦ୍ ସ୍ୱରାଜ' ଗ୍ରନ୍ଥରେ। ମାତ୍ର ବିଡ଼ମ୍ବନାର ବିଷୟ ଗାନ୍ଧିଜୀଙ୍କର ଏହି ବିଚାରଧାରାକୁ ସ୍ୱାଧୀନ ଭାରତରେ ମିଳିଲାନି ପ୍ରାଥମିକତା। ଗ୍ରାମ ସ୍ୱରାଜ୍ୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସମ୍ବିଧାନର ନିର୍ଦ୍ଦେଶମୂଳକ ନୀତି ୪୦ ଧାରାରେ ଅନ୍ତର୍ଭୁକ୍ତ କରାଗଲା, ଯାହାଥିଲା ରାଜ୍ୟଗୁଡ଼ିକର ଇଚ୍ଛାଧୀନ ବିଷୟ। ଭାରତ ଭଳି ଏକ ବିରାଟ ଦେଶରେ ଶାସନ ବ୍ୟବସ୍ଥା କେବଳ ଦିଲ୍ଲୀ କିମ୍ବା ରାଜ୍ୟ ରାଜଧାନୀରୁ ନିୟନ୍ତ୍ରିତ ଓ ପରିଚାଳିତ ନ ହୋଇ କ୍ଷମତାର ବିକେନ୍ଦ୍ରୀକରଣର ଆବଶ୍ୟକତା ପରବର୍ତ୍ତୀ ସମୟରେ ଅନୁଭୂତ ହେଲା ଏବଂ ସେଥିପାଇଁ ୧୯୫୭ ମସିହାରେ ଗଠନ ହେଲା ବଳବନ୍ତରାୟ ମେହେଟ୍ଟା କମିଟି। ଏହି କମିଟିର ରିପୋର୍ଟ ଆଧାରରେ ୧୯୫୯ ମସିହା ଅକ୍ଟୋବର ୨ ତାରିଖ(ଗାନ୍ଧୀ ଜୟନ୍ତୀ)ରୁ ଦେଶରେ କାର୍ଯ୍ୟକାରୀ ହେଲା ପଞ୍ଚାୟତିରାଜ ବ୍ୟବସ୍ଥା। କିନ୍ତୁ ଏହାର ଆଇନଗତ ଉତ୍ତରଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ଥିବାରୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ନିର୍ବାଚନ ହେଲାନାହିଁ କି ସଶକ୍ତ ହୋଇ ପାରିଲାନି ପଞ୍ଚାୟତିରାଜ ବ୍ୟବସ୍ଥା। ଏହାକୁ ଦୃଷ୍ଟିରେ ରଖି ୧୯୮୯ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କଲେ, ଯାହା ବହୁ ଘାତପ୍ରତିଘାତ ପରେ ଆଇନରେ ପରିଣତ ହେଲା ଏବଂ ସେବେଠୁ ଗଣତନ୍ତ୍ରରେ ଯୋଡ଼ି ହୋଇଗଲା ଏକ ନୂଆ ଅଧ୍ୟାୟ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ସମଗ୍ର ଦେଶରେ କାର୍ଯ୍ୟକାରୀ ହେବାର ପ୍ରାୟ ଅଢ଼େଇବର୍ଷ ପୂର୍ବରୁ ଓଡ଼ିଶାରେ କାର୍ଯ୍ୟକାରୀ ହୋଇ ସାରିଥିଲା ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ। ବିଜୁବାବୁ ରାଜ୍ୟ ଆଇନରେ ବ୍ୟାପକ ସଂଶୋଧନ ଆଣିବା ସହିତ ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ରଖିଥିଲେ ୩୩ଭାଗ ଆସନ ସଂରକ୍ଷଣ ବ୍ୟବସ୍ଥା। ତଦନୁଯାୟୀ ୧୯୯୨ରେ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ ହେଲା ଏବଂ ସେବେଠାରୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପୁନର୍ଜନ୍ମ ଲାଭ କଲା ଏକ ନୂଆ ରୂପରେ। ଏହି ବ୍ୟବସ୍ଥା ଦ୍ୱାରା ପ୍ରକଟ ହେଲା ଲୋକଙ୍କର ପ୍ରତ୍ୟକ୍ଷ ସମ୍ପୃକ୍ତିରେ ସାମାଜିକ, ଅର୍ଥନୈତିକ ଏବଂ ବୌଦ୍ଧିକ ବିକାଶ ଲାଗି ବିଶ୍ୱାସ। ଅର୍ଥାତ୍ କ୍ଷମତା ବିକେନ୍ଦ୍ରୀକରଣ ଓ ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କରିବା କ୍ଷେତ୍ରରେ ବିଜୁବାବୁ ଥିଲେ ସମଗ୍ର ଭାରତବର୍ଷରେ ଅଗ୍ରଗଣ୍ୟ ଓ ଦୃଷ୍ଟାନ୍ତ ସୃଷ୍ଟିକାରୀ ନେତା। ତେଣୁ ତାଙ୍କ ଜନ୍ମଦିନକୁ ପଞ୍ଚାୟତିରାଜ ଦିବସ ଭାବରେ ପାଳନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କଲେ (୧୯୯୩) ଏବଂ ତଦନୁଯାୟୀ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏହା ପାଳନ ହୋଇଆସୁଅଛି ପ୍ରତିବର୍ଷ ମାର୍ଚ୍ଚ ୫ ତାରିଖରେ।



ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମାଞ୍ଚଳର ପ୍ରଗତି ଗ୍ରାମ ବିକାଶ ନୀତିର ଏକ ପୁରୁଣା ଖସଡ଼ା। ଏହି ବ୍ୟବସ୍ଥା ଜରିଆରେ ଗ୍ରାମାଞ୍ଚଳରୁ ଦାରିଦ୍ର୍ୟ, ନିରକ୍ଷରତା, ଅପପୁଷ୍ଟି ଓ ଅନ୍ୟାନ୍ୟ ଅସୁବିଧା ଦୂର ହୋଇପାରିବ ବୋଲି ଦୃଢ଼ ଆଶାପୋଷଣ କରିଥିଲେ ବିଜୁବାବୁ। ମାତ୍ର ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ବି ଅନେକ ଦୁର୍ଗମ ଗାଁ ଏବେ ସୁଦ୍ଧା ବିକାଶ ଅପେକ୍ଷାରେ। ଗାଁର ବିକାଶ ପାଇଁ ଯୋଜନା ଦ୍ୱାରା ଗାଁର ଆର୍ଥନୀତିକ ଚିତ୍ର ବହୁମାତ୍ରାରେ ବଦଳିଛି ସତ କିନ୍ତୁ ସାମାଜିକ ଓ ସାଂସ୍କୃତିକ ଜୀବନଧାରାରେ ଆସିଛି ଅବକ୍ଷୟ। ଗାଁ ଆମ ସାମାଜିକ ଜୀବନଧାରାର ମୌଳିକ ଆଧାର। କର୍ମସଂସ୍କୃତି, ସହଯୋଗ ଓ ସଦ୍‌ଭାବନାର ଭିତ୍ତିଭୂମି କୁହାଯାଉଥିବା ଗାଁରେ ପଞ୍ଚାୟତ ନିର୍ବାଚନକୁ କେନ୍ଦ୍ରକରି ସୃଷ୍ଟି ହେଉଛି ଫାଟ। ଭାଇ ଭାଇ ଭିତରେ ତୁଟିଯାଉଛି ସମ୍ପର୍କ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଗ୍ରାମସଭା ହେଉଛି ତା'ର କେନ୍ଦ୍ରବିନ୍ଦୁ। ଗ୍ରାମାଞ୍ଚଳ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ କରିବା କ୍ଷେତ୍ରରେ ତା'ର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପଞ୍ଚାୟତ ସ୍ତରରେ ଗଣତାନ୍ତ୍ରିକ ଅଧିକାର ବା ସହଭାଗିତାକୁ ସୁନିଶ୍ଚିତ କରେ ଗ୍ରାମସଭା। ୭୩ତମ ସମ୍ବିଧାନ ସଂଶୋଧନ ବଳରେ ଗ୍ରାମସଭାକୁ ସାମ୍ବିଧାନିକ ମର୍ଯ୍ୟାଦା ମିଳୁଥିବାରୁ ଏଥିରେ ପାରିତ ହେଉଥିବା ପ୍ରସ୍ତାବ ହିଁ ଚୂଡ଼ାନ୍ତ। ଅର୍ଥାତ୍ ଗ୍ରାମସଭା ହିଁ ଗ୍ରାମର ବିଧାନସଭା। ଗ୍ରାମର ପ୍ରତ୍ୟେକଟି ବିକାଶ ପାଇଁ ଏହି ସଭାରେ ବସି ନିଷ୍ପତ୍ତି ନିଅନ୍ତି ଗାଁ ଲୋକେ। ମାତ୍ର ବାସ୍ତବ ସ୍ଥିତି କହୁଛି ଦଳଗତ ପକ୍ଷପାତିତା ପାଇଁ ଗାଁରେ ମୁଣ୍ଡ ଟେକୁଛି ହିଂସା, ଆକ୍ଷେପ ଓ ପ୍ରତିଆକ୍ଷେପ ଆଦି ସମସ୍ୟା।

ଦଳମୁକ୍ତ ପଞ୍ଚାୟତ ନିର୍ବାଚନ ଗ୍ରାମାଞ୍ଚଳର ବିକାଶ ପାଇଁ ଏକ ଆହ୍ୱାନ। ଏହି ଦୃଷ୍ଟିରୁ ବିଚାରକଲେ ରାଜନୈତିକ ବିବାଦରୁ ପଞ୍ଚାୟତକୁ ଦୂରେଇ ରଖିବା ପାଇଁ ସରପଞ୍ଚ ପ୍ରାର୍ଥୀଙ୍କୁ ଦଳୀୟ ଚିହ୍ନ ଦିଆଯାଇନି ସତ, ହେଲେ ତାଙ୍କ ପଛରେ ଦଳର ସମର୍ଥନ ଥାଏ ଏବଂ ତାଙ୍କୁ ଜିତେଇବା ପାଇଁ କଳ ବଳ ପ୍ରୟୋଗ କରେ ଦଳ। ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ହୋଇଛି ସତ, ହେଲେ ଅନେକ କ୍ଷେତ୍ରରେ ନିର୍ବାଚିତ ମହିଳାମାନଙ୍କୁ ଢାଲ କରି କ୍ଷମତା ଉପଭୋଗ କରୁଛନ୍ତି ସ୍ୱାମୀ, ଶ୍ୱଶୁର, ବାପା ଓ ଭାଇମାନେ।

ବିଜୁବାବୁ କହୁଥିଲେ ସରପଞ୍ଚମାନେ ହିଁ ପଞ୍ଚାୟତର ମୁଖ୍ୟମନ୍ତ୍ରୀ। ସେମାନଙ୍କ ନିଷ୍ଠା, ନିରପେକ୍ଷତା, ନିଃସ୍ୱାର୍ଥପରତା ଓ ଦକ୍ଷତା ଉପରେ ନିର୍ଭର କରେ ପଞ୍ଚାୟତର ବିକାଶ। ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ୍ କଲାମଙ୍କ ମତରେ 'ଭାରତବର୍ଷ ଦରକାର କରେ ପ୍ରତି ପଞ୍ଚାୟତରେ ଜଣେ ସୃଜନଶୀଳ ନେତା, ଯିଏ ସିଂହାସନରେ ନ ବସି ସାଧାରଣ ଲୋକଙ୍କ ସାଙ୍ଗରେ ବସିବେ, ଆମ ପାଇଁ ଉତ୍ତରଦାୟୀ ରହିବେ ଏବଂ ରୋଲ୍ ମଡେଲ ହୋଇ ଅବସ୍ଥାନ କରିବେ ଆମ ହୃଦୟରେ।' ବାସ୍ତବରେ ଗ୍ରାମବାସୀଙ୍କ ସୁଖ ଦୁଃଖରେ ଠିଆ ହେଉଥିବା ଲୋକଟି ହିଁ ସରପଞ୍ଚ। ସେଭଳି ଯୋଗ୍ୟ ପ୍ରାର୍ଥୀ ନିର୍ବାଚିତ ହେଲେ ତ୍ୱରାନ୍ୱିତ ହେବ ବିକାଶ ପ୍ରକ୍ରିୟା। ଅନ୍ୟଥା ଦୁର୍ବଳ ହୋଇପଡ଼ିବ ପଞ୍ଚାୟତିରାଜ ବ୍ୟବସ୍ଥା। ତଳସ୍ତରରେ ବ୍ୟବସ୍ଥା ହୁଗୁଳିଗଲେ ଭୁଶୁଡ଼ି ପଡ଼ିବ ସମୁଦାୟ ଶାସନ।

ବିଜୁ ପଟ୍ଟନାୟକ ନଗର
ମୋ: ୬୩୭୧୬୪୨୪୬୪

# ନାସାର ନୂଆ ବିଜ୍ଞାନ ମୁଖ୍ୟ

ବ୍ୟକ୍ତିତ୍ୱ



ନିକୋଲା ଫକ୍ସ

ବୟସ ମାତ୍ର ୮ ମାସ ହୋଇଥିବା ବେଳେ ପିତା ତାଙ୍କୁ ଟେଲିଭିଜନରେ ଚନ୍ଦ୍ରରେ ଆପୋଲୋ ୧୧ର ଅବତରଣ (୨୦ ଜୁଲାଇ ୧୯୬୯) ଦୃଶ୍ୟ ଦେଖାଇଥିଲେ। ପିଲାଟି ବଢ଼ିବା ସହ ପିତା ତାଙ୍କୁ ଗ୍ରହମାନଙ୍କ ଚଳପ୍ରଚଳ, ରାତି ଆକାଶରେ ତାରାଙ୍କୁ ଚିହ୍ନାଇବା ଭଳି ବିଜ୍ଞାନ ବିଷୟବସ୍ତୁ ପ୍ରତି ଆଗ୍ରହ ସୃଷ୍ଟି କରାଇବାରେ ଉତ୍ସାହିତ କରିଥିଲେ। ଫଳରେ ସେହି କୁନିପିଲା ବିଜ୍ଞାନ ପ୍ରତି ଆକର୍ଷିତ ହୋଇ ଏବେ ନାସା (ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ)ର ପ୍ରଥମ ମହିଳା ଭାବେ ବିଜ୍ଞାନ ମୁଖ୍ୟ ହେବାର ଗୌରବ ଅର୍ଜନ କରିଛନ୍ତି। ନିକୋଲା ଫକ୍ସ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିବା ପରେ ବିଶ୍ୱ ସ୍ତରର ବୈଜ୍ଞାନିକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ନିକୋଲା ଇଂଲଣ୍ଡର ହିଟ୍‌ଚିନ୍‌ଠାରେ ଜନ୍ମଗ୍ରହଣ କରିଥିଲେ। ଲେଟ୍‌ଚୱର୍ଥ ଗାର୍ଡେନ୍ ସିଟିସ୍ଥିତି ସେଣ୍ଟ ଫ୍ରାନ୍ସିସ୍ କଲେଜରେ ପାଠ ପଢ଼ିଥିଲେ। ବାଳିକା ଶିକ୍ଷାନୁଷ୍ଠାନରେ ପଢୁଥିବା ବେଳେ ସେ ଏକମାତ୍ର ଝିଅ ଭାବେ ସର୍ବଦା ବିଜ୍ଞାନ ଶ୍ରେଣୀକୁ ନିୟମିତ ଯାଉଥିବା ଦେଖାଯାଇଥିଲା। ୧୯୯୦ରେ ସେ ଇମ୍ପେରିଆଲ୍ କଲେଜ ଲଣ୍ଡନରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପରେ ୟୁନିଭର୍ସିଟି ଅଫ୍ ସୁରେୟରୁ ଟେଲିକମ୍ୟୁନିକେଶନ୍ସ ଆଣ୍ଡ୍ ସାଟେଲାଇଟ୍ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ହେଲେ ସେ ଡକ୍ଟରେଟ୍ କରିବା ଲାଗି ଇମ୍ପେରିଆଲ୍ କଲେଜ ଲଣ୍ଡନକୁ ଫେରିଥିଲେ। ସେହିଠାରେ ନିକୋଲା ଇମ୍ପେରିଆଲ୍ କଲେଜ ୟୁନିୟନ୍ସ ୱିମେନ୍ସ ଅଫିସର ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ୧୯୯୫ରେ ସେ ସ୍ପେସ୍ ଆଣ୍ଡ୍ ଆଟମୋସ୍ଫିୟରିକ୍ ଫିଜିକ୍ସ ଉପରେ ଗବେଷଣା କରି ପିଏଚ୍.ଡି. ଡିଗ୍ରୀ ଅର୍ଜନ କରିଥିଲେ। ତାଙ୍କ ସନ୍ଦର୍ଭ ଜିଓମାଗ୍ନେଟିକ୍ ଷ୍ଟର୍ମସ ଉପରେ ପର୍ଯ୍ୟବସିତ ହୋଇଥିବାରୁ ତାହା ବରିଷ୍ଠ ବୈଜ୍ଞାନିକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ନାସାର ମହାକାଶ ଗବେଷଣା ଲାବରୋଟେରି ଗୋଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟରରେ ନିକୋଲା ଆମେରିକା ରିସର୍ଚ୍ଚ କାଉନ୍‌ସିଲ ପୋଷ୍ଟଡକ୍ଟରାଲ ଫେଲୋ ଭାବେ ଯୋଗଦେଇଥିଲେ। ନାସାରେ କାର୍ଯ୍ୟ କରୁଥିବା ଆର୍ଜେଣ୍ଟିନାର ଆଷ୍ଟ୍ରୋଫିଜିସିଷ୍ଟ ମାରିଓ ଆକୁନାଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରିଚାଲିଲେ। ଗୋଡାର୍ଡରେ ସୂର୍ଯ୍ୟ–ପୃଥିବୀ ସଂଯୋଗ ସମ୍ବନ୍ଧରେ ସେ ଗଭୀର ଅନୁଧ୍ୟାନ କରିବା ସହ ମହାକାଶ ପାଣିପାଗ ଉପରେ ଉଚ୍ଚତର ଗବେଷଣା କରିଥିଲେ। ଫଳରେ ତାଙ୍କୁ ବିଭିନ୍ନ ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ କାର୍ଯ୍ୟ କରିବା ଲାଗି ଡାକରା ମିଳିଥିଲା। ହେଲେ ସେ ୧୯୯୮ରେ ଜନ୍ ହପ୍‌କିନ୍ସ ୟୁନିଭର୍ସିଟି ଆପ୍ଲାଏଡ୍ ଫିଜିକ୍ସ ଲାବରୋଟେରିରେ ଯୋଗ ଦେଇଥିଲେ। ସେଠାରେ ସେ ଇଣ୍ଟରନ୍ୟାଶନାଲ ସୋଲାର–ଟେରେଷ୍ଟ୍ରିଆଲ୍ ଫିଜିକ୍ସ ସାଇନ୍ସ ଇନିସିଏଟିଭ୍‌ର ସାଇନ୍ସ ଆଣ୍ଡ୍ ଅପରେଶନ୍ସ କୋଅର୍ଡିନେଟର ଦାୟିତ୍ୱ ଗ୍ରହଣ କରିଥିଲେ। ସୋଲାର ସିଷ୍ଟମ୍ ପ୍ଲାଜ୍‌ମା ଫିଜିକ୍ସ ଆଣ୍ଡ୍ ଡାଟା ଆନାଲିସିସ୍ ଉପରେ ଅଧିକ ଗବେଷଣା କରିବା ପରେ ନିକୋଲା ନାସା ପୋଲାର ସ୍ପେସ୍‌କ୍ରାଫ୍ଟରେ କାର୍ଯ୍ୟ କରିବା ସକାଶେ ସୁଯୋଗ ପାଇଲେ। ୨୦୦୮ରେ ସେ ନାସାର ଭାନ୍ ଆଲେନ୍ ପ୍ରୋବ୍ ମିଶନ୍‌ର ଡେପୁଟି ପ୍ରୋଜେକ୍ଟ ସାଇଣ୍ଟିଷ୍ଟ ହୋଇଥିଲେ। ୨୦୧୭ରେ ବିଭିନ୍ନ ଉପଗ୍ରହ କାର୍ଯ୍ୟକ୍ରମରେ ଦିଆଯାଇଥିବା ଟେକ୍ନୋଲୋଜି, ଏଣ୍ଟରଟେନ୍‌ମେଣ୍ଟ ଆଣ୍ଡ୍ ଡିଜାଇନ୍ (ଟେଡ୍) ଟକ୍‌କୁ ଜନସାଧାରଣଙ୍କୁ ଜଣାଇବା ଉଦ୍ଦେଶ୍ୟରେ 'ଟଚିଂ ଦି ସନ୍' ପ୍ରଦାନ କରି ନିକୋଲା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଭଳି ସଫଳତା ତାଙ୍କୁ ୨୦୧୮ ସେପ୍ଟେମ୍ବରରେ ନାସା ମୁଖ୍ୟାଳୟରେ ଅବସ୍ଥାପିତ ହେବାରେ ସହାୟକ ହୋଇଥିଲା। ସେଠାରେ ସେ ହେଲିଓଫିଜିକ୍ସ ସାଇନ୍ସ ଡିଭିଜନରେ ନିଯୁକ୍ତି ପାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଡିଭିଜନ ସୂର୍ଯ୍ୟ ଓ ରୋବୋଟିକ୍ସ ମିଶନ୍ ଏବଂ ଉପଗ୍ରହଗୁଡ଼ିକ ସଂକ୍ରାନ୍ତରେ ମହାକାଶ ଘଟଣାବଳୀ ଉପରେ ଅନବରତ କାର୍ଯ୍ୟ କରିଆସୁଛି। ନିଜ କାର୍ଯ୍ୟରେ ଏକାଗ୍ରତା ରଖି ଉପରକୁ ଉଠିବାରେ ଏହି ମହିଳା ନାସା ପାଇଁ ସମ୍ପତ୍ତି ବୋଲି ବିବେଚିତ ହେବା ପରେ କର୍ତ୍ତୃପକ୍ଷ ନିକୋଲାଙ୍କୁ ୨୭ ଫେବୃୟାରୀ ୨୦୨୩ରେ ନାସାର ସିଇନ୍ସ ମିଶନ ଡାଇରେକ୍ଟୋରେଟ୍‌ର ଆସୋସିଏଟେଡ୍ ଆଡ୍‌ମିନିଷ୍ଟ୍ରେଟର ଭାବେ ନିଯୁକ୍ତି ଦେଇଛନ୍ତି। ଏଥିସହିତ ସେ ଜିଓଫିଜିକାଲ ରିସର୍ଚ୍ଚ ଲେଟର୍ସ ଆଣ୍ଡ୍ ଜର୍ନାଲ ଅଫ୍ ଆଟ୍‌ମୋସ୍ଫିୟରିକ୍ ଆଣ୍ଡ୍ ସୋଲାର ଟେରେଷ୍ଟିଆଲ୍ ଫିଜିକ୍ସର ସହଯୋଗୀ ସମ୍ପାଦକ ରୂପେ ଦାୟିତ୍ୱ ତୁଲାଉଛନ୍ତି। ନିକୋଲା 'ଦି ପ୍ଲାନେଟୋରି ସୋସାଇଟି'ର ବିଶେଷଜ୍ଞ ଭାବେ ମଧ୍ୟ ଜଣାଶୁଣା।

ମହାକାଶ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନକୋଲାଙ୍କୁ ବହୁ ଅନ୍ତର୍ଜାତୀୟ ପୁରସ୍କାର ମିଳିଛି। ସେଥିମଧ୍ୟରେ ରହିଛି– ୟୁରୋପିଆନ୍ ଜିଓସାଇନ୍‌ସେସ୍ ୟୁନିୟନ୍ ୟଙ୍ଗ୍ ସାଇଣ୍ଟିଷ୍ଟସ୍ ଆୱାର୍ଡ, ଇଣ୍ଟରନ୍ୟାଶନାଲ ସୋଲାର–ଟେରେଷ୍ଟ୍ରିଆଲ୍ ଫିଜିକ୍ସ ସାଇନ୍ସ ଇନିସିଏଟିଭ୍ ଆଉଟ୍‌ଷ୍ଟାଣ୍ଡିଂ ପର୍ଫମାନ୍ସ ଆୱାର୍ଡ, ନାସା ଗ୍ରୁପ୍ ଏଚିଭ୍‌ମେଣ୍ଟ ଆୱାର୍ଡ। ନିକୋଲା ଫକ୍ସଙ୍କ ବ୍ୟକ୍ତିଗତ ଜୀବନ ସ୍ୱାମୀ ଓ ଦୁଇ ସନ୍ତାନକୁ ନେଇ ଗତିଶୀଳ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମହାରାଷ୍ଟ୍ର ନାସିକ ଜିଲା କୋର୍ଟର ଏକ ନିଆରା ନିଷ୍ପତ୍ତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଆକ୍ରମଣ ପାଇଁ ଜଣେ ବ୍ୟକ୍ତିଙ୍କୁ ଜେଲକୁ ପଠାଇବା ପରିବର୍ତ୍ତେ କୋର୍ଟ ଏକ ନିଆରା ଦଣ୍ଡାଦେଶ କରିଛନ୍ତି, ଯାହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଆକ୍ରମଣରେ ଦୋଷୀ ସାବ୍ୟସ୍ତ ହୋଇଥିବା ଯୁବକ ରଉଫ ଖାନ୍‌ଙ୍କୁ ୨୧ ଦିନ ପାଇଁ ପ୍ରତିଦିନ ଦୁଇଟି ଗଛ ଲଗାଇବା ଏବଂ ଦିନକୁ ପାଞ୍ଚଥର ନମାଜ ପାଠ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୦ରେ ଏକ ସଡ଼କ ଦୁର୍ଘଟଣା ପରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରି ଗୁରୁତର ଆହତ କରିଥିବା ଅଭିଯୋଗରେ ୩୦ ବର୍ଷୀୟ ରଉଫଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଦୀର୍ଘଦିନ ବିଚାର ପରେ ଏହି ମାମଲାରେ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ମାଜିଷ୍ଟ୍ରେଟ ତେଜୱନ୍ତ ସିଂ ସାନ୍ଧୁ ଫେବୃୟାରୀ ୨୭ରେ ଦଣ୍ଡାଦେଶ ଶୁଣାଇଥିଲେ। ଏଣୁ ଫେବୟାରୀ ୨୮ରୁ ୨୧ ଦିନ ପାଇଁ ଦିନକୁ ପାଞ୍ଚଥର ନମାଜ ପାଠ କରିବା ସହ ସୋନାପୁରା ମସଜିଦ ପରିସରରେ ଦୁଇଟି ଗଛ ଲଗାଇବା ଆରମ୍ଭ କରିଛନ୍ତି। କେବଳ ଏତିକି ନୁହେଁ ସେ ଯେଉଁ ଗଛ ଲଗାଇବେ ତାହା ଯତ୍ନ ମଧ୍ୟ ନେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଆଇପିସିର ଧାରା ୩୨୩ ଅନୁଯାୟୀ ଖାନ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଅନ୍ୟ ଦୋଷରୁ ମୁକ୍ତ କରିଥିଲେ। କୋର୍ଟ କହିଛନ୍ତି ଯେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଯେପରି ଏହାର ପୁନରାବୃତ୍ତି ନ କରନ୍ତି ତାହା ଗୁରୁତ୍ୱପୂର୍ଣ୍ଣ।

## ୨୫ ବର୍ଷ ତଳର ଧରିତ୍ରୀ

୫ ମାର୍ଚ୍ଚ ୧୯୯୮

- ବାଂଲାଦେଶରେ ଶାସକ ଆୱାମୀ ଲିଗ୍ ଓ ମୁଖ୍ୟ ବିରୋଧୀ ଦଳ ବି.ଏନ୍.ପି. ମଧ୍ୟରେ ଏକ ନୂତନ ରାଜନୈତିକ ରାଜିନାମା ସ୍ୱାକ୍ଷରିତ।
- ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ କୌଣସି ଗୋଟିଏ ଦଳକୁ ସରକାର ଗଠନ ସକାଶେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ମିଳି ନ ଥିବା ପରିପ୍ରେକ୍ଷୀରେ ନୈତିକ ଦାୟିତ୍ୱ ନିଜ ଉପରକୁ ନେଇ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ଇସ୍ତଫା ପ୍ରଦାନ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | |
| 6 | | 5 | | | 8 | 4 | | |
| | | | 2 | | 4 | 5 | | |
| | 7 | | | | 5 | | | 2 |
| | | | | 3 | | | 8 | 7 |
| | 1 | | | | 9 | | | |
| | 3 | 9 | 4 | | | | | |
| 2 | | 7 | | | | | | 4 |
| | | | 6 | | | | | 5 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 9 | 6 | 4 | 1 | 8 | 2 | 3 |
| 4 | 2 | 1 | 5 | 8 | 3 | 9 | 7 | 6 |
| 3 | 6 | 8 | 7 | 9 | 2 | 1 | 4 | 5 |
| 5 | 8 | 7 | 1 | 3 | 4 | 6 | 9 | 2 |
| 1 | 3 | 6 | 2 | 5 | 9 | 7 | 8 | 4 |
| 9 | 4 | 2 | 8 | 6 | 7 | 3 | 5 | 1 |
| 2 | 1 | 5 | 3 | 7 | 8 | 4 | 6 | 9 |
| 6 | 7 | 4 | 9 | 1 | 5 | 2 | 3 | 8 |
| 8 | 9 | 3 | 4 | 2 | 6 | 5 | 1 | 7 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ବଞ୍ଚାଅ

ମହାଶୟ,

ଜଳ ବିହୁନେ ସର୍ବନାଶ, ଜଳ ବହୁଳେ ସର୍ବନାଶ– ଅର୍ଥାତ୍ ଜଳ ଅଧିକ ହେଲେ ଭୂପୃଷ୍ଠ ସର୍ବନାଶ ହୁଏ ଓ ସେହିପରି ଜଳର ଅଭାବରେ ସମାନ ଅବସ୍ଥା ଦେଖିବାକୁ ମିଳେ। ଲେଖିବାର ତାତ୍ପର୍ଯ୍ୟ ଯେ, ଦିନକୁ ଦିନ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି ଓ ଜଳ ସଙ୍କଟ ବଢ଼ିଚାଲିଛି। ଏହା ପାଇଁ ଦାୟୀ ଆମେ। କାରଣ ଏହାକୁ ନିୟନ୍ତ୍ରଣ କରିବାର ବିଚାର ଶକ୍ତି ଆମ ପାଖରେ ଅଛି ହେଲେ ଆଜିର ଦୁନିଆରେ ମଣିଷ ଏମିତି ପରିବର୍ତ୍ତନ ହୋଇଛି ଯେ, ସେ କେବଳ ସ୍ୱାର୍ଥବାଦୀ ହେବାରେ ଲାଗିଛି। ଅତ୍ୟଧିକ ଜଳ ନଷ୍ଟ କରାଯାଉଛି ଓ ଜଳ ଉତ୍ସକୁ ପ୍ରଦୂଷିତ କରିବାରେ ଲାଗିଛନ୍ତି ସମସ୍ତେ। ସ୍ମରଣ କରିବା ଉଚିତ ଯେ, ଜଳର ଅନ୍ୟ ନାମ ଜୀବନ। ଏହା ପଶୁପକ୍ଷୀଠାରୁ ଆରମ୍ଭକରି ମାନବ ସମସ୍ତଙ୍କୁ ଜୀବନ ପ୍ରଦାନ କରିଥାଏ। କିନ୍ତୁ ହେ ମାନବ! ଜଳ ସଙ୍କଟ ସୃଷ୍ଟି କରିବାରେ ଆମେ କେବଳ ଦାୟୀ। ଆମେ ସମସ୍ତେ ଯଦି ଜଳ ସଂରକ୍ଷଣ ପାଇଁ ସଂଘର୍ଷ ଜାରି ରଖିବା ତେବେ ଜଳକୁ ବଞ୍ଚାଇ ପାରିବା। ଆଜିର ଯୁବଗୋଷ୍ଠୀ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ନେଇପାରିବେ।

– ଆଲୋକ ଜେନା, ଅର୍ଥନୀତି ବିଭାଗ ଛାତ୍ର, ଦ୍ୱିତୀୟ ବର୍ଷ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

## ଚିରନ୍ତନୀ

ଧରାର କେଉଁ ଅତଳ ତଳୁଁ
ଉଠିଲା ଭେଦି ବିଶ୍ୱମରୁ
ସକଳ ପଥେ ସକଳ ଘାଟେ
ଚକିତ କଲା ବାଜି,
ଶବଦ ନବ ଉଠିଲା କାହୁଁ ରାଜି।
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆକ୍ସିସ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ: ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ନୂତନ ପାଣ୍ଠି ଅଫର ଆକ୍ସିସ ନିଫ୍ଟି ଜି-ସେକ ସେପ୍ଟେମ୍ବର ୨୦୩୨ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କରାଯାଇଛି। ଏହା ସୂଚକାଙ୍କର ଉପାଂଶ କମ୍ପାନୀରେ ନିବେଶ କରୁଥିବା ଏକ ଅସୀମିତ ଲକ୍ଷ୍ୟ ପରିପକ୍ୱତା ଋଣ ସୂଚକାଙ୍କ ପାଣ୍ଠି । ଏହାର ସର୍ବନିମ୍ନ ନିବେଶ ପରିମାଣ ୫୦୦୦ଟଙ୍କା ହେବ ଏବଂ ତା'ପରେ ୧ଟଙ୍କାର ଗୁଣିତକ ହିସାବରେ ରହିବ । ଏହି ନୂତନ ପାଣ୍ଠି ଅଫର (ଏନ୍ଏଫ୍ଓ) ୨୦୨୩ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ସଦସ୍ୟତା ପାଇଁ ଖୋଲିବ। ଏ ସମ୍ପର୍କରେ ଆକ୍ସିସ ଏଏମ୍ସିର ଏମ୍‌ଡି ଏବଂ ସିଇଓ ଚନ୍ଦ୍ରଶେ ନିଗମ କହିଥିଲେ,ବର୍ତ୍ତମାନ ଅମଳ ବକ୍ରମଧମରୁ ଦୀର୍ଘ ମିଆଦୀ ପୁଞ୍ଜିନିବେଶ ଦିଗ୍‌ବଳୟ ସହ ନିବେଶକଙ୍କୁ ଭୌତିକ ଅଗ୍ରଗତି ପ୍ରଦାନ କରିଥାଏ।

# 'ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରକୁ ଗୁରୁତ୍ୱାରୋପ'

ଭୁବନେଶ୍ୱର,୪।୩




ଇଣ୍ଡିଆନ ଚ୍ୟାମ୍ବର ଅଫ୍ କମର୍ସ (ଆଇସିସି) ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା (ଏସ୍‌ପିସିବିଓ)ର ମିଳିତ ସହଯୋଗରେ 'ସର୍କୁଲାର ଇକୋନୋମି' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଦିନିକିଆ ଜାତୀୟସ୍ତରୀୟ କର୍ମଶାଳା ସ୍ଥାନୀୟ ଜୟଦେବ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଉକ୍ତ କର୍ମଶାଳାରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ, ସ୍ଥିରତା ଏବଂ ନେଟର ଶୂନ ହାସଲ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପିସିବିଓର ସଦସ୍ୟ ତଥା ସଚିବ କେ.ମୁରୁଗେସନ,ଇପିକଲର କାର୍ଯ୍ୟକାରୀ ନିର୍ଦ୍ଦେଶକ କଲ୍ୟାଣ ଚରଣ ମହାନ୍ତି ଏବଂ ଆଞ୍ଚଳିକ ମୁଖ୍ୟ ଓଡ଼ିଶା କାଉନସିଲ ଆଇସିସି ଜେ.ପି.ପାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅପରପକ୍ଷରେ ଆଇସିସି ଚେୟାରମ୍ୟାନ୍ ଜେ.ବି.ପାଣିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ମନ୍ତ୍ରୀ କହିଥିଲେ, ପରିବେଶର ସୁରକ୍ଷା ଆମ ଉପରେ ନିର୍ଭର କରିଥାଏ। ଏପରିକି ପରିବେଶ ସୁରକ୍ଷା ନିମନ୍ତେ ପ୍ରଭାବଶାଳୀ ଖଣିଜ ଫ୍ରେମ୍ ପାଇଁ ଆବଶ୍ୟକ ପଦକ୍ଷେପ ମଧ୍ୟ ନିଆଯାଉଛି। ସେହିଭଳି ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରକୁ ଆମ୍ଭେମାନେ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବା ଆବଶ୍ୟକ ରହିଛି ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ସେହିପରି କେ. ମୁରୁଗେସନ କହିଥିଲେ, ଓଡ଼ିଶା ଏକ ଖଣି ଏବଂ ଖଣିଜ ଭିତ୍ତିକ ଅର୍ଥନୀତିର ନୀତିକୁ ବ୍ୟବହାର କରିବାକୁ ଯଥେଷ୍ଟ ସମ୍ଭାବନା ରହିଛି। ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ର ଖୋଲିବାକୁ ରାଜ୍ୟ ବର୍ତ୍ତମାନ ପଦକ୍ଷେପ ନେଇଛି। ଶିଳ୍ପନୀତିରେ ବର୍ଜ୍ୟବସ୍ତୁ ପୁନରୁଦ୍ଧାର ଏବଂ ପୁନଃ ବ୍ୟବହାର ପାଇଁ ଅନେକ ପ୍ରୋତ୍ସାହନ ମଧ୍ୟ ଦିଆଯାଇଛି ବୋଲି ମୁରୁଗେସନ କହିଛନ୍ତି। ଅପରପକ୍ଷରେ ପଙ୍କଜ ସତିଜା କହିଥିଲେ, ଆମ୍ଭେ ସମସ୍ତେ ପୃଥିବୀ କୋଳରେ ବଞ୍ଚୁଛୁ ଏବଂ ପରିବେଶର ଯତ୍ନ ନେବା ଜଣେ ବ୍ୟକ୍ତି ତଥା ସମାଜ ଭାବେ ଆମର ଦାୟିତ୍ୱ ଏବଂ ଏହାର ରକ୍ଷା କରିବା ଆମର କର୍ତ୍ତବ୍ୟ। ଉଲ୍ଲେଖଯୋଗ୍ୟ ଉକ୍ତ କର୍ମଶାଳାର ୨ୟ ୩ୟ ଅଧିବେଶନରେ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇ ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ ପରିଚାଳନା ସମସ୍ୟା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଦକ୍ଷ ଜ୍ଞାନକୌଶଳର ସମାଧାନ ଉପରେ ଆଲୋଚନା କରିଥିଲେ।

## ଫେବୃୟାରୀରେ ୩.୯୪ ଲକ୍ଷ ଯାନ ବିକ୍ରି

ନୂଆଦିଲ୍ଲୀ,୪।୩

ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟାକର୍ପ ଚଳିତ ବର୍ଷ ଫେବୃୟାରୀରେ ପ୍ରାୟ ୩.୯୪ ଲକ୍ଷ ୟୁନିଟ ଯାନ ବିକ୍ରି କରିଛି । ଏପରିକି ଗତ ବର୍ଷର ସମାନ ଅବଧି ତୁଳନାରେ କମ୍ପାନୀ ପ୍ରାୟ ୧୦% ଅଭିବୃଦ୍ଧି ହାସଲ କରିବାରେ ସକ୍ଷମ ହୋଇଛି । ଗତ ବର୍ଷ ଫେବୃୟାରୀରେ କମ୍ପାନି ୩.୮୫ ୟୁନିଟ ଯାନ ବିକ୍ରି କରିଥିଲା । ସେହିଭଳି ନିକଟରେ କମ୍ପାନି ଏକ୍ସପଲ୍‌ସ ୨୦୦ଟି ୪ ଭି ଉନ୍ମୋଚନ କରିଥିଲା । କମ୍ପାନି ଅନୁଷ୍କା ଶର୍ମା ଏବଂ ବିରାଟ କୋହଲିଙ୍କୁ ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତ କରିଛି। ନୂଆ କ୍ୟାମ୍ପେନରେ କମ୍ପାନି ମହିଳାଙ୍କ ଯୋଗଦାନକୁ ସମ୍ମାନ ଜଣାଇଛି । ହିରୋ ପକ୍ଷରୁ ଭିଦା ବାଙ୍ଗାଲୋର, ଦିଲ୍ଲୀ ଏବଂ ଜୟପୁର ଭଳି ସହରରେ ପବ୍ଲିକ ଚାର୍ଜିଂ ଭିତ୍ତିଭୂମି ସହ ୫୦ ସ୍ଥାନରେ ୩୦୦ ଚାର୍ଜିଂ ପଏଣ୍ଟ ବ୍ୟବସ୍ଥା କରାଯାଇଛି । ଉଭୟ ଡିସି ଏବଂ ଏସି ଚାର୍ଜିଂ ସକେଟରେ ସ୍କୁଟରଗୁଡ଼ିକୁ ଚାର୍ଜ କରାଯାଇପାରିବ ।

## ଓପିଟିସିଏଲ୍‌କୁ ସିବିଆଇପି ପୁରସ୍କାର



ଭୁବନେଶ୍ୱର,୪।୩

ରାଜ୍ୟର ପ୍ରମୁଖ ସରକାରୀ ଉଦ୍ୟୋଗ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍)ର କାର୍ଯ୍ୟଦକ୍ଷତାକୁ ଜାତୀୟ ସ୍ତରରେ ସ୍ୱୀକୃତି ସାଙ୍ଗକୁ ସମ୍ମାନ ଦିଆଯାଇଛି। ଦେଶରେ ଶକ୍ତି କ୍ଷେତ୍ରରେ ସଫଳ ବିଦ୍ୟୁତ୍ ଶକ୍ତି ସଞ୍ଚାରଣ କମ୍ପାନୀ ଭାବେ ଓପିଟିସିଏଲ୍‌କୁ ଆଉ ଏକ ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ଜଳସେଚନ ଏବଂ ଶକ୍ତି ବୋର୍ଡ (ସିବିଆଇପି) ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ପ୍ରତିଷ୍ଠା ଉତ୍ସବ ଅବସରରେ ଓପିଟିସିଏଲ୍ ବର୍ଷ ୨୦୨୩ ପାଇଁ ସିବିଆଇପି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଶକ୍ତିମନ୍ତ୍ରୀ ଆର୍.କେ. ସିଂଙ୍କଠାରୁ ଓପିଟିସିଏଲ୍‌ର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି ।ସେହିଭଳି ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ସାଙ୍ଗକୁ ସର୍ବାଧିକ ସରବରାହ ଉପଲବ୍ଧତା, ଅତି କମ୍ ସରବରାହ କ୍ଷତି ଏବଂ ବାତ୍ୟା ପରବର୍ତ୍ତୀ ବିଦ୍ୟୁତ୍ ବ୍ୟବସ୍ଥାର ସଫଳ ପୁନରୁଦ୍ଧାର ଏବଂ ଉତ୍କୃଷ୍ଟ ବିଦ୍ୟୁତ୍ ସୁରକ୍ଷା ବ୍ୟବସ୍ଥା ଭଳି କିଛି ମାନଦଣ୍ଡ ବିଚାରକୁ ନେଇ ଓପିଟିସିଏଲ୍‌କୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ମିଶ୍ର କହିଛନ୍ତି, ଓପିଟିସିଏଲ୍‌ର ସମସ୍ତ କର୍ମଚାରୀଙ୍କ ନିଷ୍ଠାପରତା ଏବଂ ରାଜ୍ୟ ସରକାରଙ୍କଠାରୁ ମିଳିଥିବା ପ୍ରଶାସନିକ ସହଯୋଗ ପାଇଁ ଏହା ସମ୍ଭବ ହୋଇପାରିଛି। ବିଶେଷକରି ଓପିଟିସିଏଲ୍‌ର ପରିବାର ଏକତା ପାଇଁ ନିଗମକୁ ଉକ୍ତ ସମ୍ମାନ ମିଳିପାରିଛି ବୋଲି ମିଶ୍ର ପ୍ରକାଶ କରିଛନ୍ତି।

# 'ଯୋଗ୍ୟତାକୁ ଦେଇଥାଏ ସ୍ୱୀକୃତି'

ଭୁବନେଶ୍ୱର,୪।୩

ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ରାଷ୍ଟ୍ରୀୟ ସୁରକ୍ଷା ଦିବସ ଅବସରରେ ୭ଜଣ ୩ୟ ଲିଙ୍ଗ ପେସାଦାରଙ୍କୁ ନିଯୁକ୍ତି ଦିଆଯାଉଛି। ବିଶେଷକରି କମ୍ପାନୀର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ାଠାରେ ଥିବା ବିଶ୍ୱର ସର୍ବବୃହତ୍ ସ୍ମେଲ୍‌ଟର ପ୍ଲାଣ୍ଟରେ ଉକ୍ତ ୭ ଜଣ ତୃତୀୟ ଲିଙ୍ଗ ପେସାଦାରଙ୍କୁ କ୍ୟାମ୍ପସର ସୁରକ୍ଷା କାର୍ଯ୍ୟ ପାଇଁ ନିଯୁକ୍ତ କରାଯାଇଛି। ଏପରିକି ସେମାନେ ଦିନରାତି କମ୍ପାନୀର ସମ୍ପତ୍ତି ଓ ଲୋକବଳଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବେ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଉଛି। ସେହିଭଳି ବେଦାନ୍ତ ଆଲୁମିନିୟମରେ ଏଲ୍‌ଜିବିଟିକ୍ୟୁଆଇଏ+ ପେସାଦାରଙ୍କର ଏହା ୨ୟ ନିଯୁକ୍ତି ବୋଲି କୁହାଯାଉଛି। ଏହା ପୂର୍ବରୁ ଛତିଶଗଡ଼ରେ ବେଦାନ୍ତର ସହାୟକ କମ୍ପାନୀ ବାଲ୍‌କୋଠାରେ ମଧ୍ୟ ୭ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ବିଶେଷକରି ଗତ ବର୍ଷ କମ୍ପାନୀ ଏଲ୍‌ଜିବିଟିକ୍ୟୁଆଇଏ+ ପ୍ରତିଭା ପୁଲ୍‌ରେ ଏହାର ନିଯୁକ୍ତି ଆଭିମୁଖ୍ୟକୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଥିଲା, ଯେଉଁମାନେ ଏପର୍ଯ୍ୟନ୍ତ ମୁଖ୍ୟ ସ୍ରୋତ ଏବଂ କର୍ପୋରେଟ୍ ଜଗତରେ ଗ୍ରହଣୀୟ ହୋଇନାହାନ୍ତି। କମ୍ପାନୀ ସେମାନଙ୍କୁ ନିଯୁକ୍ତି ଦେଇଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ (ଝାରସୁଗୁଡ଼ା)ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ବିବିଧତା ପାଇଁ ଆମର ଏକ ଅନ୍ତର୍ନିହିତ ଆଭିମୁଖ୍ୟ ରହିଛି, ଯାହା ଯୋଗ୍ୟତାକୁ ସ୍ୱୀକୃତି ଦେଇଥାଏ ଏବଂ ସମାନ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବା ଦିଗରେ ବ୍ୟାପକ ପ୍ରୟାସ କରାଯାଉଛି। ଏପରିକି ଆମର କର୍ମଚାରୀଙ୍କ ଆଧାରରେ ବିବିଧତାକୁ ଆହୁରି ବୃଦ୍ଧି କରିବାକୁ ଆମର ଯୋଜନା ରହିଛି। ତେଣୁ ଆମର ବ୍ୟବସାୟକୁ ଆଗକୁ ନେବା ପାଇଁ ମାନବ ପୁଞ୍ଜିର ପୂର୍ଣ୍ଣ ସମ୍ଭାବନାକୁ ବ୍ୟବହାର କରିପାରିବା ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଚିକିତ୍ସା କ୍ଷେତ୍ରରେ ପରିବର୍ତ୍ତନ ଆସିଛି

ନୂଆଦିଲ୍ଲୀ,୪।୩



ପତଞ୍ଜଳି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ପକ୍ଷରୁ ଏକ ୩ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ହରିଦ୍ୱାର ଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି 'ପ୍ଲାଣ୍ଟ ଟୁ ପେସେଣ୍ଟ,ରିଥିଙ୍କିଂ ଏଥେନୋଫାର୍ମାକୋଲୋଜି' ଶୀର୍ଷକ ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସ୍ୱାମୀ ରାମଦେବ କହିଛନ୍ତି, ଗତ ୧୦୦ ବର୍ଷ ହେବ ଏଲୋପାଥିର ଉପସ୍ଥିତି ବଜାୟ ରହିଛି, ତେବେ ଆୟୁର୍ବେଦ କ୍ଷେତ୍ରରେ ବିଭିନ୍ନ ଗବେଷଣା ସହ ଆମେ ମାନବ ସମାଜର ହିତକୁ ଧ୍ୟାନରେ ରଖି ଔଷଧ ପ୍ରସ୍ତୁତ କରୁଛୁ। ଏପରିକି ମେଡିସିନ୍ କ୍ଷେତ୍ରରେ ବର୍ତ୍ତମାନ ବଡ ପରିବର୍ତ୍ତନ ଆସିଛି। ନୂଆ ଶିକ୍ଷା ଏବଂ ପ୍ରୟୋଗ ଦ୍ୱାରା ପତଞ୍ଜଳି ଏ କ୍ଷେତ୍ରରେ ମଧ୍ୟ ଏକ ନୂଆ ଧାରା ସୃଷ୍ଟି କରିଛି । ପତଞ୍ଜଳି ଆୟୁର୍ବେଦ କଲେଜ ଦ୍ୱାରା ନୂଆ ଡାକ୍ତରଙ୍କ ପ୍ରସ୍ତୁତ କରାଯାଉଛି। ସେହିଭଳି ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି, ବର୍ତ୍ତମାନ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପତଞ୍ଜଳିର ଯୋଗଦାନକୁ ସାରା ବିଶ୍ୱ ଦେଖୁଛି। ବିଶେଷ କରି ବୈଦିକ ପଦ୍ଧତିକୁ ଉପଯୋଗ କରି ସହଭାଗିତା ଦ୍ୱାରା କିଛି ଯୋଗଦାନ ରଖିବା ଉପରେ ପତଞ୍ଜଳି କାମ କରୁଛି। ସେହିପରି ପତଞ୍ଜଳି ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ମୁଖ୍ୟ ବୈଜ୍ଞାନିକ ଡ. ଅନୁରାଗ ଭାର୍ସନେ କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ଆୟୁର୍ବେଦ କ୍ଷେତ୍ରକୁ ଆଗକୁ ବଢ଼ାଇବା ଦିଗରେ ସହାୟକ ହେବ । ଏହି ପରିପ୍ରେକ୍ଷୀରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବହୁ ଜଣାଶୁଣା ବିଶେଷଜ୍ଞମାନେ ଯୋଗଦେଇ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଉକ୍ତ କର୍ମଶାଳାରେ ବହୁ ଗବେଷକ, ଶିକ୍ଷାବିତ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# 'କେୟାର କନେକ୍ଟ ପ୍ରୋଗ୍ରାମ'

ଭୁବନେଶ୍ୱର,୪।୩

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ କେୟାର ହସ୍ପିଟାଲ ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'କେୟାର କନେକ୍ଟ ପ୍ରୋଗ୍ରାମ'ର ଆୟୋଜନ କରାଯାଇଥିଲା। ବିଶେଷ କରି ହାର୍ଟ ସର୍ଜରି ହୋଇଥିବା ଶିଶୁ ଓ ତାଙ୍କ ଅଭିଭାବକମାନେ ଡାକ୍ତରଙ୍କ ସହ ଚିକିତ୍ସା ପରବର୍ତ୍ତୀ ଯତ୍ନ,ଜୀବନଶୈଳୀ, ଖାଦ୍ୟପେୟ ଏବଂ ଅନ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ଅନେକ ରୋଗୀ ଓ ଅଭିଭାବକ ଯୋଗଦେଇଥିଲେ। ଏ ସମ୍ପର୍କରେ କେୟାର ହସ୍ପିଟାଲ ଭୁବନେଶ୍ୱର ଶାଖାର ଏଚ୍‌ସିଓଓ କିଶଲେୟ ଆନନ୍ଦ କହିଛନ୍ତି, ହୃଦ୍‌ରୋଗ ଚିକିତ୍ସାରେ ଭୁବନେଶ୍ୱର କେୟାର ହସ୍ପିଟାଲ ବେଶ୍ ପରିଚିତ ଏବଂ ଏଠାରେ ସମସ୍ତ ପ୍ରକାର ଶିଶୁ ହୃଦ୍‌ରୋଗର ସଫଳ ଚିକିତ୍ସା ଉପଲବ୍ଧ। ସେହିଭଳି ବରିଷ୍ଠ ଶିଶୁ ହୃଦ୍‌ଶଲ୍ୟ ବିଶେଷଜ୍ଞ ଡା. ପ୍ରଶାନ୍ତ ପ୍ରକାଶରାଓ ପାଟିଲ କହିଥିଲେ, ଏଠାରେ ଦକ୍ଷ ଓ ଅଭିଜ୍ଞ ଡାକ୍ତର ଓ ତାଙ୍କ ଟିମ୍ ସମସ୍ତ ପ୍ରକାର ଶିଶୁରୋଗର ସଫଳ ଚିକିତ୍ସା କରୁଛନ୍ତି। ପୂର୍ବରୁ ଉକ୍ତ ଚିକିତ୍ସା ପାଇଁ ଓଡ଼ିଶାରୁ ରୋଗୀମାନେ ବଡ଼ ବଡ଼ ସହରକୁ ଯାଉଥିଲେ, ହେଲେ ବର୍ତ୍ତମାନ ଅନ୍ୟ ରାଜ୍ୟରୁ ରୋଗୀମାନେ ବିଭିନ୍ନ ପ୍ରକାର ହୃଦ୍‌ରୋଗ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି। ଅପରପକ୍ଷରେ କେୟାର ହସ୍ପିଟାଲର ବିଜ୍‌ନେସ୍ ଡେଭଲପମେଣ୍ଟ ବିଭାଗର ମୁଖ୍ୟ ଡା. ଲୋକନାଥ ଦାଶ କହିଛନ୍ତି, ଶିଶୁ ହୃଦ୍‌ରୋଗର ସଫଳ ଚିକିତ୍ସା ପାଇଁ ରାଜ୍ୟ ସରକାର ଦେଶର ୩ଟି ପ୍ରମୁଖ ହସ୍ପିଟାଲ ସହ ଚୁକ୍ତି କରିଥିବା ବେଳେ ରାଜ୍ୟର ଏକମାତ୍ର ହସ୍ପିଟାଲ ଭାବେ କେୟାର ହସ୍ପିଟାଲରେ ଉକ୍ତ ସୁବିଧା ଉପଲବ୍ଧ।

## ଫୁର୍‌ସତ୍



# ଆଲିଆଙ୍କୁ 'ସ୍ପଟଲାଇଟ୍ ଆୱାର୍ଡ'

**ମୁମ୍ବାଇ:** ବମ୍ପର କଲେକସନ ପରେ ଏବେ ଏସଏସ ରାଜମୌଳିଙ୍କ ମୁଭି ଆରଆରଆର ଆୱାର୍ଡସ ପାଇବାରେ ଲାଗିଛି। ହଲିଉଡ କ୍ରିଟିକ୍ସ ଆସୋସିଏଶନର ୨୦୨୩ ବର୍ଷର ଇଭେଣ୍ଟରେ ଏହି ଫିଲ୍ମ ଏକା ସାଙ୍ଗେ ୫ଟି ଆୱାର୍ଡ ନିଜ ନାଁରେ କରିଛି । ଆଲିଆ ଭଟ୍ଟଙ୍କୁ ଫିଲ୍ମ ଆରଆରଆର ପାଇଁ ସ୍ପଟଲାଇଟ ଆୱାର୍ଡରେ ସମ୍ମାନୀତ କରାଯାଇଛି। ସେମିତି ଜୁନିୟର ଏନଟିଆରଙ୍କୁ ବି ସ୍ପଟଲାଇଟ ଆୱାର୍ଡ ମିଳିଛି । ହଲିଉଡ କ୍ରିଟିକ୍ସ ଆସୋସିଏଶନର ଟୁଇଟର ହ୍ୟାଣ୍ଡେଲରୁ ଏହା ଜଣାପଡିଛି। ଅନ୍ୟପଟେ ଆଲିଆ ଓ ଜୁନିୟର ଏନଟିଆରଙ୍କୁ ଏହି ଟ୍ରଫି ପଠାଇବାକୁ ନେଇ ଅପଡେଟ ଦେଇ ଏଚସିଏର ଟୁଇଟର ହ୍ୟାଣ୍ଡେଲରେ ଲେଖାଯାଇଛି, ଆରଆରଆରର ପ୍ରଶଂସକ, ଆମେ ଆପଣଙ୍କ ସହ ଜୁନିୟର ଏନଟିଆର ଓ ଆଲିଆ ଭଟ୍ଟଙ୍କ ସହ ଆୱାର୍ଡ ଶେୟାର କରିବାକୁ ଚାହୁଁଛୁ, ଯାହାକୁ ଆମେ ଆସନ୍ତା ସପ୍ତାହରେ ପଠାଇଦେବୁ। ଆପଣ ସମସ୍ତଙ୍କର ଭଲ ପାଇବା ଓ ସପୋର୍ଟ ପାଇଁ ବହୁତ ବହୁତ ଧନ୍ୟବାଦ& ହଲିଉଡ କ୍ରିଟିକ୍ସ ଆସୋସିଏଶନ। ସୂଚନାଯୋଗ୍ୟ, ଏହି ଫିଲ୍ମର ଗୀତ 'ନାଟୁ-ନାଟୁ' ଓସ୍କାର ୨୦୨୩ରେ ବେଷ୍ଟ ସଙ୍ଗ ପାଇଁ ନୋମିନେଟ ହୋଇଛି। ଏହାର ଫଳାଫଳ ୧୨ ମାର୍ଚ୍ଚରେ ହେବ ଫିଲ୍ମ ଆରଆରଆର ମାର୍ଚ୍ଚ ୨୦୨୨ରେ ରିଲିଜ ହୋଇଥିଲା। ଏଥିରେ ରାମ ଚରଣ ଓ ଜୁନିୟର ଏନଟିଆର ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ଏଥିରେ ଆଲିଆ ଭଟ୍ଟ ରାମ ଚରଣଙ୍କ ପତ୍ନୀ ଭୂମିକାରେ ନଜର ଆସିଥିଲେ। ଏହା ବ୍ୟତୀତ ବଲିଉଡ କଳାକାର ଅଜୟ ଦେବଗନ ଫିଲ୍ମରେ କ୍ୟାମିୟୋ କରିଥିଲେ। ବିଜନେସରେ ଫିଲ୍ମଟି ଅନେକ ରେକର୍ଡ ଭାଙ୍ଗିଛି।

# ର୍‍ୟାମ୍ପରେ ରୋବୋ

ପ୍ୟାରିସ୍



ଫ୍ୟାଶନ୍ ଓ କଳାର ଗ୍ଲୋବାଲ ସେଣ୍ଟର ବୋଲି ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌କୁ କୁହାଯାଏ। ଫ୍ୟାଶନ୍ କ୍ଷେତ୍ରରେ ନିଜ ଉନ୍ନତ ଓ ନୂଆ କୌଶଳ ପାଇଁ ପ୍ୟାରିସ୍ ଜଣାଶୁଣା। ମଡେଲିଂ କ୍ୟାରିୟର ଆରମ୍ଭ କରିବା ପାଇଁ ଅନେକେ ଏହି ସ୍ଥାନକୁ ବାଛିଥାନ୍ତି। ତେବେ ନିକଟରେ ପ୍ୟାରିସ୍‌ରେ ଅନୁଷ୍ଠିତ ହୋଇଥିବା ଫ୍ୟାଶନ୍ ଉଇକ୍‌କୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। କୋପର୍ନି ଫ୍ୟାଶନ୍ ବ୍ରାଣ୍ଡ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରୋବୋଟିକ୍ କମ୍ପାନୀ ବୋଷ୍ଟାନ୍ ଡାଇନାମିକ୍ସର ରୋବୋଟିକ୍ କାନିନ୍‌ସ ଭାଗ ନେଇଛନ୍ତି। ଜଣେ ମଡେଲ୍‌ଙ୍କ ସହ ରୋବୋ ଡଗ୍ ର୍‍ୟାମ୍ପରେ ଚାଲୁଥିବାର ଦେଖିବାକୁ ମିଳିଛି। ତେବେ ମେଡଲିଂ କ୍ଷେତ୍ରରେ ରୋବୋ ବ୍ୟବହାର କରାଯିବା କୌଣସି ନୂଆ କଥା ନୁହେଁ ଏହା ପୂର୍ବରୁ ଅନେକ ଫ୍ୟାଶନ୍ କମ୍ପାନୀ ଏହି ଟେକ୍ନୋଲୋଜିକୁ ବ୍ୟବହାର କରିସାରିଛନ୍ତି। ରୋବୋ ଓ ମଡେଲ ର୍‍ୟାମ୍ପରେ ଚାଲୁଥିବାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଫଟୋକୁ ଦେଖିବା ପରେ ୟୁଜର୍ସମାନଙ୍କ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଭବିଷ୍ୟତରେ ମଣିଷ ମଡେଲ୍‌ଙ୍କ ସ୍ଥାନ ରୋବୋ ନେବାକୁ ଯାଉଥିବା କହି କେତେଜଣ ନାକାରାତ୍ମକ ପ୍ରତିକ୍ରିୟା ଦେଇଥିବାବେଳେ ଆଉ କେତେଜଣ ଫ୍ୟାଶନ୍ କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାରକୁ ପ୍ରଶଂସା କରିଛନ୍ତି।

## ମୋବାଇଲ ପାଇଁ ସ୍ତ୍ରୀ-ସ୍ୱାମୀ ଅଲଗା

**ଗାଜିଆବାଦ୍:** ଅନେକ ଲୋକ ମୋବାଇଲକୁ ଏତେ ଗୁରୁତ୍ୱ ଦିଅନ୍ତି ଯେ, ସେମାନେ ନିଜ ପ୍ରିୟଜନଙ୍କୁ ବି ଭୁଲିଯାଆନ୍ତି। ଯାହାକି ସେମାନଙ୍କ ସମ୍ପର୍କକୁ ପ୍ରଭାବିତ କରିଥାଏ। ଏବେ ସେମିତି ଏକ ଘଟଣା ସାମ୍ନାକୁ ଆସିଛି। ଯେଉଁଠାରେ ସ୍ମାର୍ଟଫୋନ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିଛି। ଗାଜିଆବାଦର ଲୋନି ଅଞ୍ଚଳରେ ଏପରି ମାମଲା ସାମ୍ନାକୁ ଆସିଛି। ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ କହିଥିଲେ, ତୁମକୁ ଛାଡ଼ି ଦେବି ପଛେ ମୋବାଇଲ ଛାଡ଼ିବି ନାହିଁ। ସ୍ୱାମୀଙ୍କ ଅଭିଯୋଗ ଅନୁଯାୟୀ, ସ୍ତ୍ରୀ ଦିନସାରା ଫୋନ୍‌ରେ ବ୍ୟସ୍ତ ରୁହନ୍ତି। ଘରର ପ୍ରତ୍ୟେକ ଛୋଟ ଏବଂ ବଡ଼ କଥା ବିଷୟରେ ନିଜ ଭଉଣୀ ଏବଂ ଭାଉଜଙ୍କୁ ଡାକନ୍ତି। ସ୍ୱାମୀ ସ୍ତ୍ରୀଙ୍କୁ ସ୍ମାର୍ଟଫୋନ ବଦଳରେ କି-ପ୍ୟାଡ ଫୋନ ଦେବାକୁ କହିଥିଲେ, ସେତେବେଳେ ସେ ସ୍ତ୍ରୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ସ୍ତ୍ରୀ ରାଗିଯାଇ ତାଙ୍କ ବାପଘର ଘରକୁ ଚାଲିଗଲେ। ଅନ୍ୟପକ୍ଷରେ ସ୍ତ୍ରୀ କହିଛନ୍ତି, ଯାହା ହେଉନା କାହିଁକି ସେ ସ୍ମାର୍ଟ ଫୋନ ଛାଡ଼ିବେ ନାହିଁ। ସେ ତାଙ୍କ ସ୍ୱାମୀ ଅପେକ୍ଷା ସ୍ମାର୍ଟଫୋନରେ ଅଧିକ ସମୟ ଦିଅନ୍ତି। ଯେତେବେଳେ ଏହି ମାମଲା ପାରିବାରିକ ପରାମର୍ଶ କେନ୍ଦ୍ରରେ ପହଞ୍ଚିଲା, ସେଠାରେ ଥିବା ଦାୟିତ୍ୱରେ ଥିବା ମହିଳା ଜଣକ କହିଥିଲେ, ମହିଳାଙ୍କୁ ମନାଇବା ପାଇଁ ବହୁ ଚେଷ୍ଟା କରାଯାଇଛି। କିନ୍ତୁ ସେ କିଛି ଶୁଣିବାକୁ ଏବଂ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ସ୍ମାର୍ଟଫୋନକୁ ନେଇ ସେ ଏତେ ଜିଦ ଧରିଛନ୍ତି ଯେ, ଏହା ସାମ୍ନାରେ ସବୁକିଛି ବଳିଦାନ ଦେବାକୁ ପ୍ରସ୍ତୁତ ଅଟନ୍ତି। ତାଙ୍କ ନିଜ ଭାଇମାନେ ମଧ୍ୟ ମହିଳାଙ୍କୁ ବହୁତ ବୁଝାଇବା ପାଇଁ ଚେଷ୍ଟା କରିଥିଲେ କିନ୍ତୁ ସେ ରାଜି ହୋଇ ନ ଥିଲେ।

## ରାଗିଲେ ରଣବୀର



**ମୁମ୍ବାଇ:** ବଲିଉଡ ଷ୍ଟାର ତଥା ନୂଆ କରି ଡାଡ ରଣବୀର କପୁର ଏବେ ତାଙ୍କ ଅପକମିଂ ମୁଭି 'ତୁ ଝୁଠି ମେ ମକ୍କାର'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି । ନିକଟରେ ଅଭିନେତା ଫିଲ୍ମର ପ୍ରମୋଶନ ପାଇଁ ଟେଲିଭିଜନ ରିୟଲିଟି ଶୋ' 'ଇଣ୍ଡିଆନ ଆଇଡଲ'ରେ ପହଞ୍ଚିଥିଲେ । ଏହି ସମୟରେ ସେ ଜଣେ କୁନି କଣ୍ଟେଷ୍ଟାଣ୍ଟଙ୍କ ଖୁବ କଥା ହୋଇଥିଲେ ୪୦ ବର୍ଷୀୟ ଅଭିନେତାଙ୍କୁ ଯେତେବେଳେ ସେହି କୁନି ପ୍ରତିଯୋଗୀ ଜଣକ ରଣବୀର ଅଙ୍କଲ ବୋଲି କହି ଦେଇଥିଲେ ସେତେବେଳେ ସେ ରିଆକ୍ଟ କରି କହିଥିଲେ, 'ୟାର ମୁଝେ ଅଙ୍କଲ ମତ ବୁଲା ୟାର' । ରଣବୀର ସାମାନ୍ୟ ରାଗି ଯାଇଥିଲେ ବୋଲି କୁହାଯାଉଛି । ଏହା ଶୁଣିବା ପରେ କୁନି ପ୍ରତିଯୋଗୀ ଜଣଙ୍କ ହସିଦେଇ ରଣବୀରଙ୍କୁ ପ୍ରଶ୍ନ କରିଥିଲେ ତେବେ ମୁଁ ଆପଣଙ୍କୁ କ'ଣ କହି ଡାକିବି । ଏହାକୁ ନେଇ ରଣବୀର କହିଥିଲେ ଆର.କେ ବୋଲି ଡାକ।

## ବସ୍ ସହ ଟ୍ରକ୍ ଧକ୍କା : ୭ ମୃତ

ହରିୟାଣା ଅମ୍ବାଲାର ଯମୁନା ନଗର-ପଞ୍ଚକୁଲା ହାଇୱେ'ରେ ଶୁକ୍ରବାର ବସ୍ ସହ ଟ୍ରକ୍ ଧକ୍କାରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ଟ୍ରକ୍ ଡ୍ରାଇଭର ଗାଡ଼ି ଚଲାଇବା ସମୟରେ ଶୋଇପଡ଼ିବା ଯୋଗୁ ନିୟନ୍ତ୍ରଣ ହରାଇ ବିପରୀତ ଦିଗରୁ ଆସୁଥିବା ବସ୍ ସହ ପିଟି ହୋଇଯାଇଥିଲେ। ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଅଷ୍ଟ୍ରେଲିଆ ହିନ୍ଦୁ ମନ୍ଦିରରେ ଖଲିସ୍ତାନୀ ସମର୍ଥକଙ୍କ ଭଙ୍ଗାରୁଜା

**ମେଲବର୍ନ, ୪।୩:** ଅଷ୍ଟ୍ରେଲିଆର ହିନ୍ଦୁ ମନ୍ଦିରକୁ ଖଲିସ୍ତାନୀ ସମର୍ଥକମାନେ କିଛିଦିନ ହେଲା ଟାର୍ଗେଟ କରିଆସୁଛନ୍ତି। ଶନିବାର ସେମାନେ ବ୍ରିସ୍‌ବେନ୍‌ରେ ଥିବା ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରରେ ଭଙ୍ଗାରୁଜା କରିଛନ୍ତି। ମନ୍ଦିର ପାଚେରିକୁ ଭଙ୍ଗାଯାଇଥିବା ମନ୍ଦିର ଅଧକ୍ଷ କହିଛନ୍ତି। କୁଇନ୍ସଲାଣ୍ଡ ଥାନା ଅଧିକାରୀଙ୍କୁ ଜଣାଇବା ପରେ ସେମାନେ ମନ୍ଦିର ଏବଂ ଭକ୍ତମାନଙ୍କୁ ସୁରକ୍ଷା ସୁନିଶ୍ଚିତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ହିନ୍ଦୁମାନଙ୍କୁ ଆତଙ୍କିତ କରି ରଖିବା ପାଇଁ ଏଭଳି ଘୃଣ୍ୟ ଅପରାଧ ଘଟାଯାଉଥିବା ହିନ୍ଦୁ ମାନବାଧିକାର ନିର୍ଦ୍ଦେଶକ ସାରାହ ଗେଟ୍ସ କହିଛନ୍ତି।

### ଫିଲିପାଇନ୍ସ ଗଭର୍ନରଙ୍କୁ ହତ୍ୟା


ରୋଏଲ୍ ଡେମାଗୋ

**ମାନିଲା, ୪।୩:** ଫିଲିପାଇନ୍ସର ଜଣେ ପ୍ରାଦେଶିକ ଗଭର୍ନରଙ୍କୁ ବନ୍ଧୁକଧାରୀ ଗୁଳିକରି ହତ୍ୟା କରିଛନ୍ତି। କେନ୍ଦ୍ରୀୟ ଫିଲିପାଇନ୍ସର ପାମ୍ପଲୋନା ସହରସ୍ଥିତ ବାସଭବନରେ ନେଗ୍ରୋସ୍ ଓରିଏଣ୍ଟାଲ୍‌ର ଗଭର୍ନର ରୋଏଲ୍ ଡେମାଗୋ ଗରିବ ଗ୍ରାମବାସୀଙ୍କୁ ଭେଟୁଥିବାବେଳେ ୬ ଜଣ ବନ୍ଧୁକଧାରୀ ସେନା ପୋଷାକରେ ଆସି ଗୁଳି ଚଳାଇଥିଲେ। ଏହି ଗୁଳିକାଣ୍ଡରେ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣକୁ ରାଷ୍ଟ୍ରପତି ଫେର୍ଡିନାଣ୍ଡ ମାର୍କୋସ୍ ଜୁନିୟର ନିନ୍ଦା କରିଛନ୍ତି। ଆକ୍ରମଣକାରୀଙ୍କୁ ଦଣ୍ଡିତ ନ କରିବା ପର୍ଯ୍ୟନ୍ତ ତାଙ୍କ ସରକାର ବିଶ୍ରାମ ନେବ ନାହିଁ ବୋଲି ରାଷ୍ଟ୍ରପତି କହିଛନ୍ତି। ଆକ୍ରମଣକାରୀ ଓ ମାଷ୍ଟରମାଇଣ୍ଡ ଆତ୍ମସମର୍ପଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

### ବେଆଇନ ଭାବେ ରହୁଥିବା ୧୮ ବାଂଲାଦେଶୀ ଗିରଫ

**ଥାଣେ, ୪।୩:** ମହାରାଷ୍ଟ୍ର ଠାଣେରେ ବେଆଇନ ଭାବେ ରହୁଥିବା ୧୮ ବାଂଲାଦେଶୀ ନାଗରିକଙ୍କୁ ନଭି ମୁମ୍ବାଇ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୧୦ ଜଣ ମହିଳା ଅଛନ୍ତି। କେତେଜଣ ବାଂଲାଦେଶୀ ବେଆଇନ୍ ଭାବେ ଠାଣେରେ ରହୁଥିବା ନେଇ ପୋଲିସ ସୂଚନା ପାଇବା ପରେ ସ୍ୱତନ୍ତ୍ର ଟିମ୍ ଗଠନ କରି ମାର୍ଚ୍ଚ ୧ ଏବଂ ୨ ତାରିଖ ରାତିରେ ଯାଞ୍ଚ ଆରମ୍ଭ କରିଥିଲା। ଗିରଫ ବାଂଲାଦେଶୀମାନେ ଗୋଟିଏ ବର୍ଷ ଧରି ନିଜ ଠିକଣା ବଦଳାଇ ଆସୁଥିବା ଜଣାପଡ଼ିଛି।

### ପୂର୍ବତନ କେନ୍ଦ୍ରମନ୍ତ୍ରୀ ସତ୍ୟବ୍ରତ ମୁଖାର୍ଜୀଙ୍କ ପରଲୋକ

**ନୂଆଦିଲ୍ଲୀ, ୪।୩:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ସତ୍ୟବ୍ରତ ମୁଖାର୍ଜୀଙ୍କ ଶୁକ୍ରବାର ପରଲୋକ ଘଟିଛି। ଭାରତର ସଲିସିଟର ଜେନେରାଲ ଦାୟିତ୍ୱରେ କିଛି ବର୍ଷ କାର୍ଯ୍ୟ କରିଥିବା ସତ୍ୟବ୍ରତ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସତ୍ୟବ୍ରତଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିଛନ୍ତି।



### ତୁନିଶା ଆତ୍ମହତ୍ୟା ମାମଲା: ଶିଜାନ୍‌ଙ୍କୁ ଜାମିନ

**ପାଲଘର, ୪।୩:** ମହାରାଷ୍ଟ୍ର ପାଲଘର ଜିଲା ଭସାଇର ଏକ କୋର୍ଟ ଅଭିନେତ୍ରୀ ତୁନିଶା ଆତ୍ମହତ୍ୟା ମାମଲାରେ ଗିରଫ ହୋଇଥିବା ଟେଲି କଳାକାର ଶିଜାନ୍ ଖାନ ଜାମିନ ମଞ୍ଜୁର କରିଛନ୍ତି। ତୁନିଶାଙ୍କୁ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗରେ ଶୀଜାନଙ୍କୁ ଗିରଫ କରାଯାଇଥିଲା। କୋର୍ଟଙ୍କ ବିନା ଅନୁମତିରେ ଶିଜାନ ଦେଶ ବାହାରକୁ ଯାଇପାରିବେ ନାହିଁ ମାମଲାର ଶୁଣାଣି କରି ଜଜ୍ ଆର୍.ଡି.ଡି. ଦେଶପଣ୍ଡେ କହିଛନ୍ତି। ତେବେ ୧,୦୦,୦୦୦ଟଙ୍କାର ସିଓରିଟିରେ ଶୀଜାନଙ୍କୁ ଜାମିନ ପ୍ରଦାନ କରାଯାଇଛି। ଗତବର୍ଷ ଡିସେମ୍ବର ୨୪ରେ ତୁନିଶା ଶୁଟିଂସେଟ୍‌ର ବାଥ୍‌ରୁମ୍‌ରେ ଗଳାରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ତୁନିଶାଙ୍କ ମୃତ୍ୟୁକୁ ନେଇ ତାଙ୍କ ମା' ଥାନାରେ ଶୀଜାନଙ୍କ ନାଁରେ ଏତଲା ଦେଇଥିଲେ।




ଉତ୍ତରପ୍ରଦେଶର ମଥୁରା ନିକଟ ଗୋକୁଳ ସହରରେ ଶ୍ରଦ୍ଧାଳୁମାନେ ଶନିବାର ଛଡ଼ିମାର୍ ହୋଲି ମନାଉଛନ୍ତି।

## ଜାତିସଂଘରେ କଶ୍ମୀର ପ୍ରସଙ୍ଗ ଉଠାଇଲା ଓଆଇସି

**ଜେନେଭା, ୪।୩**

ଜେନେଭାରେ ଅନୁଷ୍ଠିତ ଜାତିସଂଘ ମାନବାଧିକାର ପରିଷଦ ବୈଠକରେ ଇସ୍‌ଲାମୀୟ ସହଯୋଗ ସଂଗଠନ (ଓଆଇସି) ଅବାଞ୍ଛିତ ଭାବେ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ପ୍ରସଙ୍ଗ ଉଠାଇଥିବାରୁ ଭାରତ ଏହାର ନିନ୍ଦା କରିଛି। ନୂଆଦିଲ୍ଲୀ ବିରୋଧରେ ଇସ୍‌ଲାମାବାଦ ଏହାର କୁଟୀଳ ଏଜେଣ୍ଡା କାର୍ଯ୍ୟକାରୀ କରିବା ପାଇଁ ଓଆଇସି ଏହାର ପ୍ଲାଟଫର୍ମର ଅପବ୍ୟବହାର କରିବା ପାଇଁ ଚାହୁଁଥିବା ଭାରତ କହିଛି। ଜେନେଭାରେ ଭାରତର ସ୍ଥାୟୀ ମିଶନ୍‌ର ପ୍ରଥମ ସଚିବ ସୀମା ପୂଜାନୀ ମାନବାଧିକାର ପରିଷଦର ୫୨ତମ ଅଧିବେଶନରେ ଉତ୍ତର ରଖିବା ଅଧିକାରର ପ୍ରୟୋଗ କରି ଓଆଇସି ପ୍ରତିନିଧିଙ୍କ ମନ୍ତବ୍ୟକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିଲେ। ସମ୍ପୂର୍ଣ୍ଣ ଜମ୍ମୁ-କଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ଭାରତର ଅଂଶବିଶେଷ ହୋଇ ରହିଛି ଓ ରହିବ। ପାକିସ୍ତାନ ବେଆଇନ ଭାବେ ଭାରତୀୟ ଅଞ୍ଚଳକୁ ଦଖଲ କରି ରଖିଥିବା ପୂଜାନୀ କହିଥିଲେ। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ଏବଂ ଭାରତୀୟ ଅଞ୍ଚଳ ଦଖଲକୁ ବିରୋଧ କରିବା ପରିବର୍ତ୍ତେ ଓଆଇସି ପାକିସ୍ତାନକୁ ଏହାର ପ୍ଲାଟଫର୍ମ ହାଇଜାକ୍ ଓ ଅପବ୍ୟବହାର କରିବା ସହ ଏହାର କୁଟୀଳ ଏଜେଣ୍ଡା କାର୍ଯ୍ୟକାରୀ କରିବାକୁ ସୁଯୋଗ ଦେଉଛି ବୋଲି ପୂଜାନୀ କହିଛନ୍ତି।

### ଭାରତର ପ୍ରତ୍ୟାଖ୍ୟାନ


ସୀମା ପୂଜାନୀ

# ଚାଇନା ସୈନ୍ୟଙ୍କ ଆକ୍ରମଣାତ୍ମକ ଗତିବିଧି

## ସୀମାରେ ପାଟ୍ରୋଲିଂ ବଢ଼ାଇଲା ଭାରତ

**ନୂଆଦିଲ୍ଲୀ, ୪।୩**

ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଅପରପାର୍ଶ୍ୱରେ ଚାଇନା ତା'ର ଭିତ୍ତିଭୂମି ବଢ଼ାଇବା ସହ ଅଧିକ ସୈନ୍ୟ ମୁତୟନ କରିଥିବାରୁ ଗଲୱାନ ଉପତ୍ୟକା ନିକଟରେ ଭାରତୀୟ ସେନା ପକ୍ଷରୁ ସର୍ଭିଲାନ୍ସ ବଢ଼ାଇଦିଆଯାଇଛି। ଏହି ବରଫାବୃତ୍ତ ଅଞ୍ଚଳରେ ଯବାନମାନେ ଘୋଡ଼ା ଚଢ଼ି ପାଟ୍ରୋଲିଂ କରୁଛନ୍ତି। ଏଲ୍‌ଏସି ନିକଟ ଫରୱାର୍ଡ ଅଞ୍ଚଳରେ ଯବାନମାନେ ପାଟ୍ରୋଲିଂ କରୁଥିବାର ଏକ ଭିଡିଓ ଶେୟାର କରାଯାଇଛି। ଅତ୍ୟଧିକ ଥଣ୍ଡା ସତ୍ତ୍ୱେ ସୈନ୍ୟମାନେ ଘୋଡ଼ା ପିଠିରେ ବସି ନଦୀ ପାର୍ ହେଉଥିବା ଦେଖାଯାଇଛି। ଗଲୱାନ୍‌ର ଅତ୍ୟୁଚ୍ଚ ଅଞ୍ଚଳରେ ପ୍ରବଳ ଥଣ୍ଡା ମଧ୍ୟରେ ପାଟ୍ରୋଲିଂ ଯବାନମାନେ କ୍ରିକେଟ ଖେଳୁଥିବାର ଅନ୍ୟ ଏକ ଭିଡିଓ ଶନିବାର ଛଡ଼ାଯାଇଥିଲା। ସୀମାରେ ଚାଇନା ସାମରିକ ଭିତ୍ତିଭୂମି ବଢ଼ାଉଥିବାରୁ ଏହାକୁ ଲକ୍ଷ୍ୟରେ ରଖି ଗତବର୍ଷ ନଭେମ୍ବରରେ ଭାରତୀୟ ସେନା ୪୫୦ ଟ୍ୟାଙ୍କ ଏବଂ ୨୨ ହଜାରରୁ ଊର୍ଦ୍ଧ୍ୱ ଯବାନ ରହିବା ପାଇଁ ପୂର୍ବ ଲଦାଖ ସେକ୍ଟରରେ ଭିତ୍ତିଭୂମି ନିର୍ମାଣ କରିଥିଲା। ଉଭୟ ଭାରତ ଓ ଚାଇନାରେ ଥିବା ପଙ୍ଗୋଙ୍ଗ ସୋ ହ୍ରଦରେ ଚାଇନାର ଆକ୍ରମଣାତ୍ମକ ଗତିବିଧିକୁ ପ୍ରତିହତ କରିବା ଲାଗି ଭାରତୀୟ ସେନାର ଇଞ୍ଜିନିୟର କର୍ପସ ପୂର୍ବ ଲଦାଖରେ ଲ୍ୟାଣ୍ଡିଂ କ୍ରାଫ୍ଟ ମୁତୟନ କରିଥିଲା, ଯାହା ପାଟ୍ରୋଲିଂ ସାମର୍ଥ୍ୟ ବଢ଼ାଇବାରେ ସହାୟକ ହୋଇଛି।

ସୂଚନାଯୋଗ୍ୟ, ୨୦୨୦ ମେ'ରୁ ପୂର୍ବ ଲଦାଖର ବିବାଦୀୟ ପଙ୍ଗୋଙ୍ଗ ଲେକ୍ ସମେତ ଭାରତ-ଚାଇନା ସୀମାରେ ଉଭୟ ଦେଶର ସୈନ୍ୟ ମୁହାଁମୁହିଁ ହୋଇଥିଲେ। ଗଲୱାନ ନଦୀ ଉପତ୍ୟକାରେ ଭାରତର ରାସ୍ତା ନିର୍ମାଣକୁ ଚାଇନା ସୈନ୍ୟ ବିରୋଧ କରିବାରୁ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ସେହିବର୍ଷ ଜୁନ୍‌ରେ ଗଲୱାନ୍ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ଉଭୟ ପକ୍ଷରୁ ଅନେକ ସୈନ୍ୟ ମୃତାହତ ହୋଇଥିଲେ। ସେପ୍ଟେମ୍ବରରେ ସୀମାରେ ୪୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଗୁଳି ଫୁଟିଥିଲା।


ଗଲୱାନ ଅଞ୍ଚଳରେ ଯବାନମାନେ ଘୋଡ଼ା ଚଢ଼ି ପାଟ୍ରୋଲିଂ କରୁଛନ୍ତି।

## ପ୍ରତିରକ୍ଷା ବଜେଟ ବଢ଼ାଇବ ଚାଇନା

**ବେଜିଂ, ୪।୩**

ଆମେରିକା ପରେ ଚାଇନାର ପ୍ରତିରକ୍ଷା ବଜେଟ ଦ୍ୱିତୀୟ ସର୍ବାଧିକ ହୋଇଥିବାବେଳେ ଚଳିତ ବର୍ଷ ଏହାକୁ ଆହୁରି ବଢ଼ାଇବା ପାଇଁ ଶନିବାର ବେଜିଂ ସଙ୍କେତ ଦେଇଛି। ଦେଶ ଜଟିଳ ସୁରକ୍ଷା ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାରୁ ପ୍ରତିରକ୍ଷା ବ୍ୟୟ ବଢ଼ାଇବାକୁ ପଡ଼ିବ ବୋଲି ବାର୍ଷିକ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ପୂର୍ବରୁ ସୂଚନା ଦିଆଯାଇଛି। ଜାତୀୟ ପିପୁଲ୍ସ କଂଗ୍ରେସ (ଏନ୍‌ପିସି) ମୁଖପାତ୍ର ୱାଙ୍ଗ ଚାଓଙ୍କ ସୂଚନା ଅନୁଯାୟୀ, ଗତବର୍ଷ ପ୍ରତିରକ୍ଷା ବଜେଟ ୭.୧ ପ୍ରତିଶତ ବୃଦ୍ଧି ପାଇ ୨୩୦ ବିଲିୟନ ଡଲାରରେ ପହଞ୍ଚିଥିଲା। ଆମେରିକା ପ୍ରତିରକ୍ଷା ବଜେଟ ଥିଲା ୭୭୭.୧ ବିଲିୟନ ଡଲାର। ଚଳିତ ବର୍ଷ ଚାଇନା ପ୍ରତିରକ୍ଷା ବଜେଟ ବଢ଼ାଇବାକୁ ଥିବାବେଳେ କେତେ ବଢ଼ିବ ତାହା ୱାଙ୍ଗ କହିନାହାନ୍ତି। ରବିବାର ଏନ୍‌ପିସି ଅଧିବେଶନରେ ଏହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ପଡୋଶୀ ଦେଶର ପ୍ରତିରକ୍ଷା ବଜେଟ ବୃଦ୍ଧି ଭାରତ ପାଇଁ ଚିନ୍ତାଜନକ ହୋଇଛି। ପାର୍ଲାମେଣ୍ଟ ଅଧିବେଶନରେ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗଙ୍କ ଉତ୍ତରାଧିକାରୀ ସମେତ ନୂଆ ମନ୍ତ୍ରିମଣ୍ଡଳ ଓ ପ୍ରଶାସନିକ ନେତୃତ୍ୱଙ୍କ ନାଁ ଘୋଷଣା କରାଯିବ। ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଘନିଷ୍ଠ ଲି କିଆଙ୍ଗ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗଙ୍କ ଉତ୍ତରାଧିକାରୀ ହେବା ନେଇ ଚର୍ଚ୍ଚା ହେଉଛି। ରାଷ୍ଟ୍ରପତିଙ୍କୁ ବାଦ୍ ଦେଇ ଅନ୍ୟ ସମସ୍ତ ଉଚ୍ଚ ପଦାଧିକାରୀ ବଦଳିବେ। ପ୍ରତି ୧୦ ବର୍ଷରେ ଥରେ ନେତୃତ୍ୱ ଟିମ୍‌ରେ ଏଭଳି ଅଦଳବଦଳ ହୋଇଥାଏ। ଶନିବାର ଚାଇନା ପିପୁଲ୍ସ ପଲିଟିକାଲ କନ୍‌ସଲ୍ଟେଟିଭ୍ କନ୍‌ଫରେନ୍ସର ଶୀର୍ଷ ଉପଦେଷ୍ଟା କମିଟି ବୈଠକ ସହ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହୋଇଛି। ଏହାର ଜାତୀୟ ବ୍ୟବସ୍ଥାପିକା ଏବଂ ଜାତୀୟ ପିପୁଲ୍ସ କଂଗ୍ରେସ (ଏନ୍‌ପିସି) ଅଧିବେଶନ ରବିବାର ଆରମ୍ଭ ହେବ।

### ପ୍ରଧାନମନ୍ତ୍ରୀ ହୋଇପାରନ୍ତି ଲି କିଆଙ୍ଗ


ଲି କିଆଙ୍ଗ

## ମମତାଙ୍କ ବିରୋଧରେ ମନ୍ତବ୍ୟ ଦେଇ କଂଗ୍ରେସ ମୁଖପାତ୍ର ଗିରଫ


କୌସ୍ତୁଭ ବାଗ୍‌ଚୀ

**କୋଲକାତା, ୪।୩**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ମନ୍ତବ୍ୟ ଦେବା ଅଭିଯୋଗରେ ପ୍ରଦେଶ କଂଗ୍ରେସ ମୁଖପାତ୍ର କୌସ୍ତୁଭ ବାଗ୍‌ଚୀଙ୍କୁ ଶନିବାର ଭୋର ସମୟରେ ପୋଲିସ ଗିରଫ କରିଛି। କୋଲକାତା ବୁର୍ତୋଲ୍ଲା ଥାନାର ଏକ ବଡ଼ ଟିମ୍ ଭୋର ୩ଟା ୩୦ ମିନିଟ୍ ସମୟରେ ବାଗ୍‌ଚୀଙ୍କ ଉତ୍ତର ୨୪ ପ୍ରଗଣା ଜିଲାର ବାରାକପୋର୍ ବାସଭବନରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। କଂଗ୍ରେସ ପ୍ରାର୍ଥୀ ସାଗରଦିଘି ଉପନିର୍ବାଚନରେ ଜିତିବା ପରେ ପଶ୍ଚିମବଙ୍ଗ ପ୍ରଦେଶ କଂଗ୍ରେସ କମିଟି ସଭାପତି ଅଧୀର ରଞ୍ଜନ ଚୌଧୁରୀଙ୍କୁ ମମତା ସମାଲୋଚନା କରିବା ସହ ବ୍ୟକ୍ତିଗତ ଆକ୍ଷେପ କରିଥିଲେ। ଏହାକୁ ନେଇ ବାଗ୍‌ଚୀ ମମତାଙ୍କୁ ସମାଲୋଚନା କରିବାରୁ ତାଙ୍କ ବିରୋଧରେ ଦଳ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା।

### ଜେଇଇ ପେପର ଲିକ୍ ମାମଲା

## ମାଷ୍ଟରମାଇଣ୍ଡ ଗିରଫ

**ନୂଆଦିଲ୍ଲୀ, ୪।୩**

ଯୁଗ୍ମ ପ୍ରବେଶିକ ପରୀକ୍ଷା (ଜେଇଇ) ମେନ୍-୨୦୨୧ରେ ହୋଇଥିବା ଜାଲିଆତିର ମାଷ୍ଟରମାଇଣ୍ଡଙ୍କୁ ସିବିଆଇ ଶନିବାର ଗିରଫ କରିଛି। ଏକ ଘରୋଇ କୋଚିଂ ସେଣ୍ଟର ଦ୍ୱାରା ଏହି ପରୀକ୍ଷାରେ ଜାଲିଆତି କରାଯାଇଥିଲା। ଅଭିଯୁକ୍ତ ବିନୟ ଦହିୟା ଗତବର୍ଷଠାରୁ ନିଖୋଜ ଥିଲେ। ତାଙ୍କୁ ହରିୟାଣାର ଗୁରଗାଁଓରୁ ଗିରଫ କରାଯାଇଛି। ପରୀକ୍ଷା ପୂର୍ବଦିନ ପେପର ଲିକ୍ କରାଯାଇଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ପରେ ଅନ୍‌ଲାଇନ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ରିମୋଟ ଆକ୍ସେସ୍ ଦିଆଯିବା ସହ ପରୀକ୍ଷା ବେଳେ ପ୍ରାର୍ଥୀମାନଙ୍କୁ ଉତ୍ତର ଚିଟ୍ ଯୋଗାଇ ଦିଆଯାଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। କୋର୍ଟରେ ହାଜର ପରେ ସିବିଆଇ ୫ ଦିନ ରିମାଣ୍ଡରେ ନେଇଛି।

## ଅନ୍ୟାୟ ବିରୋଧରେ ଲଢ଼ିବେ ସିବଲ

**ନୂଆଦିଲ୍ଲୀ, ୪।୩**

ଭାଜପା ନେତୃତ୍ୱାଧୀନ ସରକାର ଅମଳରେ ଦେଶରେ ଅନ୍ୟାୟ ଅନୀତି ବଢ଼ିଚାଲିଥିବାବେଳେ ଏହା ବିରୋଧରେ ଲଢ଼େଇ କରିବା ପାଇଁ ବରିଷ୍ଠ ନେତା କପିଲ ସିବଲ ଶନିବାର ଏକ ନୂଆ ମଞ୍ଚ ଘୋଷଣା କରିଛନ୍ତି। ସେ 'ଇନ୍‌ସାଫ୍' ନାମରେ ଗଢ଼ିଥିବା ମଞ୍ଚରେ ସାମିଲ ହେବା ପାଇଁ ବିରୋଧୀ ଦଳ ମୁଖ୍ୟମନ୍ତ୍ରୀ, ନେତା ଓ ଅନ୍ୟମାନଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟାୟ ବିରୋଧୀ ଲଢ଼େଇରେ ଏହି ମଞ୍ଚ ଲୋକମାନଙ୍କୁ ସହାୟତା କରିବ। ଏହି ଲଢ଼େଇରେ ଆଇନଜୀବୀମାନେ ଆଗଧାଡ଼ିରେ ରହିବେ। ଏଥିସହିତ ରାଜ୍ୟ ସଭା ସଦସ୍ୟ ସିବଲ 'ଇନ୍‌ସାଫ୍ କେ ସିପାହୀ' ନାମରେ ଏକ ୱେବ୍‌ସାଇଟ୍ ମଧ୍ୟ ଆରମ୍ଭ କରିଛନ୍ତି। ଆସନ୍ତା ୧୧ ତାରିଖରେ ସିବଲ ନୂଆଦିଲ୍ଲୀର ଯନ୍ତର ମନ୍ତରଠାରେ ଏନେଇ ଏକ ସଭା କରି ଭାରତ ପାଇଁ ତାଙ୍କର ଦୃଷ୍ଟିଭଙ୍ଗୀ ଉପସ୍ଥାପନ କରିବେ ବୋଲି କହିଛନ୍ତି। ଇନ୍‌ସାଫ ଏକ ଜାତୀୟ ସ୍ତରର ମଞ୍ଚ ହେବ। ଆର୍‌ଏସ୍‌ଏସ୍ ପ୍ରତ୍ୟେକ ଅଞ୍ଚଳରେ ଶାଖା ଖୋଲି ଏହାର ବିଚାରଧାରାର ପ୍ରସାର କରାଉଛି, ଯାହା ଅନ୍ୟାୟ ବଢ଼ାଇବାରେ ସହାୟକ ହେଉଛି। ଆମେ ସେହି ଅନ୍ୟାୟ ବିରୋଧରେ ଲଢ଼ିବୁ ବୋଲି ସିବଲ କହିଛନ୍ତି।



### ନୂଆ ମଞ୍ଚ ଘୋଷଣା କଲେ

## ସିସୋଡିଆଙ୍କ ହାଜତ ମିଆଦ ବଢ଼ିଲା

**ନୂଆଦିଲ୍ଲୀ, ୪।୩**

ଦିଲ୍ଲୀ ସରକାରଙ୍କ ଅବକାରୀ ନୀତି ଜାଲିଆତି ମାମଲାରେ ଗିରଫ ହୋଇଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ସିବିଆଇ ହାଜତ ମିଆଦକୁ ଆଉ ୨ ଦିନ ବଢ଼ାଇ ଦିଆଯାଇଛି। ତାଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ଶୁକ୍ରବାର ହେବ ବୋଲି ଅଦାଲତ ଶନିବାର କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ନେତା ସିସୋଡିଆଙ୍କୁ ସୋମବାର କୋର୍ଟରେ ହାଜର କରାଇବା ଲାଗି ସ୍ୱତନ୍ତ୍ର ବିଚାରପତି ଏମ୍.କେ. ନାଗପାଲ୍ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସିସୋଡିଆଙ୍କ ହାଜତ ମିଆଦ ଶେଷ ହେବା ପରେ ସିବିଆଇ ତାଙ୍କୁ କୋର୍ଟରେ ହାଜର କରାଇ ଅଧିକ ୩ ଦିନ ରିମାଣ୍ଡରେ ନେବା ଲାଗି ଆବେଦନ କରିଥିଲା। ତଦନ୍ତ ଶେଷ କରିବାରେ ସିବିଆଇର ଅସାମର୍ଥ୍ୟ କାରଣରୁ ରିମାଣ୍ଡ ଅବଧି ବଢ଼ାଇବାକୁ ଦାବି କରାଯାଇପାରିବ ନାହିଁ ବୋଲି ସିସୋଡିଆଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ। ସିବିଆଇ ସିସୋଡିଆଙ୍କୁ ହାଜତରେ ଭଲ ବ୍ୟବହାର ଦେଖାଉଥିଲେ ମଧ୍ୟ କେତେକ ପ୍ରଶ୍ନକୁ ବାରମ୍ବାର ପଚାରି ତାଙ୍କୁ ମାନସିକ ଉତ୍ପୀଡ଼ନ ଦେଉଥିବା ତାଙ୍କ ଓକିଲ କହିଥିଲେ। ସମାନ ପ୍ରଶ୍ନକୁ ବାରମ୍ବାର ନ ପଚାରିବାକୁ କୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

## ରୁଷିଆରେ ଦେଖାଦେବ ଅର୍ଥ ସଙ୍କଟ

**ମାସ୍କୋ, ୪।୩**

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ବର୍ଷେ ବିତିଯାଇଛି। ରୁଷିଆର ଆର୍ଥିକସ୍ଥିତିକୁ ନେଇ ସେଠାକାର ବ୍ୟବସାୟୀ ଏକ ବଡ଼ ବୟାନ ଦେଇଛନ୍ତି। ରୁଷିଆର ପ୍ରତିଷ୍ଠିତ ବ୍ୟବସାୟୀ ଓଲେଗ୍ ଡେରିପାସ୍କା କହିଛନ୍ତି, ଆସନ୍ତା ବର୍ଷ ରୁଷିଆରେ ମୁଦ୍ରା ସରିଯିବ। ବର୍ତ୍ତମାନ ସ୍ଥିତିରେ ଦେଶକୁ ବିଦେଶୀ ପୁଞ୍ଜି ନିବେଶକାରୀଙ୍କ ଆବଶ୍ୟକତା ରହିଛି। କାରଣ ୨୦୧୪ ବେଳକୁ ଦେଶରେ ଅର୍ଥାଭାବ ଦେଖାଯିବ ବୋଲି ଗୁରୁବାର ସାଇବେରିଆରେ ଅନୁଷ୍ଠିତ ଇକୋନୋମିକ୍ କନ୍‌ଫରେନ୍ସରେ ଯୋଗଦେଇ ଏହି ପ୍ରତିକ୍ରିୟା ରଖିଛନ୍ତି। ଯୁଦ୍ଧ ବ୍ୟତୀତ ପାଶ୍ଚାତ୍ୟ କଟକଣାର ନକାରାତ୍ମକ ପ୍ରଭାବ ରୁଷିଆକୁ ଭୋଗିବାକୁ ପଡ଼ିଛି। ନିକଟରେ ରୁଷିଆ ରାଷ୍ଟ୍ରପତି ପୁଟିନ୍ ଦେଶର ଅର୍ଥ ବ୍ୟବସ୍ଥାକୁ ପ୍ରଶଂସା କରିବା ପରେ ଡେରିପାସ୍କାଙ୍କ ଏପ୍ରକାର ମନ୍ତବ୍ୟ ସାମ୍ନାକୁ ଆସିଛି। ସରକାରୀ ରିପୋର୍ଟ ଅନୁସାରେ ଗତବର୍ଷ ଦେଶର ଅର୍ଥନୀତି ୨.୧% କମିଥିବା କୁହାଯାଇଥିଲା। ଗତବର୍ଷ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠାରୁ ପାଶ୍ଚାତ୍ୟ ଦେଶ ରୁଷିଆ ଉପରେ ୧୧,୩୦୦ କଟକଣା ଲଗାଇଥିବାବେଳେ ଏହାର ୩୦୦୦ ଡଲାର ବିଦେଶୀ ପୁଞ୍ଜି ଫ୍ରିଜ୍ କରି ରଖିଛି।

## ସମୁଦ୍ର ପତ୍ତନ ବୃଦ୍ଧି : ଚେନ୍ନାଇ, କୋଲକାତାକୁ ବିପଦ

**ନୂଆଦିଲ୍ଲୀ, ୪।୩**

ଜଳବାୟୁ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି ଯୋଗୁ ବଢ଼ୁଥିବା ସମୁଦ୍ର ପତ୍ତନ ଦ୍ୱାରା ଏସିଆର ଅନେକ ବଡ଼ ସହର ଉପରେ ବିପଦ ସୃଷ୍ଟି ହୋଇଥିବା ବିଶେଷଜ୍ଞଙ୍କ ପକ୍ଷରୁ ହୋଇଥିବା ଅଧ୍ୟୟନରେ କୁହାଯାଇଛି। ଭାରତରେ ୨୧୦୦ ବେଳକୁ ଚେନ୍ନାଇ, କୋଲକାତା ଭଳି ବଡ଼ ସହର ଏବଂ ପ୍ରଶାନ୍ତ ମହାସାଗରର ପଶ୍ଚିମାଞ୍ଚଳଗୁଡ଼ିକ ପ୍ରତି ବିପଦ ବଢ଼ିଯିବ। ଅନ୍ୟପକ୍ଷେ ଚେନ୍ନାଇ, କୋଲକାତା ଭଳି ସବୁଜ ବାଷ୍ପ ପ୍ରଭାବରେ ୟାଙ୍ଗୁନ, ବ୍ୟାଙ୍କକ୍ ମାନିଲା ଭଳି ସହରଗୁଡ଼ିକର ସ୍ଥିତି ଜଟିଳ ହୋଇପଡ଼ିବ। ଜର୍ନାଲ ନେଚର ଅଫ୍ କ୍ଲାଇମେଟ୍ ଚେଞ୍ଜରେ ପ୍ରକାଶ ପାଇଥିବା ରିପୋର୍ଟ ମୁତାବକ, ସମୁଦ୍ର ଜଳ ତାପମାତ୍ରା ବଢ଼ିବା ଯୋଗୁ ସମୁଦ୍ର ଜଳ ପତ୍ତନ ବଢ଼ିବାରେ ଲାଗିଛି। ଏହାଛଡ଼ା ତରଳୁଥିବା ହିମବାହ ମଧ୍ୟ ଏହା ପଛର ବଡ଼ କାରଣ ବୋଲି କୁହାଯାଉଛି। ଗ୍ଲୋବାଲ କ୍ଲାଇମେଟ୍‌ର କମ୍ପ୍ୟୁଟର ମଡେଲ ଏବଂ ବିଶେଷ ପ୍ରକାର ଷ୍ଟାଟିଷ୍ଟିକାଲ ମଡେଲକୁ ଅଧ୍ୟୟନରେ ପ୍ରୟୋଗ କରାଯାଇଥିବା ନ୍ୟାଶନାଲ ସେଣ୍ଟର ଫର୍ ଆଟ୍‌ମୋସ୍ଫିୟର ରିସର୍ଚ୍ଚ (ଏନ୍‌ସିଏଆର୍) କହିଛି। ସମୁଦ୍ର ପତ୍ତନ ବୃଦ୍ଧି ପାଇଁ ଆଭ୍ୟନ୍ତରୀଣ ଜଳବାୟୁ ପରିବର୍ତ୍ତନଶୀଳତା ମଧ୍ୟ ଦାୟୀ। ତେବେ ୨୦୦୬ ତୁଳନାରେ ୨୧୦୦ ମସିହା ବେଳକୁ ବନ୍ୟା ସ୍ଥିତି ୧୮ ଗୁଣା ବଢ଼ିବ ବୋଲି ଅଧ୍ୟୟନରେ କୁହାଯାଇଛି।



# ୨୪ ବର୍ଷରେ ନବୀନଙ୍କ
# ନୂଆ ଓଡ଼ିଶା

**ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କ ୨୩ ବର୍ଷ ପୂରଣ ହୋଇ ଆଜିଠୁ ୨୪ ବର୍ଷ ଚାଲିବ। ଏହି ୨୩ ବର୍ଷର ଦୂରଦର୍ଶୀ ସୁଶାସନ ଜରିଆରେ ନବୀନବାବୁ ଓଡ଼ିଶାକୁ ଏକ ପ୍ରଗତିଶୀଳ, ବିକାଶୋନ୍ମୁଖୀ ଏବଂ ରୂପାନ୍ତରିତ ନୂଆ ଓଡ଼ିଶାରେ ପରିଣତ କରିଛନ୍ତି।**



ନବୀନ ପଟ୍ଟନାୟକ

■ ୨୩ ବର୍ଷ ତଳେ ନବୀନବାବୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପୂର୍ବରୁ ମହାବାତ୍ୟାରେ ବିଧ୍ୱସ୍ତ ଏବଂ ବନ୍ୟା ଓ ମରୁଡ଼ି ପ୍ରପୀଡ଼ିତ ଓଡ଼ିଶାର ପରିଚୟ ଥିଲା ଉତ୍କଟ ଦାରିଦ୍ର୍ୟ, ଭୋକ ଓ ଅନାହାର ମୃତ୍ୟୁର ରାଜ୍ୟ। ରାଜ୍ୟବାସୀଙ୍କ ଖାଦ୍ୟ ନିରାପତ୍ତା ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିଲା।

■ ୨୩ ବର୍ଷ ଭିତରେ ଦ୍ରୁତଗତିରେ ଦାରିଦ୍ର୍ୟ ହ୍ରାସ ପାଇଛି ଏବଂ ଓଡ଼ିଶାର ଦାରିଦ୍ର୍ୟ ହାର ଜାତୀୟ ଦାରିଦ୍ର୍ୟ ହାରର ପାଖାପାଖି ରହିଛି। ଭୋକ ଓ ଅନାହାର ମୃତ୍ୟୁ ଇତିହାସ ପାଲଟିଯାଇଛି। ଦେଶର ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମ ଲାଗି ଓଡ଼ିଶା ତୃତୀୟ ସର୍ବାଧିକ ଚାଉଳ ଯୋଗାଉଛି।

■ ଓଡ଼ିଶାର ଅର୍ଥନୀତି ୨୦ ହଜାର କୋଟିରୁ ବୃଦ୍ଧି ପାଇ ୨ ଲକ୍ଷ ୩୦ ହଜାର କୋଟିରେ ପହଞ୍ଚିଛି। ୨୦୦୦ ମସିହା ତୁଳନାରେ ବିକାଶ ପାଇଁ ଉଦ୍ଦିଷ୍ଟ Program Expenditure ବା କାର୍ଯ୍ୟକ୍ରମ ବ୍ୟୟ ୩୫ ଗୁଣ ବଢ଼ି ୧ ଲକ୍ଷ ୨୫ ହଜାର କୋଟିରେ ପହଞ୍ଚିଥିବା ବେଳେ Capital Expenditure ବା ପୁଞ୍ଜି ବ୍ୟୟ ୬୦ ଗୁଣ ବୃଦ୍ଧି ପାଇ ୫୧ ହଜାର କୋଟି ଟଙ୍କା ଛୁଇଁଛି। ଦେଶର କୌଣସି ରାଜ୍ୟରେ ଦ୍ରୁତ ବିକାଶର ଏହି ଦୁଇ ସୂଚକାଙ୍କ ଏତେ ବେଶି ବଢ଼ିନାହିଁ।

■ ପୂର୍ବରୁ ବିତ୍ତୀୟ ପରିଚାଳନାରେ ଓଡ଼ିଶାର ପ୍ରଦର୍ଶନ ଅତ୍ୟନ୍ତ ଖରାପ ଥିଲା। କର୍ମଚାରୀଙ୍କ ଦରମା ଦେବାକୁ ବି ରାଜ୍ୟ ସରକାରଙ୍କୁ ମାସରେ ୨୮ ଦିନ ଓଭରଡ୍ରାଫ୍ଟ କରିବାକୁ ପଡୁଥିଲା। ଏବେ ବିତ୍ତୀୟ ପରିଚାଳନାରେ ଓଡ଼ିଶା ଦେଶର ଏକ ନମ୍ବର ରାଜ୍ୟର ମାନ୍ୟତା ହାସଲ କରିଛି। ଗତ କିଛିବର୍ଷ ହେଲା ଓଡ଼ିଶା ରାଜସ୍ୱ ବଳକା ରାଜ୍ୟ ଭାବେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

■ ୨୩ ବର୍ଷ ଭିତରେ ଓଡ଼ିଶାବାସୀଙ୍କ ମୁଣ୍ଡପିଛା ଆୟ ୧୨,୪୦୦ ଟଙ୍କାରୁ ବଢ଼ି ଦେଢ଼ ଲକ୍ଷ ଟଙ୍କାରୁ ଅଧିକ ହୋଇଛି। ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ବୃଦ୍ଧିର ହାର ଜାତୀୟ ମୁଣ୍ଡପିଛା ଆୟ ବୃଦ୍ଧିର ହାରଠାରୁ ମଧ୍ୟ ଅଧିକ ରହିଛି।

■ କୃଷି ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି। ଗୋଟିଏ ସମୟରେ ଓଡ଼ିଶାରେ ଚାଉଳ ଚାହିଦା ମେଣ୍ଟାଇବା ପାଇଁ ଆମକୁ ବାହାର ରାଜ୍ୟରୁ ଚାଉଳ ଆମଦାନୀ କରିବାକୁ ପଡୁଥିଲା। ମାତ୍ର ଏବେ ଓଡ଼ିଶା ଦେଶର ଚତୁର୍ଥ ସର୍ବାଧିକ ଚାଉଳ ଉତ୍ପାଦନକାରୀ ରାଜ୍ୟ ହେବା ସହିତ ବଳକା ରାଜ୍ୟରେ ପରିଣତ ହୋଇଛି। ଏତେ ଅଧିକ ଧାନ ଉତ୍ପାଦନ ହେଉଛି ଯେ କେନ୍ଦ୍ର ସରକାର ଚାଷୀଙ୍କ ସବୁ ଧାନ ସଂଗ୍ରହ କରିପାରୁନାହାନ୍ତି।

■ କମ୍ ପାଣି ଥିବା ରାଜ୍ୟର ପାହାଡ଼ିଆ ଅଞ୍ଚଳରେ ମିଲେଟ୍ ଚାଷକୁ ପ୍ରୋତ୍ସାହନ ଦେଇ ଓଡ଼ିଶା ପ୍ରଥମେ ପଥପ୍ରଦର୍ଶକ ଭାବେ କାର୍ଯ୍ୟ କରିଥିବା ବେଳେ ଏବେ ସମଗ୍ର ଦେଶ ଏହାକୁ ଗ୍ରହଣ କରିଛି। ମିଲେଟ୍ ଚାଷ ଜରିଆରେ ଆଦିବାସୀଙ୍କ ଜୀବନଜୀବିକାର ସୁରକ୍ଷା ଏବଂ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରୁଥିବାରୁ ଓଡ଼ିଶାର ଏହି ଉଦ୍ୟମକୁ ମିଳିତ ଜାତିସଂଘ ମଧ୍ୟ ସ୍ୱୀକୃତି ଦେଇଛି।

■ ବିଗତ ୨୩ ବର୍ଷ ମଧ୍ୟରେ ଜଳସେଚନ କ୍ଷେତ୍ରରେ ବ୍ୟାପକ ରୂପାନ୍ତରଣ ହୋଇଛି। ୨୦୦୦ ମସିହାରେ ଖରିଫ ଓ ରବି ମିଶି ରାଜ୍ୟରେ ମାତ୍ର ୩୬ ଲକ୍ଷ ହେକ୍ଟର ଜମିକୁ ଜଳସେଚନର ସୁବିଧା ରହିଥିବା ବେଳେ ଏବେ ୬୬ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯାଉଛି। ଆଗାମୀ ନଭେମ୍ବର ସୁଦ୍ଧା ବରଗଡ଼ ଜିଲାରେ ଗଙ୍ଗାଧର ମେହେର ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହା ବ୍ୟତୀତ ଅନ୍ୟ କେତୋଟି ନିର୍ମାଣାଧୀନ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୨୦୨୪ ସୁଦ୍ଧା ରାଜ୍ୟର ୭୨ ଲକ୍ଷ ହେକ୍ଟର ଜମି ଜଳସେଚିତ ହୋଇପାରିବ।

■ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। କେନ୍ଦ୍ର ସରକାର ବିମାନ, ରେଳ ଯୋଗାଯୋଗ ଓ ସଡ଼କ ନିର୍ମାଣରେ ଓଡ଼ିଶା ପ୍ରତି କ୍ରମାଗତ ଭାବେ ଅବହେଳା କରିଆସୁଥିବା ବେଳେ ରାଜ୍ୟ ସରକାର ନିଜସ୍ୱ ଅର୍ଥରେ ଏହି କାର୍ଯ୍ୟକୁ ଆଗେଇ ନେଉଛନ୍ତି।

■ ସଡ଼କ ଯୋଗାଯୋଗ କ୍ଷେତ୍ରରେ ଅପେକ୍ଷାକୃତ ପଛରେ ଥିବା ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାକୁ ମୁଖ୍ୟତଃ ଫୋକସ୍ କରାଯାଇଛି। ୨୦୧୪ ମସିହାରେ ବିଜେଡି ନିର୍ବାଚନ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ରକ୍ଷାକରି ରାଜ୍ୟ ସରକାର ସୁନ୍ଦରଗଡ଼ର ରାଉରକେଲାରୁ ନବରଙ୍ଗପୁରର ଆମ୍ପାନି ପର୍ଯ୍ୟନ୍ତ ୫୪୬ କିମି ଦୀର୍ଘ ଚାରି ଲେନ୍ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି।

■ ବିଜୁ ଏକ୍ସପ୍ରେସ୍ ୱେ ଯୋଗୁ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ନୂଆପଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଆଦି ଜିଲାର ଲୋକେ ଉପକୃତ ହେବେ। ଏହି ରାସ୍ତା କଡ଼େ କଡ଼େ ଅନେକ କମ୍ପାନୀ ପୁଞ୍ଜି ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଥିବାରୁ ଏହିସବୁ ଜିଲାରେ ଶିଳ୍ପାୟନ ବଢ଼ିବା ସାଙ୍ଗକୁ ଅର୍ଥନୈତିକ ବିକାଶ ହେବ ଏବଂ ଅଧିକ ରୋଜଗାରର ସୁଯୋଗ ମଧ୍ୟ ସୃଷ୍ଟି ହେବ।

■ ବ୍ରହ୍ମପୁରରୁ ଜୟପୁର ଯାଏ ୩୩୫ କିମି ରାସ୍ତା ବିଜୁ ଏକ୍ସପ୍ରେସ ୱେ-୨ ନିର୍ମାଣ ଲାଗି ମଧ୍ୟ ଘୋଷଣା ହୋଇ ସାରିଛି। ଏ ବାବଦକୁ ୬୧୦୦ କୋଟି ଟଙ୍କା ଖର୍ଚ୍ଚହେବ।

■ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଶିଳ୍ପକ୍ଷେତ୍ରରେ ବିପୁଳ ପୁଞ୍ଜି ନିବେଶ ଯୋଗୁ ଓଡ଼ିଶା ଦେଶର ଅନ୍ୟତମ ଶିଳ୍ପସମୃଦ୍ଧ ରାଜ୍ୟରେ ପରିଣତ ହୋଇଛି। ଇସ୍ପାତ୍ ଓ ଆଲୁମିନିୟମ ଉତ୍ପାଦନରେ ଓଡ଼ିଶା ଦେଶର ଏକ ନମ୍ବର ରାଜ୍ୟ ହୋଇଛି। ଦେଶର ସର୍ବାଧିକ ଫସ୍‌ଫେଟ୍ ସାର ଉତ୍ପାଦନ ମଧ୍ୟ ଓଡ଼ିଶାରେ ହେଉଛି।

■ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଜରିଆରେ ଓଡ଼ିଶାରେ ୧୦ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ଲାଗି ଦେଶ ବିଦେଶର ଶିଳ୍ପସଂସ୍ଥାମାନେ ପ୍ରତିଶ୍ରୁତି ଦେଇଛନ୍ତି। ଭିତ୍ତିଭୂମିର ବିକାଶ ଫଳରେ ଡେଲଏଟ୍, ଆଇବିଏମ୍ ଭଳି ଅନ୍ତର୍ଜାତୀୟସ୍ତରର ବୃହତ୍ ଆଇଟି କମ୍ପାନୀମାନେ ଓଡ଼ିଶାରେ ସେମାନଙ୍କ ଶାଖା ଖୋଲିଥିବାବେଳେ ଅନ୍ୟ କେତେକ ବହୁଦେଶୀୟ କମ୍ପାନୀ ମଧ୍ୟ ଓଡ଼ିଶା ଆସିବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

■ ଶିଳ୍ପାଞ୍ଚଳ, ଏମ୍ଏସ୍ଏମ୍ଇ ପାର୍କ ଓ ଫୁଡ୍ ପାର୍କ ଆଦି ନିର୍ମାଣ ସାଙ୍ଗକୁ ଶିଳ୍ପ ଭିତ୍ତିଭୂମିର ବିକାଶ ଲାଗି ଖୁବ୍‌ଶୀଘ୍ର ଆହୁରି ୩୫୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଯାଉଛି। ଯାହାଫଳରେ ଦେଶ ବିଦେଶରୁ ଅଧିକରୁ ଅଧିକ ଶିଳ୍ପପତି ଓଡ଼ିଶାକୁ ଆସି ପୁଞ୍ଜି ନିବେଶ କରିବେ।

■ ବିଗତ ୨୩ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ଶିକ୍ଷା ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଓଡ଼ିଶାକୁ ଏକ ନୂତନ ଉଚ୍ଚତାକୁ ନେଇଛନ୍ତି। ଓଡ଼ିଶାରେ ଥିବା ୮ ହଜାର ସରକାରୀ ସ୍କୁଲରେ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରି, ଅତ୍ୟାଧୁନିକ ବିଜ୍ଞାନ ପରୀକ୍ଷାଗାର ଆଦି ନିର୍ମାଣ କରାଯାଇ ରୂପାନ୍ତରଣ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

■ 'ମୋ ସ୍କୁଲ' ଅଭିଯାନରେ ୩୩ ଲକ୍ଷ ପୁରାତନ ଛାତ୍ରୀଛାତ୍ର ପଞ୍ଜୀକୃତ ହୋଇଥିବାବେଳେ ସାଢ଼େ ସାତଲକ୍ଷ ପୁରାତନ ଛାତ୍ରୀଛାତ୍ର ନିଜ ନିଜ ସ୍କୁଲ ପାଇଁ ପ୍ରାୟ ୨୦୦ କୋଟି ଟଙ୍କା ଦାନ କରିଥିବାବେଳେ ରାଜ୍ୟ ସରକାର ୬୦୦ କୋଟି ଟଙ୍କା ଦେଇଛନ୍ତି। ଏହି ଅର୍ଥରେ ବିଭିନ୍ନ ସ୍କୁଲର ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି।

■ ସ୍କୁଲ୍‌ଗୁଡ଼ିକରେ ଫାଙ୍କା ପଡ଼ିଥିବା ଶିକ୍ଷକ ପଦ ପୂରଣ ଲାଗି ପର୍ଯ୍ୟାୟକ୍ରମେ ଶିକ୍ଷକ ନିଯୁକ୍ତି ଜାରି ରହିଥିବା ବେଳେ ଆଗାମୀ ଦିନରେ ସରକାର ଆହୁରି ୨୦ରୁ ୨୫ ହଜାର ଶିକ୍ଷକ ନିଯୁକ୍ତ କରିବାକୁ ଯାଉଛନ୍ତି।

■ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କୁ ଇଂଲିଶ୍ ମାଧ୍ୟମରେ ଶିକ୍ଷା ଦେବା ଲାଗି ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଇଥିବା ବେଳେ ୧୫୦ଟି ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ନିର୍ମାଣ ଲାଗି ଘୋଷଣା କରାଯାଇଛି।

■ ସ୍ୱାସ୍ଥ୍ୟକ୍ଷେତ୍ରରେ ଓଡ଼ିଶା ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ନାମରେ ଏକ ଯୁଗାନ୍ତକାରୀ ଯୋଜନା ପ୍ରଣୟନ କରି ରାଜ୍ୟର ସାଢ଼େ ୯୬ ଲକ୍ଷ ପରିବାରର ୩ କୋଟି ୩୦ ଲକ୍ଷ ଲୋକଙ୍କୁ ସମସ୍ତ ସରକାରୀ ଓ ୬୦୦ରୁ ଅଧିକ ବେସରକାରୀ ହସ୍ପିଟାଲରେ କ୍ୟାଶ୍ ଲେସ୍ ଚିକିତ୍ସା ସୁବିଧା କରିଛନ୍ତି। ଏହି ଯୋଜନାରେ ପୁରୁଷମାନେ ୫ଲକ୍ଷ ଏବଂ ମହିଳାମାନଙ୍କ ଲାଗି ୧୦ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପାଇଁ ବ୍ୟବସ୍ଥା କରାଯାଇଛି।

■ ୨୦୦୦ ମସିହା ବେଳକୁ ରାଜ୍ୟରେ ଥିବା ମାତ୍ର ୩ଟି ସରକାରୀ ମେଡିକାଲ କଲେଜରୁ ବର୍ଷକୁ ମାତ୍ର ୩୫୦ ଡାକ୍ତର ବାହାରୁଥିଲେ। ଫଳରେ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଡାକ୍ତର ପଦ ଖାଲି ପଡୁଥିଲା। ଇତିମଧ୍ୟରେ ସରକାରୀ ମେଡିକାଲ ସଂଖ୍ୟା ୯ରେ ପହଞ୍ଚିସାରିଛି ଏବଂ ଖୁବ୍‌ଶୀଘ୍ର ଆଉ ୪ଟି ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ତେଣୁ ୨୦୨୪ ସୁଦ୍ଧା ୧୩ଟି ସରକାରୀ ଓ ଅନ୍ୟ ଘରୋଇ ମେଡିକାଲ କଲେଜରୁ ବର୍ଷକୁ ପ୍ରାୟ ୨୨୦୦ ଡାକ୍ତର ବାହାରିବେ ଏବଂ ଆଗାମୀ ଦୁଇ/ତିନିବର୍ଷ ମଧ୍ୟରେ ଓଡ଼ିଶାରେ ଆଉ ଡାକ୍ତର ଅଭାବ ରହିବ ନାହିଁ।

■ ୨୩ ବର୍ଷ ତଳେ ଓଡ଼ିଆ ମହିଳାମାନେ ଘରୁ ପଦାକୁ ଗୋଡ଼ କାଢୁ ନ ଥିଲେ ଏବଂ କେବଳ ରୋଷେଇ ଓ ସନ୍ତାନ ଲାଳନପାଳନ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ। ମା'ମାନଙ୍କ ଉନ୍ନତି ନ ହେଲେ ଗୋଟିଏ ପରିବାର, ଗୋଟିଏ ରାଜ୍ୟ ଓ ଗୋଟିଏ ଜାତି ଆଗକୁ ଯାଇପାରିବ ନାହିଁ। କିନ୍ତୁ ନବୀନ ବାବୁ କ୍ଷମତାକୁ ଆସିଲା ପରେ ଏହାକୁ ଉପଲବ୍ଧି କରିଥିଲେ ଏବଂ ଏ ଦିଗରେ ପଦକ୍ଷେପ ନେଇଥିଲେ। ଏବେ ମିଶନ ଶକ୍ତି ଜରିଆରେ ଓଡ଼ିଶାରେ ମହିଳାମାନଙ୍କ ସଶକ୍ତୀକରଣ ଆଜି ସମଗ୍ର ଦେଶରେ ଅନ୍ୟ ରାଜ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇପାରିଛି।

■ ରାଜ୍ୟର ୭୦ ଲକ୍ଷରୁ ଅଧିକ ମହିଳା ୭ଲକ୍ଷ ଏସ୍ଏଚ୍‌ଜି ଗଠନ କରି ବିଭିନ୍ନ ବୃତ୍ତି ଓ ବ୍ୟବସାୟ ଜରିଆରେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ଦେଇପାରିଛନ୍ତି। ଏବେ ମିଶନ ଶକ୍ତି ଏହି ଏସ୍ଏଚ୍‌ଜି ମହିଳାମାନଙ୍କୁ ଉଦ୍ୟୋଗୀରେ ପରିଣତ କରିବାକୁ ନାନା ପଦକ୍ଷେପ ନେଇଛି। ଆଗାମୀ ୫ ବର୍ଷ ମଧ୍ୟରେ ଏସ୍ଏଚ୍‌ଜିଗୁଡ଼ିକୁ ୫୦ ହଜାର କୋଟିରେ ଋଣ ଯୋଗାଇବା ସହ ସୁଧ ରିହାତି ପ୍ରଦାନ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି।

■ ୨୩ ବର୍ଷ ତଳେ ଓଡ଼ିଶାରେ ଶିଶୁ ମୃତ୍ୟୁହାର (IMR) ଓ ମାତୃ ମୃତ୍ୟୁ ହାର (MMR) ଅତ୍ୟନ୍ତ ଉଦ୍‌ବେଗଜନକ ଥିଲା। ଶିଶୁ ମୃତ୍ୟୁହାରରେ ଓଡ଼ିଶା ଦେଶର ରାଜ୍ୟମାନଙ୍କ ତାଲିକାରେ ୨୯ ନମ୍ବରରେ ଥିଲା। ଏହାଛଡ଼ା ଅପପୁଷ୍ଟି ଯୋଗୁ ଶିଶୁମାନଙ୍କ ଶାରୀରିକ ଓ ମାନସିକ ଅଭିବୃଦ୍ଧି ମଧ୍ୟ ହୋଇପାରୁ ନ ଥିଲା। ଏ ଦିଗରେ ନିରନ୍ତର କାର୍ଯ୍ୟ କରିବା ଫଳରେ ଓଡ଼ିଶାରେ ଶିଶୁ ମୃତ୍ୟୁହାର ସର୍ବାଧିକ ହ୍ରାସ ପାଇ ୯୧ରୁ ୩୬ (ପ୍ରତି ୧ ହଜାରରେ)କୁ ଖସିଆସିଛି। ସେହିପରି ଓଡ଼ିଶାରେ ମାତୃ ମୃତ୍ୟୁହାର ମଧ୍ୟ ୪୫୦ରୁ ହ୍ରାସ ପାଇ ୧୧୯ (ପ୍ରତି ୧ ଲକ୍ଷରେ) ହୋଇଛି। ମାତୃ ମୃତ୍ୟୁହାରରେ ଏହା ଦେଶରେ ଦ୍ୱିତୀୟ ସର୍ବାଧିକ ହ୍ରାସ।

■ ପୂର୍ବରୁ ଓଡ଼ିଶାରେ ବିଦ୍ୟୁତ୍ କାଟ୍ ଓ ଲୋ-ଭୋଲଟେଜ୍ ସମସ୍ୟା ଉତ୍କଟ ଥିବା ବେଳେ ଗତ କିଛିବର୍ଷ ମଧ୍ୟରେ ଏଥିରେ ବ୍ୟାପକ ସୁଧାର ଆସିଛି। ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ବ୍ୟାପକ ସଂସ୍କାର ଫଳରେ ଏବେ ଆଉ ରାଜ୍ୟରେ ଅଘୋଷିତ ବିଦ୍ୟୁତ୍ କାଟ୍ ଏକପ୍ରକାର ବନ୍ଦ ହୋଇଯାଇଛି। ଏହାଛଡ଼ା ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ ବଢ଼ିଥିବାରୁ ଓଡ଼ିଶା ଏବେ ବିଦ୍ୟୁତ୍ ବଳକା ରାଜ୍ୟରେ ମଧ୍ୟ ପରିଣତ ହୋଇଛି।


**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India** | Andhra | Corporation

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
୩ୟ ମହଲା, ଆଶିଷ୍ ପ୍ଲାଜା, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର - ୭୫୬୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଡୁବୁରି ଶାଖା-୨** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଡୁବୁରି ଶାଖା-୨** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଡୁବୁରି ଶାଖା-୨/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ସେକ୍ ମନ୍‌ଜୁର ଅଲ୍ଲି,** ପିତା: ଅବଦୁଲ ସତାର, ସା/ପୋ./ଥାନା: ସୁକିନ୍ଦା, ଜିଲ୍ଲା: ଯାଜପୁର-୭୫୫୦୧୮/ **ଗ୍ୟାରେଣ୍ଟିଦାତାମାନେ:୧) ପ୍ରଦୀପ୍ତ କୁମାର ରାୟ,** ପିତା: ସୁକାନ୍ତ ରାୟ, ସା: ମାଣତିରା, ଭାୟା: ଦାନଗଦି, ଜିଲ୍ଲା: ଯାଜପୁର-୭୫୫୦୨୬, **୨) ଆଶୁତୋଷ ଦ୍ୱିବେଦୀ,** ପିତା: ଲୋକନାଥ ଦ୍ୱିବେଦୀ, ସା/ପୋ./ଥାନା: ସୁକିନ୍ଦା, ଜିଲ୍ଲା: ଯାଜପୁର-୭୫୫୦୧୮ | ଟ.୧୫,୭୨,୮୨୭.୭୦ + ସେବାବଦ ସୁଧ | ୧୪.୦୯.୨୦୨୨ / ୦୪.୦୩.୨୦୨୩ | ମନ୍‌ଜୁର ଅଲ୍ଲିଙ୍କ ନାମରେ ଥିବା ଜମି ଏବଂ ଗୃହ - ୩ ବିଆର୍ ଫ୍ଲାଟ୍ ଯାହାର ନଂ.: ଏ ୩/୧, ୨ୟ ମହଲା, ସୁପର ବିଲ୍ଟ-ଅପ୍ ଏରିଆ: ୧୪୭୨ ବର୍ଗଫୁଟ (ଏକର ୦.୦୩୪ଡିସିମିଲି) ସହିତ ହେନା ଆପାର୍ଟମେଣ୍ଟରେ ଥିବା ଜମିର ଆନୁପାତିକ ଅଂଶ, କହ୍ନେଇପୁର, ଯାଜପୁର ରୋଡ୍, |

ମୌଜା: ଚାନ୍ଦମା, ସ୍ଥିତିବାନ ଖାତା ନଂ.: ୪୮୨, ପ୍ଲଟ୍ ନଂ.: ୨୨୨, ଖାତା ନଂ.: ୬୧୧, ପ୍ଲଟ୍ ନଂ.: ୨୨୨/୨୩୨୪, ଖାତା ନଂ.: ୩୫୬, ପ୍ଲଟ୍ ନଂ.: ୨୨୨/୨୩୨୫, ଖାତା ନଂ.: ୫୩, ପ୍ଲଟ୍ ନଂ.: ୨୨୨/୨୩୨୩, **ସମୁଦାୟ କ୍ଷେତ୍ର: ଏକର୦.୪୨ଡିସିମିଲି,** ଓମ୍ ବିଲ୍ଡର୍ସ ଆଣ୍ଡ ଡେଭେଲପର୍ସରୁ, ସମ୍ପତ୍ତିର ଚାରିପାର୍ଶ୍ୱରେ ଉତ୍ତର: ସୀମା ସରହଦ, ଦକ୍ଷିଣ: ମେନ୍ ରୋଡ, ପୂର୍ବ: ପ୍ଲଟ୍ ନଂ.: ୨୨୧, ପଶ୍ଚିମ: ରାସ୍ତା

ସ୍ଥାନ: ବାଲେଶ୍ୱର
ତାରିଖ: ୦୪.୦୩.୨୦୨୩

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**FORM NO. 14**
[See Regulation 33(2)]
GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
COURT OF THE RECOVERY OFFICER
Plot No. C/71, Sector-7, CDA, Cuttack - 753014
**DEMAND NOTICE**
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/06/2021 21/02/2023

STATE BANK OF INDIA
Versus
M/S NATIONAL FOOTWEAR AND OTHERS

To
**(CD 1) MS National Footwear,** Ice Factory Road, College Square, Cuttack-751003
**(CD 2) Sri Binod Bihari Sahoo,** S/o.: Kanhu Charan Sahoo, At: Padmapur, PS: Jagatpur, Dist.: Cuttack-752013
**(CD 3) Sayed Samser Ali,** S/o.: Sayed Murtuxza Ali, Medical Bazar, Padmapur, PS: Jagatpur, Dist.: Cuttack-752013

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/156/2014** an amount of **Rs.10,87,747.00 (Rupees Ten Lakh Eighty Seven Thousand Seven Hundred Forty Seven Only)** along with pendentellite and future interest @ 10% compound interest Quarterly w.e.f. **31/12/2013** till realization and costs of **Rs.13,000/- (Rupees Thirteen Thousand Only)** has become due against you (Jointly and severally/ Fully/ Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **23/05/2023 at 10.30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate / execution proceedings.
   (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: 21/02/2023

**Sd/- Recovery Officer**
**DEBTS RECOVERY TRIBUNAL CUTTACK**



**ODISHA CONSTRUCTION CORPORATION LIMITED**
(A Govt. of Odisha Undertaking)
No. CAD-5036 Unit - VIII, Bhubaneswar, e-mail: theoccltd@odishaconstruction.com
GSTIN - 21AAACO2571K2ZM
**e-Procurement Notice No. 60/OCCL/2022-23 (Online)**

Name of Work : Renovation, Slope protection & beautification work of Taladanda Main Canal from RD 3.89 Km. to RD 5.16 Km. (NH 16 Crossing to Nuabazar Bridge) through Cementious Geo-Synthetic Concrete Mattress (CGCM).
Total No. of Works : 01 (One) No.
Period of Completion : 06 (Six) Calendar Months

| Bid Identification No. | Amount put to Tender (Approx.) (Rs. in Crore) | Bid Security (through Online transfer) (In Rs.) | Availability of Tender (Online) | Submission of Tender (Online) |
|---|---|---|---|---|
| OCC-CGP/01/ 2022-23 | 18.05 Crores | 18.05 Lakhs | 10.03.2023, 3.30 P.M. to 24.03.2023, 5.30 P.M. | 10.03.2023, 3.30 P.M. to 24.03.2023, 5.30 P.M. |

Procurement Officer - Managing Director, OCC Ltd., Bhubaneswar
Date of Opening of the Technical Bid: 27.03.2023, 12.00 Noon
Further detail can be seen from the Govt. website **(www.tendersodisha.gov.in)**.
**OIPR-34120/11/0055/2223** **Sd./- Managing Director**



**ZILLA SWASTHYA SAMITI, NABARANGPUR**
**OFFICE OF CDM & PHO-CUM-DISTRICT MISSION DIRECTOR, NABARANGPUR**
No. 1804 Date: 03.03.2023
**NOTIFICATION**
No. E-956: In pursuance to the advertisement No. 316 Dtd.07.12.2022 the data sheet of the candidates based upon the documents received from the applicants for various posts under NHM is made available in the district website of Nabarangpur district **www.nabarangpur.nic.in** for viewing of the prospective candidates and inviting objections on the database if any. No fresh documents will be entertained by the undersigned. The envelope containing the objections if any should be super scribed on the top of the envelope as **"Objection for the post of ..............."** and address to the CDM & PHO, Nabarangpur, At/P.O.: Mirganguda, District: Nabarangpur, PIN - 764059 through Registered Post/Speed Post, Courier on or before **15.03.2023 by 5 P.M.**

**Sd./- (Dr. Kali Prasad Behera)**
**CDM & PHO-cum-District Mission Director, Nabarangpur**
OIPR-10164/11/0004/2223



**कार्यपालक अभियंता का कार्यालय लघु वितरणी प्रमण्डल संख्या-7 गालुडीह**
**Email ID:** eemdd7gal.chandil@gmail.com

**Short E-Procurement Tender Notice (e-Tender Notice)2nd Call**
ई0-निविदा रेफ्रेन्स नं0-WRD/MDD-7/GALUDIH/SBD-18/2022-23, दिनांक 02.03.2023

| | | |
|---|---|---|
| 1. | विभाग का नाम | जल संसाधन विभाग, झारखंड सरकार। |
| 2. | कार्य का नाम | Const. of Sub Minor & W/C of OL-52 through UGPL, Ex. Km 112.640 of CLMC. |
| 3. | प्राक्कलित राशि | रू0 17,24,59,100.00 ( करोड लाख हजार ) मात्र। |
| 4. | कार्य पूर्ण करने का समय | 550 दिन |
| 5. | वेवसाईट पर ई0-निविदा प्रकाशन की तिथि | 04.03.2023, 12.00 बजे अपराह्न से |
| 6. | ई0-निविदा अभिलेख डाउनलोड/अपलोड करने की तिथि | 06.03.2023 से 22.03.2022, 5.00 बजे अपराह्न तक |
| 7. | परिमाण विपत्र का मूल्य एवं अग्रधन की राशि जमा करने की अंतिम तिथि | 23.03.2023 5.00 बजे अपराह्न तक |
| 8. | ई0-निविदा (तकनीकी बीड) खोलने की तिथि समय | 24.03.2023, 12.00 बजे अपराह्न |
| 9. | ई0-निविदा प्रकाशित करने वाले पदाधिकारी का नाम एवं पता | कार्यपालक अभियंता, लघु वितरणी प्रमण्डल संख्या-7, गालुडीह। |
| 10. | ई0 प्रोक्यूरमेंट पदाधिकारी का मोबाईल नं0 | 7761822355 |
| 11. | ई0 प्रोक्यूरमेंट सेल का हेल्पलाईन नं0 | 0657-2371765 |

नोटः- सिर्फ ई-निविदा स्वीकार होगा । ज्यादाजानकारी के लिए हमारे वेवसाईट http://jharkhandtenders.gov.in पर देखें ।
*प्राक्कलित राशि : It may vary.

कार्यपालक अभियंता,
लघु वितरणी प्रमण्डल संख्या-7 गालूडीह
PR 291789 (Water Resource)22-23*D



**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com (0663) 2460661,
No. CAD-5042 Email-hpschiplima@yahoo.in, Fax No. (0663) 2460505
No.-CHEP/TW-93 (Vol.-III)/895 Date: 04.03.2023

**TENDER CALL NOTICE NO.-CHEP-57/2022-23**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Distributors, Reputed General Order Suppliers for supply of the materials as mentioned below;

| Description | Cost of Tender Paper (Non-refundable) | EMD (Refundable) |
|---|---|---|
| Supply of Safety Shoes & Formal Shoes to CHEP, Chiplima | Rs.708/- (Rs.600/- + GST @18%) | Rs.1,780/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website **www.ohpcltd.com from dtd.09.03.2023 up to 12:30 PM of dtd.21.03.2023.**

OIPR-04006/11/0048/2223 **Sd/- C & P Head, CHEP, Chiplima**



**Office of Executive Engineer**
**Drinking Water & Sanitation Division, Hazaribag**
**Very Short Re-Tender e-Procurement Notice (2nd Call)**
**Tender reference:-HZB/JJM/SVS_Cluster/15/2022-23(2nd Call)** **Date :- 03.03.2023**
**P.R. No.- 286088 Drinking Water and Sanitation (22-23)_D**

1. **Name of Work-**Construction of Cluster wise Single Village Water Supply Schemes based on Solar Energy Based Mini Rural Pipe Water Supply Schemes in different blocks of Hazaribag District which are not included in MVS/Other Schemes to supply water and house connection with 05 Years Operation and Maintenance works on "Turn Key Basis" Under D.W.&S. Division, Hazaribag for the Year 202 2-23 (Head-JJM)

| Sl. No. | Group No | No of Panchayat | No of FHTC | Estimated Cost (in Lakhs) | E. M. Required (in Lakhs) | Cost Of BOQ (in Rs.) | Time of Completion |
|---|---|---|---|---|---|---|---|
| a | HZB/SVS_Cluster/ BARKAGAON-14 | 01 | 1388 | 502.56 | 05.03 | 10,000.00 | 09 Months |
| b | HZB/SVS_Cluster/ BARHI-51 | 02 | 1956 | 751.60 | 07.52 | 10,000.00 | 09 Months |
| c | HZB/SVS_Cluster/ BARHI-53 | 02 | 1863 | 732.47 | 07.33 | 10,000.00 | 09 Months |

| | | |
|---|---|---|
| 2. | Date of Tender uploading in website | Date:-09.03.2023 up to 02:00 PM |
| 3. | Last date receipt of Bid | Date:-15.03.2023 upto 05.00 PM |
| 4. | Last date submission cost of BOQ and EMD (in hard copy) | Date:-16.03.2023 upto 04.00 PM in the office of the 1. Executive Engineer, D. W. & S. Division, Hazaribag 2. Superintending Engineer, D.W.& S. Circle, Hazaribag 3. Regional Chief Engineer, D.W. & S. Department Ranchi Zone, Ranchi |
| 5. | Date of opening tender | Date:-17.03.2023 upto 03.00 PM |
| 6. | Name and address of office inviting tender | Executive Engineer, Drinking Water & Sanitation Division, Hazaribag |
| 7. | Name and address of tender opening officer | Executive Engineer, Drinking Water & Sanitation Division, Hazaribag |
| 8. | Contact no of e-procurement office | 06546-262291 |
| 9. | Helpline No. of e-procurement cell | 0651-2480345 |

i) Estimated Cost & EMD Cost may be changed.
ii) Further details can be seen on website- http://jharkhandtenders.gov.in

**Executive Engineer**
**D.W. & S. Division, Hazaribag**
PR 291964 Drinking Water and Sanitation (22-23)_D



**Government of Odisha "e" Procurement Notice**
**WORKS DEPARTMENT**
No. B-1325
Bid Identification No. C.C.E.K.C., Keonjhar No. 40/2022-23
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
**Letter No. 1052** **Dt. 28.02.2023**

1. No. of the Work : 5 Number Building Works
2. Estimated Cost : Rs.326.22 lakhs to Rs.345.95 lakhs
3. Class of Contractor : "A" Class
4. Period of Completion : 9 (Nine) Calendar Months
5. Date and time of availability of Bid document in the portal : From 11.00 hours of 15.03.2023 to 16.00 hours of 29.03.2023
6. Last date/time for receipt of bids in the portal : 16.00 hours of 29.03.2023
7. Date of Opening of Bid from Portal : 11.30 hours on 31.03.2023
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "**http://tendersodisha.gov.in**".

**Sd./- Chief Construction Engineer**
**Keonjhar (R&B) Circle, Keonjhar**
OIPR-34033/11/0051/2223



**OFFICE OF THE NOTIFIED AREA COUNCIL, UDALA**
At/P.O.: Udala, Dist.: Mayurbhanj, Odisha, PIN - 757041
Email: udalanac@gmail.com, Website: www.udalanac.in
**No. 415/NAC** **Date: 02.03.2023**

**TENDER CALL NOTICE TOWARDS PROVISION OF MANPOWER FOR CLEANING AND SANITATION SERVICES IN NAC, UDALA**

No. C-2584: Sealed Bid in conformity with detailed tenders are invited from intending registered firms/reputed Manpower Agencies/Service Providers/Private Companies for outsourcing of manpower for cleaning and sanitation services in NAC, Udala working within the jurisdiction of Odisha, having eligibility criteria as stipulated in tender document, so as to reach by **Speed Post/Registered Post/By Hand only to the Executive Officer, NAC, Udala by 11.00 A.M. on Dt.16.03.2023 and bid documents will be opened on Dt.16.03.2023 at 11.30 A.M.** in presence of the bidder or their authorized representative who wish to remain present for the occasion. If the office happens to be closed due to subsequent declaration of holiday, the process of receipts and opening schedule will be on next working day at the specified time and venue without any further notice. **The Bid document should be purchased from the Office of the Udala NAC starting from 10.00 A.M. on 03.03.2023 and will close by 4.00 P.M. on 15.03.2023** on any working days by giving cost of bid document in shape of Cash. The intending bidders shall have to pledge the cost of EMD in favour of Executive Officer, Udala NAC.

| Sl. No. | Name of the Work | Estimated Cost of Work/Month | Cost of Bid Document | EMD | Period of Contract |
|---|---|---|---|---|---|
| 1 | For Privatisation of Sanitation Works: Road Sweeping, Cleaning of Drains, Bush Cutting in Ward No. 01 to 12 and transportation of road sweeping waste to identified dumping yard/MRF Centre under Udala NAC & land filling | 9,67,837/- | 5,900/- (Including GST) | 10000/- | Three Years |

Bid documents should be submitted through Speed Post/Registered Post/By Hand only, super scribing **"FOR PRIVATISATION OF SANITATION WORKS: Road Sweeping, Cleaning of Drains, Bush Cutting in Ward No. 01 to 12 and transportation of road sweeping waste to identified dumping yard/MRF Centre under UDALA NAC & Land filling"** and addressed to **Executive Officer, Udala N.A.C., At/P.O.: Udala, Dist.: Mayurbhanj, Odisha, PIN - 757041**. However UDALA NAC will be in no way responsible for postal delay to the receipts of bid documents beyond scheduled date and time. The bid must be accompanied with required EMD failiing which the bid will be rejected out rightly.

**Sd./- Executive Officer, Notified Area Council, Udala**
**OIPR-13162/11/0004/2223**



**ORISSA LIFT IRRIGATION CORPORATION LTD.**
(A Govt. of Orissa Undertaking)
**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, JAJPUR ROAD**
eeli.jajpurroad@gmail.com
**SHORT TENDER CALL NOTICE**
**No. 1114** **Dt.02.03.2023**

No. CAD-5016: Sealed quotations are invited from interested reputed Travel Agencies/Tour Operations/Private individuals for providing 1(One) A/C diesel driven Bolero (Mahindra)/Scorpio vehicle having sitting capacity not more than seven including Dirver, which shall confirm to the following terms and conditions for official use in this Department for L.I. Sub-Division, Jajpur & Binjharpur on monthly rent basis and the vehicle must be in Road worthy condition, shall not be more than 5 year old from the date of initial registration, fuel efficiency 10 Km/Ltr.

1. The tender paper containing General Bid information & Terms and Conditions for hiring of Vehicle etc. will be available from Dt.13.03.2023 to 14.03.2023 (from 11.00 A.M. to 2.00 P.M.) at office of the Executive Engineer, L.I. Division, Jajpur Road on payment of Rs.100.00 to be paid in shape of Bank Draft drawn in favour of Executive Engineer, L.I. Division, Jajpur Road (Non-refundable) and 5% GST Charges in shape of Challan on OLIC GST No. 21AAACO5986G1ZF. Further security deposit Rs.5000/- shall be deposited in shape of STDR/NSC duly pledged in favour of the Executive Engineer, L.I. Division, Jajpur Road with tender document.
2. The tender paper will be received in office of the Executive Engineer, L.I. Division, Jajpur Road on 15.03.2023 (from 11.00 A.M. to 2.00 P.M.) and shall be opened on the same day at 3.00 P.M. in presence of the bidders or their authorized representatives.
3. The authority shall reserves the right to cancel or reject all the tender papers without assigning reason thereoff.

**Sd./- Executive Engineer**
**Lift Irrigation Division, Jajpur Road**
**OIPR-32146/11/0010/2223**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସରକାର ନିଜର ବ୍ରାଣ୍ଡିଂ କରୁଛନ୍ତି: ଅପରାଜିତା

ଭୁବନେଶ୍ୱର,୪।୩(ବ୍ୟୁରୋ)

**■ ଜନମାନସରେ ତିଷ୍ଠି ରହିବାକୁ ଅପରାଜିତା ଏପରି କହୁଛନ୍ତି: ସୁଲତା**

ମାର୍ଚ୍ଚ ୫ ତାରିଖରେ ବିଜେଡି ପକ୍ଷରୁ ବିଜୁବାବୁଙ୍କ ଜୟନ୍ତୀ ପାଳନ ହେଉଛି। ଏହି କାର୍ଯ୍ୟକ୍ରମରେ ନବୀନ ଓଡ଼ିଶା ଗଢ଼ିବା ପାଇଁ ବିଜୁ ଜୟନ୍ତୀରେ ବିଜେଡି କର୍ମୀ ଶପଥ ନେବେ । ନବୀନ ଓଡ଼ିଶା ସ୍ଲୋଗାନକୁ ଭାଜପା ନାପସନ୍ଦ କରିଛି। ନବୀନ ଓଡ଼ିଶା ସ୍ଲୋଗାନ ଦେଇ ସରକାର ନିଜର ବ୍ରାଣ୍ଡିଂ କରୁଛନ୍ତି ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଅମୂଳକ ଏବଂ ଭିତ୍ତିହୀନ। ଜନମାନସରେ ତିଷ୍ଠି ରହିବା ପାଇଁ ସେ ମଝିରେ ମଝିରେ ଏଭଳି ଅବାନ୍ତର କଥା କୁହନ୍ତି ବୋଲି ବିଜେଡି ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ କହିଛନ୍ତି । ଏକ ପ୍ରେସ୍ ବିବୃତିରେ ଦେଓ କହିଛନ୍ତି, ଅପରାଜିତା ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇ ଓଡ଼ିଶାରେ ଦୀର୍ଘ ବର୍ଷ କାମ କରିଛନ୍ତି । ତେଣୁ ସେ ନିଶ୍ଚୟ ଭଲ ଭାବରେ ଅନୁଭବ କରିଥିବେ ଯେ ୨୩ ବର୍ଷ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଶାସନଭାର ଗ୍ରହଣ କଲାବେଳେ ଓଡ଼ିଶା କେଉଁଠି ଥିଲା ଏବଂ ଆଜି ଓଡ଼ିଶା କେଉଁଠି ପହଞ୍ଚିଛି। କିନ୍ତୁ ସମ୍ଭବତଃ ବିରୋଧୀ ଦଳରେ ଥିବାରୁ ବାଧ୍ୟବାଧକତାରେ ସେ ଏପରି କହୁଛନ୍ତି । ଆମ ମୁଖ୍ୟମନ୍ତ୍ରୀ କଥାରେ ନୁହେଁ, କାମରେ ବିଶ୍ୱାସ କରନ୍ତି । ମୁଖ୍ୟମନ୍ତ୍ରୀ ଶିକ୍ଷା ଭିତ୍ତିଭୂମିର ବିକାଶ ଓ ରୂପାନ୍ତରଣ କ୍ଷେତ୍ରରେ ଓଡ଼ିଶାକୁ ଏକ ନୂତନ ଉଚ୍ଚତାକୁ ନେଇଛନ୍ତି ବୋଲି ସୁଲତା କହିଛନ୍ତି ।

# ଏତଲା ନ ରଖିଲେ ନ୍ୟାୟାଳୟ ଦ୍ୱାରସ୍ଥ ହେବୁ: ଭାଜପା

ଭୁବନେଶ୍ୱର,୪।୩(ବ୍ୟୁରୋ)

ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଫେବୃୟାରୀ ୨୮ ତାରିଖରେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱରରେ ଆନ୍ଦୋଳନ କରାଯାଇଥିଲା। ଏହି ଆନ୍ଦୋଳନ ବେଳେ ପୋଲିସ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା । ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ପୋଲିସ ଗିରଫ କରିବା ବିରୋଧରେ ଦିଆଯାଇଥିବା ଏଫ୍‌ଆଇଆର ନ ରଖିବା ଓ କାର୍ଯ୍ୟାନୁଷ୍ଠାନ ନ ନେବା ପ୍ରତିବାଦରେ ଶନିବାର ରାଜ୍ୟର ସମସ୍ତ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କ୍ରମରେ ଭୁବନେଶ୍ୱର ବାଣୀବିହାରସ୍ଥିତ ଡିସିପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ।

ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନରତ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ପୋଲିସ ବର୍ବରୋଚିତ ମାଡ ମାରିବା ସହିତ ଶାସକ ବିଜେଡିର ନିର୍ଦ୍ଦେଶରେ ୨୨ ଜଣ ଯୁବ କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରିବାକୁ ଓଡ଼ିଶାବାସୀ ଆଦୌ ସହ୍ୟ କରିପାରୁନାହାନ୍ତି। ଏହା ବିରୋଧରେ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି । ସେ କହିଛନ୍ତି, ପୋଲିସ ଶାସକ ଦଳର ହାତବାରିସି ସାଜି କାର୍ଯ୍ୟ କରୁଥିବା ଯୋଗୁ ସାଧାରଣ ଜନତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ପୋଲିସର ପକ୍ଷପାତିତା କାରଣରୁ ସାଧାରଣ ଲୋକ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି, ଯାହାକି ଗଣତନ୍ତ୍ର ପ୍ରତି ବିପଦ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ କହିଛନ୍ତି । ଯଦି ପୋଲିସ ଏତଲା ନ ରଖେ ତାହାହେଲେ ଆଗାମୀ ଦିନରେ ଭାଜପା ନ୍ୟାୟପାଳିକାର ଦ୍ୱାରସ୍ଥ ହେବ ବୋଲି ଚେତାବନୀ ଦେଇଛନ୍ତି। ଏଥି ସହ ଦଳ ପକ୍ଷରୁ ରାଉରକେଲା ସମେତ ସମସ୍ତ ଜିଲାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ଆଜି ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଭୁବନେଶ୍ୱର,୪।୩(ବ୍ୟୁରୋ)

**ପଞ୍ଚାୟତିରାଜ ଦିବସକୁ ବିରୋଧ**

ସର୍ବଭାରତୀୟ ସ୍ତରରେ ଏପ୍ରିଲ ୨୪ ତାରିଖକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଥିବାବେଳେ ଓଡ଼ିଶାରେ ବିଜେଡି ସରକାର ମାର୍ଚ୍ଚ ୫ରେ ପାଳନ କରିବା କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ନାହିଁ । ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟ ସରକାର ହତ୍ୟା କରିଛନ୍ତି ବୋଲି ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ତରଫରୁ ପାଳନ କରାଯାଉଥିବା ପଞ୍ଚାୟତିରାଜ ଦିବସକୁ ଭ୍ରଷ୍ଟାଚାର ଦିବସ ଭାବେ ଦଳ ପକ୍ଷରୁ ପାଳନ କରାଯିବ। ରାଜ୍ୟର ୩୧୪ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ହାତରେ କଳାପଟି ବାନ୍ଧି ବିରୋଧ ପ୍ରଦର୍ଶନ କରିବ ବୋଲି ହରିଚନ୍ଦନ କହିଛନ୍ତି।



ଭୁବନେଶ୍ୱର ଡିସିପି ଅଫିସ ସମ୍ମୁଖରେ ଶନିବାର ଭାଜପା ପକ୍ଷରୁ ଦିଆଯାଇଥିବା ଗଣଧାରଣାରେ ଦଳୀୟ ନେତା ଓ କର୍ମୀ ।

# ଉଜ୍ଜ୍ୱଳା ନୁହେଁ, ଉଜୁଡ଼ା ଯୋଜନା: ମହିଳା କଂଗ୍ରେସ


ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି ।

ଭୁବନେଶ୍ୱର,୪।୩(ବ୍ୟୁରୋ)

**ଏଲ୍‌ପିଜି ଦର ବୃଦ୍ଧି ପ୍ରତିବାଦରେ ମହିଳା କଂଗ୍ରେସର ବିକ୍ଷୋଭ**

କେନ୍ଦ୍ର ସରକାର ନିକଟରେ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୫୦ଟଙ୍କା ଏବଂ ବ୍ୟବସାୟିକ ସିଲିଣ୍ଡର ପିଛା ୩୫୦ ଟଙ୍କା ଦରବୃଦ୍ଧି କରିଛନ୍ତି। ଏହି ଦରବୃଦ୍ଧି ପ୍ରତିବାଦରେ ଅଖିଳ ଭାରତ ମହିଳା କଂଗ୍ରେସ ଓ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ଶନିବାର ଜିଲା ମହିଳା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଏବଂ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି ଉଜ୍ଜ୍ୱଳା ଯୋଜନାକୁ ଉଜୁଡ଼ା ଯୋଜନା ବୋଲି କହିଥିଲେ । ଭୁବନେଶ୍ୱର ଜିଲା ମହିଳା କଂଗ୍ରେସ କମିଟି ସଭାପତି ଗୀତାଞ୍ଜଳି ମହାନ୍ତିଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନଙ୍କର ଏକ ଶୋଭାଯାତ୍ରା କଂଗ୍ରେସ ଭବନଠାରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମୋଦି ସରକାରଙ୍କ ଗରିବ ମାରଣ ନୀତି ବିରୋଧରେ ନାରାବାଜି କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ବାରମ୍ବାର ଏଲ୍‌ପିଜିର ଦରବୃଦ୍ଧି ଫଳରେ ଉଭୟ ଗରିବ ପରିବାର ଓ ବ୍ୟବସାୟୀ ଗୋଷ୍ଠୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି । କେନ୍ଦ୍ର ସରକାରଙ୍କ ଏହି ଜନମାରଣ ନୀତିକୁ ମହିଳା ନେତ୍ରୀମାନେ ତୀବ୍ର ସମାଲୋଚନା କରିଛନ୍ତି । ଦର ହ୍ରାସ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ମହିଳା କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତିମା ମଲ୍ଲିକ, ପ୍ରଣତି ମିଶ୍ର, କନକଲତା ମଲ୍ଲିକ, ପ୍ରଭାବତୀ ପଟ୍ଟନାୟକ, ଦୀପ୍ତି ପ୍ରଧାନ, ଚୈତାଳୀ ପଟ୍ଟନାୟକ, ସିକ୍ତା ପଟ୍ଟନାୟକ, ଉର୍ବଶୀ ମିଶ୍ର, ଶ୍ରୀୟା ମହାନ୍ତି, ଜୟଶ୍ରୀ ପାତ୍ର, ବୈଜୟନ୍ତୀ ତ୍ରିପାଠୀ, ପ୍ରତିମା ମହାନ୍ତି, ରୀତା ବାରିକ, ନିର୍ମଳା ମଲ୍ଲିକ, ଜ୍ୟୋତିସ୍ମିତା ରାଉତ, ଅନ୍ନପୂର୍ଣ୍ଣା ତରାଇ, କବିତା ଦାସ ପ୍ରମୁଖ ଯୋଗଦେଇଥିଲେ।

# ହିନ୍ଦୋଳ,ଅତାବିରା ଏନ୍‌ଏସି ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୪।୩(ବ୍ୟୁରୋ)

ଢେଙ୍କାନାଳ ଜିଲାର ହିନ୍ଦୋଳ ଏବଂ ବରଗଡ଼ ଜିଲାର ଅତାବିରା ଏନ୍‌ଏସି ନିର୍ବାଚନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି। ରାଜ୍ୟ ସରକାରଙ୍କ ବରିଷ୍ଠ ଓ ଦକ୍ଷ ଅଧିକାରୀମାନଙ୍କୁ ରାଜ୍ୟ ନିର୍ବାଚନ ଆୟୋଗ ସାଧାରଣ ପର୍ଯ୍ୟବେକ୍ଷକ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛନ୍ତି । ଅତାବିରା ଏନ୍‌ଏସି ପାଇଁ ନୃସିଂହ ଚରଣ ସ୍ୱାଇଁ ଓ ହିନ୍ଦୋଳ ଏନ୍‌ଏସି ପାଇଁ ବିମଳେନ୍ଦୁ ରାୟ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି । ଦିଲୀପ କୁମାର ସାହୁ ଓ ନିୟତୀ ପଟ୍ଟନାୟକଙ୍କୁ ସାଧାରଣ ପର୍ଯ୍ୟବେକ୍ଷକ (ସଂରକ୍ଷିତ) ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଅତାବିରା ଏନ୍‌ଏସି ପାଇଁ ଫକୀରମୋହନ ଶତପଥୀ ଓ ହିନ୍ଦୋଳ ଏନ୍‌ଏସି ପାଇଁ ପ୍ରମୋଦ କୁମାର ସାହୁଙ୍କୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି ।


# Classified Everyday
**0674-2580101, 2549949**


MATRIMONIAL

**GROOM WANTED**

32 ବୟସ୍କା Govt. Nurse, widow ବାପା ମାଁ ନ ଥିବା କଟକ ବାସିନ୍ଦା ବଣିଆ ଝିଅଙ୍କୁ ବିବାହିତ/ ଅବିବାହିତ ବରପାତ୍ର ଦରକାର। 6371298869. D-2933


REAL ESTATE

**SALE**

**Residential gharabari plot at Brahmanjharilo Cuttack with boundary wall, Electripole inside Temple on Bank Loan facilities near English Medium High School. 6 k.m. from Phulnakhara, 11 k.m. from Bhubaneswar. 7809525452.** D-74653

Plot for sale: Back side Rajadhani Engineering College, Area: Mancheswar, Mouza- Rokota with boundary wall direct Owner 1800sqft. x2 plots. 9437029152, 7008301722. D-2926

Gharabari plot for sale 2km. from Sai Temple Tankapani Road Bridge. Contact: 9861616986. D-71368

**Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195.** D-74814

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74523

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

3BHK Duplex small Colony gated community, few left Bhubaneswar. 8984377180. D-74522

**New Cancer Hospital** ନାଇକର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। **9437621753.** D-73691

Residential plot measuring 1200sqft. at Tankapaniroad, Ratnakarbag, Bhubaneswar for sale. Contact- 9437932367. D-73372

Gharabari boundary wall plot sale for Ragabazar (Tankapani road). 7008492511. D-2900

Duplex sale at Bhubaneswar @ 50 lakhs only. Contact: 9777433701. D-74828

**ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434.** D-74824

Bhubaneswar-Khurda ମଧ୍ୟରେ Pitapali Chhakaରେ sthitiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପାଖରୁ 7K.M. ଦୂର ରଙ୍ଗବଜାର ପାଖରେ finance ସହିତ ପ୍ଲଟ୍ ମିଳୁଛି। 8093465134, 9668194157. D-74827

Mega Duplex at project Retang Medical, Station, near CV Raman Tamando, Bhubaneswar. 7008459987. D-74825

Gharabari plot near Madanpur High School, infront DN Heritage Bhubaneswar. 9937175132, 8917236183. D-71050




ଘରେ ବାସ୍ତୁଦୋଷ ଥିବାପରି ମନେ ହେଉଛି କି? ବିଳମ୍ବ ନ କରି ତୁରନ୍ତ ଯୋଗାଯୋଗ "ବାସ୍ତୁ ସମାଧାନ" Odisha. 7978736177. D-74305


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd., 9439856856.** D-2931

Construct your Dream Home/Building with compititive rate contact Besco Developers, Satyanagar, Bhubaneswar. 7735330028, 9778855101. D-2706

**Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74826

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Bank, Furniture, Showroom, Commercial space at NH-16, Satyavihar infront of Saptasati Temple, 4500sqft. in Two floors. Mob: 9437027289, 9937650390. D-2927

3BHK Ground Floor at Niladri Vihar for rent. Govt. Employees Contact- 9437012186. D-2914

'1600 sqft Independent ground floor Two Bedrooms, Drawing, Dining, Kitchen, Garage for rent at Laxmisagar, Bhubaneswar. Rent Rs.25000/-. Contact 9868656156'. D-2912




Newly open full body massage ladies and gents. 9861883292. D-74650

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open SPA positively health benefits with expert therapist. 7849011931. D-73684

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74652

**All type of body massage by expert lady therapist. 7008773793.** D-73690

All types body massage with hiprofile smart lady, room services available. 9937833100. D-71366

**Relax, Refresh your Body, Mind at Saikrupa Spa with best therapies. 8984068077.** D-2932


BUSINESS

କାରଖାନାରୁ ସିମେଣ୍ଟ ପରିବହନ ନିମନ୍ତେ ୧୦, ୧୨, ୧୪+ ଚକିଆ ଗାଡ଼ି/ ଟ୍ରକ୍ ଆବଶ୍ୟକ। ଯଥାଶୀଘ୍ର ଯୋଗାଯୋଗ କରନ୍ତୁ। 9338375318, 9692679472, 8763436231. D-60975

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ସୌଦାମିନୀ ଦଳାଇ
(କୁଦିଆରୀ, ଜଟଣୀ, ଖୋର୍ଦ୍ଧା)
ଆବିର୍ଭାବ: ତା ୦୮.୦୩.୧୯୪୯
ତିରୋଧାନ: ତା ୧୬.୦୩.୨୦୨୨
ଆଜି ପ୍ରଥମ ଶ୍ରାଦ୍ଧ ବାର୍ଷିକରେ, ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ଚରଣ ବିନ୍ଦୁରେ ଶତକୋଟି ପ୍ରଣାମ ଜଣାଉଛୁ ।
ଶୋକ ସନ୍ତପ୍ତ: ସ୍ୱାମୀ-ବ୍ରଜକିଶୋର ଦଳାଇ, ପୁତ୍ର-ଶିବ ପ୍ରସାଦ, ପୁତ୍ରବଧୂ-ବୁଢ଼ିଆ, ଝିଅମାନେ- ମାୟା, ମୀରା, ମିତା, ଜାମାତାମାନେ -ଜଙ୍ଗୁ, ଦିଲୁ, ବିଲୁ, ନାତି/ ନାତୁଣୀମାନେ, ବନ୍ଧୁବାନ୍ଧବ ଓ ସପରିବାରବୃନ୍ଦ ।
ଧ-୨୯୧୫

ଶ୍ରାଦ୍ଧବାର୍ଷିକୀ (ଫାଲ୍‌ଗୁନ ଶୁକ୍ଳ ତ୍ରୟୋଦଶୀ (୦୫।୦୩।୨୦୨୩)ରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ସବିତା ଖଣ୍ଡୁଆଳ
ଅବସରପ୍ରାପ୍ତ ଓ.ଇ.ଏସ୍.
ସ୍ୱାମୀ: ଲେଖକ ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ
ଆବିର୍ଭାବ-୦୯।୧୨।୧୯୪୪
ତିରୋଧାନ- ୨୭।୦୩।୨୦୨୧, କୋଟିତୀର୍ଥ, ଭୁବନେଶ୍ୱର
ମା, ତୁମେ ବାପାଙ୍କ ସହିତ ମିଶି ଜଗତ୍‌ସିଂହପୁର ଜିଲ୍ଲାର ପଲ୍ଲୀକଣ୍ଠା ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିଷ୍ଠା କଲ ଓ କେତେକ ଗ୍ରାମକୁ ଅର୍ଥ ଦେଇ ମନ୍ଦିର ପ୍ରତିଷ୍ଠା କଲ। ତୁମେ ଚାଲିଗଲା ପରେ ପଞ୍ଚାୟତର ବିଦ୍ୟାଳୟମାନଙ୍କରେ ବିଭିନ୍ନ ପ୍ରତିଯୋଗିତା ସହ ଆଦର୍ଶ (ଶିକ୍ଷକ, କୃଷକ, ବୃଦ୍ଧ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ପରିବେଶ ଗ୍ରାମ, ସଂକୀର୍ତ୍ତନ ମଣ୍ଡଳୀ, ଦୋଳି, ଝୋଟି) ମାନଙ୍କୁ ଲୋକ ଲୋଚନକୁ ଆଣି ପୁରସ୍କୃତ କରିବ କିଏ?
ଦେବାଶିଷ, ରଶ୍ମିତା, ଧର୍ମଶିଷ, ସୁଜାତା, ଦେବୀପ୍ରସାଦ, ଦେବସ୍ମିତା ।
ଧ-୨୯୧୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କୃଷ୍ଣପ୍ରୀୟା ମିଶ୍ର
ଆବିର୍ଭାବ: ୦୯.୦୮.୧୯୩୪ | ତିରୋଧାନ: ୧୬.୦୩.୨୦୨୨
ବୋଉ, ତୋର ସ୍ନେହ, ଶ୍ରଦ୍ଧା ତଥା ଅନାବିଳ ବ୍ୟକ୍ତିତ୍ୱ ଆମ ପାଇଁ ପ୍ରେରଣାର ଏକ ମହାନ ଉତ୍ସ । ତୋର ଆଦର୍ଶରେ ଆମେ ଅନୁପ୍ରାଣିତ । ଅଜିର ଏହି ପ୍ରଥମ ଶ୍ରାଦ୍ଧବାର୍ଷିକୀ ରେ ଆମର ଭକ୍ତି ପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।
-: ଶୋକସନ୍ତପ୍ତ :-
ଝିଅ, ପୁଅ, ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୭୪୫୨୧

ଶ୍ରଦ୍ଧାଞ୍ଜଳି
୧୪ତମ ଶ୍ରାଦ୍ଧବାର୍ଷିକୀ



✓ ରତ୍ନାକର ତ୍ରିପାଠୀ
ରତାଦିଆ ଖଣ୍ଡସାହି, କେନ୍ଦ୍ରାପଡ଼ା
ଆବିର୍ଭାବ - ୧୮.୦୨.୧୯୪୨
ତିରୋଧାନ - ୦୯.୦୩.୨୦୦୯
ଆପଣଙ୍କ କର୍ମପ୍ରବଣତା ଏବଂ ମୂଲ୍ୟବୋଧ ଆମର ପ୍ରେରଣା ହୋଇ ରହୁ ଏବଂ ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ବନ୍ଧୁ ଓ ପରିବାର ବର୍ଗ
ସୌଜନ୍ୟ : ଗଣେଷ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି, ଏକାମ୍ର ବିହାର, ଭୁବନେଶ୍ୱର ।
ଧ-୨୯୧୭

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୫ ମାର୍ଚ୍ଚ, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ମେଦାରାମ ଯାତରା........................... ଠାରେ ପାଳନ କରାଯାଏ ?
୨– ଦକ୍ଷିଣ ଭାରତ ହିନ୍ଦୀ ପ୍ରଚାର ସେବାର ପ୍ରତିଷ୍ଠାତା ........................... ?
୩– ଶେଷ ମୋଗଲ ଶାସକଙ୍କ ନାମ........................................ ?
୪– 'ଅଟଳଜୀ ନେ କହା' ପୁସ୍ତକର ଲେଖକ ............................... ?
୫– ଏନ୍‌ଡିଆର୍‌ଏଫ୍‌ର ଫୁଲ୍‌ଫର୍ମ ........................................... ?

## ଗତ ଥରର ଉତ୍ତର

୧ ଭୀମ୍‌ରାଓ ରାମ୍‌ଜୀ ଆମ୍ବେଡକର
୨ ବିଜୟଲକ୍ଷ୍ମୀ ପଣ୍ଡିତ
୩ ନୀର୍ଜା ଭାନୋଟ୍‌
୪ ୨୦ ବର୍ଷ
୫ ଲାଫିଙ୍ଗ୍ ଗ୍ୟାସ୍

## ଉତ୍ତରଦାତା

୧– ଦେବୀଶଙ୍କର ମହାନ୍ତି, ଦେବଗଡ଼
୨– ବିଳାସିନୀ ପୃଷ୍ଟି, କେନ୍ଦ୍ରାପଡ଼ା
୩– ସୁଲୋଚନା ନନ୍ଦି, ନୂଆପଡ଼ା
୪– ଦେବବ୍ରତ ଛାଟୋଇ, କାକଟପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଲୋକପ୍ରିୟ ମୋବାଇଲ୍ ବ୍ରାଣ୍ଡ–୨୦୨୩

(୧)..................................ସାମ୍‌ସଙ୍ଗ୍
(୨) ..................................ଆପଲ୍
(୩).................................. ହୁଆଇ
(୪) ..................................ଜାଓମି
୫) ..................................ଓପ୍ପୋ
(୬) ..................................ଭିଭୋ
(୭) ..................................ମୋଟୋରୋଲା
(୮) ..................................ଲେନୋଭୋ
(୯) ..................................ଏଲ୍‌ଜି
(୧୦) ..................................ନୋକିଆ




**ଜାଣନ୍ତୁ ଦୁନିଆ**

# ଯେଉଁ ଦ୍ୱୀପକୁ ମହିଳା ଯିବା ମନା

**ଦୁନିଆରେ ଏପରି ଏକ ସ୍ଥାନ ଅଛି ଯେଉଁଠି କି ମହିଳାଙ୍କୁ ଯିବା ମନା । ଶୁଣି ଆଶ୍ଚର୍ଯ୍ୟ ଲାଗୁଛି ନା ! ଜାଣନ୍ତୁ ସେ ସମ୍ପର୍କରେ...**



❖ଦକ୍ଷିଣ–ପଶ୍ଚିମ ଜାପାନର ଓକିନୋସିମା ଏପରି ଏକ ସ୍ଥାନ ଯାହାକୁ ପବିତ୍ର ବୋଲି ବିଚାର କରାଯାଏ। କିନ୍ତୁ ଏହି ପବିତ୍ର ସ୍ଥାନରେ କୌଣସି ମହିଳା ପ୍ରବେଶ କରିବାର ଅନୁମତି ନାହିଁ।

❖ମହିଳାଙ୍କୁ ଅନୁମତି ନ ମିଳିବାର କାରଣ, ଏହି ଦ୍ୱୀପକୁ ଆରମ୍ଭରୁ ମହିଳାଙ୍କ ପାଇଁ ଅସୁରକ୍ଷିତ ବୋଲି ଧରାଯାଏ। ଦ୍ୱୀପରେ ଥିବା ମନ୍ଦିରର ମହନ୍ତଙ୍କ କହିବା ଅନୁଯାୟୀ, ଏହି ପ୍ରଥାକୁ ବନ୍ଦ କରାଯିବା ଉଚିତ ନୁହେଁ। ଅନ୍ୟ ଏକ କାରଣ, ପୁରୁଷମାନେ ଏଠାରେ ଉଲଗ୍ନ ଅବସ୍ଥାରେ ବୁଲୁଥିବାରୁ ମହିଳାଙ୍କୁ ଅନୁମତି ନାହିଁ ବୋଲି ମଧ୍ୟ କୁହାଯାଏ।

❖ଜାପାନରେ ଥିବା ଏହି ଦ୍ୱୀପରେ ସିଣ୍ଟୋ ଧର୍ମର ନୀତି ନିୟମ ପାଳନ କରାଯାଏ।

❖ଏହି ଦ୍ୱୀପକୁ ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ ଭାବେ ମାନ୍ୟତା ମିଳିଛି। ୭୦୦ବର୍ଗ ମିଟର ପରିବ୍ୟାପ୍ତ ଏହି ଦ୍ୱୀପ ଚତୁର୍ଥରୁ ନବମ ଶତାବ୍ଦୀ ମଧ୍ୟରେ କୋରିଆ ଓ ଚାଇନା ମଧ୍ୟରେ ବ୍ୟବସାୟ ବାଣିଜ୍ୟର କେନ୍ଦ୍ରବିନ୍ଦୁ ପାଲଟିଥିଲା।

❖ସପ୍ତଦଶ ଶତାବ୍ଦୀରେ ଏଠାରେ ଏକ ମନ୍ଦିର ନିର୍ମାଣ କରାଯାଇଥିଲା। ଏହି ମନ୍ଦିରରେ ପୂଜାର୍ଚ୍ଚନା କରିବା ଦ୍ୱାରା ନାବିକମାନେ ନୌଯାତ୍ରା ସୁରକ୍ଷିତ ରହେ ବୋଲି ବିଶ୍ୱାସ ରହିଛି।

❖ପୁରୁଷମାନେ ଏହି ସ୍ଥାନକୁ ଯିବାକୁ ହେଲେ କଠୋର ନିୟମ ପାଳନ କରିବାକୁ ପଡ଼ିଥାଏ। ଯିବା ପୂର୍ବରୁ ସେମାନେ ଉଲଗ୍ନ ହୋଇ ସମୁଦ୍ରରେ ଗାଧୋଇଥାନ୍ତି। ସେହି ସ୍ଥାନକୁ ଉଲଗ୍ନ ଭାବେ ଯାଇଥାନ୍ତି। ଏଠାରେ କେବଳ ବର୍ଷକୁ ୨୦୦ପୁରୁଷ ଯିବାର ଅନୁମତି ରହିଛି। କେବଳ ଏତିକି ନୁହେଁ ସେମାନେ ସେଠାରୁ ଫେରିବା ସମୟରେ ଦ୍ୱୀପର କୌଣସି ଜିନିଷ ଆଣିପାରିବେ ନାହିଁ ଏବଂ ନିଜ ଅନୁଭୂତି କାହାକୁ ବାଣ୍ଟି ପାରିବେ ନାହିଁ।







# ସୁରକ୍ଷିତ ରଙ୍ଗଖେଳ

**ଆସୁଛି ରଙ୍ଗର ପର୍ବ ହୋଲି । ପରସ୍ପରକୁ ରଙ୍ଗ ବୋଳି ଏହି ଖେଳର ମଜା ନେବାକୁ ବେଶ୍ ଉତ୍କଣ୍ଠିତ ସଭିଏ । କିଏ ଭଳିକି ଭଳି ରଙ୍ଗ ସାଙ୍ଗକୁ ପିଚକାରି କିଣିବା ଆରମ୍ଭ କରିସାରିଲେଣି ତ ଆଉ କିଏ ଏହି ପର୍ବର ମଜାକୁ ଦ୍ୱିଗୁଣିତ କରିବା ଲାଗି ଭଳିକି ଭଳି ଡ୍ରେସ୍, ଷ୍ଟାଇଲିସ୍ କ୍ୟାପ୍, ମାସ୍କ ଆଦି କିଣି ରଖିଲେଣି । ତେବେ ରଙ୍ଗ ଖେଳର ମଜା ଯେପରି କାହା ପାଇଁ ସଜା ନ ପାଲଟିଯାଉ ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ସଭିଙ୍କୁ କେତେକ ଦିଗ ପ୍ରତି ସଚେତନ ରହିବା ଆବଶ୍ୟକ...**

ଆଉ ମାତ୍ର ଦୁଇଦିନ ପରେ ରଙ୍ଗର ପର୍ବ ହୋଲି। ଯାହାକୁ ନେଇ ସଭିଙ୍କ ବିଶେଷ କରି ଯୁବପିଢ଼ିଙ୍କ ମନରେ ଉତ୍ସାହ କହିଲେ ନ ସରେ। ଆରମ୍ଭ ହୋଇଗଲାଣି ସେମାନଙ୍କର ରଙ୍ଗ, ପିଚକାରିଠୁ ଆରମ୍ଭ କରି ଅନ୍ୟାନ୍ୟ ସାମଗ୍ରୀ କିଣା। ତେବେ ଏହି ରଙ୍ଗଖେଳ ବି କେବେ କେବେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ରଙ୍ଗଖେଳ ସମୟରେ କେଉଁ ଦିଗ ପ୍ରତି ସତର୍କ ରହିବା ଆବଶ୍ୟକ, ଜାଣିରଖନ୍ତୁ ସେ ସମ୍ପର୍କରେ...

**ତ୍ୱଚାକୁ ଦିଅନ୍ତୁ ସୁରକ୍ଷା:** ରଙ୍ଗ ଖେଳିବାକୁ କିଏ ବା ଭଲ ନ ପାଏ। ବିଶେଷ କରି ଯୁବପିଢ଼ିଙ୍କର ଏହାକୁ ନେଇ କ୍ରେଜ୍ ଅଧିକ। ତେଣୁ ସେମାନେ ରଙ୍ଗ ଖେଳିବା ପାଇଁ ବିଭିନ୍ନ ପ୍ରକାରର ରଙ୍ଗ ବ୍ୟବହାର କରନ୍ତି। ଯାହା ମଧ୍ୟରୁ ଅନେକ ରଙ୍ଗରେ ହାନିକାରକ କେମିକାଲ ମିଶିଥାଏ, ଯାହାକି ଚର୍ମ, କେଶ, ଚକ୍ଷୁ ପାଇଁ ବିଶେଷ କ୍ଷତିକାରକ। ତେଣୁ ରଙ୍ଗ ଖେଳିବା ଲାଗି ପ୍ରାକୃତିକ ରଙ୍ଗ, ଅର୍ଗାନିକ୍ ଅବିର, ଫଗୁ ଆଦି ବ୍ୟବହାର କରନ୍ତୁ। ରଙ୍ଗ ଖେଳିବା ପୂର୍ବରୁ ଦେହ, ହାତ, ମୁହଁ, କେଶ ଆଦିରେ ଭଲଭାବେ ତେଲ ଲଗାଇ ଦିଅନ୍ତୁ।

**ଚକ୍ଷୁ ପାଇଁ ରୁହନ୍ତୁ ସତର୍କ:**
ମାର୍କେଟ୍‌ରେ ମିଳୁଥିବା ଅଧିକାଂଶ ହୋଲି ରଙ୍ଗରେ ମାଲାକାଇଟ୍ ଗ୍ରୀନ୍, ରୋଡାମିନ୍, ଜେନ୍‌ସିଆନ୍ ଭାଓଲେଟ୍, ଲେଡ୍ ଅକ୍ସାଇଡ୍ (କଳାରଙ୍ଗ), କପର ସଲ୍‌ଫେଟ୍ (ଶାଗୁଆ ରଙ୍ଗ), ଆଲୁମିନିୟମ୍ (ସିଲ୍‌ଭର ରଙ୍ଗ), ମର୍କ୍ୟୁରି ସଲ୍‌ଫେଟ୍ (ଲାଲ ରଙ୍ଗ) ଆଦି । ଏହା ଆଖିରେ ପଡ଼ିଲେ ଆଖି ଲାଲ ହେବା ସହ କୁଣ୍ଡାଇ ହୋଇ ଲୁହ ବହିଥାଏ ଏବଂ ଝାପ୍‌ସା ଦେଖାଯାଏ । ଆଖିର ସୁରକ୍ଷା ଲାଗି ସନ୍‌ଗ୍ଲାସ୍ ପିନ୍ଧନ୍ତୁ।



କଣ୍ଟାକ୍ଟ ଲେନ୍ସ ବ୍ୟବହାର କରୁଥିଲେ ରଙ୍ଗ ଖେଳିବା ବେଳେ ଏହାକୁ କାଢ଼ି ରଖିଦିଅନ୍ତୁ। ବେଳେବେଳେ ଏଭଳି ରଙ୍ଗ ତ୍ୱଚାରେ ବିଶେଷକରି ଆଖି ସଂସ୍ପର୍ଶରେ ଆସିବା ଦ୍ୱାରା କେମିକାଲ ଇଞ୍ଜୁରି ହୋଇଥାଏ। ଫଳରେ ଆଲର୍ଜି ହୋଇ କୁଣ୍ଡେଇ ହୁଏ । ଘା' ହେବା ସହ ଲେଞ୍ଜରା ବାହାରିଥାଏ । ଖରାକୁ ଅନାଇଲେ କଷ୍ଟ ହୁଏ ଏବଂ ଆଖି ଫୁଲିଯାଏ ।

– ହୋଲି ରଙ୍ଗରୁ ଆଖିକୁ ରକ୍ଷା କରିବାକୁ ହେଲେ ମୁହଁରେ ମାସ୍କ ଓ ଚଷମା ପିନ୍ଧିବା ଆବଶ୍ୟକ । କେବେକେବେ ରଙ୍ଗ ଖେଳ ପରେ ଯଦି ଆଖିରେ ଯନ୍ତ୍ରଣା ହୁଏ, ତେବେ ସର୍ବପ୍ରଥମେ ବିଶୁଦ୍ଧ ପାଣିରେ ଆଖିକୁ ଭଲଭାବେ ଧୋଇ ଦିଅନ୍ତୁ। ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଆଖିରେ ଡ୍ରପ୍ ପକାନ୍ତୁ।

**କେଶର ନିଅନ୍ତୁ ଯତ୍ନ:** ହୋଲିବେଳେ ମୁଣ୍ଡରେ କେମିକାଲ ରଙ୍ଗ ଲାଗିବା ଦ୍ୱାରା ସ୍କିନ୍ ଆଲର୍ଜି ହୋଇ କେଶ ଝଡ଼ିଥାଏ ଏବଂ ଏହି ରଙ୍ଗ କେବେକେବେ ମୁଣ୍ଡରୁ ଆଖିକୁ ବୋହି ଆସେ ଏବଂ ବେଶ୍ କ୍ଷତି ପହଞ୍ଚାଇଥାଏ। ତେଣୁ ରଙ୍ଗ ଖେଳିବା ପୂର୍ବରୁ କେଶରେ ଭଲ ଭାବେ ତେଲ ଲଗାନ୍ତୁ। କେଶକୁ ରଙ୍ଗ ସଂସ୍ପର୍ଶରେ ନ ଆସିବା ଲାଗି କ୍ୟାପ୍ ବ୍ୟବହାର କଲେ ଭଲ। ତଥାପି କେଶରେ ରଙ୍ଗ ଲାଗି ଗଲେ ମାଇଲ୍ଡ ଶାମ୍ପୁ ବ୍ୟବହାର କରି ଧୀରେ ଧୀରେ ଧୁଅନ୍ତୁ, ଏହାକୁ ଆଦୌ ରଗଡ଼ନ୍ତୁ ନାହିଁ। ପରେ ହେୟାର ମାସ୍କ ଲଗାନ୍ତୁ।

**ଆସେସରିଜ୍ ଦେବ ଷ୍ଟାଇଲିସ୍ ଲୁକ୍ ସହ ସୁରକ୍ଷା:** ମାସ୍କ ପିନ୍ଧନ୍ତୁ ଯେପରି କେମିକାଲ୍‌ଯୁକ୍ତ ରଙ୍ଗ ପାଟି କିମ୍ବା ନାକ ଭିତରକୁ ନ ଯାଏ। ତେବେ ମାର୍କେଟରେ ଭଳିକି ଭଳି ପଶୁ, ପକ୍ଷୀ, ଭୂତ, ଠାକୁର ଠାକୁରାଣୀ, ପ୍ରଧାନମନ୍ତ୍ରୀ ମୋଦିଙ୍କ ମୁହଁ ଆକୃତିର ମାସ୍କ ମଧ୍ୟ ମିଳୁଛି। ଯାହାକି ଆପଣଙ୍କୁ ରଙ୍ଗରୁ ବଞ୍ଚାଇବା ସହ ଡିଫରେଣ୍ଟ ଲୁକ୍ ବି ଦେଇପାରିବ। ସେହିପରି କେଶର ସୁରକ୍ଷା ପାଇଁ ହୋଲି ପାଇଁ ସ୍ପେଶାଲ୍ ମିଳୁଥିବା ଭଳିକି ଭଳି କ୍ୟାପ୍ ବ୍ୟବହାର କରି ଷ୍ଟାଇଲିଶ୍ ଓ ଫଙ୍କି ଲୁକ୍ ପାଇପାରିବେ। ଆଖିର ସୁରକ୍ଷା ପାଇଁ ସନ୍‌ଗ୍ଲାସ୍ କିମ୍ବା ଫୁଲ୍ ଆଇ କଭର କଲରଫୁଲ୍ ଗ୍ଲାସ୍ ବ୍ୟବହାର କରିପାରିବେ।





### କ'ଣ କୁହନ୍ତି ଏମାନେ...

**ସୂର୍ଯ୍ୟକାନ୍ତ ବେହେରା(ବ୍ରହ୍ମପୁର)–** ଆମେ ତିନିଜଣ ବନ୍ଧୁ ମିଶି ବ୍ରହ୍ମପୁର ସହରରେ 'ଦି ପରଫେକ୍ଟ ସେଲିବ୍ରେଶନ୍' ନାମରେ ଏକ ସଂସ୍ଥା ଆରମ୍ଭ କରିଛୁ। ଏହାଦ୍ୱାରା ଯୁବବର୍ଗଙ୍କୁ ସାମିଲ କରି



ପ୍ରତିଟି ପର୍ବପର୍ବାଣିକୁ ଧୁମ୍‌ଧାମ୍‌ରେ ପାଳନ କରିବା ଆମର ଲକ୍ଷ୍ୟ। ଚଳିତ ବର୍ଷ ହୋଲି ପାଇଁ 'ହୋଲି ଭାଇବ୍ସ ୨୦୨୩' କାର୍ଯ୍ୟକ୍ରମ ଆୟୋଜନ କରୁଛୁ। ଯେଉଁଥିରେ ବହୁ ଜଣାଶୁଣା ଓଡ଼ିଆ କଳାକାର ଯୋଗଦେବେ। ତେବେ ଏହି ହୋଲି ସେଲିବ୍ରେଶନ୍‌କୁ ସୁରକ୍ଷିତ କରିବା ଲାଗି ଆମେ କେବଳ ଅର୍ଗାନିକ ରଙ୍ଗ ହିଁ ବ୍ୟବହାର କରୁଛୁ। ରଙ୍ଗ ଖେଳ ସମୟରେ ଯେପରି କାହାର ଆଖି, ନାକ, କାନରେ ରଙ୍ଗ ଲାଗି ବିପଦ ସୃଷ୍ଟି ନ ହୁଏ ସେଥିପ୍ରତି ସଚେତନ କରାଇଛୁ। ସବୁଠୁ ବଡ଼ କଥା ହେଉଛି ନିରାପଦ ଭାବେ ଏହି ଉତ୍ସବର ଆନନ୍ଦ ନେବା ଲାଗି ସେଠାରେ ଖାଦ୍ୟପେୟର ବ୍ୟବସ୍ଥା କରିଥିବା ବେଳେ ନିଶାଦ୍ରବ୍ୟ ସେବନକୁ ସମ୍ପୂର୍ଣ୍ଣ ବାରଣ କରିଛୁ।

**ମାମାଲୀ ସେନାପତି (କର୍ମଜୀବୀ, ଫୁଲନଖରା, କଟକ)–** ହୋଲି ପର୍ବର ଏକ ନିଆରା ମଜା ଥାଏ। ଏହିଦିନ ପରିବାରଠୁ ବନ୍ଧୁ ଓ ସାଙ୍ଗସାଥିଙ୍କ ସହ ରଙ୍ଗ ଖେଳିବାକୁ ଭାରି ମଜା ଲାଗେ।



ହେଲେ ମନେ ଅଛି କିଛି ବର୍ଷ ତଳର ଘଟଣା। ହୋଲି ଦିନ ଜଣେ ପଡୋଶୀଙ୍କ ଆଖିରେ ରଙ୍ଗ ପଡିଯିବା ଦ୍ୱାରା ଇନ୍‌ଫେକ୍ସନ ଦୀର୍ଘ ଦିନ ରହିଥିଲା ଏବଂ କେମିକାଲ୍ ଯୁକ୍ତ ରଙ୍ଗ ଯୋଗୁ ତାଙ୍କ ଶରୀରରେ ଆଲର୍ଜି ହୋଇଯାଇ ବହୁତ କଷ୍ଟ ହୋଇଥିଲା। ସେବେଠୁ ଆମେ କେବଳ ହର୍ବାଲ୍ ଅବିରରେ ହିଁ ରଙ୍ଗ ଖେଳୁଛୁ।

**ୟୁଥ୍ ଆଲର୍ଟ**

# ଶୁଖିଲା କାଶ ହେଉଥିଲେ

**ବର୍ତ୍ତମାନ ଅଧିକାଂଶଙ୍କଠାରେ ଦେଖାଦେଉଛି ଜ୍ୱର ଏବଂ ଥଣ୍ଡା ସମସ୍ୟା। ଏହା ପରେ ଲାଗିରହୁଛି ଦୀର୍ଘଦିନ ଧରି କାଶ । ଏଥିପାଇଁ ଡାକ୍ତରଙ୍କ ପାଖକୁ ଯିବା ଏବଂ ବାରମ୍ବାର ଔଷଧ ସେବନ କରିବା ପରେ ମଧ୍ୟ ସହଜେ କମୁନି ସମସ୍ୟା । ଏମିତିରେ କେତେକ ଘରୋଇ ଉପଚାର ଦ୍ୱାରା ଆପଣ ଉପକୃତ ହୋଇପାରିବେ। ଜାଣିରଖନ୍ତୁ ସେ ସମ୍ପର୍କରେ...**



**ଗରମ ଲୁଣପାଣି:** ଏହା ହେଉଛି କାଶ କମାଇବା ପାଇଁ ସବୁଠୁ ଭଲ ଉପାୟ। ଦିନକୁ ଅତି କମ୍‌ରେ ୪–୫ ଥର ଗରମ ଲୁଣପାଣିରେ ଗାର୍ଗେଲିଂ କରନ୍ତୁ। ଏହାଦ୍ୱାରା କଫ ତରଳି ଯିବା ସହ କାଶ ମଧ୍ୟ ଧୀରେ ଧୀରେ କମିଯିବ।

**ଅଦା ଓ ଲୁଣ:** ଅଧିକ କାଶ ହେଉଥିଲେ ଖଣ୍ଡେ ଅଦାରେ ଅଳ୍ପ ଲୁଣ ଲଗାଇ କଳରେ ଜାକନ୍ତୁ। ଏହାକୁ ଅଳ୍ପ ଅଳ୍ପ ଚୋବାନ୍ତୁ ଯେପରି ରସ ବାହାରି ଗଳାକୁ ଆରାମ ଦେବ।

**ମହୁ ଓ ଗୋଲମରିଚ:** ଏକ ଚାମଚ ମହୁରେ ୪–୫ଟି ଗୋଲମରିଚ ଗୁଣ୍ଡ ମିଶାଇ ଖାଆନ୍ତୁ, କାଶ ସମସ୍ୟାରୁ ଉପଶମ ମିଳିବ। ମହୁରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ କାଶ କମାଇଥାଏ।



**ତୁଳସୀପତ୍ର, ଅଦା ଓ ମହୁ:** ଶୁଖିଲା କାଶ କମାଇବା ଲାଗି ତୁଳସୀପତ୍ର ଓ ଅଦା ରସରେ ମହୁ ମିଶାଇ ଖାଇଲେ ବେଶ୍ ଭଲ କାମ କରିଥାଏ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ।

**ଉଷୁମ ପାଣି ଓ ମହୁ:** କାଶ ହେଉଥିଲେ ଥଣ୍ଡା ପାଣି କିମ୍ବା ଆଇସ୍‌କ୍ରିମ୍ ଭଳି ଥଣ୍ଡା ଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ମଝିରେ ମଝିରେ ଉଷୁମ ପାଣିରେ ଅଳ୍ପ ମହୁ ମିଶାଇ ପିଅନ୍ତୁ ଗଳାକୁ ଆରାମ ମିଳିବ।




ମୁମ୍ବାଇ: ଓମେନ୍ସ ପ୍ରିମିୟର ଲିଗ୍‌ର ଟ୍ରଫି ଉନ୍ମୋଚନ ଅବସରରେ ଉପସ୍ଥିତ ଅଛନ୍ତି ଅଂଶଗ୍ରହଣକାରୀ ଦଳଗୁଡ଼ିକର ଅଧିନାୟିକା, ମେଗ୍ ଲାନିଂ, ବେଥ୍ ମୁନି, ହରମନପ୍ରୀତ କୌର, ସ୍ମୃତି ମନ୍ଧାନା ଓ ଏଲିସା ହିଲି। ଉଦ୍‌ଘାଟନୀ ଉତ୍ସବ ଅବସରରେ କାର୍ଯ୍ୟକ୍ରମ ପ୍ରଦର୍ଶନ କରୁଛନ୍ତି ଚଳଚ୍ଚିତ୍ର ଅଭିନେତ୍ରୀ କିଆରା ଆଡ୍‌ଭାନୀ।

# ଓମେନ୍ସ ପ୍ରିମିୟର ଲିଗ୍ ଆରମ୍ଭ

ମୁମ୍ବାଇ,୪।୩(ପି.ଟି.)

ମହିଳା କ୍ରିକେଟରେ ବୈପ୍ଲବିକ ପରିବର୍ତ୍ତନ ସହିତ ଶନିବାର ଆରମ୍ଭ ହୋଇଛି ଓମେନ୍ସ ପ୍ରିମିୟର ଲିଗ୍(ଡବ୍ଲ୍ୟୁପିଏଲ୍)। ନଭି ମୁମ୍ବାଇର ଡି. ୱାଇ. ପାଟିଲ କ୍ରିକେଟ ଷ୍ଟାଡିୟମରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ଡବ୍ଲ୍ୟୁପିଏଲ୍ ଆରମ୍ଭ ହୋଇଛି। ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ, କ୍ରିତି ସାନନ ଓ ଏ.ପି. ଧିଲୋନ୍ ଏହି

## କ୍ରିତି, କିଆରାଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

କାର୍ଯ୍ୟକ୍ରମରେ ପ୍ରଦର୍ଶନ କରିଥିଲେ। ଅଭିନେତ୍ରୀ ତଥା କ୍ରିକେଟ ପ୍ରେଜେଣ୍ଟର ମନ୍ଦିରା ବେଦୀ ଉଦ୍‌ଘୋଷିକା ରହିଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଶେଷ ହେବା ପରେ ବିସିସିଆଇ ସଭାପତି ରୋଜର ବିନ୍ନି , ସମ୍ପାଦକ ଜୟ ଶାହାଙ୍କ ସହିତ ୫ ଦଳର ଅଧିନାୟିକା ଷ୍ଟେଜ ଉପରକୁ ଯାଇଥିଲେ। ୫ ଦଳର ଅଧିନାୟିକା ଡବ୍ଲ୍ୟୁପିଏଲ ଟ୍ରଫି ଉନ୍ମୋଚନ ମଧ୍ୟ କରିଥିଲେ। ପ୍ରଥମ ମ୍ୟାଚରେ ହରମନ୍‌ପ୍ରୀତ୍ କୌରଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଓ ବେଥ୍ ମୁନିଙ୍କ ଗୁଜରାଟ ଜାଏଣ୍ଟ୍ସ ମୁହାଁମୁହିଁ ହୋଇଥିଲେ। ମୁନି ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ଦେଇଥିଲେ।

## ହରମନ୍‌ପ୍ରୀତଙ୍କ ଦ୍ରୁତ ଅର୍ଦ୍ଧଶତକ

**ମୁମ୍ବାଇ,୪।୩:** ଶନିବାର ମହିଳା ପ୍ରିମିୟର୍ ଲିଗ୍ (ଡବ୍ଲ୍ୟୁପିଏଲ୍) ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ହରମନ୍‌ପ୍ରୀତ କୌରଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଓ ବେଥ୍ ମୁନୀଙ୍କ ଗୁଜରାଟ ଜାଏଣ୍ଟ୍ସ ପରସ୍ପରର ସମ୍ମୁଖୀନ ହୋଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦୭ ରନ୍‌ର ବିଶାଳ ସ୍କୋର କରିଛି। ହରମନ୍‌ପ୍ରୀତ କୌର ଦ୍ରୁତ ଅର୍ଦ୍ଧଶତକ ହାସଲ କରିବାସହିତ ୩୦ ବଲରୁ ୬୫ ରନ୍ କରିଥିଲେ। ହିଲି ମାଥ୍ୟୁସ ୪୭ ଓ ଆମେଲିଆ କେର୍‌ଙ୍କ ଅପରାଜିତ ୪୫ ରନ୍ ବଳରେ ମୁମ୍ବାଇ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୨୦୭ ରନ୍ କରିଥିଲା।

ଡି ୱାଇ ପାଟିଲ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ମୁମ୍ବାଇ ପକ୍ଷରୁ ଦୁଇ ଓପନର ୟସ୍ତିକା ଭାଟିଆ(୧) ଓ ହିଲି ମାଥ୍ୟୁସ୍ (୪୭) ଇନିଂସ ଆରମ୍ଭ କରିଥିଲେ। ଦଳୀୟ ସ୍କୋର ୧୫ ରନ୍‌ରେ ୟସ୍ତିକା ଭାଟିଆ ତନୁଜା କୱଁରଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ଏହାପରେ କ୍ରିଜରେ ଯୋଗ ଦେଇଥିଲେ ନାଟାଲି ସ୍କିଭର ବ୍ରଣ୍ଟ ଓ ମାଥ୍ୟୁସ୍ ୫୪ ରନ୍ ଯୋଡିଥିଲେ। ଉଭୟ ଖେଳାଳି ମାତ୍ର ୮ ରନ୍ ବ୍ୟବଧାନରେ ପ୍ୟାଭିଲିୟନ୍ ଫେରଥିଲେ। ମାଥ୍ୟୁସ୍ ୩୧ ବଲ୍ ଖେଳି ୩ ଚୌକା ଓ ୪ ଛକା ମାରିଥିଲେ। ପରେ ହରମନ୍‌ପ୍ରୀତ କୌର(୬୫) ଓ ଆମେଲିଆ କେର୍ (୪୫*) ଦ୍ରୁତ ବ୍ୟାଟିଂ କରି ୪୨ ବଲ୍‌ରୁ ୮୯ ରନ୍ ଯୋଡିଥିଲେ। ହରମନ୍‌ପ୍ରୀତ ୩୦ ବଲ ଖେଳି ୧୪ ଚୌକା ମାରିଥିଲେ। ୧୫ ତମ ଓଭରରେ ସେ ମୋନିକା ପଟେଲଙ୍କୁ ଲଗାତାର ୪ ଓ ପରବର୍ତ୍ତୀ ଓଭରରେ ଆସ୍‌ଲେ ଗାର୍ଡ଼ନରଙ୍କୁ ୩ ଚୌକା ମାରିଥିଲେ। ଶେଷ ଯାଏ ଅପରାଜିତ ରହିଥିବା ଆମେଲିଆ ୨୪ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜା ବସ୍ତ୍ରକାର ୧୫ ରନ୍ କରିଥିଲେ। ସ୍ନେହ ରାଣା ୨ ଉଇକେଟ ନେଇଥିବା ବେଳେ ତନୁଜା କୱଁର, ଜର୍ଜିଆ ୱେୟାରହାମ, ଆସଲେ ଗାର୍ଡ଼ନର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ହରମନ୍‌ପ୍ରୀତ କୌର

### ଡବ୍ଲ୍ୟୁପିଏଲ୍‌ରେ ପ୍ରଥମ

**ମୁମ୍ବାଇ,୪।୩:** ଡି ୱାଇ ପାଟିଲ କ୍ରିକେଟ ଷ୍ଟାଡିୟମରେ ମହିଳା ଆଇପିଏଲ୍ ବା ଓମେନ୍ସ ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ହରମନ୍‌ପ୍ରୀତ କୌରଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଓ ବେଥ୍ ମୁନୀଙ୍କ ଗୁଜରାଟ ଜାଏଣ୍ଟ୍ସ ପରସ୍ପରର ସମ୍ମୁଖୀନ ହୋଇଥିଲେ। ୟସ୍ତିକା ଭାଟିଆଙ୍କ ବ୍ୟାଟରୁ ଏହି ଟୁର୍ନାମେଣ୍ଟର ପ୍ରଥମ ରନ୍ ସ୍କୋର ହୋଇଥିବା ବେଳେ ପ୍ରଥମ ଚୌକା ଓ ଛକା ମାରିଥିଲେ ୱେଷ୍ଟଇଣ୍ଡିଜ୍ ମହିଳା ଦଳର ଅଧିନାୟିକା ହିଲି ମାଥ୍ୟୁସ୍। ମ୍ୟାଚର ଦ୍ୱିତୀୟ ଓଭର ବୋଲିଂ କରିଥିବା ମାନସୀ ଯୋଶୀଙ୍କ ପ୍ରଥମ ବଲ୍‌ରେ ୬ ଓ ଦ୍ୱିତୀୟ ବଲରେ ଚୌକା ମାରିଥିଲେ ମାଥ୍ୟୁସ୍। ସେହିପରି ଟୁର୍ନାମେଣ୍ଟ ପ୍ରଥମ ଉଇକେଟ ଅକ୍ତିଆର କରିଥିଲେ ବାମହାତୀ ସ୍ପିନର ତନୁଜା କୱଁର। ୟସ୍ତିକା ଭାଟିଆଙ୍କୁ ଆଉଟ କରିବା ସହିତ ତନୁଜା ପ୍ରଥମ ଉଇକେଟ ନେଇଥିଲେ। ସେହିପରି ଭାରତୀୟ ମହିଳା ଦଳର ଅଧିନାୟିକା ହରମନପ୍ରୀତ୍ କୌର ଏହି ଲିଗ୍‌ରେ ପ୍ରଥମ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ ନିଜ ନାମରେ କରିଥିଲେ।

**ଆଜିର ମ୍ୟାଚ୍**
**ଆର୍‌ସିବି ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
ଅପରାହ୍ନ ୩.୩୦।
**ୟୁପି ୱାରିୟର୍ଜ ବନାମ ଗୁଜରାଟ ଜାଏଣ୍ଟ୍ସ**
ସନ୍ଧ୍ୟା ୭.୩୦।

# ଚତୁର୍ଥ ଟେଷ୍ଟରେ ଫେରିବେ ଶାମି

ନୂଆଦିଲ୍ଲୀ, ୪।୩(ପି.ଟି.)

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସିରିଜର ଚତୁର୍ଥ ତଥା କ୍ରିକେଟ ଟେଷ୍ଟ ମାର୍ଚ୍ଚ ୯ରୁ ଅହମଦାବାଦରେ ଖେଳାଯିବ। ଏହି ମ୍ୟାଚ ପାଇଁ ଭାରତର ସବୁଠାରୁ ସିନିୟର ସ୍ପିଡ୍‌ଷ୍ଟର ମହମ୍ମଦ ଶାମି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ ବୋଲି ଆଶା କରାଯାଉଛି। ୱାର୍କଲୋଡ୍ ମ୍ୟାନେଜମେଣ୍ଟ ଶାମିଙ୍କୁ ଇନ୍ଦୋର ଗେମ୍‌ରୁ ବିଶ୍ରାମ ଦେଇଥିଲା। ମେଡିକାଲ ଷ୍ଟାଫ୍‌ଙ୍କ ସହ ପରାମର୍ଶ ପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପେସ୍ ବୋଲରଙ୍କ ଲାଗି ବିଶ୍ରାମ ବ୍ୟବସ୍ଥା କରିଛି। ଶାମି ଆଗକୁ ନିୟମିତ ଆଇପିଏଲ୍ ଖେଳିବେ। ତାଙ୍କୁ ଦିନିକିଆ ବିଶ୍ୱକପ୍‌ରେ ଖେଳାଇବା ଯୋଜନା ରହିଛି। ଶାମିଙ୍କୁ ପ୍ରଥମ ଦୁଇଟି ଟେଷ୍ଟରେ ଖେଳାଯାଇଥିଲା, ତୃତୀୟ ଗେମ୍‌ରୁ ବିଶ୍ରାମ ଦିଆଯାଇଥିଲା। ତାଙ୍କ ସ୍ଥାନରେ ମହମ୍ମଦ ସିରାଜଙ୍କ ପରେ ଉମେଶ ଯାଦବ ଦ୍ୱିତୀୟ ପେସ୍ ବୋଲର ହିସାବରେ ଦଳରେ ସ୍ଥାନ ପାଇଥିଲେ। ପ୍ରଥମ ତିନୋଟି ଗେମ୍‌ରେ ସିରାଜ ମାତ୍ର ୨୪ ଓଭର ବୋଲିଂ କରିଥିଲେ। ମାର୍ଚ୍ଚ ୧୭ରୁ ୨୨ ପର୍ଯ୍ୟନ୍ତ ହେବାକୁଥିବା ସମସ୍ତ ୩ ଅନ୍ତର୍ଜାତୀୟ ଦିନିକିଆରେ ତାଙ୍କୁ ଦଳରେ ସ୍ଥାନ ମିଳିବା ସମ୍ଭାବନା ରହିଛି। ମୋଟେରାସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବାକୁଥିବା ଅନ୍ତିମ ଟେଷ୍ଟରୁ ତାଙ୍କୁ ବିଶ୍ରାମ ଦିଆଯାଇପାରେ। ମୋଟେରା ପିଚ୍ ରିଭର୍ସ ସୁଇଙ୍ଗ ବୋଲିଂକୁ ସୁହାଇପାରେ। ଶାମିଙ୍କୁ ଏହା ସହାୟକ ହେବ। ୪ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ବର୍ତ୍ତମାନ ୨–୧ରେ ଅଗ୍ରଣୀ ରହିଛି। ପରବର୍ତ୍ତୀ ମ୍ୟାଚରେ ବିଜୟ ସହ ଶ୍ରୀଲଙ୍କାର ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜର ଫଳାଫଳ ଭାରତର ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଯୋଗ୍ୟତା ହାସଲ ନିର୍ଭର କରେ।

# ରୋଭର୍ସ–ନିମପୁର ସ୍ପୋର୍ଟ୍ସ ଫାଇନାଲ



## ବରଦା କପ୍ କ୍ରିକେଟ

ଭୁବନେଶ୍ୱର,୪।୩(ସ୍ପୋର୍ଟ୍ସ ବ୍ୟୁରୋ)

ବାଲିଚନ୍ଦ୍ରପୁରର ବରଦା ବେଲବଣ ଯଜ୍ଞ ପଡ଼ିଆଠାରେ ସାର୍ଥକ କ୍ଲବ ଆନୁକୂଲ୍ୟରେ ଇଂ ଉନ୍ମେଷ ସାମଲଙ୍କ ସ୍ମୃତିରେ ଅନୁଷ୍ଠିତ ୩୭ ତମ ବରଦା କପର ଦ୍ୱିତୀୟ ସେମିଫାଇନାଲରେ ବିଜୟୀ ହୋଇଛି ନିମପୁର ସ୍ପୋର୍ଟ୍ସ। ପ୍ରଥମେ ବ୍ୟାଟିଂ କରି ନିମପୁର ୨୫ ଓଭରରେ ୧୫୦ ରନ୍ କରିଥିଲା। ଜବାବରେ ଜୁଭେନାଇଲ କ୍ରିକେଟ କ୍ଲବ ୨୫ ଓଭରରେ ୮ ଉଇକେଟ ହରାଇ ୧୪୩ ରନ କରିବାର ସକ୍ଷମ ହେଇଥିଲା ନିମପୁର ସ୍ପୋର୍ଟସ କ୍ଲବର ଜାହିର ୱାଇସ ୩ ଉଇକେଟ ଏବଂ ୧୪ ରନ କରି ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ରଂଜିତ ସାମଲ, ଲିଟୁ ସାମନ୍ତରାୟ ଓ ବିନୋଦ ରାଉତ, ମ୍ୟାନ ଅଫ ଦି ମ୍ୟାଚ ଜାହିର ୱାଇସଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଲିଟୁ ସାମନ୍ତରାୟ ଓ ବିନୋଦ ରାଉତ ମ୍ୟାଚ ପରିଚାଳନା କରିଥିଲେ। ରବିବାର ଦିନ ଫାଇନାଲ ମ୍ୟାଚ ରୋଭର୍ସ କ୍ଲବ ଓ ନିମପୁର ମଧ୍ୟରେ ଅନୁଷ୍ଠିତ ହେବ। ଉଦଯାପନୀ ସମାରୋହରେ ଓଡ଼ିଶାର ପୂର୍ବତନ ରଣଜୀ ଖେଳାଳୀ ବସନ୍ତ ମହାନ୍ତି ମୁଖ୍ୟ ଅତିଥି ଏବଂ ରୁଚି ଉଦ୍ୟୋଗର ଲୋକ ସଂପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ।

# ଆର୍‌ସିବି ୟଙ୍ଗ୍‌ଷ୍ଟରଙ୍କୁ ସହାୟତା କରିବାକୁ ଚାହାନ୍ତି ସାନିଆ

ମୁମ୍ବାଇ, ୪।୩ (ପି.ଟି.)

ଟେନିସ କିମ୍ବଦନ୍ତୀ ସାନିଆ ମିର୍ଜା କ୍ରିକେଟ ବିଷୟରେ ଅଧିକ କିଛି ଜାଣନ୍ତି ନାହିଁ। କିନ୍ତୁ ଜଣେ ଅଭିଜ୍ଞ ଆଥ୍‌ଲେଟ ଭାବେ ସେ ଉଦ୍‌ଘାଟନୀ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ମହିଳା କ୍ରିକେଟରମାନଙ୍କୁ ମାନସିକ ଦିଗରେ ସହାୟତା କରିବେ। ସାନିଆ ଆର୍‌ସିବିର ମେଣ୍ଟର ଭାବେ ନିଯୁକ୍ତି ପାଇଛନ୍ତି। ଭାରତୀୟ ଓପନର ସ୍ମୃତି ମାନ୍ଧନା ଏହି ଦଳର ଅଧିନାୟିକା ରହିଛନ୍ତି। ଟୁର୍ନାମେଣ୍ଟରେ ଆର୍‌ସିବି ଏହାର ପ୍ରଥମ ମ୍ୟାଚ ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିଛି। ଜଣେ ଆଥ୍‌ଲେଟ ଭାବେ ସାନିଆଙ୍କର ଦୀର୍ଘ ୨୦ବର୍ଷର ଅଭିଜ୍ଞତା ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ ଭାରତର ଅନ୍ୟ ମହିଳା ଆଥ୍‌ଲେଟଙ୍କୁ ମାନସିକ ସ୍ତରରେ ସୁଦୃଢ କରିବା ଲାଗି ସେ ସହାୟତା କରିବାକୁ ବିଚାର କରୁଥିବା କିମ୍ବଦନ୍ତୀ ଟେନିସ ଖେଳାଳି କହିଛନ୍ତି। ଅବସର ନେବା ତାଙ୍କ ପାଇଁ କେତେ କଷ୍ଟସାଧ ଥିଲା ବୋଲି ତାଙ୍କୁ ପଚରାଯିବାରେ ସାନିଆ କହିଥିଲେ।

# ଜୟସ୍ୱାଲଙ୍କ ଶତକରେ ଅବଶିଷ୍ଟ ଭାରତ ଦୃଢ଼

ଗ୍ୱାଲିୟର,୪।୩

**ଇରାନୀ କପ୍**

ଇରାନୀ କପ୍ ମୁକାବିଲାରେ ଯଶସ୍ୱୀ ଜୟସ୍ୱାଲଙ୍କ ଶତକରେ ଦୃଢ ସ୍ଥିତିରେ ରହିଛି ଅବଶିଷ୍ଟ ଭାରତ। ଅନ୍ତିମ ଦିନରେ ମଧ୍ୟପ୍ରଦେଶକୁ ବିଜୟ ପାଇଁ ୩୫୬ ରନ୍ ଆବଶ୍ୟକ ଥିବା ବେଳେ ଅବଶିଷ୍ଟ ଭାରତକୁ ଆବଶ୍ୟକ ୮ ଉଇକେଟ। ୪୩୭ ରନର ପିଛା କରୁଥିବା ଘରୋଇ ଦଳ ୨ ଉଇକେଟ ହରାଇ ୮୧ ରନ୍ ସଂଗ୍ରହ କରିଛି। ଅଧିନାୟକ ହିମାଂଶୁ ମନ୍ତ୍ରୀ ୫୧ ରନ୍‌ରେ ବ୍ୟାଟିଂ କରୁଛନ୍ତି। ତୃତୀୟ ଦିନର ଅସମାପ୍ତ ସ୍କୋର ୮୫/୧ରୁ ଖେଳ ଆରମ୍ଭ କରିଥିଲା ଅବଶିଷ୍ଟ ଭାରତ। ୫୮ ରନ୍‌ରେ ଅପରାଜିତ ଜୟସ୍ୱାଲ ଚମତ୍କାର ବ୍ୟାଟିଂ କରି ଶତକ ହାସଲ କରିଥିଲେ। ଜୟସ୍ୱାଲ ୧୪୪ ରନ୍ କରିଥିବା ବେଳେ ଅବଶିଷ୍ଟ ଭାରତ ୨୪୬ ରନ୍‌ରେ ଅଲଆଉଟ ହୋଇଥିଲା। ଜୟସ୍ୱାଲ ୧୫୭ ବଲ ଖେଳି ୧୬ ଚୌକା ଓ ୩ ଛକା ମାରିଥିଲେ। ମଧ୍ୟପ୍ରଦେଶ ପକ୍ଷରୁ ଆଭେଶ ଖାନ୍, ଅଙ୍କିତ କୁଶୱାହା, ସାରାଂଶ ଜୈନ୍, ଶୁଭମ୍ ଶର୍ମା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ମଧ୍ୟପ୍ରଦେଶ ୨ ଉଇକେଟ ହରାଇ ୮୧ ରନ୍ ସଂଗ୍ରହ କରିଛି।

**ସଂକ୍ଷିପ୍ତ ସ୍କୋର**

**ଅବଶିଷ୍ଟ ଭାରତ ପ୍ରଥମ ଇନିଂସ :** ୪୮୪/୧୦
**ମଧ୍ୟପ୍ରଦେଶ ପ୍ରଥମ ଇନିଂସ:** ୨୯୪/୧୦
**ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସ:** ୬୧.୩ ଓଭରରେ ୨୪୬/୧୦ (ଯଶସ୍ୱୀ ଜୟସ୍ୱାଲ–୧୪୪, ଅତୀତ ସେଠ୍–୩୦, ଅଭିମନ୍ୟୁ ଈଶ୍ୱରନ୍–୨୮,ଆଭେଶ ଖାନ୍–୨/୫୮, ଅଙ୍କିତ କୁଶୱାହା–୨/୨୨, ସାରାଂଶ ଜୈନ–୨/୫୬)।
**ମଧ୍ୟପ୍ରଦେଶ ଦ୍ୱିତୀୟ ଇନିଂସ:** ୨୯ ଓଭରରେ ୮୧/୨(ହିମାଂଶୁ ମନ୍ତ୍ରୀ–୫୧*, ମୁକେଶ କୁମାର–୧/୧୬, ସୌରଭ କୁମାର–୧/୨୦)।

**ଇଣ୍ଡିଆନ୍ ସୁପର ଲିଗ୍**

# ଓଡ଼ିଶା ଏଫ୍‌ସିର ଅଭିଯାନ ଶେଷ

ଭୁବନେଶ୍ୱର,୪।୩(ସ୍ପୋର୍ଟ୍ସ ବ୍ୟୁରୋ)

ଏଟିକେ ମୋହନବାଗାନ୍ ବିପକ୍ଷ ପ୍ଲେ ଅଫ୍ ମ୍ୟାଚରେ ପରାଜିତ ହେବା ସହିତ ଓଡିଶା ଏଫ୍‌ସି(ଓଏଫ୍‌ସି)ର ଅଭିଯାନ ଶେଷ ହୋଇଛି। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳା ଯାଇଥିବା ଶନିବାରର ଦ୍ୱିତୀୟ ପ୍ଲେ ଅଫ୍ ମ୍ୟାଚରେ ୨–୦ ଗୋଲରେ ବିଜୟୀ ହୋଇଛି ଏଟିକେ ମୋହନବାଗାନ୍। ଏହା ସହିତ ପ୍ରଥମ ଥର ପ୍ଲେ ଅଫ୍‌ରେ ପ୍ରବେଶ କରିଥିବା ଓଏଫ୍‌ସିର ଅଭିଯାନ ଶେଷ ହୋଇଛି। ଏଟିକେ ମୋହନବାଗାନ୍ ୪–୩–୨–୧ କମ୍ବିନେଶନରେ ଓହ୍ଲାଇଥିବା ବେଳେ ଓଏଫ୍‌ସି ୪–୪–୨ କମ୍ବିନେଶନରେ ଓହ୍ଲାଇଥିଲା। ସ୍ଥାନୀୟ ଦର୍ଶକଙ୍କ ସମର୍ଥନରେ ଏଟିକେ ମୋହନବାଗାନ୍ ବେଶ ଦମଦାର ଆରମ୍ଭ କରିଥିଲା। ଓଏଫ୍‌ସି ୫୮% ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ଏଟିକେ ମୋହନବାଗାନ୍ ପକ୍ଷରୁ ପ୍ରଥମ ମିନିଟରୁ ଜୋରଦାର ଆକ୍ରମଣ କରାଯାଇଥିଲା। ମ୍ୟାଚର ୩୬ ତମ ମିନିଟରେ ଏଟିକେ ମୋହନବାଗାନ୍ ପକ୍ଷରୁ ହ୍ୟୁଗୋ ବୌମୋସ୍ ୩୬ ତମ ମିନିଟରେ ପ୍ରଥମ ଗୋଲ ସ୍କୋର କରିଥିଲେ। ମାନବୀର ସିଂଙ୍କ ଆସିଷ୍ଟରେ ବୌମୋସ ଏହି ଗୋଲଟି ସ୍କୋର କରିଥିଲେ। ୩୬ ତମ ମିନିଟରେ ଡିମିଟ୍ରି ପେଟ୍ରାଟୋସଙ୍କ କର୍ନରରେ ମାନବୀର ସିଂ ମାରିଥିବା ଶଟ୍ ରୋକି ଦେଇଥିଲେ ଓଏଫ୍‌ସି ଗୋଲ କିପର ଅମରିନ୍ଦର। ତେବେ ଫେରନ୍ତା ଶଟ୍‌କୁ ସାମାନ୍ୟ ପଛରେ ଥିବା ହ୍ୟୁଗୋ ବୌମୋସଙ୍କୁ ପାଶ କରିଥିଲେ ମାନବୀର। ଏକ ଶକ୍ତିଶାଳୀ ଶଟ୍ ସହିତ ଏଟିକେ ମୋହନବାଗାନ୍‌କୁ ଅଗ୍ରଣୀ ପ୍ରଦାନ କରିଥିଲେ ବୌମୋସ୍। ପ୍ରଥମାର୍ଦ୍ଧରେ ୧–୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧର ୫୮ ତମ ମିନିଟରେ ଡିମିଟ୍ରି ପେଟ୍ରାଟୋସ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। କାର୍ଲ ମ୍ୟାକହଗ୍‌ଙ୍କ ଆସିଷ୍ଟରେ ପେଟ୍ରାଟୋସ୍ ଏହି ଗୋଲ ସ୍କୋର କରିଥିଲେ। ଓଡ଼ିଶା ପକ୍ଷରୁ ଗୋଲ୍ ପରିଶୋଧର ପ୍ରୟାସ କରାଯାଇଥିଲେ ମଧ୍ୟ ଏହା ନିଷ୍ଫଳ ରହିଥିଲା। ଏହା ସହିତ ଆଇଏସ୍‌ଏଲ୍ ସେମିରେ ପ୍ରବେଶ କରିଛି ଏଟିକେ ମୋହନବାଗାନ।



ହ୍ୟୁଗୋ ବୌମୋସଙ୍କ ଗୋଲ୍ ପରେ ଖୁସି ମୁହୂର୍ତ୍ତରେ ଏଟିକେ ମୋହନବାଗାନ ଖେଳାଳି।

# ବାହାରିନ୍ ଗ୍ରାଁ ପ୍ରିରେ ଭାଗନେବେ ହାମିଲଟନ

ସାଖିର (ବାହାରିନ), ୪।୩ (ଏପି)

ସାତ ଥର ଚାମ୍ପିୟନ ଲୁଇସ୍ ହାମିଲଟନ ସିଜନର ପ୍ରଥମ ବାହାରିନ୍ ଫର୍ମୁଲା ୱାନ ଗ୍ରାଁ ପ୍ରିରେ ଭାଗ ନେଇପାରିବେ। ସେ କୌଣସି ଅଳଙ୍କାର ଧାରଣ କରିଛନ୍ତି କି ନା ତାହା ଯାଞ୍ଚ କରିବା ପରେ ଫର୍ମୁଲା ୱାନ ପରିଚାଳନା ପରିଷଦ (ଏଫ୍‌ଆଇଏ) ତାଙ୍କୁ ରେସ୍‌ରେ ଅଂଶଗ୍ରହଣ ପାଇଁ ଅନୁମତି ଦେଇଛି। ପୂର୍ବରୁ ଡ୍ରାଇଭରମାନଙ୍କ ଲାଗି ଅଳଙ୍କାର ବ୍ୟବହାରରେ କଟକଣା ଜାରି କରାଯାଇଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# 'ସ୍ପୁଟ୍‌ନିକ୍-ଭି' ଉଦ୍ଭାବକଙ୍କୁ ହତ୍ୟା

## ବର୍ଷକରେ ୩୧ରୁ ଅଧିକ ରୁଷୀୟଙ୍କ ଅସ୍ୱାଭାବିକ ମୃତ୍ୟୁ



ଆଣ୍ଡ୍ରି ବୋଟିକୋଭ୍

**ମସ୍କୋ/ନୂଆଦିଲ୍ଲୀ, ୪।୩**

ରୁଷିଆର କୋଭିଡ୍-୧୯ ଟିକା ସ୍ପୁଟ୍‌ନିକ୍-ଭି'ର ଅନ୍ୟତମ ଉଦ୍ଭାବକ ବୈଜ୍ଞାନିକ ଆଣ୍ଡ୍ରି ବୋଟିକୋଭ୍‌ଙ୍କୁ ତାଙ୍କ ବାସଭବନରେ ହତ୍ୟା କରାଯାଇଛି। ତାଙ୍କ ଗଳାରେ ବେଲ୍ଟ ବାନ୍ଧି ମାରିଦିଆଯାଇଛି। ହତ୍ୟାରେ ସମ୍ପୃକ୍ତି ସନ୍ଦେହରେ ପୋଲିସ ଜଣକୁ ଗିରଫ କରି ତଦନ୍ତ ଚଳାଇଛି।

୪୭ ବର୍ଷୀୟ ବୋଟିକୋଭ୍ ଗାମାଲେୟ ନ୍ୟାଶନାଲ ରିସର୍ଚ୍ଚ ସେଣ୍ଟର ଫର୍ ଇକୋଲୋଜି ଆଣ୍ଡ୍ ମ୍ୟାଥ୍‌ମେଟିକ୍ସରେ ବରିଷ୍ଠ ଗବେଷକ ଭାବେ କାର୍ଯ୍ୟ କରୁଥିଲେ। ସ୍ପୁଟ୍‌ନିକ୍-ଭି ପାଇଁ କାର୍ଯ୍ୟ କରିଥିବା ୧୮ ବୈଜ୍ଞାନିକଙ୍କ ମଧ୍ୟରୁ ବୋଟିକୋଭ୍ ଅନ୍ୟତମ ଥିଲେ। ଭାକ୍ସିନ୍ ପାଇଁ କାର୍ଯ୍ୟ କରିଥିବାରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତାଙ୍କୁ 'ଅର୍ଡର ଅଫ୍ ମେରିଟ୍ ଫର୍ ଦି ଫାଦରଲ୍ୟାଣ୍ଡ' ପୁରସ୍କାରରେ ସମ୍ମାନିତ କରିଥିଲେ। ଗୁରୁବାର ତାଙ୍କ ମୃତଦେହ ବାସଭବନରୁ ମିଳିଥିଲା। ରୁଷିଆ ଫେଡେରେଶନ୍‌ର ତଦନ୍ତକାରୀ କମିଟି ବୈଜ୍ଞାନିକଙ୍କ ହତ୍ୟାର ତଦନ୍ତ କରୁଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବୋଟିକୋଭ୍‌ଙ୍କ ସହ ଜଣେ ୨୯ ବର୍ଷୀୟ ଯୁବକଙ୍କର କୌଣସି କାରଣରୁ ବଚସା ହୋଇଥିଲା। ଯୁବକ ଜଣକ ବୋଟିକୋଭ୍‌ଙ୍କ ଗଳାକୁ ବେଲ୍ଟରେ ଚାପି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲେ। ବିବାଦ ଏବଂ ଘରୋଇ ଅପରାଧରୁ ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି।

ଅନ୍ୟପକ୍ଷେ ୨୦୨୨ ଆରମ୍ଭରୁ ଏପର୍ଯ୍ୟନ୍ତ ୩୧ରୁ ଅଧିକ ରୁଷୀୟଙ୍କର ଅସ୍ୱାଭାବିକ ସ୍ଥିତିରେ ମୃତ୍ୟୁ ଘଟିଲାଣି। ସେମାନଙ୍କ ମଧ୍ୟରେ ବ୍ୟବସାୟୀ, ହାଇପ୍ରୋଫାଇଲ ଅଧିକାରୀ ଓ ସେମାନଙ୍କ ପରିବାର ସଦସ୍ୟ ରହିଛନ୍ତି। ବିଶେଷକରି ଗତବର୍ଷ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଆରମ୍ଭ କରିବା ପରେ ଏଭଳି ଅସ୍ୱାଭାବିକ ମୃତ୍ୟୁ ବଢ଼ିଛି। ମୃତକଙ୍କ ମଧ୍ୟରୁ କେତେଜଣ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସମାଲୋଚକ ହୋଇଥିବାରୁ ମୃତ୍ୟୁ ପଛରେ ସରକାରଙ୍କ ହାତ ଥିବା ନେଇ ଚର୍ଚ୍ଚା ହୋଇଥିଲା। ଓଡ଼ିଶାର ରାୟଗଡ଼ାସ୍ଥିତ ଏକ ହୋଟେଲରେ ୨ ଜଣ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ରହସ୍ୟରୁ ପରଦା ନ ହଟୁଣୁ ବୈଜ୍ଞାନିକ ଆଣ୍ଡ୍ରି ବୋଟିକୋଭ୍‌ଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରୁଷୀୟ ପର୍ଯ୍ୟଟକ ଭ୍ଲାଡିମିର ବିଡାନୋଭ ଏବଂ ପାଭେଲ ଆଣ୍ଟୋଭ ମଧ୍ୟ ପୁଟିନ୍‌ଙ୍କ ସମାଲୋଚକ ଥିଲେ। ଗତ ସେପ୍ଟେମ୍ବରରେ ୭୨ ବର୍ଷୀୟ ବୈଜ୍ଞାନିକ ଆନାଟୋଲି ଗେରାଶଚେଙ୍କୋଙ୍କ ମୃତ୍ୟୁ ଏପରି ରହସ୍ୟଜନକ ମାମଲା ମଧ୍ୟରୁ ଅନ୍ୟତମ। ସେ ଏକ ଅତ୍ୟୁଚ୍ଚ ସ୍ଥାନରୁ ☞ପୃଷ୍ଠା-୪






## ଆକ୍ସିସ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ: ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ନୂତନ ପାଣ୍ଠି ଅଫର ଆକ୍ସିସ ନିଫ୍ଟି ଜି-ସେକ ସେପ୍ଟେମ୍ବର ୨୦୩୨ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କରାଯାଇଛି। ଏହା ସୂଚକାଙ୍କର ଉପାଂଶ କମ୍ପାନୀରେ ନିବେଶ କରୁଥିବା ଏକ ଅସୀମିତ ଲକ୍ଷ୍ୟ ପରିପକ୍ୱତା ଋଣ ସୂଚକାଙ୍କ ପାଣ୍ଠି । ଏହାର ସର୍ବନିମ୍ନ ନିବେଶ ପରିମାଣ ୫୦୦୦ଟଙ୍କା ହେବ ଏବଂ ତା'ପରେ ୧ଟଙ୍କାର ଗୁଣିତକ ହିସାବରେ ରହିବ । ଏହି ନୂତନ ପାଣ୍ଠି ଅଫର (ଏନ୍‌ଏଫ୍‌ଓ) ୨୦୨୩ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ସଦସ୍ୟତା ପାଇଁ ଖୋଲିବ। ଏ ସମ୍ପର୍କରେ ଆକ୍ସିସ ଏଏମ୍‌ସିର ଏମ୍‌ଡି ଏବଂ ସିଇଓ ଚନ୍ଦ୍ରେଶ ନିଗମ କହିଥିଲେ,ବର୍ତ୍ତମାନ ଅମଳ ବକ୍ରମଧମରୁ ଦୀର୍ଘ ମିଆଦୀ ପୁଞ୍ଜିନିବେଶ ଦିଗ୍‌ବଳୟ ସହ ନିବେଶକଙ୍କୁ ଭୌତିକ ଅଗ୍ରଗତି ପ୍ରଦାନ କରିଥାଏ।

# 'ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରକୁ ଗୁରୁତ୍ୱାରୋପ'

ଭୁବନେଶ୍ୱର,୪।୩




ଇଣ୍ଡିଆନ ଚ୍ୟାମ୍ବର ଅଫ୍ କମର୍ସ (ଆଇସିସି) ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା (ଏସ୍‌ପିସିବିଓ)ର ମିଳିତ ସହଯୋଗରେ 'ସର୍କୁଲାର ଇକୋନୋମି' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଦିନିକିଆ ଜାତୀୟସ୍ତରୀୟ କର୍ମଶାଳା ସ୍ଥାନୀୟ ଜୟଦେବ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଉକ୍ତ କର୍ମଶାଳାରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ, ସ୍ଥିରତା ଏବଂ ନେଟର ଶୂନ ହାସଲ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପିସିବିଓର ସଦସ୍ୟ ତଥା ସଚିବ କେ.ମୁରୁଗେସନ,ଇପିକଲର କାର୍ଯ୍ୟକାରୀ ନିର୍ଦ୍ଦେଶକ କଲ୍ୟାଣ ଚରଣ ମହାନ୍ତି ଏବଂ ଆଞ୍ଚଳିକ ମୁଖ୍ୟ ଓଡ଼ିଶା କାଉନସିଲ ଆଇସିସି ଜେ.ପି.ପାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅପରପକ୍ଷରେ ଆଇସିସି ଚେୟାରମ୍ୟାନ୍ ଜେ.ବି.ପାଣିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ମନ୍ତ୍ରୀ କହିଥିଲେ, ପରିବେଶର ସୁରକ୍ଷା ଆମ ଉପରେ ନିର୍ଭର କରିଥାଏ। ଏପରିକି ପରିବେଶ ସୁରକ୍ଷା ନିମନ୍ତେ ପ୍ରଭାବଶାଳୀ ଖଣିଜ ଫ୍ରେମ୍ ପାଇଁ ଆବଶ୍ୟକ ପଦକ୍ଷେପ ମଧ୍ୟ ନିଆଯାଉଛି। ସେହିଭଳି ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରକୁ ଆମ୍ଭେମାନେ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବା ଆବଶ୍ୟକ ରହିଛି ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ସେହିପରି କେ. ମୁରୁଗେସନ କହିଥିଲେ, ଓଡ଼ିଶା ଏକ ଖଣି ଏବଂ ଖଣିଜ ଭିତ୍ତିକ ଅର୍ଥନୀତିର ନୀତିକୁ ବ୍ୟବହାର କରିବାକୁ ଯଥେଷ୍ଟ ସମ୍ଭାବନା ରହିଛି। ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ର ଖୋଲିବାକୁ ରାଜ୍ୟ ବର୍ତ୍ତମାନ ପଦକ୍ଷେପ ନେଇଛି। ଶିଳ୍ପନୀତିରେ ବର୍ଜ୍ୟବସ୍ତୁ ପୁନରୁଦ୍ଧାର ଏବଂ ପୁନଃ ବ୍ୟବହାର ପାଇଁ ଅନେକ ପ୍ରୋତ୍ସାହନ ମଧ୍ୟ ଦିଆଯାଇଛି ବୋଲି ମୁରୁଗେସନ କହିଛନ୍ତି। ଅପରପକ୍ଷରେ ପଙ୍କଜ ସତିଜା କହିଥିଲେ, ଆମ୍ଭେ ସମସ୍ତେ ପୃଥିବୀ କୋଳରେ ବଞ୍ଚୁଛୁ ଏବଂ ପରିବେଶର ଯତ୍ନ ନେବା ଜଣେ ବ୍ୟକ୍ତି ତଥା ସମାଜ ଭାବେ ଆମର ଦାୟିତ୍ୱ ଏବଂ ଏହାର ରକ୍ଷା କରିବା ଆମର କର୍ତ୍ତବ୍ୟ। ଉଲ୍ଲେଖଯୋଗ୍ୟ ଉକ୍ତ କର୍ମଶାଳାର ୨ୟ ୩ୟ ଅଧିବେଶନରେ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇ ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ ପରିଚାଳନା ସମସ୍ୟା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଦକ୍ଷ ଜ୍ଞାନକୌଶଳର ସମାଧାନ ଉପରେ ଆଲୋଚନା କରିଥିଲେ।

## ଫେବୃୟାରୀରେ ୩.୯୪ ଲକ୍ଷ ଯାନ ବିକ୍ରି

ନୂଆଦିଲ୍ଲୀ,୪।୩

ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟାକର୍ପ ଚଳିତ ବର୍ଷ ଫେବୃୟାରୀରେ ପ୍ରାୟ ୩.୯୪ ଲକ୍ଷ ୟୁନିଟ ଯାନ ବିକ୍ରି କରିଛି । ଏପରିକି ଗତ ବର୍ଷର ସମାନ ଅବଧି ତୁଳନାରେ କମ୍ପାନୀ ପ୍ରାୟ ୧୦% ଅଭିବୃଦ୍ଧି ହାସଲ କରିବାରେ ସକ୍ଷମ ହୋଇଛି । ଗତ ବର୍ଷ ଫେବୃୟାରୀରେ କମ୍ପାନି ୩.୮୫ ୟୁନିଟ ଯାନ ବିକ୍ରି କରିଥିଲା । ସେହିଭଳି ନିକଟରେ କମ୍ପାନି ଏକ୍ସପଲ୍‌ସ ୨୦୦ଟି ୪ ଭି ଉନ୍ମୋଚନ କରିଥିଲା । କମ୍ପାନି ଅନୁଷ୍କା ଶର୍ମା ଏବଂ ବିରାଟ କୋହଲିଙ୍କୁ ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତ କରିଛି। ନୂଆ କ୍ୟାମ୍ପେନରେ କମ୍ପାନି ମହିଳାଙ୍କ ଯୋଗଦାନକୁ ସମ୍ମାନ ଜଣାଇଛି । ହିରୋ ପକ୍ଷରୁ ଭିଦା ବାଙ୍ଗାଲୋର, ଦିଲ୍ଲୀ ଏବଂ ଜୟପୁର ଭଳି ସହରରେ ପବ୍ଲିକ ଚାର୍ଜିଂ ଭିତ୍ତିଭୂମି ସହ ୫୦ ସ୍ଥାନରେ ୩୦୦ ଚାର୍ଜିଂ ପଏଣ୍ଟ ବ୍ୟବସ୍ଥା କରାଯାଇଛି । ଉଭୟ ଡିସି ଏବଂ ଏସି ଚାର୍ଜିଂ ସକେଟରେ ସ୍କୁଟରଗୁଡ଼ିକୁ ଚାର୍ଜ କରାଯାଇପାରିବ ।

## ଓପିଟିସିଏଲ୍‌କୁ ସିବିଆଇପି ପୁରସ୍କାର




ଭୁବନେଶ୍ୱର,୪।୩

ରାଜ୍ୟର ପ୍ରମୁଖ ସରକାରୀ ଉଦ୍ୟୋଗ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍)ର କାର୍ଯ୍ୟଦକ୍ଷତାକୁ ଜାତୀୟ ସ୍ତରରେ ସ୍ୱୀକୃତି ସାଙ୍ଗକୁ ସମ୍ମାନ ଦିଆଯାଇଛି। ଦେଶରେ ଶକ୍ତି କ୍ଷେତ୍ରରେ ସଫଳ ବିଦ୍ୟୁତ୍ ଶକ୍ତି ସଞ୍ଚାରଣ କମ୍ପାନୀ ଭାବେ ଓପିଟିସିଏଲ୍‌କୁ ଆଉ ଏକ ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ଜଳସେଚନ ଏବଂ ଶକ୍ତି ବୋର୍ଡ (ସିବିଆଇପି) ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ପ୍ରତିଷ୍ଠା ଉତ୍ସବ ଅବସରରେ ଓପିଟିସିଏଲ୍ ବର୍ଷ ୨୦୨୩ ପାଇଁ ସିବିଆଇପି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଶକ୍ତିମନ୍ତ୍ରୀ ଆର୍.କେ. ସିଂଙ୍କଠାରୁ ଓପିଟିସିଏଲ୍‌ର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି ।ସେହିଭଳି ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ସାଙ୍ଗକୁ ସର୍ବାଧିକ ସରବରାହ ଉପଲବ୍ଧତା, ଅତି କମ୍ ସରବରାହ କ୍ଷତି ଏବଂ ବାତ୍ୟା ପରବର୍ତ୍ତୀ ବିଦ୍ୟୁତ୍ ବ୍ୟବସ୍ଥାର ସଫଳ ପୁନରୁଦ୍ଧାର ଏବଂ ଉତ୍କୃଷ୍ଟ ବିଦ୍ୟୁତ୍ ସୁରକ୍ଷା ବ୍ୟବସ୍ଥା ଭଳି କିଛି ମାନଦଣ୍ଡ ବିଚାରକୁ ନେଇ ଓପିଟିସିଏଲ୍‌କୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଓପିଟିସିଏଲ୍‌ର ଅଧ୍ୟକ୍ଷ ମିଶ୍ର କହିଛନ୍ତି, ଓପିଟିସିଏଲ୍‌ର ସମସ୍ତ କର୍ମଚାରୀଙ୍କ ନିଷ୍ଠାପରତା ଏବଂ ରାଜ୍ୟ ସରକାରଙ୍କଠାରୁ ମିଳିଥିବା ପ୍ରଶାସନିକ ସହଯୋଗ ପାଇଁ ଏହା ସମ୍ଭବ ହୋଇପାରିଛି। ବିଶେଷକରି ଓପିଟିସିଏଲ୍‌ର ପରିବାର ଏକତା ପାଇଁ ନିଗମକୁ ଉକ୍ତ ସମ୍ମାନ ମିଳିପାରିଛି ବୋଲି ମିଶ୍ର ପ୍ରକାଶ କରିଛନ୍ତି।

## 'ଯୋଗ୍ୟତାକୁ ଦେଇଥାଏ ସ୍ୱୀକୃତି'

ଭୁବନେଶ୍ୱର,୪।୩

ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ରାଷ୍ଟ୍ରୀୟ ସୁରକ୍ଷା ଦିବସ ଅବସରରେ ୭ଜଣ ୩ୟ ଲିଙ୍ଗ ପେସାଦାରଙ୍କୁ ନିଯୁକ୍ତି ଦିଆଯାଉଛି। ବିଶେଷକରି କମ୍ପାନୀର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ାଠାରେ ଥିବା ବିଶ୍ୱର ସର୍ବବୃହତ୍ ସ୍ମେଲ୍‌ଟର ପ୍ଲାଣ୍ଟରେ ଉକ୍ତ ୭ ଜଣ ତୃତୀୟ ଲିଙ୍ଗ ପେସାଦାରଙ୍କୁ କ୍ୟାମ୍ପସର ସୁରକ୍ଷା କାର୍ଯ୍ୟ ପାଇଁ ନିଯୁକ୍ତ କରାଯାଇଛି। ଏପରିକି ସେମାନେ ଦିନରାତି କମ୍ପାନୀର ସମ୍ପତ୍ତି ଓ ଲୋକବଳଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବେ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଉଛି। ସେହିଭଳି ବେଦାନ୍ତ ଆଲୁମିନିୟମରେ ଏଲ୍‌ଜିବିଟିକ୍ୟୁଆଇଏ+ ପେସାଦାରଙ୍କର ଏହା ୨ୟ ନିଯୁକ୍ତି ବୋଲି କୁହାଯାଉଛି। ଏହା ପୂର୍ବରୁ ଛତିଶଗଡ଼ରେ ବେଦାନ୍ତର ସହାୟକ କମ୍ପାନୀ ବାଲ୍‌କୋଠାରେ ମଧ୍ୟ ୭ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ବିଶେଷକରି ଗତ ବର୍ଷ କମ୍ପାନୀ ଏଲ୍‌ଜିବିଟିକ୍ୟୁଆଇଏ+ ପ୍ରତିଭା ପୁଲ୍‌ରେ ଏହାର ନିଯୁକ୍ତି ଆଭିମୁଖ୍ୟକୁ ବିସ୍ତାର କରିବାକୁ ଲକ୍ଷ୍ୟ ରଖିଥିଲା, ଯେଉଁମାନେ ଏପର୍ଯ୍ୟନ୍ତ ମୁଖ୍ୟ ସ୍ରୋତ ଏବଂ କର୍ପୋରେଟ୍ ଜଗତରେ ଗ୍ରହଣୀୟ ହୋଇନାହାନ୍ତି। କମ୍ପାନୀ ସେମାନଙ୍କୁ ନିଯୁକ୍ତି ଦେଇଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ (ଝାରସୁଗୁଡ଼ା)ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ବିବିଧତା ପାଇଁ ଆମର ଏକ ଅନ୍ତର୍ନିହିତ ଆଭିମୁଖ୍ୟ ରହିଛି, ଯାହା ଯୋଗ୍ୟତାକୁ ସ୍ୱୀକୃତି ଦେଇଥାଏ ଏବଂ ସମାନ କାର୍ଯ୍ୟକ୍ଷେତ୍ର ସୃଷ୍ଟି କରିବା ଦିଗରେ ବ୍ୟାପକ ପ୍ରୟାସ କରାଯାଉଛି। ଏପରିକି ଆମର କର୍ମଚାରୀଙ୍କ ଆଧାରରେ ବିବିଧତାକୁ ଆହୁରି ବୃଦ୍ଧି କରିବାକୁ ଆମର ଯୋଜନା ରହିଛି। ତେଣୁ ଆମର ବ୍ୟବସାୟକୁ ଆଗକୁ ନେବା ପାଇଁ ମାନବ ପୁଞ୍ଜିର ପୂର୍ଣ୍ଣ ସମ୍ଭାବନାକୁ ବ୍ୟବହାର କରିପାରିବା ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଚିକିତ୍ସା କ୍ଷେତ୍ରରେ ପରିବର୍ତ୍ତନ ଆସିଛି

ନୂଆଦିଲ୍ଲୀ,୪।୩



ପତଞ୍ଜଳି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ପକ୍ଷରୁ ଏକ ୩ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ହରିଦ୍ୱାର ଠାରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି 'ପ୍ଲାଣ୍ଟ ଟୁ ପେସେଣ୍ଟ,ରିଥିଙ୍କିଙ୍ଗ ଏଥେନୋଫାର୍ମାକୋଲୋଜି' ଶୀର୍ଷକ ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସ୍ୱାମୀ ରାମଦେବ କହିଛନ୍ତି, ଗତ ୧୦୦ ବର୍ଷ ହେବ ଏଲୋପାଥିର ଉପସ୍ଥିତି ବଜାୟ ରହିଛି, ତେବେ ଆୟୁର୍ବେଦ କ୍ଷେତ୍ରରେ ବିଭିନ୍ନ ଗବେଷଣା ସହ ଆମେ ମାନବ ସମାଜର ହିତକୁ ଧ୍ୟାନରେ ରଖି ଔଷଧ ପ୍ରସ୍ତୁତ କରୁଛୁ। ଏପରିକି ମେଡିସିନ୍ କ୍ଷେତ୍ରରେ ବର୍ତ୍ତମାନ ବଡ ପରିବର୍ତ୍ତନ ଆସିଛି। ନୂଆ ଶିକ୍ଷା ଏବଂ ପ୍ରୟୋଗ ଦ୍ୱାରା ପତଞ୍ଜଳି ଏ କ୍ଷେତ୍ରରେ ମଧ୍ୟ ଏକ ନୂଆ ଧାରା ସୃଷ୍ଟି କରିଛି। ପତଞ୍ଜଳି ଆୟୁର୍ବେଦ କଲେଜ ଦ୍ୱାରା ନୂଆ ଡାକ୍ତରଙ୍କ ପ୍ରସ୍ତୁତ କରାଯାଉଛି। ସେହିଭଳି ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ବର୍ତ୍ତମାନ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପତଞ୍ଜଳିର ଯୋଗଦାନକୁ ସାରା ବିଶ୍ୱ ଦେଖୁଛି। ବିଶେଷ କରି ବୈଦିକ ପଦ୍ଧତିକୁ ଉପଯୋଗ କରି ସହଭାଗିତା ଦ୍ୱାରା କିଛି ଯୋଗଦାନ ରଖିବା ଉପରେ ପତଞ୍ଜଳି କାମ କରୁଛି। ସେହିପରି ପତଞ୍ଜଳି ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ମୁଖ୍ୟ ବୈଜ୍ଞାନିକ ଡ. ଅନୁରାଗ ଭାର୍ସନେ କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ଆୟୁର୍ବେଦ କ୍ଷେତ୍ରକୁ ଆଗକୁ ବଢ଼ାଇବା ଦିଗରେ ସହାୟକ ହେବ । ଏହି ପରିପ୍ରେକ୍ଷୀରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବହୁ ଜଣାଶୁଣା ବିଶେଷଜ୍ଞମାନେ ଯୋଗଦେଇ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଉକ୍ତ କର୍ମଶାଳାରେ ବହୁ ଗବେଷକ, ଶିକ୍ଷାବିତ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## 'କେୟାର କନେକ୍ଟ ପ୍ରୋଗ୍ରାମ'

ଭୁବନେଶ୍ୱର,୪।୩

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ କେୟାର ହସ୍ପିଟାଲ ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'କେୟାର କନେକ୍ଟ ପ୍ରୋଗ୍ରାମ'ର ଆୟୋଜନ କରାଯାଇଥିଲା। ବିଶେଷ କରି ହାର୍ଟ ସର୍ଜରି ହୋଇଥିବା ଶିଶୁ ଓ ତାଙ୍କ ଅଭିଭାବକମାନେ ଡାକ୍ତରଙ୍କ ସହ ଚିକିତ୍ସା ପରବର୍ତ୍ତୀ ଯତ୍ନ,ଜୀବନଶୈଳୀ, ଖାଦ୍ୟପେୟ ଏବଂ ଅନ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ଅନେକ ରୋଗୀ ଓ ଅଭିଭାବକ ଯୋଗଦେଇଥିଲେ। ଏ ସମ୍ପର୍କରେ କେୟାର ହସ୍ପିଟାଲ ଭୁବନେଶ୍ୱର ଶାଖାର ଏଚ୍‌ସିଓଓ କିଶଲୟ ଆନନ୍ଦ କହିଛନ୍ତି, ହୃଦ୍‌ରୋଗ ଚିକିତ୍ସାରେ ଭୁବନେଶ୍ୱର କେୟାର ହସ୍ପିଟାଲ ବେଶ୍ ପରିଚିତ ଏବଂ ଏଠାରେ ସମସ୍ତ ପ୍ରକାର ଶିଶୁ ହୃଦ୍‌ରୋଗର ସଫଳ ଚିକିତ୍ସା ଉପଲବ୍ଧ। ସେହିଭଳି ବରିଷ୍ଠ ଶିଶୁ ହୃଦ୍‌ଶଲ୍ୟ ବିଶେଷଜ୍ଞ ଡା. ପ୍ରଶାନ୍ତ ପ୍ରକାଶରାଓ ପାଟିଲ କହିଥିଲେ, ଏଠାରେ ଦକ୍ଷ ଓ ଅଭିଜ୍ଞ ଡାକ୍ତର ଓ ତାଙ୍କ ଟିମ୍ ସମସ୍ତ ପ୍ରକାର ଶିଶୁରୋଗର ସଫଳ ଚିକିତ୍ସା କରୁଛନ୍ତି। ପୂର୍ବରୁ ଉକ୍ତ ଚିକିତ୍ସା ପାଇଁ ଓଡ଼ିଶାରୁ ରୋଗୀମାନେ ବଡ଼ ବଡ଼ ସହରକୁ ଯାଉଥିଲେ, ହେଲେ ବର୍ତ୍ତମାନ ଅନ୍ୟ ରାଜ୍ୟରୁ ରୋଗୀମାନେ ବିଭିନ୍ନ ପ୍ରକାର ହୃଦ୍‌ରୋଗ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି। ଅପରପକ୍ଷରେ କେୟାର ହସ୍ପିଟାଲର ବିଜ୍‌ନେସ୍ ଡେଭଲପମେଣ୍ଟ ବିଭାଗର ମୁଖ୍ୟ ଡା. ଲୋକନାଥ ଦାଶ କହିଛନ୍ତି, ଶିଶୁ ହୃଦ୍‌ରୋଗର ସଫଳ ଚିକିତ୍ସା ପାଇଁ ରାଜ୍ୟ ସରକାର ଦେଶର ୩ଟି ପ୍ରମୁଖ ହସ୍ପିଟାଲ ସହ ଚୁକ୍ତି କରିଥିବା ବେଳେ ରାଜ୍ୟର ଏକମାତ୍ର ହସ୍ପିଟାଲ ଭାବେ କେୟାର ହସ୍ପିଟାଲରେ ଉକ୍ତ ସୁବିଧା ଉପଲବ୍ଧ।

## ଫୁର୍‌ସତ୍



## ଆଲିଆଙ୍କୁ 'ସ୍ପଟଲାଇଟ୍ ଆୱାର୍ଡ'

**ମୁମ୍ବାଇ:** ବମ୍ପର କଲେକସନ ପରେ ଏବେ ଏସଏସ ରାଜମୌଳିଙ୍କ ମୁଭି ଆରଆରଆର ଆୱାର୍ଡସ ପାଇବାରେ ଲାଗିଛି। ହଲିଉଡ କ୍ରିଟିକ୍ସ ଆସୋସିଏଶନର ୨୦୨୩ ବର୍ଷର ଇଭେଣ୍ଟରେ ଏହି ଫିଲ୍ମ ଏକା ସାଙ୍ଗେ ୫ଟି ଆୱାର୍ଡ ନିଜ ନାଁରେ କରିଛି । ଆଲିଆ ଭଟ୍ଟଙ୍କୁ ଫିଲ୍ମ ଆରଆରଆର ପାଇଁ ସ୍ପଟଲାଇଟ ଆୱାର୍ଡରେ ସମ୍ମାନୀତ କରାଯାଇଛି। ସେମିତି ଜୁନିୟର ଏନଟିଆରଙ୍କୁ ବି ସ୍ପଟଲାଇଟ ଆୱାର୍ଡ ମିଳିଛି । ହଲିଉଡ କ୍ରିଟିକ୍ସ ଆସୋସିଏଶନର ଟୁଇଟର ହ୍ୟାଣ୍ଡେଲରୁ ଏହା ଜଣାପଡ଼ିଛି। ଅନ୍ୟପଟେ ଆଲିଆ ଓ ଜୁନିୟର ଏନଟିଆରଙ୍କୁ ଏହି ଟ୍ରଫି ପଠାଇବାକୁ ନେଇ ଅପଡେଟ ଦେଇ ଏଚସିଏର ଟୁଇଟର ହ୍ୟାଣ୍ଡେଲରେ ଲେଖାଯାଇଛି, ଆରଆରଆରର ପ୍ରଶଂସକ, ଆମେ ଆପଣଙ୍କ ସହ ଜୁନିୟର ଏନଟିଆର ଓ ଆଲିଆ ଭଟ୍ଟଙ୍କ ସହ ଆୱାର୍ଡ ଶେୟାର କରିବାକୁ ଚାହୁଁଛୁ, ଯାହାକୁ ଆମେ ଆସନ୍ତା ସପ୍ତାହରେ ପଠାଇଦେବୁ। ଆପଣ ସମସ୍ତଙ୍କର ଭଲ ପାଇବା ଓ ସପୋର୍ଟ ପାଇଁ ବହୁତ ବହୁତ ଧନ୍ୟବାଦ&ହଲିଉଡ କ୍ରିଟିକ୍ସ ଆସୋସିଏଶନ। ସୂଚନାଯୋଗ୍ୟ, ଏହି ଫିଲ୍ମର ଗୀତ 'ନାଟୁ-ନାଟୁ' ଓସ୍କାର ୨୦୨୩ରେ ବେଷ୍ଟ ସଙ୍ଗ ପାଇଁ ନୋମିନେଟ ହୋଇଛି। ଏହାର ଫଳାଫଳ ୧୨ ମାର୍ଚ୍ଚରେ ହେବ ଫିଲ୍ମ ଆରଆରଆର ମାର୍ଚ୍ଚ ୨୦୨୨ରେ ରିଲିଜ ହୋଇଥିଲା। ଏଥିରେ ରାମ ଚରଣ ଓ ଜୁନିୟର ଏନଟିଆର ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ଏଥିରେ ଆଲିଆ ଭଟ୍ଟ ରାମ ଚରଣଙ୍କ ପତ୍ନୀ ଭୂମିକାରେ ନଜର ଆସିଥିଲେ। ଏହା ବ୍ୟତୀତ ବଲିଉଡ କଳାକାର ଅଜୟ ଦେବଗନ ଫିଲ୍ମରେ କ୍ୟାମିଓ କରିଥିଲେ। ବିଜନେସରେ ଫିଲ୍ମଟି ଅନେକ ରେକର୍ଡ ଭାଙ୍ଗିଛି।

# ର୍‌ୟାମ୍ପରେ ରୋବୋ

ପ୍ୟାରିସ୍



ଫ୍ୟାଶନ୍ ଓ କଳାର ଗ୍ଲୋବାଲ ସେଣ୍ଟର ବୋଲି ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌କୁ କୁହାଯାଏ। ଫ୍ୟାଶନ୍ କ୍ଷେତ୍ରରେ ନିଜ ଉନ୍ନତ ଓ ନୂଆ କୌଶଳ ପାଇଁ ପ୍ୟାରିସ୍ ଜଣାଶୁଣା। ମଡେଲିଂ କ୍ୟାରିୟର ଆରମ୍ଭ କରିବା ପାଇଁ ଅନେକେ ଏହି ସ୍ଥାନକୁ ବାଛିଥାନ୍ତି। ତେବେ ନିକଟରେ ପ୍ୟାରିସ୍‌ରେ ଅନୁଷ୍ଠିତ ହୋଇଥିବା ଫ୍ୟାଶନ୍ ଉଇକ୍‌କୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। କୋପର୍ନି ଫ୍ୟାଶନ୍ ବ୍ରାଣ୍ଡ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରୋବୋଟିକ୍ କମ୍ପାନୀ ବୋଷ୍ଟାନ୍ ଡାଇନାମିକ୍ସର ରୋବୋଟିକ୍ କାନିନ୍‌ସ ଭାଗ ନେଇଛନ୍ତି। ଜଣେ ମଡେଲ୍‌ଙ୍କ ସହ ରୋବୋ ଡଗ୍ ର୍‌ୟାମ୍ପରେ ଚାଲୁଥିବାର ଦେଖିବାକୁ ମିଳିଛି। ତେବେ ମେଡଲିଂ କ୍ଷେତ୍ରରେ ରୋବୋ ବ୍ୟବହାର କରାଯିବା କୌଣସି ନୂଆ କଥା ନୁହେଁ ଏହା ପୂର୍ବରୁ ଅନେକ ଫ୍ୟାଶନ୍ କମ୍ପାନୀ ଏହି ଟେକ୍ନୋଲୋଜିକୁ ବ୍ୟବହାର କରିସାରିଛନ୍ତି। ରୋବୋ ଓ ମଡେଲ ର୍‌ୟାମ୍ପରେ ଚାଲୁଥିବାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଫଟୋକୁ ଦେଖିବା ପରେ ୟୁଜର୍ସମାନଙ୍କ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଭବିଷ୍ୟତରେ ମଣିଷ ମଡେଲ୍‌ଙ୍କ ସ୍ଥାନ ରୋବୋ ନେବାକୁ ଯାଉଥିବା କହି କେତେଜଣ ନାକାରାତ୍ମକ ପ୍ରତିକ୍ରିୟା ଦେଇଥିବାବେଳେ ଆଉ କେତେଜଣ ଫ୍ୟାଶନ୍ କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାରକୁ ପ୍ରଶଂସା କରିଛନ୍ତି।

## ମୋବାଇଲ ପାଇଁ ସ୍ତ୍ରୀ-ସ୍ୱାମୀ ଅଲଗା

**ଗାଜିଆବାଦ୍:** ଅନେକ ଲୋକ ମୋବାଇଲକୁ ଏତେ ଗୁରୁତ୍ୱ ଦିଅନ୍ତି ଯେ, ସେମାନେ ନିଜ ପ୍ରିୟଜନଙ୍କୁ ବି ଭୁଲିଯାଆନ୍ତି। ଯାହାକି ସେମାନଙ୍କ ସମ୍ପର୍କକୁ ପ୍ରଭାବିତ କରିଥାଏ। ଏବେ ସେମିତି ଏକ ଘଟଣା ସାମ୍ନାକୁ ଆସିଛି। ଯେଉଁଠାରେ ସ୍ମାର୍ଟଫୋନ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିଛି। ଗାଜିଆବାଦର ଲୋନି ଅଞ୍ଚଳରେ ଏପରି ମାମଲା ସାମ୍ନାକୁ ଆସିଛି। ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ କହିଥିଲେ, ତୁମକୁ ଛାଡ଼ି ଦେବି ପଛେ ମୋବାଇଲ ଛାଡ଼ିବି ନାହିଁ। ସ୍ୱାମୀଙ୍କ ଅଭିଯୋଗ ଅନୁଯାୟୀ, ସ୍ତ୍ରୀ ଦିନସାରା ଫୋନ୍‌ରେ ବ୍ୟସ୍ତ ରୁହନ୍ତି। ଘରର ପ୍ରତ୍ୟେକ ଛୋଟ ଏବଂ ବଡ଼ କଥା ବିଷୟରେ ନିଜ ଭଉଣୀ ଏବଂ ଭାଉଜଙ୍କୁ ଡାକନ୍ତି। ସ୍ୱାମୀ ସ୍ତ୍ରୀଙ୍କୁ ସ୍ମାର୍ଟଫୋନ ବଦଳରେ କି-ପ୍ୟାଡ ଫୋନ ଦେବାକୁ କହିଥିଲେ, ସେତେବେଳେ ସେ ସ୍ତ୍ରୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ସ୍ତ୍ରୀ ରାଗିଯାଇ ତାଙ୍କ ବାପଘର ଘରକୁ ଚାଲିଗଲେ। ଅନ୍ୟପକ୍ଷରେ ସ୍ତ୍ରୀ କହିଛନ୍ତି, ଯାହା ହେଉନା କାହିଁକି ସେ ସ୍ମାର୍ଟ ଫୋନ ଛାଡ଼ିବେ ନାହିଁ। ସେ ତାଙ୍କ ସ୍ୱାମୀ ଅପେକ୍ଷା ସ୍ମାର୍ଟଫୋନରେ ଅଧିକ ସମୟ ଦିଅନ୍ତି। ଯେତେବେଳେ ଏହି ମାମଲା ପାରିବାରିକ ପରାମର୍ଶ କେନ୍ଦ୍ରରେ ପହଞ୍ଚିଲା, ସେଠାରେ ଥିବା ଦାୟିତ୍ୱରେ ଥିବା ମହିଳା ଜଣକ କହିଥିଲେ, ମହିଳାଙ୍କୁ ମନାଇବା ପାଇଁ ବହୁ ଚେଷ୍ଟା କରାଯାଇଛି। କିନ୍ତୁ ସେ କିଛି ଶୁଣିବାକୁ ଏବଂ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ସ୍ମାର୍ଟଫୋନକୁ ନେଇ ସେ ଏତେ ଜିଦ ଧରିଛନ୍ତି ଯେ, ଏହା ସାମ୍ନାରେ ସବୁକିଛି ବଳିଦାନ ଦେବାକୁ ପ୍ରସ୍ତୁତ ଅଛନ୍ତି। ତାଙ୍କ ନିଜ ଭାଇମାନେ ମଧ୍ୟ ମହିଳାଙ୍କୁ ବହୁତ ବୁଝାଇବା ପାଇଁ ଚେଷ୍ଟା କରିଥିଲେ କିନ୍ତୁ ସେ ରାଜି ହୋଇ ନ ଥିଲେ।

## ରାଗିଲେ ରଣବୀର



**ମୁମ୍ବାଇ:** ବଲିଉଡ ଷ୍ଟାର ତଥା ନୂଆ କରି ଡାଡ ରଣବୀର କପୁର ଏବେ ତାଙ୍କ ଅପକମିଂ ମୁଭି 'ତୁ ଝୁଠି ମେ ମକ୍କାର'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି । ନିକଟରେ ଅଭିନେତା ଫିଲ୍ମର ପ୍ରମୋଶନ ପାଇଁ ଟେଲିଭିଜନ ରିୟଲିଟି ଶୋ' 'ଇଣ୍ଡିଆନ ଆଇଡଲ'ରେ ପହଞ୍ଚିଥିଲେ । ଏହି ସମୟରେ ସେ ଜଣେ କୁନି କଣ୍ଟେଷ୍ଟାଣ୍ଟଙ୍କ ଖୁବ କଥା ହୋଇଥିଲେ ୪୦ ବର୍ଷୀୟ ଅଭିନେତାଙ୍କୁ ଯେତେବେଳେ ସେହି କୁନି ପ୍ରତିଯୋଗୀ ଜଣକ ରଣବୀର ଅଙ୍କଲ ବୋଲି କହି ଦେଇଥିଲେ ସେତେବେଳେ ସେ ରିଆକ୍ଟ କରି କହିଥିଲେ, 'ୟାର ମୁଝେ ଅଙ୍କଲ ମତ ବୁଲା ୟାର' । ରଣବୀର ସାମାନ୍ୟ ରାଗି ଯାଇଥିଲେ ବୋଲି କୁହାଯାଉଛି । ଏହା ଶୁଣିବା ପରେ କୁନି ପ୍ରତିଯୋଗୀ ଜଣଙ୍କ ହସିଦେଇ ରଣବୀରଙ୍କୁ ପ୍ରଶ୍ନ କରିଥିଲେ ତେବେ ମୁଁ ଆପଣଙ୍କୁ କ'ଣ କହି ଡାକିବି । ଏହାକୁ ନେଇ ରଣବୀର କହିଥିଲେ ଆର.କେ ବୋଲି ଡାକ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୫/୨୦୨୩ | Bhubaneswar, Sunday, March 5/2023 | ପୃଷ୍ଠା-୧

# ଘରେ ଘରେ ଜ୍ୱର, କାଶ

**ଏବେ ପ୍ରାୟ ପ୍ରତି ଘରେ ଦେଖିବାକୁ ମିଳୁଛି ଜ୍ୱର, କାଶ ଓ ଥଣ୍ଡା ରୋଗ। ପିଲାଙ୍କ ପରୀକ୍ଷା ଚାଲିଥିବାବେଳେ ସେମାନେ ଏଭଳି ରୋଗରେ ପୀଡ଼ିତ ହେଉଛନ୍ତି। ବୟସ୍କମାନେ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ଦିନେ କି ଦୁଇଦିନ ନୁହେଁ, ଗୋଟିଏ ସପ୍ତାହରୁ ଏକ ମାସ ଯାଏ ସେମାନେ ରୋଗରେ ଘାଣ୍ଟି ହେଉଛନ୍ତି। ତେବେ ଏହା କୌଣସି ସିଜନାଲ ଡିଜିଜ୍ ନୁହେଁ, ବରଂ ଇନଫ୍ଲୁଏଞ୍ଜା ଭାଇରସ୍‌ର ଏକ ସବ୍‌ଟାଇପ୍ 'ଏଚ୍୩ଏନ୍୨' ଯୋଗୁ ଘଟୁଛି ବୋଲି ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମ୍ଆର୍) ପକ୍ଷରୁ କୁହାଯାଇଛି। ଏଭଳିସ୍ଥଳେ ମନଇଚ୍ଛା ଆଣ୍ଟିବାୟୋଟିକ୍ ଔଷଧ ନ ଖାଇବାକୁ ଚେତାଇ ଦେଇଛି ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍ଏ)। ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସିତ ହେବାକୁ ଆଇଏମ୍ଆର୍ କହିଥିବାବେଳେ ଆଇସିଏମ୍ଆର୍ ପକ୍ଷରୁ ସ୍ୱାସ୍ଥ୍ୟ ପରାମର୍ଶନାମା ଜାରି କରାଯାଇ କ'ଣ କରାଯିବା ଉଚିତ ଏବଂ ଅନୁଚିତ ତାହା କୁହାଯାଇଛି।**



■ ବ୍ୟାପିଛି ଇନଫ୍ଲୁଏଞ୍ଜା ଭାଇରସ୍ 'ଏଚ୍୩ଏନ୍୨'
■ ଆଣ୍ଟିବାୟୋଟିକଠାରୁ ଦୂରେଇ ରହିବାକୁ ପରାମର୍ଶ

ଭୁବନେଶ୍ୱର,(ବ୍ୟୁରୋ)/ ନୂଆଦିଲ୍ଲୀ,୪।୩ (ଆଇଏନ୍ଏସ୍)

ଲୋକଙ୍କ ଶରୀରରେ ସମ୍ପ୍ରତି ଦେଖିବାକୁ ମିଳୁଥିବା ଫ୍ଲୁ ଜନିତ ରୋଗ କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ବ୍ୟାପିଛି। ଲୋକେ ଦୀର୍ଘଦିନ ଧରି କୋଭିଡ୍ ମହାମାରୀର ଭୟାବହତାକୁ ଅନୁଭବ କରିଛନ୍ତି। ଏଭଳିସ୍ଥଳେ ଜ୍ୱର, କାଶ, ଥଣ୍ଡା, ବାନ୍ତି, ଗଳା ଦରଜ, ଶରୀର ବ୍ୟଥା, ଶ୍ୱାସନେବାରେ କଷ୍ଟ ଅନୁଭବ କରିବା ଭଳି ଲକ୍ଷଣ ସେମାନଙ୍କୁ ଭୟଭୀତ କରାଇ ଦେଉଛି। ବିଶେଷକରି କେତେକ ଲକ୍ଷଣ କୋଭିଡ୍ ସହିତ ସାମଞ୍ଜସ୍ୟ ରଖୁଥିବାରୁ ଲୋକେ ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି। ହେଲେ ଅନେକ ପୀଡ଼ିତଙ୍କ କୋଭିଡ୍ ରିପୋର୍ଟ ନେଗେଟେଭ୍ ରହୁଥିବାରୁ ଭୟଭୀତ ନ ହେବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି।

ଆଇସିଏମ୍ଆର୍ ପକ୍ଷରୁ କୁହାଯାଇଛି ଯେ, ଏଚ୍୩ଏନ୍୨ ଭାଇରସ୍ ୨ରୁ ୩ ମାସ ହେଲା ବ୍ୟାପିଲାଣି। ଏଭଳିସ୍ଥଳେ ଉପରୋକ୍ତ ରୋଗର ଲକ୍ଷଣ ଥିବା ବ୍ୟକ୍ତି କ'ଣ କରିବେ ଏବଂ ନ କରିବେ ତାହା ଟୁଇଟ୍ ଯୋଗେ ପରାମର୍ଶ ଦିଆଯାଇଛି। ତଦନୁଯାୟୀ କାଶ, ଛିଙ୍କ ବେଳେ ମୁହଁକୁ ଘୋଡ଼ାଇବା ରଖିବା, ମାସ୍କ ପିନ୍ଧିବା ଏବଂ ଗହଳି ସ୍ଥାନକୁ ନ ଯିବା, ଲକ୍ଷଣ ଥିଲେ ହାତକୁ ଭଲ ଭାବେ ସାବୁନରେ ଧୋଇବା, ଆଖି ଓ ନାକକୁ ବାରମ୍ବାର ନ ଛୁଇଁବା, ପ୍ରଚୁର ପାଣି ଓ ଜୁସ୍ ପିଇବା, ଦେହବ୍ୟଥା ଏବଂ ଜ୍ୱର ହେଲେ ପାରାସିଟାମଲ ଖାଇବା ଏବଂ ଡାକ୍ତରଙ୍କ ପରାମର୍ଶ ବିନା କୌଣସି ଆଣ୍ଟିବାୟୋଟିକ୍ ଔଷଧ ନ ଖାଇବାକୁ କୁହାଯାଇଛି।

ଆଇଏମ୍ଏ ପକ୍ଷରୁ ଟୁଇଟ୍ ଯୋଗେ କୁହାଯାଇଛି ଯେ, ପ୍ରାୟତଃ ୫୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୧୫ ବର୍ଷରୁ କମ୍ ବୟସର ପିଲାଙ୍କ କ୍ଷେତ୍ରରେ ଜ୍ୱର, କାଶ, ଦେହବ୍ୟଥା ଆଦି ଲକ୍ଷଣ ଅଧିକ ଦେଖିବାକୁ ମିଳୁଛି। ଅନେକଙ୍କ କ୍ଷେତ୍ରରେ ଜ୍ୱର ସହ ନିଃଶ୍ୱାସ ନେବାରେ ସମସ୍ୟା ହେଉଥିବା ଦେଖିବାକୁ ମିଳୁଥିବାବେଳେ ଏହାକୁ ବାୟୁ ପ୍ରଦୂଷଣ ଅଧିକ ବଢ଼ାଉଛି। ଅନେକ ରୋଗୀଙ୍କ ଜ୍ୱର ୩ ଦିନରେ ଭଲ ହୋଇଯାଉଥିବାବେଳେ କାଶ ମାସାଧିକ କାଳ ରହୁଛି। ଏଭଳିସ୍ଥଳେ ଉଭୟ ପୀଡ଼ିତ ଏବଂ ଡାକ୍ତର ଅଧିକ ସଚେତନ ହୋଇ ରୋଗର ମୁକାବିଲା କରିବାକୁ ପରାମର୍ଶ ଦିଆଯାଇଛି। ଡାକ୍ତରମାନଙ୍କ ଉଦ୍ଦେଶ୍ୟରେ ଆଇଏମ୍ଏ ପକ୍ଷରୁ କୁହାଯାଇଛି ଯେ, କେବଳ ଲକ୍ଷଣ ଥିବା ଲୋକଙ୍କୁ ମେଡିସିନ ଖାଇବାକୁ ପରାମର୍ଶ ଦିଆଯାଉ। ସେମାନଙ୍କୁ ଆଣ୍ଟିବାୟୋଟିକ ଦିଆ ନ ଯାଉ। ଆଇଏମ୍ଏ ଆହୁରି କହିଛି ଯେ, ଲୋକେ ଜ୍ୱର, କାଶରେ ପୀଡ଼ିତ ହେବାମାତ୍ରେ ଆଥ୍ରେସିନ୍, ଆମୋକ୍ସିକ୍ଲାଭ୍ ଭଳି ଆଣ୍ଟିବାୟୋଟିକ୍ ଖାଇବା ଆରମ୍ଭ କରିଦେଉଛନ୍ତି। ଏପରିକି ତାହାକୁ ଖାଇବାର ପରିମାଣ ଏବଂ ବ୍ୟବଧାନ ପ୍ରତି ଧ୍ୟାନ ଦେଉନାହାନ୍ତି। ଏହାସହିତ ଭଲ ଅନୁଭବ କରୁ କରୁ ତାହାକୁ ଖାଇବା ବନ୍ଦ କରିଦେଉଛନ୍ତି। ଏହାଦ୍ୱାରା ଅଧିକ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହେବା ଆଶଙ୍କା ରହିଥିବା ନେଇ ଆଇଏମ୍ଏ ଚେତାଇ ଦେଇଛି।

ଦିଲ୍ଲୀ ଏମ୍ସର ସେଣ୍ଟର ଫର୍ କମ୍ୟୁନିଟି ମେଡିସିନ ବିଭାଗ ପ୍ରଫେସର ହର୍ଷଲ ଆର୍. ସାଲଭେ କହିଛନ୍ତି, ସାମ୍ପ୍ରତିକ ଜଳବାୟୁରୁ ହଠାତ୍ ଫ୍ଲୁ ଭୂତାଣୁ ସଂକ୍ରମଣରେ ବୃଦ୍ଧି ଘଟିଛି। ଭୂତାଣୁର ସେରୋଟାଇପ୍ ଏବଂ ଏହା କେଉଁ ସ୍ଥାନ ଓ ବ୍ୟକ୍ତିଙ୍କଠାରେ ପରିଦୃଷ୍ଟ ହେଉଛି ତାହା ନିର୍ଣ୍ଣୟ କରାଯିବା ଜରୁରୀ। ଏଥିପାଇଁ ସରକାରଙ୍କ ଦ୍ୱାରା ଜନସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଥିବା ମେକାନିଜମ୍ ଜରିଆରେ ସେରୋଲଜିକାଲ ତଦାରଖ କରାଯିବା ଉଚିତ। ଚାଣକ୍ୟପୁରୀସ୍ଥିତ ପ୍ରିମସ୍ ହସ୍ପିଟାଲର ଡାକ୍ତରମାନେ କହୁଛନ୍ତି ଯେ, ବୟସ୍କ, ଗର୍ଭବତୀ ଏବଂ ପିଲାମାନେ ଅଧିକ ଅସୁରକ୍ଷିତ, ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ସେମାନଙ୍କ ପ୍ରତି ଯତ୍ନ ନିଆଯିବାର ଆବଶ୍ୟକତା ରହିଛି। ଏପରିକି ବାହାରକୁ ଯିବା ସମୟରେ ସେମାନେ ଅଧିକ ସତର୍କ ରହିବା ଉଚିତ।

# ୪୮୨୭.୨୭ କୋଟିର ୨୫ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

## ୨୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

ଭୁବନେଶ୍ୱର,୪।୩(ବ୍ୟୁରୋ)

ରାଜ୍ୟ ସରକାର ୪୮୨୭.୨୭ କୋଟିର ୨୫ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକରେ ୨୫ ହଜାର ୨୯୨ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସ୍ଡବ୍ଲୁସିଏ) ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। । ସେଥିରୁ ଗତ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଆସିଥିବା ୧୬ଟି ପ୍ରସ୍ତାବକୁ ବୈଠକରେ ଅନୁମୋଦନ ମିଳିଛି । ଭିତ୍ତିଭୂମି, ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି, ଫାର୍ମାସ୍ୟୁଟିକାଲ, କେମିକାଲ ଓ ପେଟ୍ରୋକେମିକାଲ ଭଳି ଅନେକ କ୍ଷେତ୍ରରେ ଏହି ପ୍ରକଳ୍ପଗୁଡ଼ିକରେ ପୁଞ୍ଜିନିବେଶ ହେବ। ଏହି ସବୁ ପ୍ରକଳ୍ପ ଖୋର୍ଦ୍ଧା, କଟକ, ଯାଜପୁର, ଜଗତ୍‌ସିଂହପୁର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ଭଦ୍ରକ ଜିଲାରେ ସ୍ଥାପନ କରାଯିବ। ଶ୍ରୀ ମା ପ୍ୟାକେଜିଂ ଲିମିଟେଡ୍, କେମୋ ପ୍ଲାଷ୍ଟିକ ଇଣ୍ଡଷ୍ଟ୍ରିଜ ଏବଂ କୁଲ୍ କ୍ୟାପସ ଇଣ୍ଡଷ୍ଟ୍ରିଜ ଖୋର୍ଦ୍ଧା ଜିଲାର ମଳିପଡ଼ାଠାରେ ୩୯୨.୧୦ କୋଟି ଟଙ୍କାର ୩ଟି ପ୍ଲାଷ୍ଟିକ ପ୍ରକଳ୍ପ ସ୍ଥାପନ କରିବେ। ସେଥିରେ ପ୍ରାୟ ୬୬୪ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ଇସ୍ପାତ କ୍ଷେତ୍ରରେ ୮ଟି ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ। କଳିଙ୍ଗ ନଗରଠାରେ ୩ଟି ଏବଂ ଅନ୍ୟଗୁଡ଼ିକ ମଣ୍ଡିଆକୁଦର, ବଣାଇ, ଲାଠିକଟା, ରାଇରଙ୍ଗପୁର ଏବଂ ଯାମଦାଠାରେ ସ୍ଥାପନ କରାଯିବ। ଏଥିରେ ମୋଟ ୧୪୧.୪୯ କୋଟି ଟଙ୍କା ପୁଞ୍ଜିନିବେଶ ହେବ। ସେହିପରି ଜଗତ୍‌ସିଂହପୁର, ଧାନପୁର, କୋରେଇଠାରେ ୧୬୪.୯୯ କୋଟି ଟଙ୍କାର ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନ ଶିଳ୍ପ ସ୍ଥାପନ କରାଯିବ। ଏଥିସହିତ ୨୧୩ କୋଟି ଟଙ୍କାର ୨ଟି ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରକଳ୍ପ କଟକଠାରେ ସ୍ଥାପନ କରାଯିବାକୁ ଥିବା ବେଳେ ପୁରୀ ଜିଲା ଗୋପ ଠାରେ ଏଏନ୍ଏମ୍ ହୋଟେଲସ ଆଣ୍ଡ ରିସର୍ଟସ ପକ୍ଷରୁ ୮୦.୬୨ କୋଟି ଟଙ୍କା ବ୍ୟୟରେ ହୋଟେଲ ଓ ରିସର୍ଟ ନିର୍ମାଣ କରାଯିବ। ସେହିପରି ବୈଠକରେ ଅନ୍ୟାନ୍ୟ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି।

# ୧୦ରୁ ମାଟ୍ରିକ ପରୀକ୍ଷା

■ ତ୍ରୁଟିଶୂନ୍ୟ ପରିଚାଳନା ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ
■ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୪।୩(ବ୍ୟୁରୋ)

ଚଳିତ ମାସ ୧୦ ତାରିଖରୁ ମାଟ୍ରିକ ପରୀକ୍ଷାର ଦ୍ୱିତୀୟ ସମେଟିଭ ଆସେସମେଣ୍ଟ ଆରମ୍ଭ ହେବ। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ହାଇସ୍କୁଲ, ରାଜ୍ୟ ମୁକ୍ତ ବିଦ୍ୟାଳୟ ଏବଂ ମଧ୍ୟମାରେ ୫ଲକ୍ଷ ୪୧ ହଜାର ୨୪୭ ଜଣ ଛାତ୍ରୀଛାତ୍ର ୩୨୧୮ କେନ୍ଦ୍ରରେ ପରୀକ୍ଷା ଦେବେ।

ପରୀକ୍ଷାକୁ ସୁପରିଚାଳନା କରିବା ପାଇଁ ଶନିବାର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ସଫଳତାର ସହ ତ୍ରୁଟିଶୂନ୍ୟ ଭାବେ ଏହି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାକୁ ପରିଚାଳନା କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ପରୀକ୍ଷା ହଲ୍‌କୁ ଯାଉଥିବା ଛାତ୍ରୀଛାତ୍ର ଏବଂ ପରୀକ୍ଷା ପରିଚାଳନା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭଲଭାବେ ଯାଞ୍ଚ କରି କେନ୍ଦ୍ର ମଧ୍ୟକୁ ଛାଡ଼ିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ର ନିମନ୍ତେ ଆବଶ୍ୟକ ପର୍ଯ୍ୟବେକ୍ଷକ ଓ ଫ୍ଲାଇଂ ସ୍କ୍ୱାଡ ମୁତୟନ କରିବାକୁ ସେ ☞ ପୃଷ୍ଠା-୪

# ଆମେରିକା ଭଳି ହେବ ଓଡ଼ିଶା ଜାତୀୟ ରାଜପଥ: ଗଡ୍‌କରୀ

ଭୁବନେଶ୍ୱର,୪।୩(ବ୍ୟୁରୋ)



ନୀତିନ ଗଡ୍‌କରୀ

୨୦୨୪ ଶେଷ ସୁଦ୍ଧା ଓଡ଼ିଶାରେ ଆମେରିକା ମାନର ଜାତୀୟ ରାଜପଥ ନିର୍ମାଣ ହେବ। ଜାତୀୟ ରାଜପଥ ପ୍ରକଳ୍ପ ଅଧୀନ ସବୁ ରାସ୍ତା ଆମେରିକା ମାନର ହେବ। ଓଟିଭି ଫୋରସାଇଟ୍-୨୦୨୩ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ୍‌କରୀ ଏହି ସୂଚନା ଦେଇଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି, ଓଡ଼ିଶାରେ ଜାତୀୟ ରାଜପଥରେ ଅନେକ ଭିତ୍ତିଭୂମି କାମ ଚାଲିଛି। ୨୦୨୪ ଶେଷ ସୁଦ୍ଧା ରାସ୍ତା ମାନ ଆମେରିକା ଭଳି ହେବ ବୋଲି ପ୍ରତିଶ୍ରୁତି ଦେଉଛି। ଉଚ୍ଚ ମାନର ରାସ୍ତା ଓଡ଼ିଶାର ବିକାଶ ଓ ଉନ୍ନତିକୁ ନୂଆ ସୋପାନକୁ ନେବ। ଓଡ଼ିଶା ଭଳି ସାରା ଭାରତର ବିଭିନ୍ନ ରାଜ୍ୟରେ ମଧ୍ୟ ରାସ୍ତା କାମ ଚାଲୁରହିଛି। ଭାରତର ଭିତ୍ତିଭୂମି ଦ୍ରୁତଗତିରେ ଅଗ୍ରଗତି ହେଉଛି। ଦେଶରେ ଶିଳ୍ପ ପ୍ରତିଷ୍ଠା କରିବା ନିମନ୍ତେ ପ୍ରଥମେ ଯୋଗାଯୋଗକୁ ସୁଦୃଢ଼ କରିବାକୁ ପଡ଼ିବ । ଶିଳ୍ପ ପାଇଁ ଜଳ, ବିଦ୍ୟୁତ୍ ଶକ୍ତି, ଯୋଗାଯୋଗ, ପରିବହନକୁ ସୁଦୃଢ଼ କରିବାକୁ ପଡ଼ିବ । ଏସବୁ ମୌଳିକ ସୁବିଧା ବ୍ୟତୀତ ଶିଳ୍ପ ପ୍ରତିଷ୍ଠା କଥା କଳ୍ପନା କରିବା ଅସମ୍ଭବ । ଦେଶରେ ଶିଳ୍ପ ପ୍ରତିଷ୍ଠା ହେଲେ ପୁଞ୍ଜି ନିବେଶ ହୋଇପାରିବ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାଦ୍ୱାରା ଦେଶର ଅର୍ଥନୀତି ସୁଦୃଢ଼ ହେବ । ସର୍ବପ୍ରଥମେ ଆମକୁ ରାସ୍ତା କାମକୁ ସୁଦୃଢ଼ କରିବାକୁ ପଡ଼ିବ । ଏଥିନିମନ୍ତେ ଆମ ଦେଶରେ ଜାତୀୟ ରାଜପଥ କାମକୁ ଆମେରିକା ମାନର କରାଯାଉଛି ବୋଲି ଗଡ୍‌କରୀ କହିଛନ୍ତି। ଦେଶରେ ୨ ଲେନରୁ ଆରମ୍ଭ କରି ୮ ଲେନ୍ ପର୍ଯ୍ୟନ୍ତ ରାସ୍ତା କାମ ହେଉଛି। ବିଭିନ୍ନ ଶିଳ୍ପ କରିଡରରେ ଗ୍ରୀନ୍ ଏକ୍ସପ୍ରେସ୍ ହାଇୱେ ନିର୍ମାଣ କାମ ଚାଲିଛି। ବହୁ ରାଜ୍ୟ ସରକାରଙ୍କ ସହଯୋଗରେ ଇଣ୍ଡଷ୍ଟ୍ରି କ୍ଲଷ୍ଟର, ଲଜିଷ୍ଟିକ୍ ପାର୍କ ନିର୍ମାଣ ହେଉଛି। ଏହା ଆମ ଦେଶର ଅଗ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବ ☞ ପୃଷ୍ଠା-୪




ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଲୋକାର୍ପିତ ହେବାକୁ ଥିବା ବିଜୁ ବାବୁଙ୍କ ସୁସଜ୍ଜିତ ଡାକୋଟା ବିମାନ। (ଫଟୋ: ବିକାଶ)

# ନୂଆ ରୂପରେ ଡାକୋଟା, ଆଜିଠାରୁ ପ୍ରଦର୍ଶନ

## ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୩(ବ୍ୟୁରୋ)

ବହୁଦିନର ପ୍ରତୀକ୍ଷା ପରେ ଶେଷରେ କଳିଙ୍ଗପୁତ୍ର ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରିୟ ଡାକୋଟା ବିମାନ ଏବେ ଓଡ଼ିଶା ମାଟିରେ ନୂଆ ରୂପ ପାଇଛି। ତତ୍କାଳୀନ 'କଳିଙ୍ଗ'ର ସ୍ମୃତି ସ୍ୱରୂପ ଏହାର ନାଁ 'କଳିଙ୍ଗ ଏୟାରଲାଇନ୍ସ ଭିଟି-ଏୟୁ' ରଖାଯାଇଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ସାମ୍ନାରେ ରବିବାରଠାରୁ ସର୍ବସାଧାରଣଙ୍କ ନିମନ୍ତେ ଏହାକୁ ପ୍ରଦର୍ଶନ କରାଯିବ। ଏଥିପାଇଁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ବିମାନବନ୍ଦରର ଟର୍ମିନାଲ-୧ ସମ୍ମୁଖରେ ଲିଜ୍‌ରେ ନିଆଯାଇଥିବା ୧.୧ ଏକର ପରିମିତ ସ୍ଥାନ ସଜେଇ ହୋଇଛି। ଡାକୋଟା ଛିଡ଼ା ହେବାକୁ ଥିବା ପେଡେଷ୍ଟାଲ ନିର୍ମାଣ ସହ ଏହାର ଚତୁଃପାର୍ଶ୍ୱରେ ଲାଇଟ୍ ଲଗାଯାଇଛି। ଏଠାରେ ଏକ ଦର୍ଶକ ଗ୍ୟାଲେରି ମଧ୍ୟ କରାଯାଇଛି। ରବିବାର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିବେ।

କୋଲକାତା ବିମାନବନ୍ଦରରେ ଦୀର୍ଘବର୍ଷ ହେବ ପଡ଼ି ରହି ନଷ୍ଟ ହେଉଥିବା ଡାକୋଟା ବିମାନକୁ ଗତ ଜାନୁୟାରୀ ୧୮ରେ ୩ଟି ଲରି ସହାୟତାରେ ଭୁବନେଶ୍ୱର ବିମାନବନ୍ଦରକୁ ଅଣାଯାଇଥିଲା। ରାସ୍ତାରେ ଆସିବାବେଳେ ବିଭିନ୍ନ ସ୍ଥାନରେ ଡାକୋଟାକୁ ସ୍ୱାଗତ କରାଯାଇଥିଲା। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ନିଜେ ସେଠାକୁ ଯାଇ ଫୁଲ ପକାଇ ସ୍ୱାଗତ କରିଥିଲେ। ପରେ ବିମାନବନ୍ଦରରେ ଥିବା ଷ୍ଟେଟ୍ ହ୍ୟାଙ୍ଗରରେ ଏହାର ପୁନରୁଦ୍ଧାର କାମ ଆରମ୍ଭ ହୋଇଥିଲା। ଏରୋସ୍ପେସ୍ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟରର ଏକ ୩୦ ଜଣିଆ ଟିମ୍ ଏହି କାମରେ ଲାଗିଥିଲେ। ବିମାନର ନଷ୍ଟ ହୋଇଯାଇଥିବା ଅଂଶକୁ ମରାମତି କରାଯିବା ସହ ନୂଆ ରୂପ ଦିଆଯାଇଛି।

# ଜେରୁଜେଲମର ପବିତ୍ର ତେଲରେ ହେବ ଚାର୍ଲ୍ସଙ୍କ ରାଜ୍ୟାଭିଷେକ

ଲଣ୍ଡନ,୪।୩



କୁଇନ୍ କନ୍‌ସର୍ଟ କାମିଲାଙ୍କ ସହ କିଙ୍ଗ୍ ଚାର୍ଲ୍ସ ୩ୟ।

ଆସନ୍ତା ମେ' ୬ରେ ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟଙ୍କର ରାଜାଭିଷେକ କରାଯିବ। ଏ ନେଇ ଜୋରଦାର ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ଚାର୍ଲ୍ସଙ୍କ ରାଜାଭିଷେକବେଳେ ପବିତ୍ର ତେଲ ବ୍ୟବହାର କରାଯିବ ବୋଲି ବକିଂହାମ ପ୍ୟାଲେସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବିଶେଷ ପ୍ରକାର ତେଲ ଜେରୁଜେଲମରୁ ଅଣାଯିବ। ଲଣ୍ଡନର ୱେଷ୍ଟମିନଷ୍ଟର ଆବେରେ ଆୟୋଜିତ ହେବାକୁ ଥିବା ଚାର୍ଲ୍ସଙ୍କ ରାଜାଭିଷେକ କାର୍ଯ୍ୟକ୍ରମରେ ପବିତ୍ର ତେଲକୁ ୭୪ ବର୍ଷୀୟ ସମ୍ରାଟଙ୍କ ମୁଣ୍ଡ, ଛାତି ଏବଂ ହାତରେ ପ୍ରତୀକାତ୍ମକ ଭାବେ ସ୍ପର୍ଶ କରାଯିବ। ଏହାଛଡ଼ା କୁଇନ୍ ଅଫ୍ କନସର୍ଟଙ୍କ ଶରୀରରେ ମଧ୍ୟ ପବିତ୍ର ତେଲକୁ ସ୍ପର୍ଶ କରାଯିବ। ପଶ୍ଚିମ ଏସିଆର ମୋନାଷ୍ଟରି ଅଫ୍ ମାରି ମାଗଡାଲେନ୍ ଏବଂ ମୋନାଷ୍ଟେରି ଅଫ୍ ଦ ଆସେସନ୍ ବଗିଚାରୁ ସଂଗ୍ରହ କରାଯାଇଥିବା ଅଲିଭ୍‌ରୁ ପବିତ୍ର ତେଲ ତିଆରି କରାଯିବ। ତେଲକୁ ବାସଯୁକ୍ତ କରିବା ପାଇଁ ସେଥିରେ ରାଶି, ଗୋଲାପ, ମଲ୍ଲି, ଡାଳଚିନି ଆଦିର ମିଶ୍ରଣ କରାଯାଏ ବୋଲି ବକିଂହାମ ପ୍ୟାଲେସ ପକ୍ଷରୁ କୁହାଯାଇଛି। ତେଲ ପ୍ରସ୍ତୁତ ହେବା ପରେ ଏହାକୁ ଜେରୁଜେଲମର ମୁଖ୍ୟ ଓ ଥେଓଫିଲୋସ ତୃତୀୟଙ୍କ ଦ୍ୱାରା ପବିତ୍ର କରାଯାଏ।

ରାଜାଭିଷେକ ନେଇ କାର୍ଯ୍ୟକ୍ରମ ପାଇଁ ବ୍ୟବହାର ହେବାକୁ ଥିବା ଏହି ପବିତ୍ର ତେଲ ପ୍ରସ୍ତୁତି ପାଇଁ ବେଶ୍ ଉତ୍ସାହିତ ଥିବା ୱେଷ୍ଟମିନଷ୍ଟର ଆବେର ଧାର୍ମିକ କାର୍ଯ୍ୟକ୍ରମ କରୁଥିବା ଜଷ୍ଟିନ୍ ୱେଲ୍‌ବି ପ୍ରତିକ୍ରିୟାରେ କହିଛନ୍ତି। ପବିତ୍ର ଆତ୍ମାଙ୍କ ଦ୍ୱାରା କିଙ୍ଗ ଚାର୍ଲ୍ସ ଏବଂ କୁଇନ୍ କନ୍‌ସର୍ଟ କାମିଲା ସୁରକ୍ଷିତ ରହିବା ନେଇ କାମନା କରୁଛୁ। ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ପାଇଁ ଜେରୁଜେଲମର କବରସ୍ଥାନ ଏକ ପବିତ୍ର ସ୍ଥାନ ବୋଲି କୁହାଯାଏ। ତେବେ କିଙ୍ଗ୍ ଚାର୍ଲ୍ସଙ୍କ ରାଜାଭିଷେକ ☞ ପୃଷ୍ଠା-୪

# କେନ୍ଦ୍ରକୁ ବାଘ ମୃତ୍ୟୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

**୧୧ ବର୍ଷରେ ୧,୦୫୯ ମଲେଣି: ଏନ୍‌ଟିସିଏ**

ନୂଆଦିଲ୍ଲୀ, ୪।୩(ପି.ଟି.)

ଦେଶରେ ବାଘ ମୃତ୍ୟୁକୁ ନେଇ ପ୍ରକାଶିତ ଖବର ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ତଥ୍ୟ ମାଗିଛନ୍ତି। ବିଭିନ୍ନ ଖବରକାଗଜରେ ପ୍ରକାଶିତ ବାଘ ମୃତ୍ୟୁ ରିପୋର୍ଟ ଉପରେ ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ କେନ୍ଦ୍ରକୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦେଶରେ ବିରଳ ବାଘମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇ ଚାଲିଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ୨୦୧୭ରେ ଆଇନଜୀବୀ ଅନୁପମ ତ୍ରିପାଠୀ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଶୁଣାଣିବେଳେ ଆବେଦନକାରୀ ଉପସ୍ଥିତ ନ ଥିଲେ। ପ୍ରତିପକ୍ଷ ବାଘ ମୃତ୍ୟୁ ସମ୍ପର୍କରେ ସୁନିଶ୍ଚିତ କରାଇବାକୁ ଅଦାଲତ କହିବା ସହ ପରବର୍ତ୍ତୀ ଶୁଣାଣି ୩ ସପ୍ତାହ ପରେ କରାଯିବ ବୋଲି କହିଛନ୍ତି।

ଭାରତର ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ରିପୋର୍ଟ ଅନୁଯାୟୀ ୨୦୧୨ରୁ ଇତିମଧ୍ୟରେ ଦେଶରେ ୧,୦୫୯ ବାଘଙ୍କ ମୃତ୍ୟୁ ଘଟିଲାଣି। ମଧ୍ୟପ୍ରଦେଶରେ ସର୍ବାଧିକ ୨୭୦ ବାଘଙ୍କ ଜୀବନ ଯାଇଛି।



୨୦୧୮ ରିପୋର୍ଟ ଅନୁଯାୟୀ ଦେଶର ୫୩ଟି ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟରେ ମୋଟ ୨,୯୬୭ ବାଘ ରହିଥିବା ଗତ ଜାନୁୟାରୀ ୨୭ରେ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଥିଲେ। ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ଲୋକଙ୍କୁ ଅନ୍ୟତ୍ର ଥଇଥାନ ଲାଗି ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ୨୦୧୭ରେ ପରିବେଶ ମନ୍ତ୍ରଣାଳୟ, ଜାତୀୟ ବନ୍ୟପ୍ରାଣୀ ବୋର୍ଡ ଏବଂ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କୁ ନୋଟିସ କରିଥିଲେ। ବାଘଗୁଡ଼ିକୁ ହତ୍ୟା କରାଯାଉଥିବା ପିଟିଶନରେ ଅଭିଯୋଗ କରାଯାଇଥିଲା।

## ସଂକ୍ଷେପରେ

### ଗୋଟୋମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୋକସରା,୪।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଟୋମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ପାଢୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଓ ଧର୍ମଗଡ ବିଧାୟକ ମୋଷଧି ବାଗ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝି, ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ସରପଞ୍ଚ ପଦ୍ମିନୀ ପୂଝାରୀ, ସମିତି ସଭ୍ୟା ଶାମୁକା ନାଏକ, ବିଇଓ ନେମାଲ ଚନ୍ଦ୍ର ବାଗ, ବିଆରସିସି ତୋଫାନ ମାଝି, ନେଗିଗୁଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଯୁବରାଜ ଜାଲ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ଟିଏ ହେବା ପାଇଁ ଶିକ୍ଷା ହିଁ ମୂଳଦୁଆ, ଏଣୁ ଶିକ୍ଷା ପ୍ରତି ଏକାଗ୍ରତା ରଖିବାକୁ ପରାମର୍ଶ ଦେଇଥିଲେ। ସ୍କୁଲରେ ଆୟୋଜିତ ବିଭିନ୍ନ ବର୍ଗର ପ୍ରତିଯୋଗିତାରେ ସଫଳ ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅତିଥିମାନେ ଟ୍ରଫି ସହ ମାନପତ୍ର ପ୍ରଦାନ କରି ଉଜ୍ଜଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ବାର୍ଷିକ ଉତ୍ସବରେ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀମାନେ ସହଯୋଗ କରିଥିଲେ।

### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

**ଖଡ଼ିଆଳ,୪।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ବାଣିଜ୍ୟ ବିଭାଗର ମୁଖ୍ୟ ତଥା ପୂର୍ବତନ ଅଧକ୍ଷ ଗଙ୍ଗାଧର ପାଣିଗ୍ରାହୀଙ୍କ ଅସରକାଳୀନ ସମ୍ବର୍ଦ୍ଧନ ସଭା ଡ଼ ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଯୁକ୍ତ ୨ ଅଧକ୍ଷ ଅଶ୍ୱିନୀ ପାଢ଼ୀ, ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ତଥା ଜିଲା ଅଧାପକ, ଅଧାପିକା, କର୍ମଚାରୀ ସଂଘ ସଭାପତି ଡ଼ ପଦ୍ମଲୋଚନ ବର୍ମା, ଉପସଭାପତି ଅଧାପିକା ପ୍ରଣତି ପଣ୍ଡା, କୋଷାଧକ୍ଷ ଅଧାପକ ବିସିକେସନ ନାୟକ ଯୋଗଦେଇଥିଲେ। ମହାବିଦ୍ୟାଳୟ କର୍ମଚାରୀ ସଂଘ ସମ୍ପାଦିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା ମଞ୍ଚ ପରିଚାଳନା କରିଥିଲେ। ପ୍ରାଧାପକ ଗଙ୍ଗାଧର ପାଣିଗ୍ରାହୀଙ୍କ ନିମନ୍ତେ ମାନପତ୍ର ପାଠ କରିଥିଲେ ଅଧାପକ ସୁନୀଲ କୁମାର ପାଢୀ ଏବଂ ଅଧାପକ ବ୍ରଜମୋହନ ମେହେରଙ୍କ ମାନପତ୍ର ପାଠ କରିଥିଲେ ଅଧାପକ ଡ଼ ରଣବୀର ସିଂ। ସମସ୍ତ ସହଯୋଗୀ ଅଧାପକ, ଅଧାପିକା, କର୍ମଚାରୀମାନେ ପାଣିଗ୍ରାହୀଙ୍କୁ ବିଦାୟ ଦେବା ନିମନ୍ତେ କୋମନାଠାରେ ଥିବା ତାଙ୍କ ବାସ ଭବନକୁ ଯାଇଥିଲେ। ସଭାରେ ପୂର୍ବତନ ଅଧକ୍ଷ ଫନିନ୍ଦମ ସିଂ ଦେଓ, ଡ଼ ମେଜର ରାମଚନ୍ଦ୍ର ମିଶ୍ର, ଡ଼ ସୁପ୍ରିୟ ଚାଟାର୍ଜୀ, ଶ୍ରୀକାନ୍ତ ଯୋଶୀ, ବିଜୟ ବାରିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ଜୋର ଧରିଲା ଜୁନାଗଡ଼କୁ ନୂତନ ଜିଲା ଘୋଷଣା ଦାବି

**ଜୁନାଗଡ଼,୪।୩(ଡି.ଏନ.ଏ.)**


ବୈଠକରେ ଉପସ୍ଥିତ ମିଳିତ କ୍ରିୟାନୁଷ୍ଠାନ କର୍ମକର୍ତ୍ତାବୃନ୍ଦ।

କଳାହାଣ୍ଡି ଜିଲାର ପୁରାତନ ରାଜଧାନୀ ଜୁନାଗଡ଼କୁ ଜିଲା ଓ ଜିଲା ମହକୁମା ମାନ୍ୟତା ଦାବି ପୁଣି ଥରେ ଜୋର ଧରିଛି। ଏ ନେଇ ଜୁନାଗଡ଼ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ଥାନୀୟ ଆରଏମସି ସଭା ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଂରେଜ ଶାସନ ସମୟରେ କଳାହାଣ୍ଡି ନାଗପୁର ପ୍ରେସିଡେନ୍ସିରେ ସାମିଲ ଥିଲା ଓ ପରବର୍ତ୍ତୀ ସମୟରେ ରାୟପୁର ପ୍ରେସିଡେନ୍ସିରେ ସାମିଲ ହେଲା। ସ୍ୱାଧୀନତା ପରେ କଳାହାଣ୍ଡି ଜିଲାକୁ ବଲାଙ୍ଗୀର ଜିଲାରେ ସାମିଲ କରାଯାଇଥିଲା। ୧୯୪୯ ମସିହା ନଭେମ୍ବର ୧ ତାରିଖରେ କଳାହାଣ୍ଡି ଜିଲାକୁ ସ୍ୱତନ୍ତ୍ର ଜିଲା ଭାବେ ମାନ୍ୟତା ପାଇଥିଲା ଓ ସମ୍ବଲପୁର ଜିଲାରେ ମିଶିଥିବା ନୂଆପଡା ଜିଲାକୁ ଅଲଗା କରି କଳାହାଣ୍ଡି ଜିଲାରେ ସାମିଲ କରାଯାଇଥିଲା। ୧୯୯୩ ଏପ୍ରିଲ ୧ ତାରିଖରେ ନୂଆପଡା ଜିଲା ସ୍ୱତନ୍ତ୍ର ଜିଲା ଭାବେ ମାନ୍ୟତା ପାଇଥିଲା। ବର୍ତ୍ତମାନ କଳାହାଣ୍ଡି ଓ ନୂଆପଡ଼ା ଜିଲାର ଲୋକେ ଗୋଟିଏ ଏମପିଙ୍କୁ ନିର୍ବାଚିତ କରନ୍ତି। ଗତ ୩୦୩ ବର୍ଷ ତଳେ ଗଡ଼ଜାତ ସମୟରେ କଳାହାଣ୍ଡିର ରାଜଧାନୀ ଜୁନାଗଡ଼ ଥିଲା। ଜୁନାଗଡ଼ ସେତେବେଳେ ଜେନାବଳୀ ପାଟଣା ନାମରେ ପରିଚିତ ଥିଲା। ଏହା ଜୁନାଗଡ଼ର ଦଧିବାମନ ମନ୍ଦିରର ଶିଳାଲିପିରେ ଲେଖା ହୋଇଥିବା ଅକ୍ଷରରୁ ଜଣାପଡେ। ୧୮୪୯ରେ କଳାହାଣ୍ଡି ମହାରାଜା ଫତେ ନାରାୟଣ ଦେଓଙ୍କ ସମୟରେ କଳାହାଣ୍ଡିର ରାଜଧାନୀ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଥିଲା। ହଜାରେ ବର୍ଷର ମନ୍ଦିର ମାଳିନୀ ସହର ଜୁନାଗଡ଼ ଛଅକୋଡ଼ି ବନ୍ଧକୁ ନଅ କୋଡ଼ି ତୋଟା ଏବେ ମଧ୍ୟ ମୂକସାକ୍ଷୀ ଅଛି। ତେଣୁ ଜୁନାଗଡ଼ ତାର ପୂର୍ବ ପରିଚୟ ଏବେ ଖୋଜୁଛି। ଗତ ୨ ବର୍ଷ ତଳେ ଜୁନାଗଡ଼କୁ ଜିଲା ଦାବି ନେଇ ଜୁନାଗଡ଼ବାସୀ ପକ୍ଷରୁ ବନ୍ଦ ପାଳନ କରିବା ସହିତ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କୁ ଚିଠି ମଧ୍ୟ ପ୍ରେରଣ କରାଯାଇଥିଲା । ବର୍ତ୍ତମାନ ପୁଣିଥରେ ଜୁନାଗଡ଼ବାସୀ ଏକଜୁଟ ହୋଇ ଜିଲା ମାନ୍ୟତା ଦାବି କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ଜିଲା ଦାବିକୁ ଦୃଢ ଉପସ୍ଥାପନା କରାଯାଇଛି। ଆଗାମୀ ଦିନରେ ପୁଣି ଥରେ ଏହି ହକକୁ ପାଇବା ପାଇଁ ଜୋରଦାର ଲଢେଇ କରାଯିବ ବୋଲି ମତପ୍ରକାଶ ପାଇଥିଲା।

**ମିଳିତ କ୍ରିୟାନୁଷ୍ଠାନର ବୈଠକ**

**■ ଜୁନାଗଡ଼ ଖୋଜୁଛି ତାର ପୂର୍ବ ପରିଚୟ**

ବୈଠକରେ ମିଳିତ କ୍ରିୟାନୁଷ୍ଠାନ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଏଥିରେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ନାଗରିକ କମିଟିରୁ ଅଶୋକ ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ରଶ୍ମି ରଞ୍ଜନ ନାୟକ, ବ୍ୟବସାୟୀ ସଂଘର ପ୍ରଭାତ ଦାସ, ଓକିଲ ସଂଘର ନରେନ୍ଦ୍ର ଖିତି, ଖବରଦାତା ସଂଘ ସଭାପତି ହିମାଂଶୁ ବରାଡ଼, ସଦସ୍ୟ ଦୁଷ୍ମନ୍ତ ପଣ୍ଡା, ସନ୍ତୋଷ ସିଂଦେଓ, ବିମଳ ଶତପଥୀ, ଅନୀଲ ପଣ୍ଡା, ରାକେଶ ବେମାଲ, ଦାମୋଦର ବେହେରା, କାଳୀନ୍ଦ୍ରୀ ପାଣିଗ୍ରାହୀ ଓ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରବିବାର ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଗସ୍ତରେ ଆସୁଥିବାରୁ ଏହି ସମୟରେ ସେ ଜୁନାଗଡ଼କୁ ନୂତନ ଜିଲା ଭାବେ ଘୋଷଣା କରିବାକୁ ନିବେଦନ କରାଯାଇଛି।

### ଗୋଷ୍ଠୀ ଶିକ୍ଷା ଅଧିକାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କେସିଙ୍ଗା ,୪।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୃବାହାନ ପ୍ରଧାନ ଚାକିରିରୁ ଜାନୁୟାରୀ ୩୧ରେ ଅବସର ଗ୍ରହଣ କରିଥିବା ବେଳେ ଶନିବାର କେସିଙ୍ଗା ବ୍ଲକ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ବିଦାୟକାଳୀନ ସଭାରେ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ଦୋରା, ପୂର୍ବରୁ ଅବସର ନେଇଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଞ୍ଚୁନାଥ ପଟେଲ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ବିଦାୟୀ ଅଧିକାରୀଙ୍କୁ ସମ୍ବର୍ଦ୍ଧନା ସହ ଉପଢ଼ୌକନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶଙ୍କର ମାଝି, ଧୀରେନ୍ଦ୍ର ପ୍ରଧାନ, ଅକ୍ଷୟ ରଥ, ଚୂଡାମଣି ମହଲା, ସଞ୍ଜୀବ ଭୋଇ, ଦିବ୍ୟସିଂହ ମାଝି, ଦିଲୀପ ପ୍ରଧାନ, ଚୂଡାମଣି ସାହୁ, ପ୍ରଶାନ୍ତ ଶବର, ଚୂଡାମଣି ମହଲା ଓ ଖିରାବନ୍ଧି ମେହେର ଯୋଗଦାନ କରିଥିଲେ। ସିଆରସିସି ଚନ୍ଦ୍ରଧଜ ନାଗ ସଭା ପରିଚାଳନା ଏବଂ ପ୍ରଭାତ ମହଲା ଧନ୍ୟବାଦ ଦେଇଥିଲେ ।

# ସ୍ଥିତି ଅନୁଧ୍ୟାନ କଲେ ବିଜେଡି ସାଙ୍ଗଠନିକ ସମ୍ପାଦକ


ବିଜେଡି ନେତାମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

**କୋକସରା/ବେହେରା,୪।୩(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କଳାହାଣ୍ଡି ଗସ୍ତରେ ଆସି କୋକସରା ବ୍ଲକ ଆମପାଣିଠାରେ ବିଜୁ ଏକ୍ସପ୍ରେସ ଫୋର ୱେ ଲୋକାର୍ପଣ କରିବେ। ଏହି ପରିପ୍ରେକ୍ଷୀରେ ଶନିବାର ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆମପାଣିଠାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସ୍ଥିତି ଯାଞ୍ଚ କରି ଫେରିଛନ୍ତି। ତାଙ୍କ ସହ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ବିଜେଡି ଜିଲା ସଭପତି ପୁଷ୍ପେନ୍ଦ୍ର ସିଂଦେଓ, ଧର୍ମଗଡ ବିଧାୟକ ମୋଷଧି ବାଗ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିସାରି, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଭବାନୀପାଟଣା ପୋରାଧକ୍ଷ୍ୟା ସଂଯୁକ୍ତା ବେହେରା, ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ଉପାଧକ୍ଷ୍ୟା ମନୀଷା ମିଶ୍ର, ଜିଲ୍ଲା ବିଜେଡି ଯୁବ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ, ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର ସଚିନ ପ୍ରକାଶ, ଧର୍ମଗଡ ଉପଜିଲାପାଳ ବେଦ ଭୂଷଣ, କୋକସରା ବିଡିଓ ଦେବବ୍ରତ କରାଟି, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ଭୁବନେଶ୍ୱର ଶବର, ଯନ୍ତ୍ରୀ ନବଘନ ବେହେରା ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଅଞ୍ଚଳର ଜନସାଧାରଣ ମଧ୍ୟ ଉତ୍ସାହିତ ରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଏହି ଅଞ୍ଚଳର ବିକାଶ ପାଇଁ ରାଜ୍ୟ ମୁଖିଆ କ'ଣ ଘୋଷଣା କରିବେ ସେ ଉପରେ ସମସ୍ତଙ୍କ ଉତ୍କଣ୍ଠା ରହିଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ କଳାହାଣ୍ଡିର ରାଜନୀତି ଚଳ ଚଞ୍ଚଳ ହୋଇ ଉଠିଛି।

**ଦଣ୍ଡପାଟକୁ ବ୍ଲକ ଘୋଷଣା ପାଇଁ ଦାବି**

ଏହି ପରିପେକ୍ଷୀରେ ବେହେରାଠାରେ ଦଳୀୟକର୍ମୀ ଓ ସାଧାରଣଙ୍କ ସହ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆଲୋଚନା କରିଥିଲେ। ଧର୍ମଗଡ ଗୋଲେଇ ଛକ, ପର୍ଲା, ବେହେରାଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେବାକୁ ସାଧାରଣ ଲୋକଙ୍କ ପ୍ରସ୍ତୁତି ରହିଥିବା ଜଣାପଡିଛି। ପର୍ଲା ବେହେରାଠାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ସମ୍ବର୍ଦ୍ଧନ ଦିଆଯାଇଥିଲା। ଅନ୍ୟପଟେ ପ୍ରଣବ ପ୍ରକାଶ ଦାସଙ୍କ ନିକଟରେ ଉଭୟ ପର୍ଲା ଓ ବେହେରା ଅଞ୍ଚଳବାସୀ ଦଣ୍ଡପାଟ ଅଞ୍ଚଳକୁ ବ୍ଲକ ଘୋଷଣା କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ।

### କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ଦାବିପତ୍ର

**ନୂଆପଡ଼ା ଅଫିସ,୪।୩**

ଭାଜପା ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ପୋଲିସର ଅତର୍କିତ ଓ ମରଣାନ୍ତକ ଆକ୍ରମଣ କରିବା ଓ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ପ୍ରତିବାଦରେ ନୂଆପଡା ଏସ୍‌ପି ଜିଆର ଗୁନ୍ଦାଲାଙ୍କୁ ଭାଜପା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ପ୍ରସନ୍ନ କୁମାର ପାଢୀଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଏକତ୍ରିତ ହୋଇ ରାଜ୍ୟ ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ନାରାବାଜି କରିଥିଲେ। ଗତ ୨୮ରେ ଭାଜପା ଯୁବ ମୋର୍ଚ୍ଚା, ଓଡିଶା ପ୍ରଦେଶ ପକ୍ଷରୁ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ବିଧାନସଭା ଘେରାଉ କରିଥିଲେ। ମାଷ୍ଟରକ୍ୟାଣ୍ଟିନରୁ ପିଏମଜି ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯିବା ସମୟରେ ଭାଜପା ଯୁବ ମୋର୍ଚ୍ଚା କର୍ମକର୍ତ୍ତାମାନଙ୍କୁ ପୂର୍ବ ଯୋଜନା ମୁତାବକ ଅତର୍କିତ ଭାବେ ମାଡ ମାରିବା ସହ ମରଣନ୍ତକ ଆକ୍ରମଣ କରି ମହିଳା କର୍ମୀମାନଙ୍କ ଅଶ୍ଳିଳ ଭାଷାରେ ଗାଳି କରିଥିବାରୁ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି। ଏହି ସମୟରେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ପାଢୀଙ୍କ ସମେତ ହୋମସିଂ ମାଝି, ଜିଲା ସାଧାରଣ ସମ୍ପାଦକ ତୁଲସ ପଟେଲ, ସଦାନନ୍ଦ ଯୋଶୀ, ଚନ୍ଦନ ଠାକୁର ଓ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ଭାଜପାର ନିର୍ବାଚନ ମଣ୍ଡଳୀ ବୁଥ ସଶକ୍ତୀକରଣ ଅଭିଯାନ

**ଖଡ଼ିଆଳ,୪।୩(ଡି.ଏନ.ଏ.)**

ନୂଆପଡା ଜିଲା ଭାଜପା ଖଡ଼ିଆଳ ନିର୍ବାଚନ ମଣ୍ଡଳୀସ୍ତରୀୟ ବୁଥ ସଶକ୍ତୀକରଣ ଅଭିଯାନ ପାଇଁ କର୍ମକର୍ତ୍ତାଙ୍କ କର୍ମଶାଳା ଶନିବାର ସ୍ଥାନୀୟ ଶ୍ରୀଜୀ ମଣ୍ଡପଠାରେ ଜିଲା ସଭାପତି ସୁବ୍ରତ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆର୍ତ୍ତତ୍ରାଣ ମହାପାତ୍ର ଓ ଜିଲା ବୁଥ ସଶକ୍ତିକରଣ ଅଭିଯାନ ଦାୟିତ୍ୱରେ ଥିବା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ଦଳ ପକ୍ଷରୁ ନିଆଯାଇଥିବା ସମୟବଦ୍ଧ ବୁଥ ସଶକ୍ତିକରଣ କାର୍ଯ୍ୟକ୍ରମ ପ୍ରଶିକ୍ଷଣ ଓ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ୯ ତାରିଖ ସୁଦ୍ଧା ଶକ୍ତିକେନ୍ଦ୍ରସ୍ତରୀୟ କାର୍ମଶାଳା ପାଇଁ ସୂଚୀ ପ୍ରସ୍ତୁତ କରି ସମସ୍ତଙ୍କୁ ସୂଚନା ଦିଆଯିବ। ମାର୍ଚ୍ଚ ୧୦ରୁ ୧୪ ତାରିଖ ଭିତରେ ସମସ୍ତ ଶକ୍ତି କେନ୍ଦ୍ରସ୍ତରୀୟ କର୍ମଶାଳା ସମାପନ ହେବ। ମାର୍ଚ୍ଚ ୧୫ରୁ ୩୦ ଏକ ପକ୍ଷ ମଧ୍ୟରେ ସମସ୍ତ ବୁଥସ୍ତରରେ ସଶକ୍ତିକରଣ ପାଇଁ ବୈଠକ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆସନ୍ତା ଏପ୍ରିଲ ୨ ତାରିଖ ସୁଦ୍ଧା ରାଜ୍ୟରେ ସମସ୍ତ ତାଲିକା ସମୀକ୍ଷା ହେବ। ଏହାପରେ ପ୍ରତ୍ୟେକ ବୁଥସ୍ତରରୁ ସାଙ୍ଗଠନିକ ଓ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ବୁଥ ଦାୟିତ୍ୱରେ ଥିବା ପାଣିଗ୍ରାହୀ ସୂଚନା ଦେଇଛନ୍ତି। କର୍ମଶାଳାରେ ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ପୂର୍ବ ଜିଲା ସଭାପତି ଶିବପ୍ରସାଦ ମୁଣ୍ଡ, ଅତୀନ୍ଦ୍ର ସିଂ, ଜିଲା ସାଧାରଣ ସମ୍ପାଦକ ଦେବ ଦେବ ସିଂଦେଓ,ସମସ୍ତ ମଣ୍ଡଳ ସଭାପତି, ମଣ୍ଡଳ ସ୍ତରୀୟ ପ୍ରମୁଖ ପଦାଧିକାରୀ, ଶକ୍ତିକେନ୍ଦ୍ର ବିସ୍ତାରକମାନେ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତୃମଣ୍ଡଳୀ।

# କଳାହାଣ୍ଡିର କିଶୋର ଚନ୍ଦ୍ର ପ୍ରଧାନୀ ଓମ୍‌ଫେଡ୍ ବୋର୍ଡ ଅଧକ୍ଷ ହେବେ

**କୋକସରା,୪।୩(ଡି.ଏନ.ଏ.)**

ରାଜ୍ୟ ଓମଫେଡ୍ ବୋର୍ଡ ଅଧକ୍ଷ ହେବେ କଳାହାଣ୍ଡି ଜିଲା କୋକସରା ଗ୍ରାମର କିଶୋର ଚନ୍ଦ୍ର ପ୍ରଧାନୀ। ରାଜ୍ୟ ଓମଫେଡ଼ ବୋର୍ଡ ପାଇଁ ସେ ଜଣେ ମାତ୍ର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି। ଆସନ୍ତା ୬ ତାରିଖରେ ବିଧିବଦ୍ଧ ଭାବେ ଓମଫେଡ୍ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବ। ତେବେ ସେ ଜଣେ ମାତ୍ର ପ୍ରାର୍ଥୀ ନାମାଙ୍କନ କରିଥିବା ବେଳେ କେବଳ ଔପଚାରିକ ଘୋଷଣା ବାକି ରହିଛି। ପୂର୍ବରୁ ସେ ବିକେଏନ ନୂଆପଡା, ବଲାଙ୍ଗୀର, କଳାହାଣ୍ଡି ଓମଫେଡ୍‌ର ସଭାପତି ରହି ତିନି ଜିଲାରେ ଓମଫେଡ୍‌ର ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବାସହ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହନ ଦେଇ ପାରିଦର୍ଶିତା ଦେଖାଇଛନ୍ତି। ରାଜ୍ୟର ଓମଫେଡ୍ ଅଧକ୍ଷ ହେବା ନେଇ ଓମଫେଡର ଅଧିକାରୀ ଜେ.କେ.ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ ବର୍ତ୍ତମାନ କୋକସରା ସରପଞ୍ଚ ସହ କୋକସରା କୃଷି ସମବାୟ ସମିତି ସଭାପତି ମଧ୍ୟ ରହିଛନ୍ତି। ଓମଫେଡ଼ ରାଜ୍ୟ ଅଧକ୍ଷ ହେବା ଖବର ମିଳିବା ପରେ ତାଙ୍କର ଏହି ସଫଳତାକୁ ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳ ଓ କୋକସରା ବ୍ଲକରୁ ଶୁଭେଚ୍ଛୁମାନେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।


କିଶୋର ଚନ୍ଦ୍ର ପ୍ରଧାନୀ ଓମଫେଡ ଅଧକ୍ଷ ପଦ ପାଇଁ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

# ମୃତ୍ୟୁ ସହ ଲଢୁଛନ୍ତି ଗୁରୁତର ନାବାଳିକା

**କୋକସରା,୪।୩(ଡି.ଏନ.ଏ.)**

ଗତବର୍ଷ ରଥଯାତ୍ରା ଦିନ କଳାହାଣ୍ଡି ଜିଲା କୋକସରା ବ୍ଲକ ବିଜୁ ଏକ୍ସପ୍ରେସ୍ ୱେ ଭୁର୍ଷାଗୁଡା ନିକଟରେ ଆମପାଣି ପୋଲିସ ଗାଡି ଧକ୍କାରେ ଗୁରୁତର ଆମପାଣି ପଞ୍ଚାୟତ କନ୍ଦାଗଡ ଗାଁର ନମିତା ମାଝି (୧୧) ଏବେ ମୃତ୍ୟୁ ସହ ଲଢୁଛନ୍ତି। ଏହି ଦୁର୍ଘଟଣାରେ ଆହତ ନମିତାଙ୍କ ବାପା କୃଷ୍ଣଚନ୍ଦ୍ର ମାଝିଙ୍କ ଗୋଡ଼ରେ ମଧ୍ୟ ଅପରେସନ କରାଯାଇଥିଲା। ହେଲେ ଅର୍ଥ ଅଭାବରୁ ଗୋଡରେ ଲାଗିଥିବା ରଡ଼ କାଢ଼ିବାକୁ ମଧ୍ୟ ଯାଇ ପାରୁନାହାନ୍ତି। କୃଷ୍ଣଚନ୍ଦ୍ରଙ୍କ ଆଉ ଗୋଟେ ଝିଅ କୁଲି ମଜୁରି କରି ବାପା ଓ ଭଉଣୀଙ୍କ ପ୍ରତିପୋଷଣ କରୁଥିବା ନେଇ ସ୍ଥାନୀୟ ନାଏବ ସରପଞ୍ଚ ଭବାନୀ ଶଙ୍କର ପୁରୋହିତ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପ୍ରସ୍ତୁତି ନେଇ ଜିଲାର ପୋଲିସ ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀ ଓ ନେତା ମନ୍ତ୍ରୀ ଆସିଥିବା ଖବର ପାଇ ପୀଡିତ ପରିବାର ଆମପାଣି ପଥପ୍ରାନ୍ତ କେନ୍ଦ୍ରରେ ଆସି ଚିକିତ୍ସା ସହାୟତା ଯୋଗାଇଦେବାକୁ ନିବେଦନ କରିଥିଲେ। ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ଏ ନେଇ କଳାହାଣ୍ଡି ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ ସଭା ସଦସ୍ୟ ସମସ୍ତ ବିଷୟରେ ଅବଗତ ହେବା ପରେ ନାବାଳିକା ନମିତା ଏବଂ ତାଙ୍କ ବାପାଙ୍କ ଚିକିତ୍ସା ଅତିଶୀଘ୍ର କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆଶା ରାଜ୍ୟ ସଭା ସଦସ୍ୟ ଅସହାୟ ପରିବାରର ଚିକିତ୍ସାରେ ସାହାଯ୍ୟର ହାତ ବଢ଼ାଇ ମାନବିକତା ଦେଖାଇବେ।

ସୂଚନାଯୋଗ୍ୟ ଯେ, ଗତବର୍ଷ ରଥଯାତ୍ରା ଦିନ କୋକସରା ବ୍ଲକ ବିଜୁ ଏକ୍ସପ୍ରେସ୍ ୱେ ଭୁର୍ଷାଗୁଡା ନିକଟରେ ଆମପାଣି ପୋଲିସ ଗାଡି ଧକ୍କାରେ ବାଇକ୍‌ରେ ଥିବା ଆମପାଣି ପଞ୍ଚାୟତ କନ୍ଦାଗଡ ଗାଁର କୃଷ୍ଣଚନ୍ଦ୍ର, ସ୍ତ୍ରୀ କିଆଁ ଓ ନମିତା ଗୁରୁତର ହୋଇଥିଲେ। କୋକସରା ଡାକ୍ତରଖାନାରେ କିଆଁଙ୍କ ମୃତ୍ୟୁ ଘଟିଥିଲା। କିଆଁଙ୍କ ମୃତଦେହ ନେଇ ପରିବାରବର୍ଗ ଓ କନ୍ଦାଗଡ ଗ୍ରାମବାସୀ ଆମପାଣି ପୋଲିସ ଷ୍ଟେଶନ ସମ୍ମୁଖରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ବୁର୍ଲା ମେଡ଼ିକାଲରେ ମାସେ ଧରି ଚିକିତ୍ସିତ ପରେ ଗାଁକୁ ଫେରି ଆସିଥିଲେ ବାପା ଓ ଝିଅ। ବର୍ତ୍ତମାନ ନାବାଳିକା ନମିତାର କ୍ଷତ ସଂକ୍ରମଣ ହୋଇ ଘା ହୋଇ ମାଂସ ପଚି କ୍ୟାନ୍ସରକୁ ଗତି କରୁଥିବା ବେଳେ ମୃତ୍ୟୁ ସହ ସଂଗ୍ରାମ କରୁଛି। ଆମପାଣି ପୋଲିସକୁ ଅନେକ ସମୟରେ ଚିକିତ୍ସା ପାଇଁ ସହାୟତା କରିବାକୁ ପରିବାର ପକ୍ଷରୁ କୁହାଯାଇଛି, ହେଲେ କିଛି ସୁଫଳ ମିଳିନାହିଁ।


ପୀଡ଼ିତ ପରିବାର ଲୋକେ ରାଜ୍ୟ ସଭା ସଦସ୍ୟଙ୍କୁ ଭେଟୁଛନ୍ତି।

**ପୋଲିସ ଗାଡ଼ି ଧକ୍କାରେ ଆହତ ଘଟଣା**

**■ ଚିକିତ୍ସା ସହାୟତା ମିଳିବା ନେଇ ପ୍ରତିଶ୍ରୁତି ଦେଲେ ରାଜ୍ୟ ସଭା ସଦସ୍ୟ**

## ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ବିନିକା,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାବୁପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଜଗଦୀଶ ବ୍ରହ୍ମଚାରୀଙ୍କ ଅଧକ୍ଷତାରେ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଗୀତାଞ୍ଜଳି ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷକ ଦିଲିପ କୁମାର ସାହୁ ଯୋଗଦେଇ ତମାଖୁ ସେବନ ର ଅପକାରିତା ବିଷୟରେ କହିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ବିନ୍ଦୁ ଲୋହାର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ମନୋଜ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କୁ ନେଇ ପଦଯାତ୍ରା ଓ କୁଇଜ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ଏସ୍‌ପି ଅଫିସ ଆଗରେ ବିକ୍ଷୋଭ

ସୋନପୁର,୪।୩(ନି.ପ୍ର.): ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଏବଂ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାକୁ ନେଇ ଭାଜପା ଯୁବମୋର୍ଚ୍ଚାର ବିଧାନସଭା ଘେରାଉ ବେଳେ ପୋଲିସ ସହ ହାତାହାତି ହୋଇଥିଲା। ଏହି ଘଟଣାରେ ପୋଲିସ ଯୁବମୋର୍ଚ୍ଚାର ୨୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଭାଜପା ପକ୍ଷରୁ ଦିଆଯାଇଥିବା ଏତଲା ଏପର୍ଯ୍ୟନ୍ତ ପଞ୍ଜୀକୃତ ହୋଇନାହିଁ। ଏହାର ପ୍ରତିବାଦରେ ଭାଜପା ପକ୍ଷରୁ ଶୁକ୍ରବାର ସବୁ ଥାନାରେ ଏତଲା ଦିଆଯାଇଥିବା ବେଳେ ଶନିବାର ଏସ୍‌ପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କ୍ରମରେ ସୁବର୍ଣ୍ଣପୁରରେ ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କୁ ଦଳ ପକ୍ଷରୁ ଏତଲା ଦିଆଯାଇଛି। ରାଜ୍ୟ ସରକାର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ହତ୍ୟା ଲାଗି ଅପଚେଷ୍ଟା କରୁଥିବା ଦଳ ଅଭିଯୋଗ କରିଛି। ଏସ୍‌ପି ଅଫିସ ଆଗରେ ହୋଇଥିବା ବିକ୍ଷୋଭରେ ଭାଜପା ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ଆନନ୍ଦ ବାରିକ, ବିଜୟ ମହାକୁର, ସଂଯୁକ୍ତା ହୋତା, ସୁଦେଷ୍ଣା ନେଗୀ, ଜ୍ୟୋତି ତ୍ରିପାଠୀ, ସୁକାନ୍ତ ସାହୁ, ଗଙ୍ଗାଧର ତରିଆ, ସ୍ୱରୂପ ପାତ୍ର, ନିରଞ୍ଜନ ତ୍ରିପାଠୀ, ବଳରାମ ସୁନା ଓ ଆଶ୍ରୟ ମହାନନ୍ଦ ପ୍ରମୁଖ ସାମିଲ ଥିଲେ।

### ଶୌଚାଳୟ ନିର୍ମାଣରେ ଦୁର୍ନୀତି ଅଭିଯୋଗ ଆଣିଲା ଏଏପି

ସରଣ୍ଡା/ଜାମଟିକ୍ରା, ୪।୩(ଡି.ଏନ.ଏ.): ବରଗଡ ଜିଲା ଅତାବିରା ବିଜ୍ଞାପିତରେ ଶୌଚାଳୟ ନିର୍ମାଣରେ ଅନିୟମିତତା ହୋଇଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ସର୍ବସାଧାରଣ ଶୌଚାଳୟ ଏବଂ ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ ହୋଇନାହିଁ। ଶନିବାର ଦଳର ରେଙ୍ଗାଲି କ୍ୟାମ୍ପସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ଏହିଭଳି ଅଭିଯୋଗ ଆଣିଛି ଆମ ଆଦମୀ ପାର୍ଟି(ଏଏପି)। ଦଳର ଜିଲା ଆବାହକ ଭବାନୀ ସାହୁ କହିଛନ୍ତି ୫୦ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରି ଏନଏସି ଶୌଚାଳୟ କରିଛି। ମୋଟ ୧୮ ଶୌଚାଳୟ ହୋଇଥିବା ବେଳେ ମାତ୍ର ୧୧ଟିର ସୂଚନା ଏନଏସି ଦେଇଛି। ଗୋଟିଏ ଶୌଚାଳୟର ଦୁଇ ଥର ବିଲ କରି ଟଙ୍କା ଲୁଟ ହୋଇଥିବା ଦଳ ଅଭିଯୋଗ କରିଛି। ବିରୋଧୀ ଶୂନ୍ୟ ଅତାବିରା ଏନଏସିରେ କେହି କହିବାକୁ ନାହାନ୍ତି ବୋଲି ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ପ୍ରତ୍ୟେକ ଦିନ ଅତାବିରା ବ୍ଲକ ମୁଖ୍ୟାଳୟକୁ ଜନସାଧାରଣ ଆସିଥାନ୍ତି। କିନ୍ତୁ ବିଡମ୍ବନାର କଥା ହେଉଛି ମା' ଭଉଣୀଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ନାହିଁ। ତେଣୁ ଏହି ଦୁର୍ନୀତିର ତଦନ୍ତ ଦାବି କରି ଏଏପି ଜିଲାପାଳଙ୍କ ହସ୍ତକ୍ଷେପ ଲୋଡିଛି। ମୁଖ୍ୟମନ୍ତ୍ରୀ, ୫ ଟି ସଚିବ, ନଗର ଉନ୍ନୟନ ସଚିବଙ୍କୁ ଦଳ ଲିଖିତ ଅଭିଯୋଗ କରିବ ବୋଲି ଆବାହକ ସାହୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତାବିରା ସଂଯୋଜକ ଜୟ କ୍ରିଷ୍ଣା ଛୁରିଆ, ବ୍ଲକ ସଭାପତି ଯଦୁମଣୀ ପ୍ରଧାନ, ନରୋତ୍ତମ ପଣ୍ଡା, ଭରତ ମହାନନ୍ଦ, ସୁବଳ କହଁର ଉପସ୍ଥିତ ଥିଲେ।

# ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ବାରପାହାଡ଼

ତରଭା,୪।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲାର ତରଭା ବ୍ଲକ ଅଧୀନ ମେଣ୍ଡା ଅଞ୍ଚଳରେ ରହିଛି ବାରପାହାଡ। ଛୋଟ ବଡ ୧୨ଟି ପାହାଡକୁ ନେଇ ଗଠିତ ଏହି ଅଞ୍ଚଳର ଘଞ୍ଚ ସବୁଜିମା ଓ ମନଲୋଭା ପରିବେଶ ମନ ମୋହିଥାଏ। ବର୍ଷର ବିଭିନ୍ନ ସମୟରେ ଏଠାକୁ ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକ ଆସୁଥିଲେ ହେଁ ଅଦ୍ୟାବଧି ବାରପାହାଡ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇ ପାରିନାହିଁ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହି ଅଞ୍ଚଳକୁ ଯିବା ପାଇଁ ଭଲ ରାସ୍ତା, ପାନୀୟ ଜଳ ବ୍ୟବସ୍ଥା, ବିଶ୍ରାମଗାର, ୱାଚ ଟାୱାର ସହ ଭିତ୍ତିଭୂମିର ବିକାଶ କରାଯିବାର ଆବଶ୍ୟକତା ରହିଛି। ସୋନପୁର ସହରଠାରୁ ପ୍ରାୟ ୪୦ କି.ମି. ଦୂର ଏହି ସ୍ଥାନ ପ୍ରଚାର ଅଭାବରୁ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଛି। ଅପରପକ୍ଷରେ ବାରପାହାଡ ସଂରକ୍ଷିତ ଜଙ୍ଗଲକୁ ସାମୁହିକ ବନ ସଂରକ୍ଷଣ ଓ ବନ୍ୟପ୍ରାଣୀ ସୁରକ୍ଷା ଅଞ୍ଚଳ ଭାବରେ ଘୋଷଣା କରିବାକୁ ମେଣ୍ଡା, ରାଣୀସର୍ଦା, ଦେଉଳପଦର ଓ ପାଇକବାହାଲ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି।

ସୋନପୁର ବନଖଣ୍ଡ ଅଞ୍ଚଳରେ ଥିବା ବାରପାହାଡ ୬୪୬୧ ହେକ୍ଟର ପରିମିତ ଜଙ୍ଗଲ ଅଞ୍ଚଳ। ଏହାର ଚତୁଃପାର୍ଶ୍ୱରେ ପ୍ରାୟ ୪୨ଟି ଜନବସତି ରହିଛି। ଏହି ଅଞ୍ଚଳରେ ଅଧିକାଂଶ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ପୁରୁଷାନୁକ୍ରମେ ବସବାସ କରିଆସୁଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ପ୍ରୟାସରେ ଏହି ଅଞ୍ଚଳର ଜଙ୍ଗଲ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ଫଳସ୍ୱରୂପ ଏହି ଜଙ୍ଗଲରେ ବିଭିନ୍ନ ପ୍ରଜାତିର ବୃକ୍ଷରାଜି,


ଜଙ୍ଗଲରେ ଥିବା ପ୍ରାକୃତିକ ଝରଣା।


ବାରପାହାଡ ଖୋଲରେ ପୂଜା ପାଉଥିବା ଦେବୀ।

ଗୁଳ୍ମ ଓ ଔଷଧୀୟ ବୃକ୍ଷଲତା ଆଦି ଦେଖାଯିବା ସହ ହାତୀ, ମୟୁର, ଠେକୁଆ, କୁଟୁରା, ହରିଣ ପ୍ରଭୃତି ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳ ପାଲଟିଛି। ଜଙ୍ଗଲରୁ ଚାର, ମହୁଲ, ଟୋଲ ଆଦି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଅଧିକାଂଶ ଅଧିବାସୀ ଜୀବିକା ନିର୍ବାହ କରିଥାନ୍ତି। ମେଣ୍ଡା ନିକଟରେ ଥିବା ବାରପାହାଡ଼ ଖୋଲ ଏବଂ ଜଡ଼ାମୁଣ୍ଡାରେ ହୋଇଥିବା ଆଡ଼ିବନ୍ଧ ଯୋଜନା ଯୋଗୁ ବହୁ ଜଙ୍ଗଲି ଜୀବଜନ୍ତୁଙ୍କ ସଂଖ୍ୟା ବର୍ତ୍ତମାନ ବଢିବାରେ ଲାଗିଛି। ଅନ୍ୟପକ୍ଷରେ ବନସଂରକ୍ଷଣ ସମିତି ମଧ୍ୟରୁ ବସଲାଟ ବିଟ ଅଧୀନରେ ଥିବା ମାଟିଆପାଲି ଓ ବାଲପୁର ବନ ସଂରକ୍ଷଣ ସମିତି ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛି। ଏହି ସମିତି ପ୍ରାୟ

**ସାମୁହିକ ବନ ସଂରକ୍ଷଣ ଓ ବନ୍ୟପ୍ରାଣୀ ସୁରକ୍ଷା ଅଞ୍ଚଳ ଘୋଷଣା ଦାବି**

୭୦ ହେକ୍ଟର ଜଙ୍ଗଲର ସୁରକ୍ଷା କରିବା ସହ ଏହାର ଉପଯୁକ୍ତ ପରିଚାଳନା କରି ପାରିଛି। ପାହାଡି ଝରଣାର କୁଳୁକୁଳୁ ନାଦ, ଖୋଲରେ ପୂଜା ପାଉଥିବା ଦେବୀ, ଶାନ୍ତ ପରିବେଶ ମନରେ ଭାବାନ୍ତର ସୃଷ୍ଟି କରିଥାଏ। ଏସବୁ ସତ୍ତ୍ୱେ ଜଙ୍ଗଲ ଅଞ୍ଚଳରେ ବ୍ୟାପକ ଭାବରେ ନିଆଁ ଲାଗିବା ହେତୁ ଜଙ୍ଗଲର ଅବକ୍ଷୟ ଘଟିବା ସହିତ ବନ୍ୟାପ୍ରାଣୀମାନଙ୍କ ଆବାସସ୍ଥଳୀ ବିଶେଷ ଭାବରେ ପ୍ରଭାବିତ ହେଉଛି। ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ଗଛରୁ ଝଡି ତଳେ ପଡୁଥିବା ମଞ୍ଜି ସବୁ ପୋଡି ଯାଇଥାଏ। ଫଳରେ ପ୍ରାକୃତିକ ଉପାୟରେ ଗଛ ହୋଇ ବଢିବା ବାଧାପ୍ରାପ୍ତ ହେଉଛି। ଏହାଛଡା ଜଙ୍ଗଲ ଅଞ୍ଚଳରେ ଦେଖାଯାଉଥିବା ବିଭିନ୍ନ ଗୁଳ୍ମ ଓ ଔଷଧୀୟ ବୃକ୍ଷଲତା ଲୋପ ପାଇବାରେ ଲାଗୁଛି। ଏହାର ପ୍ରଭାବ ତୃଣଭୋଜି ବନ୍ୟପ୍ରାଣୀମାନଙ୍କ ଉପରେ ପଡୁଛି। ଜଙ୍ଗଲ ବିଭାଗ ଓ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କିଛି ଅଞ୍ଚଳରେ ଜଳ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି। କିନ୍ତୁ ୮ କିଲୋମିଟର ବ୍ୟାପି ଏହି ଜଙ୍ଗଲ ପାଇଁ ଏହା ଯଥେଷ୍ଟ ହୋଇପାରୁନାହିଁ। ଫଳରେ ଖରାଦିନେ ହରିଣ, ହାତୀ ପ୍ରଭୃତି ବନ୍ୟପ୍ରାଣୀ ଜଙ୍ଗଲ ଛାଡି ଗ୍ରାମାଭିମୁଖୀ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜଙ୍ଗଲ ଅଧିକାର ଆଇନ ୨୦୦୬ର ଉପଯୁକ୍ତ ପ୍ରୟୋଗ କରି ଆଦିବାସୀ ଓ ପାରମ୍ପରିକ ବନବାସୀମାନଙ୍କୁ ଜଙ୍ଗଲ ସମ୍ପଦ ଉପରେ ଗୋଷ୍ଠୀଗତ ଅଧିକାର ପ୍ରଦାନକୁ ସୁନିଶ୍ଚିତ କରାଯିବାକୁ ଦାବି ହେଉଛି। ଏହାଛଡା ପ୍ରତ୍ୟେକ ଗ୍ରାମରେ ଥିବା ଜଙ୍ଗଲ ସୁରକ୍ଷା କମିଟିକୁ ସାମିଲ କରି ବାରପାହାଡ ଆଞ୍ଚଳିକସ୍ତରୀୟ କମିଟି ଗଠନ କରାଯାଇ ସାମୁହିକ ବନ ଓ ବନ୍ୟପ୍ରାଣୀ ସୁରକ୍ଷା ଅଞ୍ଚଳ ଭାବରେ ଘୋଷଣା କରାଯିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ଏହା ବ୍ୟତୀତ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀଙ୍କର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ପ୍ରାଥମିକ ସମବାୟ ସମିତି ଗଠନ କରାଯାଇ ସଂଗ୍ରହ, ଗଚ୍ଛିତ ଓ ବଜାର ସୁବିଧା ଉପଲବ୍ଧ କରାଯିବା ଆବଶ୍ୟକ ରହିଛି। ମନରେଗା ଯୋଜନାରେ ରହିଥିବା ପାଣ୍ଠିର ବ୍ୟବହାର କରାଯାଇ ଜଙ୍ଗଲ ଅଞ୍ଚଳରେ ଜଳ ସଂରକ୍ଷଣ ବ୍ୟବସ୍ଥା କରାଯାଇ ପାରିଲେ ଏହା ଉଭୟ ବନ୍ୟପ୍ରାଣୀ ଓ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ଦିଗରେ ସହାୟକ ହୋଇପାରନ୍ତା। ଜଙ୍ଗଲ ଅଞ୍ଚଳରେ ଥିବା ସିଙ୍ଗଝୁରୀକଟା, ଚହଟାଖୋଲ ପରି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଅଞ୍ଚଳ ଗୁଡିକରେ ବିଶ୍ରାମାଗାର, ପାନୀୟଜଳ, ୱାଚ ଟାୱାର ଆଦି ବ୍ୟବସ୍ଥା କରାଯାଇ ପାରିଲେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବା ସହ ସ୍ଥାନୀୟ ଅଞ୍ଚଳର ଅର୍ଥନୀତି ସୁଦୃଢ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି।

ରିପୋର୍ଟ: ମନୋରଞ୍ଜନ ମିଶ୍ର

## ଆଇସକ୍ରିମ୍ ପାର୍ଲର, ଏଗ୍ରିମଲ୍ ଲୋକାର୍ପିତ

ସୋନପୁର,୪।୩(ନି. ପ୍ର )

ଏକ ଜିଲା ଏକ ଉତ୍ପାଦ ଭିତ୍ତିରେ ସୁବର୍ଣ୍ଣପୁର ଜିଲାରେ ଆମ୍ବ ଚାଷ ଓ ଆମ୍ବ ଉତ୍ପାଦନକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି। ଚଳିତବର୍ଷ ଜିଲାରେ ୨୦୦୦୦ ମେଟ୍ରିକ ଟନ ଆମ୍ବ ଉତ୍ପାଦନ କରାଯିବାକୁ ଲକ୍ଷ୍ୟ ଥିବା ବେଳେ ଏହାର ସଫଳ ପ୍ରକ୍ରିୟାକରଣ ପୂର୍ବକ ଆମ୍ବ ଆଇସକ୍ରିମ ପ୍ରସ୍ତୁତ କରାଯାଇ ବଜାରୀକରଣ କରାଯାଇ ପାରିଛି। ମିଶନ ଶକ୍ତି ଦ୍ୱାରା ଗଠିତ ସୁବର୍ଣ୍ଣଶ୍ରୀ ଉତ୍ପାଦକ କମ୍ପାନୀ ତତ୍ତ୍ୱାବଧାନରେ ରାଧାକୃଷ୍ଣ ମହିଳା ଗୋଷ୍ଠୀ ଦ୍ୱାରା ଆମ୍ବ ଆଇସକ୍ରିମର ସଫଳ ବଜାରୀକରଣ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରାଯାଉଛି। ଏହି କ୍ରମରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ଶନିବାର ସୋନପୁର ସହରସ୍ଥିତ ବ୍ଲକ ମିଶନ ଶକ୍ତି ଗୃହଠାରେ ଏକ ବ୍ୟବସ୍ଥିତ ଆଇସକ୍ରିମ ପାର୍ଲରକୁ ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନୀଲ ନରୱଣେ ଉଦ୍‌ଘାଟନ କରିଛନ୍ତି। ଏହି ଆଇସକ୍ରିମ ପାର୍ଲରରେ ଶତ ପ୍ରତିଶତ


ଜିଲାପାଳ ଆଇସକ୍ରିମ୍ ପାର୍ଲର ଲୋକାର୍ପଣ କରୁଛନ୍ତି।

ପ୍ରାକୃତିକ ପ୍ରସ୍ତୁତ ଷ୍ଟ୍ରବେରୀ, ଗୁଆଭା, କଷ୍ଟାର୍ଡ ଓ ଆମ୍ବର ସମସ୍ତ ପ୍ରକାରର ଆଇସକ୍ରିମ ସୁଲଭ ମୂଲ୍ୟରେ ଉପଲବ୍ଧ ରହିଛି। ସେହିଭଳି ଜିଲାର ଜନସାଧାରଣଙ୍କୁ କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତ ଶତପ୍ରତିଶତ ପ୍ରାକୃତିକ ଉତ୍ପାଦର ଉପଲବ୍ଧ ତଥା ଜିଲାର କୃଷକ ଓ କୃଷି ଉତ୍ପାଦକଙ୍କୁ ବ୍ୟବସ୍ଥିତ ଓ ସୁନିଶ୍ଚିତ ବଜାରୀକରଣ ନିମନ୍ତେ ସୁଯୋଗ ସୃଷ୍ଟି ଲକ୍ଷ୍ୟରେ ସୁରେଶ୍ୱରୀ ମନ୍ଦିର ପ୍ରବେଶ ପଥ ସମ୍ମୁଖରେ ଓରମାସ ଏବଂ ମିଶନ ଶକ୍ତିର ଏଗ୍ରି ମଲକୁ ଜିଲାପାଳ ଉଦ୍‌ଘାଟନ କରିଛନ୍ତି। କୃଷି ଜାତରୁ ପ୍ରସ୍ତୁତ ଉତ୍ପାଦ ଜିଲାର ଅନ୍ୟମାନଙ୍କୁ ରୋଜଗାର ଓ ଆର୍ଥିକ ସ୍ୱଚ୍ଛଳ କରିବାରେ ସହାୟକ ହୋଇପାରିବ। ଏହି ଅବସରରେ ସିଡିଓ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ଜିଲା ଶିଳ୍ପ କେନ୍ଦ୍ରର ବଳଭଦ୍ର ନାୟକ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷୀକେଶ ଦାଶ, ଡେପୁଟି ସିଇଓ ଓରମାସ ଯୁବରାଜ ସାହୁ, ଅଶ୍ୱିନୀ କୁମାର ଭୋଇ, ଫ୍ରାନସିସ ଲାକ୍ରା, କାର୍ତ୍ତିକ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଉଦେପଦର ଦୋଳ ଉତ୍ସବ ଉଦ୍‌ଘାଟିତ

ଉଲୁଣ୍ଡା,୪।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଉଦେପଦରଠାରେ ଦ୍ୱିତୀୟ ଦୋଳ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ କମିଟି ସଭାପତି ମନୋଜ ସାହୁଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ତରାଇ, ଲସ୍ତଲା ସରପଞ୍ଚ ଶିବାନୀ ମହାକୁର, ସମିତି ସଭ୍ୟ ମହେନ୍ଦ୍ର ଭୋଇ, ଉଲୁଣ୍ଡା ସରପଞ୍ଚ ରଶ୍ମିତା ଭୋଇ ଯୋଗ ଦେଇଥିଲେ। ବିଧାୟକ ଜଗନ୍ନାଥଙ୍କ ଏକ ଭଜନ ପରିବେଷଣ କରିଥିବା ବେଳେ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ଜଳନ୍ଧର ଜନ୍ମ ମଞ୍ଚସ୍ଥ ହୋଇଥିଲା। ଗୋପାଳ ପଣ୍ଡା ସଭା ପରିଚାଳନା କରିଥିଲେ। ଉରୁକ୍ରମ ପାଣ୍ଡିଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆୟୋଜକ ସମ୍ପାଦକ ବରୁଣ ଭୋଇ ଧନ୍ୟବାଦ ଦେଇଥିଲେ।

## ଦାବି ପୂରଣ ନ ହେଲେ ସମୂହ ଛୁଟି ନେବେ ଶିକ୍ଷକ

ସୋନପୁର,୪।୩(ନି. ପ୍ର )

**ମିଳିତ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟସ୍ତରୀୟ ଆନ୍ଦୋଳନ ପାଇଁ ପ୍ରସ୍ତୁତି**

ଓଡିଶା ମିଳିତ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟସ୍ତରୀୟ ଆନ୍ଦୋଳନ ପାଇଁ ସୁବର୍ଣ୍ଣପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଏନଜିଓସିସି ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଶିକ୍ଷକ ଶ୍ରୀନିବାସ ରଥ ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଅଧୀନରେ ଥିବା ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଚାରି ହଜାର ଟଙ୍କାର ଗ୍ରେଡ଼ ପେ ପ୍ରଦାନ, ଛଅ ବର୍ଷ ଜାତୀୟ ଇନକ୍ରିମେଣ୍ଟ ଓ ପୁରୁଣା ପେନସନ ଦାବିରେ ଏହି ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ୩ ମାସ ପୂର୍ବରୁ ଭୁବନେଶ୍ୱରଠାରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ମୁଖ୍ୟ ଶାସନ ସଚିବ ଉଚ୍ଚସ୍ତରୀୟ ବୈଠକ ପରେ ଦାବି ପୂରଣ କରିବାର ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କୌଣସି ଦାବି ପୂରଣ ହୋଇ ନ ଥିବାରୁ ମିଳିତ ସଂଘ କ୍ଷୋଭ ପ୍ରକାଶ କରିଛି। ଶିକ୍ଷକ ସଂଘର ନିଷ୍ପତ୍ତିକୁ ସମର୍ଥନ ଜଣାଇ ଆସନ୍ତା ପନ୍ଦର ତାରିଖରୁ ସମୂହ ଛୁଟି ନେବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ହୋଇଛି। ଆସନ୍ତା ୧୦ ତାରିଖ ସୁଦ୍ଧା ଜିଲାର ସମସ୍ତ ସିଆରସିସି ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଜ ପଦବୀରୁ ଇସ୍ତଫା ଦେବେ। କୌଣସି ଶିକ୍ଷକ ମାଟ୍ରିକ ପରୀକ୍ଷା ପରିଚାଳନା ଦାୟିତ୍ୱ ନେବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଶିକ୍ଷକ ନେତା ଦାମୋଦର ପଣ୍ଡା, ଦିଲୀପ ମିଶ୍ର, ଶଶାଙ୍କ ପଣ୍ଡା, ଭାଗ୍ୟବାନ ଝାଙ୍କର, ଅକ୍ଷୟ ରାୟ, ଉମାକାନ୍ତ ମିଶ୍ର, ବ୍ରତାନନ୍ଦ ଭୋଇ, ବିଶ୍ୱଜିତ୍ ଆଚାର୍ଯ୍ୟ, ଓଁ ପ୍ରକାଶ ପୂଜାହାରୀ, ପ୍ରଦ୍ୟୁମ୍ନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ସଂଘ ତରଫରୁ ବୌଦ୍ଧ ଜିଲାର ଶିଶିର ଖଟୁଆ ଓ ଶମ୍ଭୁ ଗିରି ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ପ୍ରଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରିକେଟ: ଏମ୍‌ଏମ୍‌ସିସି ସମ୍ବଲପୁର ଫାଇନାଲରେ

ଉଲୁଣ୍ଡା,୪।୩(ଡିଏନଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ ୨୯ତମ ସର୍ବଭାରତୀୟ ଉଲୁଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିନର ଖେଳରେ ବଲାଙ୍ଗୀରକୁ ହରାଇ ଏମଏମସିସି ସମ୍ବଲପୁର ଦଳ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ବଲାଙ୍ଗୀର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୭୧ ରନ କରିଥିଲା। ଦଳ ପକ୍ଷରୁ ରାହୁଲ ସାହୁ ୫୫ ଏବଂ ରଘୁବିନ୍ଦ୍ର ତ୍ରିପାଠୀ ୫୧ ରନ କରିଥିଲେ। ଏହାର ଜବାବରେ ସମ୍ବଲପୁର ଦଳ ୱାଲଟର ଟପ୍ପୋଙ୍କ ୫୭ ଓ ରାକେଶ ପଟ୍ଟନାଏକଙ୍କ ୫୦ ରନ ବଳରେ ୧୭.୨ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ଫାଇନାଲରେ ପ୍ରବେଶ କରିଥିଲା। ଶନିବାର ଖେଳକୁ ସୁରେଶ ବିଶି ଓ ସୁଶାନ୍ତ ସେଠ ପରିଚାଳନା କରିଥିଲେ। ବିଶ୍ୱନାଥ ନାଏକ ସ୍କୋରିଂ ଦାୟିତ୍ୱ ତୁଲାଇଥିବା ବେଳେ ପାର୍ଥସାରଥି ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ପଦ୍ମନାଭ ବେହେରା ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଭାବେ ରାକେଶ ପଟ୍ଟନାଏକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରବିବାର ଫାଇନାଲରେ ଏମଏମସିସି ସମ୍ବଲପୁର ଜେସିସି ସମ୍ବଲପୁରକୁ ଭେଟିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



ବିଧାୟକ ପଦ୍ମନାଭ ବେହେରାଙ୍କ ଠାରୁ ରାକେଶ ପଟ୍ଟନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।

## ବୀରମହାରାଜପୁରର ପ୍ରସିଦ୍ଧ ଫୁଗୁନପୁନି ଯାତ୍ରା ଆରମ୍ଭ

ଅମରପାଲି,୪।୩(ଡି.ଏନ.ଏ.)

- ୮ ଦିନ ବ୍ୟାପୀ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ
- ଚବିଶ ପ୍ରହର ନାମଯଜ୍ଞ, ପାରାୟଣ, ଭଜନ ଓ ମେଲୋଡି ପରିବେଷଣ ହେବ
- ହରିହର ଭେଟ ମୁଖ୍ୟ ଆକର୍ଷଣ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ପ୍ରସିଦ୍ଧ ଫୁଗୁନପୁନି ଯାତ୍ରା ଶନିବାର ଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ ଏହାକୁ ଲୋକାଭିମୁଖୀ କରିବା ପାଇଁ ନାମଯଜ୍ଞ, ଭଜନ ସନ୍ଧ୍ୟା, ମେଲୋଡି ଓ ସୁନ୍ଦରାକାଣ୍ଡ ଭଳି ଆଧ୍ୟାତ୍ମିକ ଓ ଆଧୁନିକ ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଛି। ଏହି ଅବସରରେ ଚବିଶ ପ୍ରହର ନାମଯଜ୍ଞ ପାଇଁ ଶନିବାର କଳସଯାତ୍ରା କରାଯାଇଛି। ଏଠାକାର ଯାତ୍ରା (ମେଳା)କୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ବିଷ୍ଣୁଚରଣ ପଣ୍ଡା ସଭାପତି ଭାବେ ଚୟନ ହୋଇଥିବା ବେଳେ ଅକ୍ଷୟ ମିଶ୍ର ସମ୍ପାଦକ ଓ ଦୟାନିଧି ହୋତାଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ଏହାସହିତ ଚମରା ମହାକୁର, ପ୍ରକାଶ ହୋତା, ଯୁଗଳ କିଶୋର ମିଶ୍ର, ଦାମୋଦର ହୋତା, ପ୍ରଶାନ୍ତ ଡାଙ୍ଗ ପ୍ରମୁଖଙ୍କୁ ପରିଚାଳନା କମିଟିର ସଦସ୍ୟ ଭାବେ ଚୟନ କରାଯାଇଛି। ଶନିବାର ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ଜଳାଶୟରୁ ଜଳପୂର୍ଣ୍ଣ କଳସ ଆଣି ନାମ ମଣ୍ଡପରେ ସ୍ଥାପନ କରିଥିବା ବେଳେ ରବିବାର ଚବିଶ ପ୍ରହର ନାମଯଜ୍ଞର ଅଧିବାସ ଓ ନାମାରମ୍ଭ ହେବ। ଏଥିରେ ବସନ୍ତ ମହାକୁର ସପତ୍ନିକ କର୍ତ୍ତା ଓ ସଦାନନ୍ଦ ପଣ୍ଡା ପୂଜକ ଭାବେ କାର୍ଯ୍ୟ ତୁଲାଇବେ। ଏହାସହିତ ରବିବାର ଦିନ ପୁରାଣ ଗାୟିକା ବନ୍ଦିତା ନାୟକ ବ୍ୟାସ ଭାବେ ଯୋଗଦେଇ ସୁନ୍ଦରାକାଣ୍ଡ ପାରାୟଣ କରିବେ। ମଙ୍ଗଳବାର ହରିହର ଭେଟ ହେବ। ଏଥିରେ ଚମ୍ପାମାଳର ଚମ୍ପେଶ୍ୱର ବାବା, ଟିଁପିଲିର ରାମେଶ୍ୱର, କମଳପୁରର ଗୁପ୍ତେଶ୍ୱର, ବୀରମହାରାଜପୁର ଜଗନ୍ନାଥ ମନ୍ଦିର ର ରାଧାକୃଷ୍ଣ ଓ ମଦନମୋହନ, ବାଗବର, କୁମୁରସିଂହା ଓ ଷଣ୍ଢାର ରାଧାକୃଷ୍ଣ ଓ ବିଷ୍ଣୁ ଙ୍କ ପ୍ରତିମାକୁ ଅଣାଯାଇ ମେଳନ କରାଯିବ। ମିଳନ ବେଳେ ଫଗୁଖେଳ ମେଳନର ମୁଖ୍ୟ ଆକର୍ଷଣ ହେବ। ଏହି ସମୟରେ ହରିହର ଭେଟକୁ ଆସୁଥିବା ହରିହର ନିଜ ନିଜ ମନ୍ଦିରରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ତହସିଲ ଅଫିସ ନିକଟସ୍ଥ ମେଳନ ପଡିଆକୁ ଆସି ହରହର ଭେଟ ହେବେ। ଏହା ଦେଖିବାକୁ ପ୍ରତିବର୍ଷ ଭଳି ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାସହିତ ୬ତାରିଖ ସୋମବାର ସନ୍ଧ୍ୟାରେ ବାଲି ତାଣ୍ଡି ଓ ସାଥୀଙ୍କ ଖୁସି ମେଲୋଡି ଦ୍ୱାରା ସମ୍ବଲପୁରୀ ଅର୍କେଷ୍ଟ୍ରା ହେବ। ୭ତାରିଖ ସନ୍ଧ୍ୟାରେ ପାତାଳି ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଦଳ ଦ୍ୱାରା ଭଜନ ପରିବେଷଣ ହେବ। ଏହାପରେ କୃଷ୍ଣମୁଖି ଓ ସାଥୀଙ୍କ ଦ୍ୱାରା ମା' ମେଲୋଡି ଅର୍କେଷ୍ଟ୍ରା ପରିବେଷଣ ହେବ। ୮ତାରିଖରେ ସମ୍ବଲପୁରୀ ମେଲୋଡିର କିଙ୍ଗ ଉମାକାନ୍ତ ବାରିକ ଓ ସାଥୀଙ୍କ ମା'ଇଷ୍ଟଦେବୀ ମେଲୋଡି ଦ୍ୱାରା ସମ୍ବଲପୁରୀ ଅର୍କେଷ୍ଟ୍ରା ହେବ। ୯ତାରିଖରେ ରକଷ୍ଟାର ରୁକୁ ସୁନା ଓ ସାଥୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ୧୦ତାରିଖ ଶୁକ୍ରବାର ସନ୍ଧ୍ୟାରେ ଆକାଶ ପଟ୍ଟନାୟକ ଓ ଦୁଷ୍ମନ୍ତ ସୁନା ସାଥୀଙ୍କ ଦ୍ୱାରା ମା'ତୋର ସାହା ମେଲୋଡି ଏବଂ ୧୧ତାରିଖ ସନ୍ଧ୍ୟାରେ ଶାନ୍ତନୁ ସରକାର ଓ ସାଥୀଙ୍କ ଦ୍ୱାରା ହିନ୍ଦି ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ରହିଛି। ମେଳାକୁ ଆକର୍ଷଣୀୟ କରିବା ପାଇଁ ମିନାବଜାର ସହିତ ଦୋକାନ ବଜାର ବସିବ। ଏହାସହିତ ମେଳାରେ ଚଟପଟି ଖାଦ୍ୟର ପସରା ମଧ୍ୟ ଲାଗିଗଲାଣି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ସଜାଗ ରହିଛି। ନାମମଣ୍ଡପ ସହିତ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ରଙ୍ଗୀନ ଆଲୁଅରେ ସଜାଇ ଦିଆଯାଇଛି।


ଫୁଗୁନପୁନି ଅବସରରେ ଚବିଶ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା।

## ସଂକ୍ଷେପରେ

### କୃଷି ଫାର୍ମକୁ ବ୍ୟାପିଲା ଜଙ୍ଗଲ ନିଆଁ: ଜଳିଗଲା ପଲି ହାଉସ

**ଦେବଗଡ଼, ୪।୩(ଡି.ଏନ୍.ଏ.):** ଦେବଗଡ଼ ଜିଲା ବସାଲଇଛକ ସ୍ଥିତ ଦେବଗଡ ସହରର ଆଇନଜୀବୀ ତଥା ଜଣାଶୁଣା ଚାଷୀ ପ୍ରଭାସ ମିଶ୍ରଙ୍କ କୃଷି ଫାର୍ମରେ ଅଚାନକ ଅଗ୍ନିକାଣ୍ଡ ଘଟି ସେଠାରେ ଥିବା ପଲି ହାଉସ ପୋଡି ଯାଇଥିବା ଜଣାପଡିଛି। ମହୁଲ ସଂଗ୍ରହ ନିମନ୍ତେ ଉକ୍ତ କୃଷି ଫାର୍ମ ନିକଟସ୍ଥ ଜଙ୍ଗଲରେ ଥିବା ମହୁଲ ଗଛ ମୂଳେ କେହି ନିଆଁ ସଂଯୋଗ କରିଥିଲେ। ଏହି ନିଆଁ ପଲି ହାଉସ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ଫଳରେ ପଲି ହାଉସ ପୋଡିଯାଇଥିଲା। ସୂଚନାପାଇ ଦେବଗଡ଼ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିବା ସହ ପଲିହାଉସରେ ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ।

### ଫେବ୍ରିକେଶନ ଦୋକାନ ସମ୍ମୁଖରୁ ଚୋରି: ୨ ଗିରଫ

**ରାଉରକେଲା ଅଫିସ,୪।୩:** ଟାଙ୍ଗରପାଲି ପୋଲିସ ଦେଓଗାଁ ତଲବାଲଯୋଡି ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଥିବା ଏକ ଫେବ୍ରିକେସନ ସମ୍ମୁଖରୁ ଚୋରି ହୋଇଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ତଲବାଲଯୋଡିର ହିମାଂଶୁ ସାମଲ(୫୧) ଓ ଗୋବିନ୍ଦ ଭୂମିଜ(୪୯)। ସୂଚନାଯୋଗ୍ୟ ଜଲଦା ସି' ବ୍ଲକରେ ଟୋନି କୁମାର ବାସ କରନ୍ତି। ତାଙ୍କର ଦେଓଗାଁ ତଲବାଲଯୋଡି ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଏକ ଫେବ୍ରିକେସନ ଦୋକାନ ରହିଛି। ସବୁଦିନ ପରି ଟୋନି ତାଙ୍କ ଦୋକାନ ଚଳିତ ମାସ ୧ ତାରିଖରେ ରାତି ସାଢେ ୯ଟାରେ ବନ୍ଦ କରି ଘରକୁ ଆସିଥିଲେ। ବିଳମ୍ବିତ ରାତିରେ ତାଙ୍କ ଦୋକାନ ସମ୍ମୁଖରେ ଥିବା ୪୩ଟି ଲୁହା ସେଣ୍ଟରିଙ୍ଗ୍‌ପ୍ଲେଟ ଓ ଏକ ଜେସିବି ଗାଡିରୁ କେହି ଦୁର୍ବୃତ୍ତ ବ୍ୟାଟେରୀ ଚୋରି କରି ଫେରାର ହୋଇ ଯାଇଥିଲେ। ସକାଳ ହେବାରୁ ଟୋନି ଦୋକାନ ଖୋଲୁଥିବାବେଳେ ସମ୍ମୁଖରେ ଥିବା ସେଣ୍ଟରିଙ୍ଗ ପ୍ଲେଟ ନ ଥିବା ଜାଣିବାକୁ ପାଇଥିଲେ। ପରେ ସେ ଟାଙ୍ଗରପାଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଶନିବାର ହିମାଂଶୁ ଓ ଗୋବିନ୍ଦଙ୍କୁ ବାଲଯୋଡି ଅଞ୍ଚଳରୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ପୋଲିସ ଚୋରି ହୋଇଥିବା ୪୩ଟି ସେଣ୍ଟରିଙ୍ଗ୍ ଲୁହାପ୍ଲେଟ ଓ ଜେସିବି ବ୍ୟାଟେରୀକୁ ଜବତ କରି ତାଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଦୁଇଜଣ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି।

### କୁଆଁରମୁଣ୍ଡା ଏବିଇଓ ହେଲେ ଡୋରୋଥିଆ

**କୁଆଁରମୁଣ୍ଡା, ୪।୩(ଡି.ଏନ୍.ଏ.):** ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଗୁରୁବାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସହକାରୀ ଶିକ୍ଷାଧିକାରୀ(ଏବିଇଓ) ଭାବେ ଡୋରୋଥିଆ ଟପ୍ପୋ ପଦୋନ୍ନତି ପାଇଛନ୍ତି। ଏ ନେଇ ଶିକ୍ଷା ନିର୍ଦ୍ଦେଶାଳୟ ଚିଠି ନମ୍ବର ୫୬୧୭/୦୨-୦୩-୨୦୨୩ ପ୍ରକାଶ ପାଇବା ପରେ ଡୋରୋଥିଆ ଟପ୍ପୋ ଓ ତାଙ୍କ ସହକର୍ମୀ ତଥା ଶୁଭାକାଂକ୍ଷୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଡୋରୋଥିଆ ପୂର୍ବରୁ ଲେବୁଲ -୩ରେ ଥିଲାବେଳେ ଏବେ ତାଙ୍କୁ ଲେବୁଲ - ୨କୁ ପଦୋନ୍ନତି ଦିଆଯାଇ ଏବିଇଓ ପଦ ପ୍ରଦାନ କରାଯାଇଛି।

# କେବୁଲ ତାର ସ୍ମାର୍ଟସିଟି ସୌନ୍ଦର୍ଯ୍ୟ ବୃଦ୍ଧିରେ ପ୍ରତିବନ୍ଧକ

**ରାଉରକେଲା ଅଫିସ୍, ୪।୩**

ରାଉରକେଲା ସ୍ମାର୍ଟସିଟି ସୌନ୍ଦର୍ଯ୍ୟ ବୃଦ୍ଧିରେ ପ୍ରତିବନ୍ଧକ ସାଜୁଛି ଖୁଣ୍ଟରେ ଝୁଲି ରହୁଥିବା କେବୁଲ ତାରଗୁଡ଼ିକ। ରାଉରକେଲାର କୋଏଲନଗର, ଛେଣ୍ଡ, ପାନପୋସ, ବାସନ୍ତୀ କଲୋନୀ ଏବଂ ଉଦିତ୍ ନଗରରେ କେବୁଲ ତାରଗୁଡିକ ବକ୍ସରେ ସଜାଇ ରଖିବା, କେବୁଲ ତାର ଖୁଲମଖୁଲା ବିଦ୍ୟୁତ୍ ଖୁଣ୍ଟରେ ଅସଜଡା ନ ରହିବା, ବଂଚ କେବୁଲ ସହିତ ସମସ୍ତ ନେଟୱର୍କ କେବୁଲ ବ୍ୟବସ୍ଥା ସଜଡା ଯିବା ସହ ସ୍ମାର୍ଟ ସିଟି ସୌନ୍ଦର୍ଯ୍ୟରେ ଯେଉଁଭଳି କେବୁଲ ତାର ଅଙ୍କୁଶ ନ ଲଗାଏ ସେନେଇ ହକି ବିଶ୍ୱକପ୍ ୧୦ଦିନ ଆଗରୁ ଅତିରିକ୍ତ ଜିଲାପାଳ ଶୁଭଙ୍କର ମହାପାତ୍ର ବିଶେଷଭାବେ ଗୁରୁତ୍ୱ ଦେଇଥିଲେ। ଏଣୁକରି ଟିପିଡବ୍ଲୁଡିଏଲ୍ ନୋଡାଲ ଅଧିକାରୀଙ୍କର ଉପସ୍ଥିତିରେ ଅତିରିକ୍ତ ଜିଲାପାଳ ବିଦ୍ୟୁତ୍ ବିଭାଗ ଅଧିକାରୀ, ରାଉରକେଲା ଜିଓ କର୍ତ୍ତୃପକ୍ଷ ଏବଂ ସହରର ୪ମୁଖ୍ୟ କେବୁଲ ଅପରେଟର ସଂସ୍ଥା ସହିତ ମିଶି ଆଲୋଚନା କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସହରକୁ ଓଭରହେଡ୍ କେବୁଲମୁକ୍ତ କରିବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ପାନପୋଷରୁ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ପ୍ରାଥମିକ ସ୍ତରରେ ଭୂତଳରେ କେବୁଲ ବିଛାଇବା ଆଲୋଚନାରେ ନିର୍ଦ୍ଧାରିତ ହୋଇଥିଲା। ଏହା ସହ ଭୂତଳ ଦେଇ କେବୁଲ ବିଛା ନ ହେବା ଯାଏଁ କେବୁଲ ତାର ଯେଉଁଭଳି ସଜଡ଼ା ଢଙ୍ଗରେ ବିଦ୍ୟୁତ୍ ଖୁଣ୍ଟରେ ଏବଂ ଅନ୍ୟାନ୍ୟ ଖୁଣ୍ଟରେ ବାକ୍ସ ଭିତରେ ସୁରକ୍ଷିତ ଭାବେ ରହିବ ତାହା ଧାର୍ଯ୍ୟ ହୋଇଥିଲା। ଅନ୍ୟାନ୍ୟ କେବୁଲ ଅପରେଟର ସଂସ୍ଥାମାନଙ୍କୁ ବିଦ୍ୟୁତ୍ ଖୁଣ୍ଟରେ କେବୁଲ ନ ବିଛାଇବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେବା ସହିତ ଯେଉଁମାନେ ଏଥିରେ ଖିଲାପ କରିବେ ସେମାନଙ୍କ ବିରୋଧରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ମଧ୍ୟ ନିର୍ଦ୍ଧାରିତ ହୋଇଥିଲା। ହକି ବିଶ୍ୱକପ ସରିବାର ଆଜକୁ ୨ମାସ ବିତି ସାରିଥିଲେ ହେଁ ଏଯାଏଁ ରାଉରକେଲାର ସୌନ୍ଦର୍ଯ୍ୟତାରେ ଅଙ୍କୁଶ ଲଗାଉଥିବା କେବୁଲ ତାର ଖୁଲମଖୁଲା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକରେ ପୂର୍ବଠାରୁ ଅଧିକ ମାତ୍ରାରେ ଅସଜଡ଼ା ଭାବେ ଝୁଲୁଛି। ଏହାର କାରଣ ଅମାନିଆ କେବୁଲ ଏବଂ ନେଟୱାର୍କ ଅପରେଟରଙ୍କ ମନମୁଖି କାର୍ଯ୍ୟକଳାପ। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟରେ ବୁଢିଆଣି ଜାଲ ଭଳି କେବୁଲ ତାର ଝୁଲୁଥିବା ସହିତ ତଳେ ଗଡୁଛି। ଯେଉଁଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସହର ମୁଖ୍ୟମାର୍ଗ ବାଦ୍‌ଦେଲେ ଅନ୍ୟସବୁ ରାସ୍ତାରେ ମାଳମାଳ ଅପ୍ଟିକାଲ ଫାଇବର କେବୁଲ ତାରମାନ ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲୁଛି। ହକି ବିଶ୍ୱକପ୍ ସମୟରେ ଗୁରୁଦ୍ୱାର ରୋଡରୁ ରେଳ ଷ୍ଟେସନ ପର୍ଯ୍ୟନ୍ତ ନୂତନ ୧୫୦ଟି ବିଦ୍ୟୁତ୍ ଖୁଣ୍ଟ ମଞ୍ଜୁର ହୋଇଥିବାବେଳେ ୮୦ଟି ବିଦ୍ୟୁତ୍ ଖୁଣ୍ଟ ଇତିମଧ୍ୟେ ଲାଗିସାରିଛି। ଧିରେଧିରେ ନୂତନ ଖୁଣ୍ଟରେ କେବୁଲ ଅପରେଟର ସଂସ୍ଥା ଆଧିପତ୍ୟ ଜମାଇବାରେ ମଧ୍ୟ ଲାଗିଛନ୍ତି। ସ୍ମାର୍ଟସିଟିରେ ହଜାର ହଜାର ବିଦ୍ୟୁତ୍ ଖୁଣ୍ଟ ସହିତ ଅନ୍ୟାନ୍ୟ ଖୁଣ୍ଟରେ କେବଳ ମାତ୍ର ୪ଅପରେଟର ସଂସ୍ଥା କେବୁଲ ତାର ଲଗାଉନାହାନ୍ତି ବହୁତ ଘରୋଇ ସଂସ୍ଥା ମଧ୍ୟ ଲଗାଉଛନ୍ତି। ଫଳରେ ମହାନଗର ନିଗମର ଲକ୍ଷାଧିକ ଟଙ୍କାର ଟିକସ ହାନୀ ହେଉଥିବାବେଳେ ରାସ୍ତାରେ ଯାଉଥିବା ଭାରିଯାନବାହାନ ଚାଳକ ଏବଂ ସାଧାରଣଯାତ୍ରୀ ନିଜକୁ ଅସୁରକ୍ଷିତ ମନେ କରୁନାହାନ୍ତି। ସ୍ମାର୍ଟସିଟିରେ ସୌନ୍ଦର୍ଯ୍ୟରେ ଏହା ପ୍ରତିବନ୍ଧକ ସାଜୁଥିବା ଦର୍ଶାଉଛନ୍ତି। ଏନେଇ ଉଦିତ୍ ନଗର ବିଦ୍ୟୁତ ବିଭାଗୀୟ ଏସ୍‌ଡିଓ ମନୋରନ ସାହୁଙ୍କୁ ପଚାରିବାରୁ ସେ କହିଲେ, ବିଦ୍ୟୁତ୍ ଖୁଣ୍ଟମାନ କେବୁଲ ମୁକ୍ତ କରିବା ସହିତ ଲୋକଙ୍କର ସୁରକ୍ଷା ବ୍ୟବସ୍ଥାକୁ ଧ୍ୟାନରେ ରଖି କାମ ଚାଲିଛି। ରାଜନୈତିକ ଦଳଗୁଡିକ ଏଥିରେ ସମ୍ପୃକ୍ତ ରହି ଆମ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ତୁରନ୍ତ ରାଉରକେଲା ସ୍ମାର୍ଟସିଟି ଓଭରହେଡ କେବୁଲ ମୁକ୍ତ ହେବା ବିଷୟରେ ଯୋଜନା ଚାଲିଥିବା ସେ କହିଥିଲେ। ଏନେଇ ରାଉରକେଲା ଅତିରିକ୍ତ ଜିଲାପାଳ ଶୁଭଙ୍କର ମହାପାତ୍ର କହିଛନ୍ତି ଯେଉଁମାନେ ନିର୍ଦ୍ଦେଶକୁ ଅବମାନନା କରି ମନମୁଖି କେବୁଲ ତାର ଅସଂଯତ ଭାବରେ ବିଛାଉଛନ୍ତି ପ୍ରମାଣ ମିଳିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ହକି ପ୍ରୋଲିଗ୍ ସରିଲା ପରେ ଓ ଗ୍ରୀଷ୍ମ ପରେ ରାଉରକେଲା ସହର ଯେଭଳି ସମ୍ପୂର୍ଣ୍ଣ ଓଭରହେଡ କେବୁଲମୁକ୍ତ ହେବ ସେଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।




ପାନପୋଷ ଓ ଉଦିତନଗର ମାର୍ଗରେ ବିଦ୍ୟୁତ୍ ଖୁଣ୍ଟରେ କେବୁଲ ତାର।

### ଜଙ୍ଗଲ ନିଆଁ ରୋକିବାକୁ ସ୍ମାରକପତ୍ର

**ସୁନ୍ଦରଗଡ଼, ୪।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାର ବିଭିନ୍ନ ଜଙ୍ଗଲରେ ଏବେ ନିଆଁଲାଗିଛି। ଜଙ୍ଗଲ ନିଆଁ ରୋକିବା ନେଇ ସୁନ୍ଦରଗଡ଼ ଡିଏଫ୍‌ଓ, ଅତିରିକ୍ତ ଜିଲାପାଳଙ୍କ ସହ କୋଶଳ ସମାଜ ପକ୍ଷରୁ ଆଲୋଚନା କରାଯାଇ ସ୍ମାରକପତ୍ର ଦିଆଯାଇଛି। ଜଙ୍ଗଲ ନିଆଁ ଯୋଗୁ ବ୍ୟାପକ ପ୍ରାକୃତିକ ସମ୍ପଦ ନଷ୍ଟ ହେଉଛି। ଜଙ୍ଗଲରେ ଥିବା ଜୀବଜନ୍ତୁ ମଧ୍ୟ ଏହି ନିଆଁଦାଉରୁ ନିଜକୁ ରକ୍ଷା କରିପାରୁ ନାହାଁନ୍ତି। ଏଭଳି ସ୍ଥିତିରେ ବନ୍ୟପ୍ରାଣୀ ପ୍ରାଣ ବିକଳରେ ଜନବସତି ମୁହାଁ ହେଉଛନ୍ତି। ବଡଗାଁ ଟିମନା ଅଞ୍ଚଳରେ ଗାଁ ନିକଟକୁ କଲରାପତରିଆ ବାଘ ଚାଲିଆସିବା ଏକ ଉଦାହରଣ। ଏଥିସହ ହାତୀ, ଭାଲୁ ତଥା ଅନ୍ୟାନ୍ୟ ବନ୍ୟପ୍ରାଣୀ ମଧ୍ୟ ଗାଁକୁ ଚାଲିଆସୁଛନ୍ତି। ଏଭଳି ସ୍ଥିତିରେ ଲୋକେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ଏଣୁ ଏଦିଗରେ ଜିଲାପ୍ରଶାସନ ତଥା ବନବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବାକୁ କୋଶଳ ସମାଜ ପକ୍ଷରୁ ଦାବି କରାଯାଇଛି। କୋଶଳ ସମାଜର ମହାସଚିବ ଦିଲୀପ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉଭୟ ଅଧିକାରୀଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଭାଜପା ପକ୍ଷରୁ ଏସ୍‌ପି ଅଫିସ ଘେରାଉ, ବିକ୍ଷୋଭ



ଦେବଗଡ଼ ଭାଜପା ପକ୍ଷରୁ ଏସ୍‌ପି ଅଫିସ ଘେରାଉ କରାଯାଇଛି।

**ଦେବଗଡ଼ ୪।୩(ଡି.ଏନ୍.ଏ.)**

ଭୁବନେଶ୍ୱରରେ ବିକ୍ଷୋଭ ବେଳେ ପୋଲିସ ଭାଜପା ଯୁବ ମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ମାଡ଼ ମାରିବା ଘଟଣା ନେଇ ଦେବଗଡ଼ ଭାଜପା ପକ୍ଷରୁ ଶନିବାର ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଘେରାଉ କରାଯାଇଥିଲା। ନବ ଦାସ ହତ୍ୟାକାଣ୍ଡର ସିବିଆଇ ତଦନ୍ତ କରାଯିବା, ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ଭୁବନେଶ୍ୱର ଲୟର ପିଏମଜି ଠାରେ ରାଜ୍ୟ ଯୁବ ମୋର୍ଚ୍ଚା ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିଥିଲା। ମାତ୍ର ପୋଲିସ ଶାସକ ଦଳର ଗୁଣ୍ଡା ଭଳି ଭାଜପା ଯୁବ ମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ଆକ୍ରମଣ କରିଥିଲା। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମୀ ଆସି ସ୍ଥାନୀୟ ଭାଜପା କାର୍ଯ୍ୟାଳୟରୁ ଏକ ରାଲିରେ ବାହାରି ଏସ୍‌ପି ଅଫିସରେ ପହଞ୍ଚି ଥିଲେ। ଏସ୍‌ପି ଅଫିସ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ସାହୁ, ଉପ ନଗରପାଳ ପ୍ରଜିତ ଭୋଜ, ସୁନୀଲ ପଣ୍ଡା, ଭାରତ ଭୂଷଣ ପ୍ରଧାନ, ଯୋଗେଶ ପ୍ରଧାନ, ସତ୍ୟନାରାୟଣ ପାଣି, ଦିବ୍ୟଶଙ୍କର ଖୁଣ୍ଟିଆ, ରଞ୍ଜିତ ପଟେଲ, ସୁଧୀର କୁମାର ବ୍ରହ୍ମା, ଭୋଳ ବେହେରା, ମଧୁ ସୁଦନ ବାଘ, ସରୋଜିନୀ ମୁଣ୍ଡା, କାର୍ତ୍ତିକ ମହାକୁଲ, ପିଙ୍କିରାଣୀ ପ୍ରଧାନ,ସରୋଜ ପାଢ଼ୀଙ୍କ ସମେତ ବହୁ ଭାଜପା ନେତା କର୍ମୀ ଉପସ୍ଥିତ ଥିଲେ।

### ସରକାରୀ ଚାକିରି ଦେବା ଆଳରେ ଠକେଇ: ଜଣେ ଗିରଫ

**ରାଉରକେଲା ଅଫିସ, ୪।୩**

ରାଉରକେଲା ସରକାରୀ ସ୍ୱଂୟଶାସିତ ମହାବିଦ୍ୟାଳୟରେ ଚାକିରି କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନେଇଥିବା ଜଣେ ବ୍ୟକ୍ତିଙ୍କୁ ବନ୍ଧମୁଣ୍ଡା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲାଲବିଲଡିଙ୍ଗର ଲକ୍ଷ୍ମୀ ତନ୍ତୀ(୨୭)। ପୋଲିସ ସୂଚନା ଅନୁଯାୟୀ, ବନ୍ଧମୁଣ୍ଡା ଜଗଦାବସ୍ତିରେ ସୁମିତା ତନ୍ତୀ ବାସ କରନ୍ତି। ସୁମିତାଙ୍କ ବାପା ଦୁଇବର୍ଷ ତଳେ ରେଲୱେରୁ ଅବସର ନେଇଥିଲେ। ପରେ ସୁମିତା ବାପାଙ୍କ ଅବସର ପରେ କୌଣସି ସ୍ଥାନରେ କାମ କରିବା ପାଇଁ ଚାକିରି ଖୋଜୁଥିଲେ। ଏହି ସମୟରେ ଲାଲବିଲଡିଙ୍ଗ ଅଞ୍ଚଳରେ ବାସ କରୁଥିବା ଲକ୍ଷ୍ମୀଙ୍କ ସହ ତାଙ୍କର ଦେଖା ହୋଇଥିଲା। ଲକ୍ଷ୍ମୀ ତାଙ୍କ ସହ ବନ୍ଧୁତା କରି ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାକିରି କରାଇଦେବାକୁ କହିଥିଲେ। ଏହି ଚାକିରୀରେ ଫର୍ମ ଓ ଆବେଦନ ପ୍ରକ୍ରିୟା ପାଇଁ ପ୍ରଥମେ ୫୦ ହଜାର ଟଙ୍କା ଲାଗିବ ବୋଲି କହି ଲକ୍ଷ୍ମୀ ସୁମିତାଙ୍କ ଠାରୁ ଟଙ୍କା ନେଇଥିଲେ। ଏହି ଟଙ୍କା ନେବାର ଠିକ ୬ ମାସ ପରେ ଲକ୍ଷ୍ମୀ କଲେଜର ଏକ ନକଲି ଷ୍ଟାମ୍ପ ତିଆରି କରି କଲେଜର ଏକ ଫର୍ମରେ ଦସ୍ତଖତ କରି ପୁଣି ୧ଲକ୍ଷ ଟଙ୍କା ମାଗିଥିଲେ। ଏଭଳି ଭାବେ ମହିଳା ଜଣଙ୍କ ସୁମିତାଙ୍କୁ ଚାକିରି କରାଇ ଦେବା କଥା କହି ୩୦ ଲକ୍ଷ ଟଙ୍କା ଠକି ନେଇ ମୋବାଇଲ ସୁଇଚଅପ କରି ଦେଇଥିଲେ। ଲକ୍ଷ୍ମୀଙ୍କ ସହ କୌଣସି ଯୋଗାଯୋଗ ନ ହେବାରୁ ସୁମିତା ଶେଷରେ ଥାନା ଦ୍ୱାରସ୍ଥ ହୋଇ ଗତ ଫେବୃୟାରୀ ୩ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଶନିବାର ଲକ୍ଷ୍ମୀଙ୍କୁ ଉଦିତନଗର ଥାନା ଅନ୍ତର୍ଗତ ଲାଲବିଲଡିଙ୍ଗ ଅଞ୍ଚଳରୁ ଗିରଫ କରିଥିଲେ। ଏନେଇ ପୋଲିସ (ନଂ.୧୯।୨୩)ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି।

## ଜନ୍ତୁ ଶିକାର ପାଇଁ ସଂରକ୍ଷିତ ଜଙ୍ଗଲରେ ନିଆଁ ସଂଯୋଗ : ଜଣେ ଗିରଫ

**ଦେବଗଡ଼, ୪।୩(ଡି.ଏନ୍.ଏ.)**



ବନ ବିଭାଗ ଦ୍ୱାରା ଗିରଫ ରାକେଶ ସ୍ୱାଇଁ।

ଜନ୍ତୁ ଶିକାର ପାଇଁ ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଉଥିବାବେଳେ ବନ ବିଭାଗ ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବନ ବିଭାଗ ସୂତ୍ରରୁ ସୂଚନା ଅନୁଯାୟୀ ଶୁକ୍ରବାର ରାତିରେ ଦେବଗଡ ପୌରାଞ୍ଚଳ କଚେରୀସାହିର ରାକେଶ ସ୍ୱାଇଁ ନାମକ ଜଣେ ବ୍ୟକ୍ତି ସହର ଉପକଣ୍ଠସ୍ଥ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଉଥିଲେ। ଏହା ଦେଖି ଦେବଗଡ ଫରେଷ୍ଟର ଭିମସେନ ଶତପଥିଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ଓ ସ୍କ୍ୱାଡ୍ ସଦସ୍ୟମାନେ ତାଙ୍କୁ ଘଟଣା ସ୍ଥଳରୁ କାବୁ କରିବାସହ ବିଭାଗୀୟ ରେଞ୍ଜ କାର୍ଯ୍ୟାଳୟରେ ଅଟକ ରଖିଥିଲେ। ଜନ୍ତୁ ଶିକାର ଉଦ୍ଦେଶ୍ୟରେ ସେ ଉକ୍ତ ନିଆଁ ଲଗାଉଥିବା ପଚରାଉଚରା ସମୟରେ ଜଣାପଡିବାରୁ ତାଙ୍କୁ ବିଭିନ୍ନ ଦଫାରେ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ତେବେ ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଭୁଜାଲିରେ ଆକ୍ରମଣ କରି ଲୁଟ ଘଟଣା: ୨ ଗିରଫ

**ରାଉରକେଲା ଅଫିସ,୪।୩**

ଜଣେ ମିକ୍ସଚର ବ୍ୟବସାୟୀଙ୍କୁ ଭୁଜାଲିରେ ଆକ୍ରମଣ କରି ତାଙ୍କ ଠାରୁ ଲୁଟ ଘଟଣାରେ ବ୍ରାହ୍ମଣୀତରଙ୍ଗ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନେପାଳି ଓରଫ ଦୀପକ ମାଝୀ (୨୧) ଓ ଧଡି ଓରଫ ରୋସନ ବାରୁଆ(୨୦)। ସୂଚନାଯୋଗ୍ୟ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଳିଙ୍ଗା ଅଞ୍ଚଳରେ ଗୌତମ ପାଣ୍ଡେ ବାସ କରନ୍ତି। ସେ ତାଙ୍କ ଘର ପାଖରେ ଏକ ମିକ୍ସଚର ଫ୍ୟାକ୍ଟ୍ରି ବ୍ୟବସାୟ କରି ନିଜର ପରିବାର ଭରଣପୋଷଣ କରନ୍ତି। ଗତ ଫେବୃୟାରୀ ୪ ତାରିଖ ସକାଳ ୧୧ଟାରେ ଗୌତମ ମିକ୍ସଚର ଫ୍ୟାକ୍ଟ୍ରିରେ ମିକ୍ସଚର ପ୍ୟାକିଂ କରୁଥିବାବେଳେ ଏକ ବାଇକ୍‌ରେ ନେପାଳି ଓ ଧଡି ଆସି ତାଙ୍କୁ ୨୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ଏତେ ଟଙ୍କା ଦେବାକୁ ଗୌତମ ରାଜି ନ ହେବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ନେପାଳି ଓ ଧଡି ଏକ ଭୂଜାଲି ବାହାର କରି ଆକ୍ରମଣ କରି ତାଙ୍କ ଠାରୁ ୧୦ ହଜାର ଟଙ୍କା ନେଇ ଫେରାର ହୋଇ ଯାଇଥିଲେ। ଉକ୍ତ ସନ୍ଧ୍ୟାରେ ବ୍ୟବସାୟୀ ଜଣଙ୍କ ଥାନା ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଶନିବାର ନେପାଳି ଓ ଧଡିଙ୍କୁ କୁଲଙ୍ଗା କିଷାନ ବସ୍ତିରୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ପୋଲିସ ଗୋଟିଏ ଭୂଜାଲି, ଛୁରୀ ସହ ୨ଟି ମୋବାଇଲ ଓ ୩ ହଜାର ୪ଶହ ଟଙ୍କା ଜବତ କରିଥିଲା। ଏନେଇ ପୋଲିସ(୧୮।୨୩)ରେ ଏକ ମାମଲା ରୁଜୁ କରି ଦୁଇଜଣ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଛି।

## ହମିରପୁର ଦଳ ୫-୦ ଗୋଲରେ ବିଜୟୀ

### ରାଉରକେଲା ମୁକ୍ତ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ରାଉରକେଲା ଅଫିସ,୪।୩**

ସେକ୍ଟର-୬ସ୍ଥିତ ଇସ୍ପାତ ଷ୍ଟାଡିୟମ ପରିସରରେ ରାଉରକେଲା ସ୍ପୋର୍ଟସ ଆସୋସିଏନ ପକ୍ଷରୁ ସଭାପତି ମିହିର ରାୟଙ୍କ ଅଧ୍ୟକ୍ଷତାରେ ରାଉରକେଲା ମୁକ୍ତ ଫୁଟବଲ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତାରେ ରାଉରକେଲାର ଆଖପାଖ ଅଞ୍ଚଳରୁ ମୋଟ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାକୁ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ଓ ପଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆରଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ ପି.କେ ସାହୁ, ଅର୍ବାନ ବ୍ୟାଙ୍କ ସଭାପତି ଦିଲୀପ ମହାପାତ୍ର ଉପସ୍ଥିତ ଥିଲେ। ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଟିଚର୍ସ କଲୋନୀ ହମିରପୁର ଓ ନୀଳକମଳ ଲାଠିକଟା ମଧ୍ୟରେ ଖେଳା ଯାଇଥିଲା। ଏଥିରେ ହମିରପୁର ଦଳ ୫-୦ ଗୋଲରେ ଲାଠିକଟା ନୀଳକମଳ ଦଳକୁ ପରାସ୍ତ କରିଥିଲା। ହମିରପୁର ଦଳର ଏକଲବ୍ୟ ଲାକ୍ରାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ରବିବାର ବିଜୁ ପଟ୍ଟନାୟକ ଜୟନ୍ତୀ ପାଳନ ଅବସରରେ ଆସୋସିଏସନ ପକ୍ଷରୁ ଏକ ମିନିମାରାଥନ ଅନୁଷ୍ଠିତ ହେବ। ଚଳିତ ମାସ ୧୨ ତାରିଖରେ ଏହି ମୁକ୍ତ ଫୁଟବଲ ପ୍ରତିଯୋଗିତା ଶେଷ ହେବ ବୋଲି ଜଣାପଡିଛି।

## ଦୁର୍ଘଟଣା ରୋକିବା ପାଇଁ ହେଲେ ନିତ୍ୟ ସୁରକ୍ଷାଭ୍ୟାସ ଜରୁରୀ

**ରାଉରକେଲା ଅଫିସ, ୪।୩**




ରାଉରକେଲାରେ ଶନିବାର ୫୨ତମ ଜାତୀୟ ସୁରକ୍ଷା ଦିବସ ପାଳନ ହୋଇଯାଇଛି। ଏହି ଦିବସରେ ଆର୍‌ଏସପି କାର୍ମିକ ଏବଂ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ ଶତପଥି ଶିଳ୍ପ କୋଣାର୍କ ସ୍ମାରକୀ ପରିସରରେ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ। ଏଥିରେ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି.କେ. ସାହୁ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡ. ବି.କେ ହୋତା, ସେବା ବିଭାଗର ସିଜିଏମ୍ ଇନଚାର୍ଜ ଦେବବ୍ରତ ଦତ୍ତ, ସିଜିଏମ୍ ବିଭାଗ ମୁଖ୍ୟ କେନ୍ଦ୍ରୀୟ ସୁରକ୍ଷା କମିଟି ସଦସ୍ୟ, ବିଭାଗୀୟ ସୁରକ୍ଷା ଅଧିକାରୀ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ୱାର୍କ ଅଞ୍ଚଳର ବହୁ ସଂଖ୍ୟକ କର୍ମଚାରୀ ଯୋଗଦାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶତପଥି ବକ୍ତବ୍ୟ ଦେଇଥିଲେ ଯେ,ସୁରକ୍ଷା ହେଉଛି ଏକ ଭିନ୍ନ କୌଶଳ ଯାହା ନିତ୍ୟ ଅଭ୍ୟାସ ବଳରେ ହିଁ ମିଳେ। ଏଣୁକରି ସୁରକ୍ଷା ଭିତ୍ତିକ କୌଶଳତା ହାସଲ କରି ଆର୍‌ଏସପି ଏବଂ ରାଉରକେଲାରେ ଦୁର୍ଘଟଣା ମାତ୍ରାକୁ ସମ୍ପୂର୍ଣ୍ଣ ହ୍ରାସ କରନ୍ତୁ ବୋଲି ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ପିପି ବିଭାଗର ସିଜିଏମ୍ କାର୍ତ୍ତିକେୟନ ବେହେରା, ସପସ ଓ ରୋଲ ସପ୍ସ ବିଭାଗ ସିଜିଏମ୍ ରବିରଞ୍ଜନ, କମ୍ପ୍ୟୁଟର ,ପ୍ରଯୁକ୍ତିବିଦ୍ୟା ବିଭାଗର ସିଜିଏମ୍ କୌଶିକ କୁମାର ସେନଗୁପ୍ତା ଉତ୍ସବରେ ସମ୍ମିଳିତ ସମସ୍ତଙ୍କୁ ଓଡିଆ, ହିନ୍ଦୀ ଏବଂ ଇଂରାଜୀରେ ସୁରକ୍ଷା ସମ୍ପର୍କିତ ସତର୍କତା ଅବଲମ୍ବନ ନିମନ୍ତେ ଶପଥପାଠ କରାଇଥିଲେ। ଉତ୍ସବ ପ୍ରାରମ୍ଭରେ ସ୍ୱାଗତ ଭାଷଣ ରଖିଥିଲେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନଚାର୍ଜ ଆଶା ଏସ୍ କର୍ତ୍ତା ଓ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଜିଏମ୍ ଅବକାଶ ବେହେରା ସଭିଙ୍କୁ ଧନ୍ୟବାଦ ଦେଇଥିଲେ। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ସହାୟକ ପ୍ରବନ୍ଧକ ନୀଳକଣ୍ଠ ସେଠୀ ଦିବସ ଦ୍ୱୟର ସଂଯୋଜନା କରିଥିଲେ। ଏନେଇ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କୁ ସୁରକ୍ଷା ବ୍ୟାଜ୍ ପିନ୍ଧା ଯାଇଥିଲା। ଏଥି ସହିତ ଉତ୍ସବରେ ପରିବହନ ବିଭାଗର ଜିଏମ୍ ଓ ଆର୍‌ଏସପିଏ ଅଧକ୍ଷ ଅବକାଶ ମଲ୍ଲିକ,ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ ସୁରକ୍ଷା କମିଟି ସଦସ୍ୟ ପିକେ ବେହେରା ମଧ୍ୟ ସୁରକ୍ଷା କୌଶଳ ଭିତ୍ତିକ ବକ୍ତୃତା ଦେଇଥିଲେ। ଆଗକୁ ସୁରକ୍ଷା ଭିତ୍ତିକ ଅଧିକ ଜ୍ଞାନକୌଶଳ ପ୍ରଦାନ ପାଇଁ ଚୁକ୍ତିଭିତ୍ତିକ ଠିକା ଶ୍ରମିକଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା।

## ଶୁଭାଶିଷ ମହାକୁଡ଼ଙ୍କ ଗୀତରେ ଝୁମିଲେ ଦର୍ଶକ

### ରାଉରକେଲା ଦିବସ ପାଳିତ

**ରାଉରକେଲା ଅଫିସ,୪।୩**



ରାଉରକେଲା ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସେକ୍ଟର-୧୭ସ୍ଥିତ ଟାଟା ପଡିଆରେ କାନଭାସ୍ ପରିବାର ପକ୍ଷରୁ ସୁରେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଉରକେଲା ଦିବସ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବକୁ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସମାଜସେବୀ ଆନନ୍ଦ ମହାନ୍ତି, ପୂର୍ବତନ ପୌରପାଳିକା ରଶ୍ମିବାଳା ମିଶ୍ର, ଓକିଲ ସଂଘର ସଭାପତି ସୁରେଶ ମାଝୀ, ସୁବ୍ରତ ପଟ୍ଟନାୟକ, ଏମ୍‌ଡି.ଗ୍ୟାସଉଦ୍ଦିନ ପ୍ରମୁଖ ଯୋଗଦେଇ ରାଉରକେଲା ସହରର ଐତିହ ଓ ସଂସ୍କୃତି ଗାରିମାକୁ ବଖାଣି ଥିଲେ। ଏହି ଉତ୍ସବରେ ଓଟିଭିର ପରିଚାଳନା ନିର୍ଦ୍ଦେଶିକା ଜାଗିମଙ୍ଗତ ପଣ୍ଡା ଅନୁପସ୍ଥିତ ଥିବାରୁ ତାଙ୍କ ଜିଲା ପ୍ରତିନିଧି ପବନ ତିୱାରୀ ଉତ୍କଳରତ୍ନ ସମ୍ମାନ ଗ୍ରହଣ କରିଥିଲେ। ସେହିଭଳି ମାତ୍ର ଏକ ଟଙ୍କାରେ ଚିକିତ୍ସା କରୁଥିବା ସମ୍ବଲପୁରର ଜଣାଶୁଣା ଚିକିତ୍ସକ ଡାକ୍ତର ରାମଚନ୍ଦ୍ରାନିଙ୍କୁ ଓଡ଼ିଶା ଗୌରବ ସମ୍ମାନ ଓ କ୍ରୀଡାକ୍ଷେତ୍ରରେ ଓଡିଶାର କ୍ରିକେଟରେ ଜଣାଶୁଣା ରାଉରକେଲାର ଖେଳାଳି ନଟରାଜ ବେହେରାଙ୍କୁ ରାଉରକେଲା ରତ୍ନ ଓ ରାଜୀବ ସିଂଙ୍କୁ ରାଉରକେଲା ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସହରରେ ଥିବା ସାହିତ୍ୟ ସାମାଜିକ ଅନୁଷ୍ଠାନ ଆଦର୍ଶ ପାଠାଗାରକୁ ରାଉରକେଲା ଗୌରବ ସହ ସ୍ୱର୍ଗତ ଆଇନଜୀବୀ ରମେଶ ବଳ ଓ ମନୋଜ ପ୍ରଧାନଙ୍କୁ ମରଣତ୍ତୋର କାନଭାସ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଉକ୍ତ କାର୍ଯ୍ୟକ୍ରମରେ ଓଡିଶାର ହାସ୍ୟ ଅଭିନେତା ପପୁ ପମ୍‌ପମ୍, ଗୀତିକାର ପଞ୍ଚାନନ ନାୟକ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ଶୁଭାଶିଷ ମହାକୁଡ, ପ୍ରଭୁପାଦ ମହାନ୍ତି, ଚିରାଗଦିପ ପଣ୍ଡା ପ୍ରମୁଖଙ୍କ ଦ୍ୱାରା ଶୁକ୍ରବାର ରାତି ସାଢେ ୧୧ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଶେଷକରି ଓଲିଉଡ ଗାୟକ ଶୁଭାଶିଷ ମହାକୁଡଙ୍କ ଆଧୁନିକ ଗୀତ 'ଷୋଳଟି ଫଗୁଣ ଆସି ତତେ ଛୁଇଁଗଲା ପରେ, ଏ ଗଉରା ଗୀତରେ ସହରବାସୀ ଝୁମିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆର.ଜେ କେ.ପି ଓ ଲିଜା ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବକୁ ସୁଧୀର ସୁନ୍ଦରରାୟ, ମିଟୁ ବେଉରିଆ, ପ୍ରଶାନ୍ତ ନାୟକ, ଦେବାଶିଷ ମହାନ୍ତିଙ୍କ ସମେତ କାନ୍‌ଭାସ୍‌ର ପ୍ରମୁଖ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।

**ଘର ହିଁ ବିଦ୍ୟାଳୟ ପ୍ରକଳ୍ପ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରିବାକୁ ଥିବା ଶିଶୁଙ୍କ ଅଭିଭାବକଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ଅଧ୍ୟକ୍ଷତା କରିଥିଲେ । ସୋପାନ ଗୀତ ଗାୟନ କରିଥିଲେ ଶିଶୁ ବାଟିକା ପ୍ରମୁଖ ରଞ୍ଜୁ ମିଶ୍ର । ପ୍ରୟୋଗିକ କାଳାଂଶ ତଥା ବିଷୟ ଉପସ୍ଥାପନା କରିଥିଲେ ପର୍ଯ୍ୟାୟ ପ୍ରମୁଖ ରସାନନ୍ଦ ତ୍ରିପାଠୀ । କାର୍ଯ୍ୟ ସଂଯୋଜନା କରିଥିଲେ ବିଜୟ ସରାଫ ।

## ବଲାଙ୍ଗୀରରେ ମୃତାଙ୍କ ପରିବାର ଲୋକଙ୍କୁ ବୁର୍ଲା ପୋଲିସର ପଚରାଉଚରା

### ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ମୃତ୍ୟୁ ଘଟଣା

**ବଲାଙ୍ଗୀର ଅଫିସ, ୪।୩**

ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁ ମୃତ୍ୟୁ ଘଟଣାର ତଦନ୍ତ କରୁଥିବା ବୁର୍ଲା ପୋଲିସର ଏକ ଟିମ୍ ଶନିବାର ବଲାଙ୍ଗୀର ପହଞ୍ଚି ମୃତାଙ୍କ ପରିବାରବର୍ଗଙ୍କୁ ପଚରାଉଚରା କରିଛି। ପୋଲିସ ଟିମ୍ ବଲାଙ୍ଗୀର ବିକ୍ରମ ଛକ ନିକଟ ଚିନ୍ମୟୀଙ୍କ ପୈତୃକ ଘରକୁ ଆସି ଆଲୋଚନା କରିଥିଲେ। ଚିନ୍ମୟୀଙ୍କ ସାଙ୍ଗସାଥୀ, ପାଠପଢ଼ା, ଭୁବନେଶ୍ୱର ରହଣୀ, ଅଟକ ପ୍ରୀତିମାନଙ୍କୁ କିଭଳି ଜାଣିଥିଲେ ସେ ବିଷୟରେ ମାତା ଲବଙ୍ଗ ସାହୁଙ୍କୁ ପଚରାଉଚରା କରିଥିଲେ। ଘଟଣା ଦିନ କ'ଣ ସବୁ କଥା ହୋଇଥିଲେ ସେ ବିଷୟରେ ପଚରାଉଚରା କରିଥିଲେ। ଏହି ସମୟରେ ଲବଙ୍ଗ ପୋଲିସକୁ କ'ଣ ସବୁ ତଦନ୍ତ କରାଯାଉଛି ପଚାରିଥିଲେ। ଚିନ୍ମୟୀଙ୍କ ମୋବାଇଲ ଫୋନ୍ ଅଭିଯୁକ୍ତଙ୍କ ପାଖରୁ ଜବତ ହୋଇଥିବାରୁ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଯାଇନାହିଁ ବୋଲି କହିଥିଲେ। ଚିନ୍ମୟୀଙ୍କ ପିତା ଡା ବନମାଳୀ ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିବାରୁ ପୋଲିସ ସହ ସେ କିଛି ବି କଥା ହୋଇପାରି ନ ଥିବା ଜଣାପଡିଛି।

ବିଭିନ୍ନ ପ୍ରଶ୍ନ କରିବା ପରେ ପୋଲିସ ଟିମ୍ ସେଠାରୁ ଫେରି ଯାଇଛନ୍ତି। ସନ୍ଧ୍ୟାରେ ବଲାଙ୍ଗୀର ଏସ୍‌ପି ଅଫିସରୁ ଡା ସାହୁଙ୍କ ଘରକୁ ସୂଚନା ଦିଆଯାଇ ତାଙ୍କ ପରିବାରରୁ କେହି ଜଣେ ସମ୍ବଲପୁର ଯିବାକୁ କହିଛନ୍ତି। ଚିନ୍ମୟୀ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୫ ଦିନ ଅତିବାହିତ ହୋଇଯାଇଥିଲେ ମଧ୍ୟ ମୃତ୍ୟୁ ରହସ୍ୟ ପୋଲିସ ଉନ୍ମୋଚନ କରି ପାରିନାହିଁ।

ମୃତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଚିନ୍ମୟୀଙ୍କୁ ସୁପରିକଳ୍ପିତ ଯୋଜନାରେ ହତ୍ୟା କରାଯାଇଛି। ଅଭିଯୁକ୍ତ ପ୍ରୀତିମାନଙ୍କ ପିତା ଓଡିଶା ସରକାରଙ୍କ ଗୃହ ବିଭାଗ ସଚିବ ସ୍ତରୀୟ ଅଧିକାରୀ ଥିବାରୁ ପୋଲିସ ତଦନ୍ତ ବାଟବଣା ହେବା ଆଶଙ୍କା ପରିବାର ପକ୍ଷରୁ କରାଯାଇଛି। ପୋଲିସ ଏପର୍ଯ୍ୟନ୍ତ କ'ଣ ତଦନ୍ତ କରୁଛି ସେ ସମ୍ପର୍କରେ ଚିନ୍ମୟୀଙ୍କ ପରିବାର ଲୋକଙ୍କୁ କୁହାଯାଉ ନ ଥିବାରୁ ତଦନ୍ତ କେଉଁ ଦିଗକୁ ଯାଉଛି ତାହା ଜଣାପଡୁନାହିଁ ବୋଲି ଚିନ୍ମୟୀଙ୍କ ବାପା ଡା ସାହୁ କହିଛନ୍ତି। ଘଟଣା ଦିନ ରାତି ପ୍ରାୟ ୮ଟାରେ ଚିନ୍ମୟୀ ସହ ପ୍ରୀତିମାନ୍ ଶେଷଥର ପାଇଁ ବୁର୍ଲାର ଏକ ଢ଼ାବାରେ ଦେଖାଯାଇଥିଲେ ଏବଂ ପ୍ରୀତିମାନ ଓ ଚିନ୍ମୟୀ ସେଠି ଭୋଜନ କରିଥିବା ପରିବାର ଲୋକେ କହିଛନ୍ତି। ଏପରିକି ସେଦିନର ରାତ୍ର ଭୋଜନ ପାଉଣା ଚିନ୍ମୟୀ ଦେଇଥିବା ପରିବାର ଲୋକ କହିଛନ୍ତି। ଏହି ଢ଼ାବାରୁ ସେ ବୁର୍ଲା ବସଷ୍ଟାଣ୍ଡକୁ ନଯାଇ କିଭଳି ଭାବେ ପିସି ବ୍ରିଜ୍ ପଟେ ଗଲେ ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ। ଚିନ୍ମୟୀଙ୍କୁ ହତ୍ୟା କରିବା ପରେ ପିସି ବ୍ରିଜ୍ ତଳକୁ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି।



ବଲାଙ୍ଗୀର ଘରେ ପୋଲିସ ଟିମ୍ ମୃତା ଚିନ୍ମୟୀଙ୍କ ମାତା ଲବଙ୍ଗ ସାହୁଙ୍କୁ ପଚରାଉଚରା କରୁଛନ୍ତି।

### ଫେସ୍‌ବୁକ୍ ଆକାଉଣ୍ଟ ବ୍ଲକ୍ କରିଛନ୍ତି ଅଟକ ଯୁବକ

ଚିନ୍ମୟୀ ପ୍ରିୟଦର୍ଶିନୀ ସାହୁ ମୃତ୍ୟୁ ଘଟଣା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପରିବାର ଲୋକେ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରିବା ପରେ ପୋଲିସ ବିଭିନ୍ନ ଦିଗକୁ ତଦନ୍ତ କରୁଛି। ଗତ ୨୮ ତାରିଖ ରାତି ପ୍ରାୟ ୯ଟା ୨୦ରେ ଚିନ୍ମୟୀଙ୍କୁ ତାଙ୍କ ମାତା ଲବଙ୍ଗ ସାହୁ ଫୋନ୍ କରିଥିଲେ। ଚିନ୍ମୟୀଙ୍କ ମୋବାଇଲ ଅନ୍ ହେବା ପରେ ଗରଗର ଶବ୍ଦ ଶୁଭିଥିଲା। ୧ ତାରିଖ ପାୱାର ଚେନାଲରୁ ଚିନ୍ମୟୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତଦେହ ଉଦ୍ଧାର ବେଳେ ଜଣେ ସନ୍ଦିଗ୍ଧ ଯୁବକଙ୍କୁ ପୋଲିସ ଅଟକ ରଖିଥିଲା। ସେଠାରୁ ମୋବାଇଲ ଫୋନ୍‌ରେ ସମ୍ପୃକ୍ତ ସନ୍ଦିଗ୍ଧ ଯୁବକ ଜଣକ ଅନ୍ୟ ଜଣେ ଯୁବକଙ୍କୁ ଫେସ୍‌ବୁକ୍ ଆକାଉଣ୍ଟ ବ୍ଲକ୍ କରିବାକୁ କହୁଥିବା ପୋଲିସ ଶୁଣିପାରି ତାଙ୍କୁ ଅଟକ ରଖିଥିଲେ। ଆଜି ଚିନ୍ମୟୀଙ୍କ ପରିବାର ସୂତ୍ରରୁ ମାନସ ଗୁରୁ ନାମକ ଯୁବକଙ୍କ ଫେସବୁକ୍ ଆକାଉଣ୍ଟ ବ୍ଲକ୍ ହୋଇଥିବା ଏବଂ ସେଥିରୁ ସବୁ ତଥ୍ୟ ଡିଲିଟ୍ ହୋଇଥିବା ସୂଚନା ଦିଆଯାଇଛି। ପରିବାର ଲୋକେ ଚିନ୍ମୟୀ ମୃତ୍ୟୁ ଘଟଣାକୁ ପୂର୍ବରୁ ଏକ ଯୋଜନାବଦ୍ଧ ହତ୍ୟା ବୋଲି କହିଛନ୍ତି। ଏନେଇ ଅଧିକ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରିବାକୁ ଦାବି କରିଛନ୍ତି। ଅନ୍ୟପଟେ ଲୋଇସିଂହା ବିଧାୟକ ଡା ମୁକେଶ ମହାଲିଙ୍ଗ ଆଜି ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଅଟକ ପ୍ରୀତିମାନ୍‌ଙ୍କ ବାପା ଗୃହବିଭାଗ ସଚିବ ସ୍ତର ଅଧିକାରୀ ହୋଇଥିବାରୁ ରାଜ୍ୟ ପୋଲିସର ତଦନ୍ତ ପ୍ରଭାବିତ ହେବା ଆଶଙ୍କ ରହିଛି ବଲାଙ୍ଗୀର ଝିଅ ଚିନ୍ମୟୀଙ୍କୁ ନ୍ୟାୟ ଦେବାକୁ ହେଲେ ସିବିଆଇ କିମ୍ବା ଏନ୍‌ଆଇଏ ତଦନ୍ତର ଆବଶ୍ୟକତା ରହିଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ପାଣିରେ ବୁଡ଼ି ଛାତ୍ର ମୃତ

**ବେଲପଡା,୪।୩ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ସୁଲେକେଲା କଟାରେ ଶନିବାର ମଧ୍ୟାହ୍ନରେ ଗାଧୋଉଥିବା ବେଳେ ପାଣିରେ ବୁଡି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଲେକେଲା ନୋଡ଼ାଲ ସ୍କୁଲର ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କ ପୁଅ ମୃତ୍ୟୁଞ୍ଜୟ(୧୪)। ବାଲେଶ୍ୱରର ପୂର୍ଣ୍ଣଚନ୍ଦ୍ର ମହାରଣା ଗତ ୮ ବର୍ଷ ହେବ ସୁଲେକେଲା ନୋଡ଼ାଲ ସ୍କୁଲରେ ଶିକ୍ଷକତା କରୁଛନ୍ତି ଏବଂ ପରିବାର ସହ ସୁଲେକେଲାରେ ରହୁଥିଲେ। ମୃତ୍ୟୁଞ୍ଜୟ ଧରମ ସିଂ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ଶନିବାର ସ୍କୁଲରୁ ଫେରିବା ପରେ ସୁଲେକଲା କଟାକୁ ଯାଇ ସାଙ୍ଗମାନଙ୍କ ସହ ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରି ବେଲପଡା ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



ମୃତ୍ୟୁଞ୍ଜୟ ମହାରଣା।

### ରେଳଷ୍ଟେଶନରେ ବ୍ୟାଟେରିଚାଳିତ ଗାଡ଼ିର ଶୁଭାରମ୍ଭ

**କଣ୍ଟାବାଞ୍ଜି,୪।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମାରୱାଡି ଯୁବାମଞ୍ଚ ବିକାଶ ଶାଖା ସ୍ଥାନୀୟ ରେଳ ଷ୍ଟେଶନକୁ ବ୍ୟାଟେରୀ ଚାଳିତ ଟେମ୍ପୁ ଶନିବାର ପ୍ରଦାନ କରିଛି । ଏହି ଗାଡି ଟିଟିଲାଗଡ ନିବାସୀ ସ୍ୱର୍ଗତ ସତ୍ୟବତୀଦେବୀ ଗୋୟଲଙ୍କ ସ୍ମୃତିରେ ତାଙ୍କ ସ୍ୱାମୀ ରାମବିଲାସ ଗୋୟଲ ଏବଂ ତାଙ୍କ ପରିବାର ଦାନ ଦେଇଛନ୍ତି। ଅନୁଷ୍ଠିତ ସଭାରେ ଏମ୍‌ପି ସଙ୍ଗୀତା କୁମାର ସିଂଦେଓ ମୁଖ୍ୟଅତିଥିଭାବେ ଯୋଗଦେଇ ବ୍ୟଶଟେରୀ ଚାଳିତ ଗାଡିର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାରୁୱାଡି ଯୁବାମଞ୍ଚ ପ୍ରାନ୍ତୀୟ ଅଧକ୍ଷ ନରେଶଜି ଅଗ୍ରୱାଲ, ପରାଗ ଜି ଅଗ୍ରୱାଲ, ରାଜୀବଜି ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କଣ୍ଟାବାଞ୍ଜି ଶାଖା ଅଧକ୍ଷ ଅନୁପ କୁମାର ଜୈନ, ସମ୍ପାଦକ ପିୟୁଷ ଜିନ୍ଦଲ ପରିଚାଳନା କରିଥିଲେ।

### ବ୍ଲକ କୃଷି କର୍ମଚାରୀ ନିଖୋଜ

■ଘରକୁ ଫେରି ଆସିବା ପାଇଁ ସ୍ତ୍ରୀଙ୍କ ଆକୁଳ ନିବେଦନ ଭିଡିଓ ଭାଇରାଲ

■ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ କରିଛି: ବ୍ଲକ କୃଷି ଅଧିକାରୀ

**ଦେଓଗାଁ,୪।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୃଷି ପରାମର୍ଶ କେନ୍ଦ୍ରର ଆତ୍ମା ଯୋଜନାରେ କାର୍ଯ୍ୟରତ ଜଣେ ସହକାରୀ ବୈଷୟିକ ମ୍ୟାନେଜର ଗତ ୧୦ଦିନ ହେଲା କାର୍ଯ୍ୟାଳୟକୁ ଆସୁନାହାନ୍ତି। ସେ ଘରକୁ ଫେରିଆସିବାପାଇଁ ତାଙ୍କ ସ୍ତ୍ରୀ ଆକୁଳ ନିବେଦନ କରୁଥିବା ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଏପରିକି ସେ ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ଦେଓଗାଁ ଥାନାରେ ଏତଲା ଦେଇଛନ୍ତି। ସମ୍ପୃକ୍ତ କର୍ମଚାରୀ ଦେବେନ୍ଦ୍ରନାଥ ଘଡେଇ ଗତ ୨୦୧୯ ମସିହାରୁ ଉକ୍ତ ବ୍ଲକରେ କାର୍ଯ୍ୟରତ ଅଛନ୍ତି । ସେ ଗତ ମାସ ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଛୁଟିରେ ଥିଲେ । ତାପରେ ସେ ଏବେ ସପ୍ତାହେ ହେବ କାର୍ଯ୍ୟରେ ଯୋଗ ଦେଇନାହାନ୍ତି । ଏପରିକି ତାଙ୍କ ସହିତ କୌଣସି ଯୋଗାଯୋଗ ମଧ ହୋଇପାରୁ ନ ଥିବା ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲ ସୂଚନା ଦେଇଛନ୍ତି । ଘଡେଇଙ୍କ ଘର କଟକ ଜିଲା ଓରତି ଗ୍ରାମରେ ହୋଇଥିବା ବେଳେ ବଲାଙ୍ଗୀର ତେଲିଗୋଠ ପଡାରେ ପରିବାର ସହିତ ଭଡା ଘରେ ରହୁଛନ୍ତି । ତେବେ ବିଭାଗ ପକ୍ଷରୁ ପରିବାର ଲୋକଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ସ୍ତ୍ରୀ ମଧ କୌଣସି ଖବର ପାଇପାରୁ ନ ଥିବା ସୂଚନା ଦେଇଛନ୍ତି । ଏ ସଂକ୍ରାନ୍ତରେ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିବା ବ୍ଲକ କୃଷି ଅଧିକାରୀ ପଟେଲ ସୂଚନା ଦେଇଛନ୍ତି ।



ଦେବେନ୍ଦ୍ରନାଥ ଘଡେଇଙ୍କ ଫାଇଲ ଫଟୋ ।

## ପଞ୍ଚୁ ପଟେଲ ସଭାପତି, ସତ୍ୟପ୍ରେମ ମାଝି ସମ୍ପାଦକ

### ଗୋଳାବାରୁଦ କାରଖାନା ମଜଦୁର ୟୁନିୟନର ନୂତନ କର୍ମକର୍ତ୍ତା

**ସଇଁତଳା, ୪।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବଡ଼ମାଳ ଗୋଳାବାରୁଦ କାରଖାନା ମଜଦୁର ୟୁନିୟନର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। କାରଖାନାସ୍ଥିତ ୱାର୍କମେନ କ୍ଲବଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତିଭାବେ ପଞ୍ଚୁ ପଟେଲ, ସାଧାରଣ ସମ୍ପାଦକ ଭାବେ ସତ୍ୟପ୍ରେମ ମାଝି ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରିଣୀ ସଭାପତିଭାବେ ମନୋଜ ଗୌଡ଼ା, ଉପସଭାପତି ପରମା ମହାନନ୍ଦ, ସାଧୁଚରଣ ବଗର୍ତ୍ତି, ରାଜକୁମାର ପ୍ରଧାନ, ସହସମ୍ପାଦକଭାବେ ବରୁଣ କୁମାର ନାୟକ, ଧର୍ମରାଜ ମହାନନ୍ଦ, ଗୁରୁଚରଣ ମାଝୀ, ସଚିନ ପ୍ରସାଦ, ପ୍ରଭୁ ଦୟାଲ ସୋରେନ, ସୁରେଶ ଦୀପ, କୋଷାଧ୍ୟକ୍ଷ ଭାବେ ସତ୍ୟବାନ ଗହୀର, ବିରଞ୍ଚି ମହାନନ୍ଦ, ଅବନୀ ପ୍ରଧାନ ମନୋନୀତ ହୋଇଛନ୍ତି। କର୍ମକର୍ତ୍ତା ନିର୍ବାଚନ କିମ୍ବା ଚୟନ ପ୍ରତ୍ୟେକ ଦୁଇବର୍ଷରେ ଅନୁଷ୍ଠିତ ହେଉଥିବାବେଳେ ମହାମାରୀ କରୋନା ପାଇଁ ୨୦୧୮ ମସିହାରୁ ଏହା ଅନୁଷ୍ଠିତ ହୋଇପାରି ନ ଥିଲା। ଏହି କାର୍ଯ୍ୟକ୍ରମରେ ମଜଦୁର ୟୁନିୟନ ଉପଦେଷ୍ଟା ତଥା ପୂର୍ବତନ ସଭାପତି ବିଶ୍ୱନାଥ ଭୋଇ, ମଧୁ ମଙ୍ଗଳ ନନ୍ଦ, ରାମଚନ୍ଦ୍ର କିସ୍କୁ, ରାଜଦୀପ ସରାଫ, କାର୍ଯ୍ୟ ସମିତି ସମ୍ପାଦକ ଜୟ ସିଂ ନାଏକ, କୋଅପରେଟିଭ ସୋସାଇଟି ସଭାପତି ସଞ୍ଜୟ ମୁଣ୍ଡ ଓ ଲିଙ୍ଗରାଜ ବୈଠାରୁ ପ୍ରମୁଖ ମଞ୍ଚାସୀନ ଥିଲେ।

## ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ

### ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

**ଟିଟିଲାଗଡ଼, ୪।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ କଲ୍ୟାଣ ମଣ୍ଡପରେ ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜଳସମ୍ପଦ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ଦୟାମୟ ପାଢ଼ୀ, ଜିଲା ପରିଷଦ ସିଇଓ ସୁଶାନ୍ତ ସିଂହ, ଜିଲା ସହରାଞ୍ଚଳ ବିକାଶ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁଦର୍ଶନ ସାଏ, ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ଡ଼ିପିୟୁଏମ ସଞ୍ଜୟ ଦୀପ, ଟିଟିଲାଗଡ଼ ପୌରପରିଷଦ ଅଧ୍ୟକ୍ଷା ମମତା ଜୈନ, ଉପାଧ୍ୟକ୍ଷା ପୁଷ୍ପାମଞ୍ଜରି ଜାଲ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟା ଗୀତା ବିଶି ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରୀଷ୍ମଋତୁ ଆରମ୍ଭ ହୋଇଥିବା ଯୋଗୁ ପ୍ରଥମେ ପାନୀୟ ଜଳ ଯୋଗାଣ ଉପରେ ଆଲୋଚନା ହୋଇଥିଲା। ଏସଇ ଆରଡବ୍ଲୁଏସଏସ ଗ୍ରାମାଞ୍ଚଳରେ ପାନୀୟ ଜଳ ପ୍ରକଳ୍ପ କାମ ଯାହା ବାକି ରହିଛି ଏଇ ମାସ ଶେଷ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ସହରାଞ୍ଚଳ ଟିଟିଲାଗଡ଼, ତୁଷରାକୁ ପାନୀୟ ଜଳ ଯୋଗାଣ ପାଇଁ ଅର୍ଥ ବ୍ୟବସ୍ଥା ହୋଇଥିବା ବେଳେ ଏହି କାର୍ଯ୍ୟ ପାଇଁ କେତେ କାମ ଆଗେଇଛି ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବାକୁ ମନ୍ତ୍ରୀ କହିଥିଲେ। କୁମୁଡା ପାହାଡ଼ରେ ବନୀକରଣ କାର୍ଯ୍ୟ ଉପରେ ଜଙ୍ଗଲ ବିଭାଗ କର୍ମଚାରୀ ଉପସ୍ଥିତ ରହି ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଏହି ବୈଠକରେ ଟିଟିଲାଗଡ଼, ସଇଁତଳା , ଗୁଡ଼ଭେଲା ବିଡ଼ିଓ, ଟିଟିଲାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ତୁଷରା ଏନଏସି ନିର୍ବାହୀ ଅଧିକାରୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ଉଠା ଜଳସେଚନ, ଆଇସିଡ଼ିଏସ, ଟାଟା ପାୱାର, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ, ତହସିଲଦାର ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ବିଭାଗର ବିବରଣୀ ପ୍ରଦାନ ପରେ ମନ୍ତ୍ରୀ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକୁ ଅବିଳମ୍ବେ ଶେଷ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ।




ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକରେ ମନ୍ତ୍ରୀଙ୍କ ସହିତ ଉପସ୍ଥିତ ଅଧିକାରୀ।

## ୨୪ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ସଇଁତଳା,୪।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ହାଟପଦାଠାରେ ୨୪ ପ୍ରହର ନାମଯଜ୍ଞ ଆସନ୍ତା ୫ ତାରିଖରୁ ଆରମ୍ଭ ହେବ । ଏଥଇପାଇଁ ଶନିବାର ସକାଳେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ହାଟପଦାଠାରୁ ଶତାଧିକ ମହିଳା ଓ ପୁରୁଷ ୧୦୮ କଳସ ନେଇ ସ୍ଥାନୀୟ ନୁଆଁବନ୍ଧକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ ଜଳ କଳସ ଆଣି ପ୍ରହରୀ ମଣ୍ଡପରେ ସ୍ଥାପନ କରିଥିଲେ। ସଇଁତଳା କିର୍ତ୍ତନ ମଣ୍ଡଳୀ ତରଫରୁ ଆୟୋଜିତ ହେଉଥିବା ଏହି ନାମ ସଂକୀର୍ତ୍ତନ୍ୟରେ କିରଣ ମିଶ୍ର, ନବଘନ ଷଡ଼ଙ୍ଗୀ, ମାନସ ମିଶ୍ର ଓ ଧ୍ରୁବ ଚରଣ ଯୋଷୀ ପୂଜକ ଭାବେ କାର୍ଯ୍ୟ କରିବେ। ସୀତାରାମ ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ କୁମୁଦିନୀ ପଟ୍ଟନାୟକ କର୍ତ୍ତାକର୍ତ୍ତା ଦାୟିତ୍ୱ ନିର୍ବାହ କରିବେ ବୋଲି କମିଟି ତରଫରୁ ଜଣାଯାଏ। କଳସ ଯାତ୍ରା ସମୟରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ, ଆୟୋଜକ କମିଟିର ଦୁର୍ବାଦଳ ପଶାୟତ, ସର୍ବେଶ୍ୱର ଦଣ୍ଡସେନଙ୍କ ସମେତ ଶତାଧିକ ଜନସାଧାରଣ ଭାଗ ନେଇଥିଲେ।



ନାମଯଜ୍ଞ ପାଇଁ ବାହାରି ଥିବା କଳସ ଶୋଭାଯାତ୍ରା।

## କୃଷି ପରାମର୍ଶ କେନ୍ଦ୍ରରେ ବୈଷୟିକ ଦଳ ବୈଠକ

**ଦେଓଗାଁ,୪।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୃଷି ପରାମର୍ଶ କେନ୍ଦ୍ରରେ ଶନିବାର ବ୍ଲକ ବୈଷୟିକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜଗବନ୍ଧୁ ପଟେଲଙ୍କ ଆବାହକତ୍ୱ ତଥା ଅମୂଲ୍ୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରାଣୀଧନ ଚିକିତ୍ସକ ଡା. ସୁନିତା ବେହେରା, ମୃତ୍ତିକା ସଂରକ୍ଷଣ ବିଭାଗର ଯନ୍ତ୍ରୀ ଗୌରହରି ଜୁଆଡି, ଆତ୍ମାର ବିଟିଏମ ସୌମ୍ୟଶକ୍ତି ଦାଶ, ଏଟିଏମ ପ୍ରାଣବନ୍ଧୁ ରାଉତ ଓ ପ୍ରଶାନ୍ତ କୁମାର ବହିଦାର ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ଉପରେ ଅଲୋକପାତ କରିଥିଲେ। ଏହି ଅବସରରେ ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ ଯୋଗଦେଇ ନିରନ୍ତର କୃଷି ପଦ୍ଧତି ଉପରେ ଅବଗତ କରିବାସହ ଜୀବାମୃତ, ନିମ୍ବ ଗୋମୂତ୍ର ଅର୍କ ପ୍ରସ୍ତୁତି ପ୍ରକ୍ରିୟା ଉପରେ ଧାରଣା ପ୍ରଦାନ କରିଥିଲେ । ବୈଠକରେ ବ୍ଲକର ସମସ୍ତ କୃଷି କର୍ମଚାରୀ ଉପସ୍ଥିତ ଥିଲେ।



କୃଷି ପରାମର୍ଶ କେନ୍ଦ୍ରରେ ଅନୁଷ୍ଠିତ ବୈଠକରେ ବୈଷୟିକ ଦଳ ସଦସ୍ୟ।

## ଏସ୍‌ପି ଅଫିସ ସମ୍ମୁଖରେ ଭାଜପାର ଧାରଣା

### ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ

**ବଲାଙ୍ଗୀର ଅଫିସ, ୪।୩**

ଓଡ଼ିଶା ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବଲାଙ୍ଗୀର ଜିଲା ଭାଜପା ପକ୍ଷରୁ ନିନ୍ଦା କରାଯାଇଛି। ଶନିବାର ସ୍ଥାନୀୟ ଏସପି ଅଫିସ ସମ୍ମୁଖରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରାଯାଇଥିଲା। ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କ ସମେତ ବହୁ ଦଳୀୟ ପଦାଧିକାରୀ ଏବଂ କର୍ମୀ ଯୋଗଦାନ କରିଥିଲେ। ଭୁବନେଶ୍ୱରଠାରେ ଭାଜପା ଯୁବମୋର୍ଚ୍ଚା କର୍ମୀଙ୍କୁ ବିଜେଡି ଇଙ୍ଗିତରେ ପୋଲିସ ଯେଉଁ ପ୍ରକାର ହିଂସାତ୍ମକ ଆକ୍ରମଣ କରିଥିଲା ତାହାର ନିନ୍ଦା କରାଯାଇଥିଲା। ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ପୋଲିସ ଓଲଟା ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରୁଥିବା ଯୁବମୋର୍ଚ୍ଚା କର୍ମୀଙ୍କ ବିରୋଧରେ କଡା ଦଫା ଲଗାଇବା ରାଜ୍ୟର ଆଇନଶୃଙ୍ଖଳାର ବିଫଳତାକୁ ଇଙ୍ଗିତ କରୁଛି ବୋଲି କହିଥିଲେ। ପୂର୍ବତନ ମନ୍ତ୍ରୀ ସିଂଦେଓ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରି ଆଇନକାନୁନକୁ ଅଚଳ କରିବାକୁ ସରକାରୀ ସ୍ତରରେ ଉଦ୍ୟମ କରାଯାଉଛି ବୋଲି କହିଥିଲେ। ମନ୍ତ୍ରୀ ନବ ଦାସ ହତ୍ୟା ମାମଲାକୁ ଦିଗହରା କରିବାକୁ ଉଦ୍ୟମ କରାଯାଉଛି। ପୂର୍ବରୁ ମମିତା ହତ୍ୟାକାଣ୍ଡ, କୁନ୍ଦୁଳି ଏବଂ ପରୀ ହତ୍ୟାକାଣ୍ଡରେ ଯେଉଁ ମନ୍ତ୍ରୀ ଏବଂ ଅଭିଯୁକ୍ତ ସାମିଲ ଥିଲେ ତାଙ୍କୁ ଘଣ୍ଟଘୋଡାଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ବଲାଙ୍ଗୀର ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ଉଦ୍‌ବେଗଜନକ ସ୍ତରକୁ ଆସିଲା ପରେ ବି ପୋଲିସ କିଛି କରୁନାହିଁ ବୋଲି କହିଥିଲେ। ଲୋଇସିଂହା ବିଧାୟକ ଡ. ମହାଲିଙ୍ଗ ଭାଜପା କର୍ମୀଙ୍କ ପ୍ରତି ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ତୀବ୍ର ନିନ୍ଦା କର ନବ ଦାସ ହତ୍ୟା ମାମଲାକୁ ଚପାଇ ଦେବାକୁ ରାଜ୍ୟ ସରକାରଙ୍କ ଏହା ଏକ ଚାଲ ବୋଲି କହିଥିଲେ। ବରିଷ୍ଠ ନେତା ଭାଜପା ନେତୃମଣ୍ଡଳୀ ଏସ୍‌ପି ନୀତିନ କୁଶଲକରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଙ୍କଜିନୀ ପଣ୍ଡା, ପ୍ରଭାସ ପାଣିଗ୍ରାହୀ, ଦୀନେଶ ଶର୍ମା, ଜିଲା ପରିଷଦ ସଦସ୍ୟ ଶିବଦତ୍ତ ମିଶ୍ର, ନରସିଂ ସିଂ, ଅମିତ ସିଂନୀନା, ଅକ୍ଷୟ ରଣା, ନବୀନ ଜୈନ, ରଞ୍ଜିତା ପାଣିଗ୍ରାହୀ, ରଶ୍ମିରେଖା ଦାନୀ, ଅନିମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବଲାଙ୍ଗୀର ଏସ୍‌ପି ଅଫିସ ସମ୍ମୁଖରେ ଧାରଣା ଦେଇଥିବା ଭାଜପା ନେତା ଓ କର୍ମୀ।

## ସଂକ୍ଷେପରେ

### ଘୁଡୁଘୁଡିପଟି ଚଢ଼ାଉ, ୨ ଗିରଫ

ପଦ୍ମପୁର, ୪।୩ (ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଥାନା ଅଧୀନ ଢୋଲବନ୍ଧ ଗ୍ରାମରେ ଘୁଡୁଘୁଡି ପଛି ଖେଳ ହେଉଥିଲା। ଥାନା ଅଧିକାରୀ ରାଜେନ୍ଦ୍ର ସିଅଲ ଏକ ଟିମ ଗଠନ କରି ଅତର୍କିତ ଚଢ଼ାଉ କରିଥିଲେ। ସେଠାରେ ଚାଲିଥିବା ଜୁଆ ଖେଳର ମୁଖ୍ୟ ବିଜେପୁର ଥାନା ବୈରଖପାଲିର ଟୁନୁ ମେହେର, ଜମଲାର ସନ୍ତୋଷ ମେହେରଙ୍କୁ କାବୁ କରାଯାଇଥିଲା।ସେମାନଙ୍କଠାରୁ ନଗଦ ୮୧୦୦ଟଙ୍କା, ଗୋଟି, ପଛି, ଦୁଇଟି ମୋବାଇଲ ଜବତ କରାଯାଇଛି। ଏକ ମାମଲା(୬୨/୨୩) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ଟିମରେ ସବ ଇନ୍ସପେକ୍ଟର ମନୋଜ ବେହେରା, ଏଏସଆଇ ଏ.ରାଜେଶ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

### ଡୁମ୍ବେରବାହାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଇକମାଳ, ୪।୩(ଡି.ଏନ.ଏ.): ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଡୁମ୍ବେରବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ହୃଷୀକେଶ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍କୁଲ ପରିଚାଳନା କମିଟି ସଭାପତି ବନବସ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାମଗ୍ରିକ ବିକାଶରେ ଶିକ୍ଷାର ଆବଶ୍ୟକତା ଏବଂ ଶିକ୍ଷକ, ମାତାପିତାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ସୁଦାମ କନ୍ଧେର, ଡେଜଲିଂ ଦନ୍ତା, ସୋତମ ଛତର, ଶିକ୍ଷୟିତ୍ରୀ କୌଶଲ୍ୟା ପ୍ରଧାନ ଓ ତପସ୍ୱିନୀ ପାଣ୍ଡେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ବରଗଡ଼ ଗସ୍ତକୁ ପ୍ରଦୀପଙ୍କ ବିରୋଧ

ବରଗଡ଼ ଅଫିସ୍,୪।୩: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ବରଗଡ଼ ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ପୂର୍ବରୁ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚାର ସଭାପତି ତଥା ପଦ୍ମପୁରର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ଏକ ପ୍ରେସ ବିବୃତିରେ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶ୍ନ ଉଠାଇ ମୁଖ୍ୟମନ୍ତ୍ରୀଙ୍କୁ ଉତ୍ତର ମାଗିଛନ୍ତି। ସେ ଏହି ବିବୃତିରେ ଉଲ୍ଲେଖ କରିଛନ୍ତି, ୨୦୧୬ ମସିହା ସୋହେଲା ସମାବେଶରେ ମୁଖ୍ୟମନ୍ତ୍ରୀ ଧାନ କୁଇଣ୍ଟାଲ ପ୍ରତି ଚାଷୀଙ୍କୁ ୧୦୦ ଟଙ୍କା ଲେଖାଏ ଦିଆଯିବ ବୋଲି ଘୋଷଣା କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଜିଲାର କୌଣସି ଚାଷୀଙ୍କୁ ତାହା ମିଳିପାରି ନାହିଁ। ସେହିପରି ସେତେବେଳେ ପର୍ଯ୍ୟାୟକ୍ରମେ ୭ବର୍ଷ ମଧ୍ୟରେ ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ୩୫ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ତେବେ କେତେ ଚାଷୀଙ୍କୁ ବୋନସ ମିଳିଲା ଏବଂ ପଶ୍ଚିମ ଓଡ଼ିଶାର ବିକାଶ ପାଇଁ କେତେ କୋଟି ଖର୍ଚ୍ଚ କରିଛନ୍ତି ମୁଖ୍ୟମନ୍ତ୍ରୀ ତାଙ୍କ ରବିବାର ଗସ୍ତରେ ଉତ୍ତର ରଖନ୍ତୁ ବୋଲି ପୁରୋହିତ କହିଛନ୍ତି। ସେହିପରି ବିଜୁ ଏକ୍ସପ୍ରେସ ୱେ ରାସ୍ତାରେ ଯେତେସବୁ ପୋଲ ନିର୍ମାଣ ହୋଇଛି ଏବଂ ଜାତୀୟ ରାଜପଥରେ କେନ୍ଦ୍ର ସରକାର ଟଙ୍କା ଖର୍ଚ୍ଚ କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ବିଜୁ ଏକ୍ସପ୍ରେସ ୱେର ଉଦ୍‌ଘାଟନ ସମୟରେ କେନ୍ଦ୍ରମନ୍ତ୍ରୀଙ୍କୁ ସାମିଲ ନ କରି ଦ୍ୱିତୀୟଥର ପାଇଁ ଏହାକୁ ଉଦ୍‌ଘାଟନ କରିବା ଦୁର୍ଭାଗ୍ୟଜନକ ବୋଲି ପୁରୋହିତ କହିଛନ୍ତି ।

# ମୁଖ୍ୟ କେନାଲରେ ଛଡ଼ାଗଲା ପାଣି

ବରଗଡ଼ ଅଫିସ୍,୪।୩

ବରଗଡ଼ ଜିଲା କମଗାଁ ଏବଂ କଟାପାଲି ମଧ୍ୟରେ ରହିଥିବା ଦନ୍ତାନଦୀ ଜଳ ପ୍ରବାହ ନିକଟରେ ଏକ ଗର୍ତ୍ତ ହୋଇଥିବା ଯୋଗୁ ଗତ ୮ଦିନ ହେଲା ମୁଖ୍ୟ କେନାଲରେ ଜଳ ଯୋଗାଣ ବନ୍ଦ ରହିଥିଲା। ଫଳରେ ଏହି କେନାଲ ଉପରେ ନିର୍ଭର କରୁଥିବା ବରଗଡ଼ ଓ ପଡ଼ୋଶୀ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଅଞ୍ଚଳର ପ୍ରାୟ ୧ଲକ୍ଷ ୩୦ହଜାର ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିଲା। ମରାମତି କରାଯିବା ପରେ ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ କେନାଲରେ ପାଣି ଛଡ଼ା ଯାଇଛି। କେନାଲ ପାଣି ଛଡ଼ାଯିବା ପରେ ଚାଷୀଙ୍କୁ କିଛିଟା ଆଶ୍ୱସ୍ତି ମିଳିଛି, ମାତ୍ର ତଳମୁଣ୍ଡକୁ ପାଣି ପହଞ୍ଚିବା ବିଳମ୍ବିତ ହେବା ଆଶଙ୍କା କରି ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଧାନ ଫସଲ ରକ୍ଷା ନେଇ ଏବେ ମଧ୍ୟ ଚିନ୍ତିତ ଅଛନ୍ତି । ୮୪କି.ମି ଦୀର୍ଘ ବରଗଡ଼ ମୁଖ୍ୟ କେନାଲ ହୀରାକୁଦ ଜଳଭଣ୍ଡାରର ଜିରୋ ଆର.ଡ଼ିରୁ ବାହାରି ଥିବାବେଳେ ଏହି କେନାଲ ମଧ୍ୟରେ ବୁର୍ଲା, ବରଗଡ଼ ଏବଂ ବରପାଲି ଡିଭିଜନ ରହିଛି । ତେବେ ଗତମାସ ୨୩ତାରିଖ ରାତ୍ରିରେ କମଗାଁ ଏବଂ କଟାପାଲି ମଧ୍ୟରେ ରହିଥିବା ଦନ୍ତାନଦୀ ଜଳ ପ୍ରବାହ ନିକଟରେ ଏକ ଗର୍ତ୍ତ ସୃଷ୍ଟି ହୋଇ କେନାଲ ପାଣି ଜୀରାନଦୀରେ ମିଶୁଥିଲା । ଫଳରେ ଗତମାସ ୨୪ତାରିଖରୁ କେନାଲରେ ପାଣି ଯୋଗାଣ ବନ୍ଦ କରି ସେଠାରେ ମରାମତି ଚାଲୁଥିଲା । ଚାଷୀମାନେ ଧାନ ଫସଲରେ ସାର, କୀଟନାଶକ ମାରି ଜମିରୁ ପାଣି ଛାଡ଼ି ଦେଇଥିବା ସମୟରେ ହଠାତ୍ କେନାଲ ପାଣି ବନ୍ଦ ହୋଇଯାଇ ଥିବା ଯୋଗୁ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଥିଲେ ।


ବରଗଡ଼ ମୁଖ୍ୟ କେନାଲରେ ପାଣି ଛଡ଼ାଯାଉଛି ।

# ଯୁବ ସମ୍ବାଦ ଭାରତ ପାଇଁ ହେବ ସିବିଓ ମନୋନୟନ

ବରଗଡ଼ ଅଫିସ୍,୪।୩

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଆସନ୍ତା ଏପ୍ରିଲ ୧ରୁ ୩୧ତାରିଖ ମଧ୍ୟରେ ଯୁବ ସମ୍ବାଦ ଭାରତ-୨୦୪୭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଏବଂ ନେହେରୁ ଯୁବକେନ୍ଦ୍ର ସଂଗଠନର ମିଳିତ ସହଯୋଗରେ ଦୀର୍ଘ ଏକମାସ ଧରି ପ୍ରତି ଜିଲାରେ ପ୍ରଧାନମନ୍ତ୍ରୀଙ୍କ ପଞ୍ଚପ୍ରାଣ ମନ୍ତ୍ର ଅନୁସାରେ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜିଲାର ବିଭିନ୍ନ କମ୍ୟୁନିଟି ଆଧାରିତ ସଂଗଠନ(ସିବିଓ) ଗୁଡ଼ିକୁ ନେଇ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ଦେଶର ଭବିଷ୍ୟତକୁ ନେଇ ସକରାତ୍ମକ ସୃଷ୍ଟି ପାଇଁ ପ୍ରେରଣାଦାୟୀ ବକ୍ତୃତାମାଳା ଆୟୋଜନ କରାଯିବ। ଜିଲାର ସପ୍ତାଗୃହଗୁଡ଼ିକରେ ବିଭିନ୍ନ ବର୍ଗର ସଚେତନଶୀଳ ବ୍ୟକ୍ତି, ବୁଦ୍ଧିଜୀବି ତଥା ଜ୍ଞାନୀଗୁଣୀ ବ୍ୟକ୍ତିଙ୍କ ଉପସ୍ଥିତିରେ ହେବାକୁ ଥିବା ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଯୁବତୀ, ଯୁବକ ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମ ଆୟୋଜକମାନଙ୍କୁ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ଯୋଗାଇ ଦେବାର ପ୍ରାବଧାନ ରହିଛି। ଏଥିପାଇଁ ଆବେଦନ କରିବାକୁ ଇଚ୍ଛା ପ୍ରକାଶ କରୁଥିବା ସିବିଓ କେବଳ ଅଣରାଜନୈତିକ, ବିଚ୍ଛିନ୍ନତାବାଦୀ ହୋଇ ଯୁବ ସମ୍ବାଦ କାର୍ଯ୍ୟକ୍ରମ ପରିଚାଳନାରେ ପର୍ଯ୍ୟାପ୍ତ ସାଂଗଠାନିକ ଶକ୍ତି ହୋଇଥିବେ ଏବଂ ସେମାନଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ବିଚାରାଧିନ ନ ଥିବ । ଏହି କାର୍ଯ୍ୟକ୍ରମ ପାଇଁ ପ୍ରତିଜିଲାରେ ୩ଟି ସିବିଓ ଚୟନ କରାଯିବ । ଆବଶ୍ୟକ ମାନଦଣ୍ଡ ଥିବା ସିବିଓ ବରଗଡ଼ ନେହେରୁ ଯୁବକେନ୍ଦ୍ରରୁ ଉଦ୍ଦିଷ୍ଟ ଫର୍ମ ନେଇ ଆବେଦନ କରିବାକୁ ଅନୁରୋଧ କରାଯାଇଛି।

# ନାରୀ ଶିକ୍ଷିତ ହେଲେ ଦେଶ ଆଗେଇବ


ବାର୍ଷିକ ଉତ୍ସବ ସଭାରେ ମଞ୍ଚାସୀନ ଅତିଥି ।

### ମାଣ୍ଡୋସିଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ପାଇକମାଳ, ୪।୨(ଡି.ଏନ.ଏ.)

ନାରୀ ଶିକ୍ଷିତ ଓ ସଚେତନ ହେଲେ ଦେଶ ଆଗେଇବ। ଏଣୁ ନାରୀଙ୍କୁ ଭଲଶିକ୍ଷା ଦେବାକୁ ହେବ। ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ସପ୍ତଦଶ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହି ମତ ପୋଷଣ କରିଛନ୍ତି। ସ୍କୁଲ ପରିସରରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଗୋକୁଳାନନ୍ଦ ଡନସନା ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପାଇକମାଳ ବିଇଓ ଚୂଡାମଣି ବାରିକ, ମୁଖ୍ୟବକ୍ତା ଅଧ୍ୟାପକ ସନ୍ତୋଷ ସିଂ ଠାକୁର, ସମ୍ମାନୀତ ଅତିଥି କବିରତ୍ନ କୃଷ୍ଣଚନ୍ଦ୍ର ଭୋଇ, ସରପଞ୍ଚ ଓମପ୍ରକାଶ ନାୟକ, ଶିକ୍ଷକ ରାଧେଶ୍ୟାମ ପଟେଲ, ପ୍ରଧାନଶିକ୍ଷକ ପ୍ରଭାତ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଜୟସ୍ମିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନଶିକ୍ଷକ ପ୍ରଭାତ ମିଶ୍ର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ କିପରି ଉନ୍ନତି ହେବ ତାହା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ବାର୍ଷିକ ପତ୍ରିକା 'ଅନନ୍ୟା'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ଅତିଥିମାନେ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜୟାନନ୍ଦ ପଟ୍ଟନାୟକ, ସସ୍ମିତା ରଣା, ଋଷଦେବ ରଣା, କମଳା ସାହୁ, ଧନମତି ପ୍ରଧାନ, ଜାମା ବରିହା, ଅଜିତ ପ୍ରଧାନ, ତୁଷାରିକା ମହାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଝରଣା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ମାହେଶ୍ୱରୀ ଖମ୍ବ ସ୍ଥାପନ ଉତ୍ସବ ଉଦ୍‌ଯାପିତ

ଭେଡେନ, ୪।୩(ଡି.ଏନ.ଏ.)

ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟଲି ପଞ୍ଚାୟତ ଅର୍ନ୍ତଗତ ଦେଶ ପର୍ଥଲା ଗ୍ରାମରେ ତିନିଦିନ ଧରି ଚାଲିଥିବା ମାହେଶ୍ୱରୀଙ୍କ ନୂତନ ଖମ୍ବ ସ୍ଥାପନ ମହୋତ୍ସବ ମହିଷାସୁର ବଧ ସହ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସନାତନ ମିଶ୍ର, ନାରାୟଣ ଦାଶ, ପଞ୍ଚାନନ ଦାଶ, ଦେବରାଜ ଦନ୍ତା ସସ୍ତ୍ରୀକ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଚାଲିଥିବା ମହିଷାସୁର ରାଜ୍ କାର୍ଯ୍ୟକ୍ରମର ଶେଷ ଦିନରେ ରତ୍ନଗିରି ପାହାଡରେ ମା' ଦୁର୍ଗାଙ୍କ ହସ୍ତରେ ଚଣ୍ଡ ମୁଣ୍ଡ, ଶୁମ୍ଭ, ନିଶୁମ୍ଭ ବଧ ହୋଇଛନ୍ତି। ଏଡି ଖବର ପାଇ ମହିଷାସୁର ମର୍ମାହତ ହୋଇ ଶାଳକ ରକ୍ତବୀର୍ଯ୍ୟଙ୍କୁ ଯୁଦ୍ଧକ୍ଷେତ୍ରକୁ ପଠାଇଥିଲେ। ଶେଷରେ ସେ ମଧ ଦୁର୍ଗାଙ୍କ ହସ୍ତରେ ବଧ ହୋଇଥଇଲେ। ଅନ୍ୟନୋପାୟ ହୋଇ ମହିଷାସୁର ନିଜେ ଯୁଦ୍ଧକ୍ଷେତ୍ରକୁ ଯାଇ ମା' ଦୁର୍ଗାଙ୍କ ହାତରେ ବଧ ହେବା ଦୃଶ୍ୟ ଅଭିନୀତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଅତାବିରା ବିଧାୟିକା ସ୍ନେହାଙ୍ଗିନି ଛୁରିଆ ଅତିଥିଭାବେ ଯୋଗ ଦେଇଥିଲେ ।

# ଜାତୀୟ ଏକତା ଶିବିରରେ ବିକାଶ ଛାତ୍ର

ବରଗଡ଼ ଅଫିସ,୪।୩


ରାକେଶ ମହାପାତ୍ର ।

କେରଳର ୱାୟନାଡ୍‌ରେ ହେବାକୁ ଥିବା ଏନ.ଏସ.ଏସ ଜାତୀୟ ଏକତା ଶିବିରରେ ଭାଗ ନେବାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ.ଏସ.ଏସ ଦ୍ୱାରା ୧୦ଛାତ୍ରୀଛାତ୍ରଙ୍କ ନାମ ଚୟନ କରାଯାଇଛି। ଏହି ତାଲିକାରେ ବିକାଶ ଡିଗ୍ରୀ କଲେଜର ବିଜ୍ଞାନ ବିଭାଗ ଛାତ୍ର ରାକେଶ ମହାପାତ୍ରଙ୍କ ନାମ ରହିଛି ବୋଲି ବିକାଶ ଗ୍ରୁପର ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା ସୂଚନା ଦେଇଛନ୍ତି। ଟିଟିଲାଗଡ଼ ନିବାସୀ କିଶୋର କୁମାର ମହାପାତ୍ରଙ୍କ ପୁଅ ରାକେଶ ବିଜ୍ଞାନ ବିଭାଗରେ ଗଣିତ ଶାସ୍ତ୍ର ସମ୍ମାନ ଅଧ୍ୟୟନ କରୁଥିବାବେଳେ ନାଟ୍ୟ ନିର୍ଦ୍ଦେଶନା, କଳା ତଥା ଅଭିନୟରେ ମଧ୍ୟ ତାଙ୍କ ରଚି ରହିଛି। ସେହି ଶିବିରରେ ରାକେଶ ସ୍ଥାନ ପାଇଥିବା ଯୋଗୁ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର.ଏସ.ଭି କ୍ରିଷ୍ଣା, ଏକଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ପ୍ରୋଗ୍ରାମ ଅଫିସର ରଜତ ପାଣିଗ୍ରାହୀ ପ୍ରମୁଖ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଡ୍ରାଇଭର ସଂଘର ଧର୍ମଘଟ ଚେତାବନୀ


ଜିଲାପାଳଙ୍କୁ ଫେରାଦ ହୋଇଥିବା ଡ୍ରାଇଭର ସଂଘର ପ୍ରତିନିଧିବୃନ୍ଦ।

ବରଗଡ଼ ଅଫିସ୍,୪।୩

ରାଜ୍ୟ ସରକାର ଡ୍ରାଇଭରଙ୍କ ଦାବି ସମୂହକୁ ଅଣଦେଖା କରୁଥିବା ଅଭିଯୋଗ କରିଛି। ଏଭଳି ଅଭିଯୋଗ କରି ଓନିଶା ଡ୍ରାଇଭର ସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଡ୍ରାଇଭରଙ୍କ ପାଇଁ ବୀମା, ରାସ୍ତାରେ ଆଶ୍ରୟସ୍ଥଳୀ ନିର୍ମାଣ, ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଆଦି ଦାବି ନେଇ ସଂଘ ପକ୍ଷରୁ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର ସରକାର କେବଳ ଦିନ ଗଡ଼ାଇ ଚାଲିଥିବାବେଳେ କିଛି ସୁଫଳ ମିଳି ନଥିବା ସଂଘ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଆସନ୍ତା ୧୫ତାରିଖରୁ ଡ୍ରାଇଭରମାନେ ଧର୍ମଘଟ ଏବଂ ଅଖଚକ ବନ୍ଦ କରିବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ସଂଘର ବରଗଡ଼ ଜିଲା ଶାଖାର ଉପସଭାପତି ରବିନ୍ଦ୍ର ନାଏକ, କୋଷାଧ୍ୟକ୍ଷ ସୁମନ୍ତ ମେଣ୍ଟୁଲି ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷାନୁଷ୍ଠାନରୁ ମିଳିଥାଏ ଆଗକୁ ବଢ଼ିବାର ପ୍ରେରଣା

### ରାଣାପ୍ରତାପ ସ୍କୁଲର ବାର୍ଷିକ ଉତ୍ସବ

ବରଗଡ଼ ଅଫିସ୍,୪।୩

ବରଗଡ଼ ରାଣାପ୍ରତାପ ସ୍କୁଲର ବାର୍ଷିକ ଉତ୍ସବ ପ୍ରେରଣା-୨୦୨୩ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ନିଃସ୍ୱାର୍ଥପର ସେବା, ଚରିତ୍ର ଗଠନ ସହିତ ଜୀବନର ପ୍ରତିଟି ପାହାଚ ଅତିକ୍ରମ କରି ଆଗକୁ ବଢ଼ିବାର ପ୍ରେରଣା ଶିକ୍ଷା, ଶିକ୍ଷକ ଏବଂ ଶିକ୍ଷାନୁଷ୍ଠାନରୁ ମିଳିଥାଏ। ଆଗାମୀ ଦିନରେ ଛାତ୍ରୀଛାତ୍ର ଆଗକୁ ବଢ଼ିବାରେ ପ୍ରେରିତ ହୁଅନ୍ତୁ ବୋଲି ସେ କହିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗୁରୁଙ୍କ ପ୍ରେରଣା ଛାତ୍ର ଜୀବନରେ ସଠିକ୍ ମାର୍ଗଦର୍ଶନରେ ସହାୟକ ହୋଇଥାଏ ବୋଲି କହିଥିଲେ। ସେହିପରି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା, ଶିକ୍ଷକ ଡାକ୍ତର ଭୋଇ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡ଼ତିଆ ପ୍ରମୁଖ ମଧ୍ୟ ମଞ୍ଚାସୀନ ଥିଲେ। ଏହି ଅବସରରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ସହିତ ପଞ୍ଚାୟତ କଲେଜର ବିଇଡ଼ି ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଭା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଭାବନା ସାହୁ, ନିଳିମା ପ୍ରଧାନ, ଗୀତା ଜାଲ, ସୁନିତା ମିଶ୍ର, ବବିତା ନାଏକ, ନନ୍ଦିତା ସାହୁ, ସୁଧାଂଶୁ ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ରାଣାପ୍ରତାପ ସ୍କୁଲର ବାର୍ଷିକ ଉତ୍ସବରେ ଅତିଥିବୃନ୍ଦ ।

### ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ

୨ଜଣଙ୍କୁ ବାନ୍ଧିଲା ଅବକାରୀ ବିଭାଗ

ପଦ୍ମପୁର, ୪।୩(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଅବକାରୀ ଅଧିକାରୀ ଏଚ .ଜଗାରାଓଙ୍କ ନେତୃତ୍ୱରେ ପଦ୍ମପୁର ଓ ଗାଇସିଲେଟ ଥାନା ଅଞ୍ଚଳରେ ଚଢାଉ କରାଯାଇ ବିପୁଳ ପରିମାଣର ମଦ, କଫ ସିରପ ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଜବତ କରିଛି। ଏଥିସହିତ ନିଶା ବଟିକା ଓ ଇଞ୍ଜେକ୍ସନ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଯୋଗେଶ ଚନ୍ଦ୍ର ହଂସ ଓ ରମାକାନ୍ତ ମାଝି। ପଦ୍ମପୁର ରଜାପଡାର ହଂସଙ୍କଠାରୁ ୪୮ବୋତଲ କଫ ସିରପ, ବିପୁଳ ପରିମାଣର ନାଇଟ୍ରୋସେନ ବଟିକା, ନିଶା ଇଞ୍ଜେକ୍ସନ ଓ ସିରଞ୍ଜି ଜବତ କରାଯାଇଛି। ସେହିପରି ଗାଇସିଲେଟ ଥାନା ଖୁଣ୍ଟପାଲି ଗ୍ରାମର ରମାକାନ୍ତ ମାଝିଙ୍କ ଠାରୁ ୪୧ ଲିଟର ମହୁଲି ମଦ ଜବତ କରାଯାଇଛି। ସେହିପରି ଗାଁ ସମୀପ ଜଙ୍ଗଲରେ ଏକ ମଦ ତିଆରି ସ୍ଥାନରେ ଚଢ଼ାଉ କରାଯଇ ୯୦୦ ଲିଟର ମଦ ପୋଚ ଓ ପ୍ରାୟ ୫୦ ଲିଟର ମଦକୁ ନଷ୍ଟ କରାଯାଇଥିଲା।

### ୬୦ ବୋତଲ ଏସ କଫସିରପ, ସ୍କୁଟି ଜବତ: ଜଣେ ଗିରଫ

ପଦ୍ମପୁର, ୪।୩ (ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଆଦର୍ଶ ଥାନା ପାଟ୍ରୋଲିଂ ପୋଲିସ ପଦ୍ମପୁର ଶକ୍ତି ବିହାର ନିବାସୀ ବଣ୍ଟି ପ୍ରଧାନଠାରୁ ୨୦ଲିଟର ଏସ କଫ ମିଶ୍ରଣ, ୬୦ ବୋତଲ ଏସକଫ ସିରପ, ୧୦ଟି ନାଇଟ୍ରୋଜେନ ଟାବଲେଟ, ଗୋଟିଏ ମୋବାଇଲ, ସ୍କୁଟର ଜବତ କରିଛି। ଏକ ମାମଲା(୬୩/୨୩)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସବ୍ ଇନ୍ସପେକ୍ଟର ପ୍ରକାଶ ପାତ୍ର, ହେମନ୍ତ ଗଡତିଆ, ନାରାୟଣ ସାହୁ, ଭୂମିସୁତା ବରିହା ପ୍ରମୁଖ ଚଢାଉରେ ସାମିଲ ଥିଲେ।

# ପଦ୍ମପୁର ଅଜୁବା ଏକାଦଶ ଚାମ୍ପିୟନ

### ବଳ, ଚିଉ ସ୍ମାରକୀ ନାଇଟ କ୍ରିକେଟ

ପଦ୍ମପୁର, ୪।୩ (ଡି.ଏନ.ଏ.)



ଟ୍ରଫି ସହିତ ଚାମ୍ପିୟନ ପଦ୍ମପୁର ଅଜୁବା ଦଳର ଖେଳାଳିମାନେ।

ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ଆମ୍ବବାହାଲଠାରେ ଅଜୁବା ଏକାଦଶ ଦ୍ୱାରା ଆୟୋଜିତ ତୃତୀୟ ବଳ ଓ ଚିଉ ସ୍ମାରକୀ ରାତ୍ରକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ପଦମପୁର ଅଜୁବା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୧୦୨ ରନ କରିଥିଲା। ଜବାବରେ ସମ୍ବଲପୁର ରାଜ ଏକାଦଶ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୭୮ ରନ କରି ପରାଜିତ ହୋଇଥିଲା। ମ୍ୟାଚ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଯୁବନେତା ଭୋଜରାଜ ସିଂ ବରିହା ମୁଖ୍ୟ ଅତିଥି ଏବଂ ରିକନ ମହାନ୍ତି ଓ ନବୁ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ପଦମପୁର ଅଜୁବା ଦଳର ନାରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଆକାଶଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଏସ୍‌ପି ଅଫିସ ଘେରିଲେ ଭାଜପା କର୍ମୀ

ବରଗଡ଼ ଅଫିସ୍,୪।୩



ଭାଜପା କର୍ମୀଙ୍କ ବିକ୍ଷୋଭ ଶୋଭାଯାତ୍ରା ।

ରାଜ୍ୟରେ ଆଇନ ଶୃଙ୍ଖଳା ଭୁଷୁଡ଼ି ପଡ଼ିଥିବା ପ୍ରତିବାଦରେ ଶନିବାର ବରଗଡ଼ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏସ୍‌ପି ଅଫିସ ଘେରାଉ କରାଯାଇଥିଲା। ଦଳର ଜିଲା ଯୁବମୋର୍ଚ୍ଚା ସଭାପତି ଅମିତ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ନେତା,କର୍ମୀ ଶୋଭାଯାତ୍ରାରେ ଆସି ଏସପି ଅଫିସ ଘେରାଉ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଧାନସଭା ଘେରାଉ ସମୟରେ ଭାଜପା ଯୁବମୋର୍ଚ୍ଚା କର୍ମୀଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡକୁ ଚପାଇ ଦେବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ କରି ରାଜ୍ୟ ସରକାର ଏବଂ ପୋଲିସକୁ କଡ଼ା ସମାଲୋଚନା କରିଥିଲେ। ସେହିପରି ବିଧାନସଭା ଘେରାଉବେଳେ ଯୁବମୋର୍ଚ୍ଚା କର୍ମୀଙ୍କ ଉପରେ ହୋଇଥିବା ପୋଲିସ ଆକ୍ରମଣ ବିରୋଧରେ ଏତଲା ଦିଆଯାଇ ଥିବାବେଳେ ତାହା ଏପର୍ଯ୍ୟନ୍ତ ପଞ୍ଜୀକୃତ ହୋଇ ନଥିବା ଯୋଗୁ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ବରିଷ୍ଠ ନେତା ଡା. ଅରୂପାନନ୍ଦ ସାହୁ, ଅଶୋକ ପଣ୍ଡା, ରବି ନାରାୟଣ ଦାଶ, ସୁବ୍ରତ ହୋତା, ପ୍ରୀତମ ସିଂ, ଦେବେଶ ଶତପଥି, ସୁଶାନ୍ତ ମିଶ୍ର, ମୁକ୍ତା ସାହୁ, ଯୁଧିଷ୍ଠିର ମେହେର, କୁଶ କୁମ୍ଭାର, ଅବନୀକାନ୍ତ ପଣ୍ଡା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଦୟାସାଗର ବହିଦାରଙ୍କ ଶ୍ରାଦ୍ଧ ଦିବସ

**ସମ୍ବଲପୁର,୪ା୩(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଦୁର୍ଗାପାଲିସ୍ଥିତ ଦୟାମଣି ବୃଦ୍ଧାଶ୍ରମଠାରେ ଗାନ୍ଧିବାଦୀ ଦୟାସାଗର ବହିଦାରଙ୍କ ଶ୍ରାଦ୍ଧ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଡା. ସୁରେଶ ଚନ୍ଦ୍ର ଦାନି, ଡା. ଲକ୍ଷ୍ମୀନାରାୟଣ ରଥ, ବେଣୁଧର ତ୍ରିପାଠୀ, ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର, ପ୍ରାଧାପକ ଡ. ଶ୍ୟାମସୁନ୍ଦର ଧର, ଆଇନଜୀବୀ ଅଶୋକ କୁମାର ସେନାପତି, ପ୍ରଦୀପ ଦୋରା, ଇଞ୍ଜିନିୟର ଶ୍ରୀକାନ୍ତ ପାଣିଗ୍ରାହୀ, ମିନାକ୍ଷୀ ପୂଜାରୀ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ସୂର୍ଯ୍ୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବହିଦାରଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବତନ ରାଜ୍ୟ ସଭା ସାଂସଦ ପ୍ରମିଳା ବହିଦାର, ସ୍ନିଗ୍ଧାଶ୍ରୀ ବହିଦାର, ସିପ୍ରା ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ପିକ୍‌ଅପ୍ ଗାଡ଼ି ଚୋରି ଅଭିଯୋଗ

**ଜମନକିରା, ୪ା୩(ଡି.ଏନ.ଏ.):** ଜମନକିରା ଥାନା ଅନତି ଦୂର ଗାନ୍ଧିପଡ଼ାରୁ ଶୁକ୍ରବାର ରାତ୍ରିରେ ଏକ ପିକ୍‌ଅପ୍ ଗାଡ଼ି (ଓଡ଼ି୧୫ଏଫ-୨୮୦୯) ଚୋରି ହୋଇଛି। ଏ ନେଇ ଗାଡ଼ି ମାଲିକ ସୁଶିଲ କୁମାର ଅଗ୍ରୱାଲ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ରାତିରେ ସେ ତାଙ୍କ ଗାଡ଼ିକୁ ନିଜ ଘର ସମ୍ମୁଖରେ ରଖିଥିଲେ। ସକାଳୁ ଗାଡ଼ି ନ ଥିବା ଦେଖି ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲା। ପୋଲିସ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି।

### ସ୍ୱାଗତ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ରେଙ୍ଗାଲି,୪ା୩(ଡି.ଏନ.ଏ.):** ସମ୍ବଲପୁର ଜିଲା ସାନସିଂହାରୀ ଆଶ୍ରମ ବିଦ୍ୟାଳୟରେ ସ୍ୱାଗତ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ନୂତନ ପ୍ରଧାନ ଶିକ୍ଷକ ଏ.କେ. ପଟେଲ ଯୋଗଦାନ କରିଛନ୍ତି। ସେହିପରି ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜଗଦୀଶ ପାଣିଗ୍ରାହୀଙ୍କ ବଡରମା ଆଶ୍ରମ ବିଦ୍ୟାଳୟକୁ ବଦଳି ହୋଇଥିବାରୁ ଉଭୟଙ୍କୁ ଏକସଙ୍ଗେ ସ୍ୱାଗତ ଓ ବିଦାୟ ଜଣାଇଥିଲେ। ଛାତ୍ରାଛାତ୍ରୀଙ୍କ ସହିତ ସମସ୍ତ ଶିକ୍ଷକ ଓ କର୍ମଚରୀ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ସାମାଜିକ କର୍ମୀ କାମଦେବ ପଣ୍ଡା ସ୍ୱାଗତ କରିଥିବାବେଳେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରମିଳା ମିଶ୍ର ସଭା ପରିଚାଳନା କରିଥିଲେ। ଶିକ୍ଷକ ଅଶୋକ କୁମାର ଦାସ, ଯୋଗେଶ୍ୱର ପ୍ରଧାନ, ଅନିତା ପ୍ରଧାନ, ଅଞ୍ଜଳି ଖଡିଆ, ସୁଚିସ୍ମିତା ବେହେରା, ଘନଶ୍ୟାମ ସୁନା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ମଣ୍ଡଳ ରେଳ ଚିକିତ୍ସାଳୟରେ ଆନାସ୍ଥେସିଆ ୱାର୍କଷ୍ଟେଶନ ଉଦ୍‌ଘାଟିତ

**ସମ୍ବଲପୁର,୪ା୩(ବ୍ୟୁରୋ):** ସମ୍ବଲପୁର ମଣ୍ଡଳ ରେଳ ଚିକିତ୍ସାଳୟଠାରେ ଆନାସ୍ଥେସିଆ ୱାର୍କଷ୍ଟେଶନ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମଣ୍ଡଳ ପ୍ରବନ୍ଧକ ବିନିତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହା ଅତ୍ୟାଧୁନିକ ହୋଇଥିବାରୁ ରେଳ ଅଧିକାରୀ ଓ କର୍ମଚାରୀଙ୍କୁ ଲାଭଦାୟକ ହେବ ବୋଲି କୁହାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ଉପସ୍ଥିତ ଥିଲେ। ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ମନୋଜ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ

**ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ବୈଠକ**

ସମ୍ବଲପୁର,୪ା୩(ବ୍ୟୁରୋ)


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ।

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ବିଭିନ୍ନ ବିଭାଗର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀ କିଭଳି ସମନ୍ୱୟ ରଖି କାର୍ଯ୍ୟ କରିବେ ସେ ନେଇ ଆଲୋଚନା ହୋଇଥିଲା।

ଚଳିତ ବର୍ଷ ରାଜ୍ୟରେ ପ୍ରବଳ ତାତି ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମାର୍ଚ୍ଚରୁ ମେ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରଭାବ ରହିବ। ଲୋକଙ୍କୁ ସଚେତନ ନିମନ୍ତେ ପଞ୍ଚାୟତ ଅଫିସ, ଆର୍‌ଆଇ ଅଫିସ, ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଓ ଜନ ଗହଳିପୂର୍ଣ୍ଣ ସ୍ଥାନରେ ପୋଷ୍ଟର ଦ୍ୱାରା ସଚେତନ କରାଯିବ। ସାମାଜିକ ଗଣମାଧ୍ୟମ, ଟିଭି, ଖବର କାଗଜରେ ସଚେତନ କରାଯିବ। ଅଂଶୁଘାତ ରୋଗୀର ଚିକିତ୍ସା ନିମନ୍ତେ ଜିଲା, ଉପଖଣ୍ଡ ଚିକିତ୍ସାଳୟ, ପିଏଚ୍‌ସି, ସିଏଚ୍‌ସିରେ ସମସ୍ତ ବ୍ୟବସ୍ଥା ସହ ଓଆର୍‌ଏସ୍, ସାଲାଇନ, ୧୦୮ ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ପୂର୍ବରୁ ଭାଙ୍ଗି ପଡିଥିବା ନଳକୂଅ, ଗ୍ରାମ୍ୟ ଜଳ ଯୋଗାଣ ପାଇପ ମରାମତି କରିବା ସହ ବିଡ଼ିଓ ଓ ଏନ୍‌ଏସି ଇଓମାନଙ୍କ ସହ ସଂଯୋଗ ରକ୍ଷା କରି ପାନୀୟ ଜଳର ସୁବ୍ୟବସ୍ଥା, ପଞ୍ଚାୟତ ଓ ସହରାଞ୍ଚଳରେ ଜଳଛତ୍ର ବ୍ୟବସ୍ଥା କରିବାକୁ ବିଭାଗକୁ ନିର୍ଦ୍ଦେଶ ରହିଛି। ସ୍କୁଲଗୁଡିକରେ ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ବିଭାଗକୁ କୁହାଯାଇଛି। ଶ୍ରମିକମାନଙ୍କୁ ଦିନ ୧୧ଟାରୁ ଅପରାହ୍ନ ୩ଟା୩୦ ମଧ୍ୟରେ କାର୍ଯ୍ୟ ପାଇଁ ବାରଣ କରାଯାଇଛି। ସରକାରୀ ଓ ଘରୋଇ ବସ୍‌ରେ ସଚେତନ ପାନୀୟ ଜଳ,ଫାଷ୍ଟ ଏଡ଼ ବକ୍ସ, ଓଆର୍‌ଏସ୍ ରଖିବାକୁ କୁହାଯାଇଛି। ଗୃହପାଳିତ ପ୍ରାଣୀମାନଙ୍କୁ ଦିନ ୧୧ଟାରୁ ୩.୩୦ ମଧ୍ୟରେ ବାହାରେ ନ ଛାଡିବା, ଗ୍ରାମାଞ୍ଚଳରେ ମୋବଇଲ ଭ୍ୟାନ ସେବା ଯୋଗାଇବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ ବିଭାଗ ଜରୁରୀ ପରିସ୍ଥିତିରେ ଜନସାଧାରଣଙ୍କୁ ପୂର୍ବ ସୂଚନା ଦେଇ କାର୍ଯ୍ୟ କରିବାକୁ କୁହାଯାଇଛି। ଏହାଛଡା ସାମାଜିକ ସୁରକ୍ଷା ଯୋଜନାରେ ଚାଉଳ ଓ ପେନ୍‌ସନ୍ ବଣ୍ଟନ ସକାଳ ୯ଟା ପୂର୍ବରୁ ସାରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲାପାଳ ରାଜ କହିଛନ୍ତି। ବୈଠକରେ ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ରେଢ଼ାଖୋଲ ଉପଜିଲାପାଳ ପବିତ୍ର ବେହେରା, ଜିଲା ପରିଷଦ ଅତିରିକ୍ତ ନିବାହୀ ଅଧିକାରୀ ରମେଶ ହାଁସଦା, ଡେପୁଟି କଲେକ୍ଟର ମିତାଲି ମଧୁସ୍ମିତା ଦଳେଇ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାର ସମସ୍ତ ବିଡିଓ, ତହସିଲଦାର, ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ଫିଟ୍ ଇଣ୍ଡିଆ କୁଇଜ୍‌ରେ ଡିଏଭି ସ୍କୁଲ ଛାତ୍ରଙ୍କ ସଫଳତା




ସମ୍ବଲପୁର,୪ା୩(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଏନ୍‌ଟିଏ ଦ୍ୱାରା ଆୟୋଜିତ ଫିଟ୍ ଇଣ୍ଡିଆ କୁଇଜ୍ ପ୍ରତିଯୋଗିତାରେ ସମ୍ବଲପୁର ମହାନଗର ନିଗମ ବୁର୍ଲାସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଦୁଇଜଣ ଛାତ୍ର ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ସ୍କୁଲର ନବମ ଶ୍ରେଣୀ ଛାତ୍ର ସିର୍ଦ୍ଦେଶ ମହାପାତ୍ର ଓ ଦଶମ ଶ୍ରେଣୀର ଭୂପତି ମିଶ୍ର । ଗତ ଡିସେମ୍ବର ମାସରେ ଏହି ପ୍ରତିଯୋଗିତା ହୋଇଥିବାବେଳେ ଶନିବାର ଫଳାଫଳ ପ୍ରକାଶ ପାଇଛି। ରାଜ୍ୟର ପ୍ରଥମ ୧୦ଜଣଙ୍କ ମଧ୍ୟରେ ସିର୍ଦ୍ଦେଶ ଓ ଭୁପତି ରହିଛନ୍ତି । ଉଭୟ ଛାତ୍ରଙ୍କୁ ସ୍କୁଲ ଅଧ୍ୟକ୍ଷା ରଶ୍ମି ମିଶ୍ର ଶୁଭେଚ୍ଛା ଜଣାଇବା ସହ ପରବର୍ତ୍ତି ପ୍ରତିଯୋଗିତା ସକାଶେ ଶୁଭ କାମନା ଜଣାଇଛନ୍ତି ।

# ‘ନାକଟିଦେଉଳ ବ୍ଲକରେ ବହୁ ବିକାଶ ଘଟିଛି’

ନାକଟିଦେଉଳ,୪ା୩(ଡି.ଏନ.ଏ.)



ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସହ ଅନ୍ୟମାନେ।

**ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ୫ ପ୍ରକଳ୍ପର ଶିଳାନ୍ୟାସ**

ରେଢାଖୋଲ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ଶନିବାର ନାକଟିଦେଉଳ ବ୍ଲକ ଗସ୍ତରେ ଆସି ବିଭିନ୍ନ ସ୍ଥାନରେ ୫ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ମନ୍ତ୍ରୀ ପୂଜାରୀ ଡଇଁଚା ପଞ୍ଚାୟତର କେନ୍ଦୁଛକଠାରୁ ରାଇଲ ପର୍ଯ୍ୟନ୍ତ ରାସ୍ତା, କାଉଁଶୀପାଳଠାରୁ ଏନ୍‌ଏଚ୍ ୧୫୩କୁ ସଂଯୋଗ କରୁଥିବା ଭାୟା ଶରଧାପୁର-ଶିମିଳିପାଳ ୫କି.ମି.୫ଶହ ମିଟର ରାସ୍ତା, ସାଲେଭଟା ପଞ୍ଚାୟତର ବୁଢାକଟାଠାରୁ ତିଳେଇପଶି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା, କେଉଟବେର୍ଣ୍ଣୀ-ବସାଲୋଇ ଏବଂ ୭.୨କି.ମି. ଦୈର୍ଘ୍ୟ ବିଶିଷ୍ଟ କଣ୍ଡେଲଠାରୁ ସାଧୁବାହାଲି ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡ଼ି ସରକାର ଅମଳରେ ନାକଟିଦେଉଳ ବ୍ଲକରେ ବିଭିନ୍ନ କ୍ଷେତ୍ରରେ ବହୁ ବିକାଶ ଘଟିଛି ବୋଲି ପ୍ରକାଶ କରିଥିଲେ। ଆଗକୁ ଏହି ଧାରା ଜାରିରହିବ ବୋଲି କହିଥିଲେ। ତଣ୍ଡାବିରା କେନ୍ଦୁଛକଠାରେ ଥିବା ସରକାରୀ ଜମିରେ ସ୍ୱାସ୍ଥ୍ୟକେନ୍ଦ୍ର ସହ ଫାଣ୍ଡି ପ୍ରତିଷ୍ଠା କରିବାକୁ ଅଞ୍ଚଳବାସୀ ମନ୍ତ୍ରୀଙ୍କଠାରେ ଦାବି କରିଥିଲେ। ସେହିପରି ଚମ୍ପାଳି ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ଖମଣମୁଣ୍ଡା ଗ୍ରାମବାସୀ ଦାବି କରିଥିଲେ। ଅନ୍ୟପକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ବୁଢାକଟା-ତିଲେଇପଶି ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ ସାଲେଭଟା ସରପଞ୍ଚ ପାଣ୍ଡବ ପ୍ରଧାନ ମନ୍ତ୍ରୀ ପୂଜାରୀଙ୍କୁ ଅଭିଯୋଗ କରିଥିଲେ। ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ବିଜେଡ଼ି ସଭାପତି ମୁଳିଆ ରାଉଳ, ବ୍ଲକ ଯୁବ ବିଜେଡ଼ି ସଭାପତି ଧୀରେନ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡ଼ିଓ ବିରାସମୁନି ଏକ୍କା, କନିଷ୍ଠ ଯନ୍ତ୍ରୀ ସୋନୁ କୁମାର ନାଏକ, ପୂର୍ତ୍ତବିଭାଗ ଯନ୍ତ୍ରୀ ସତ୍ୟଜିତ ସାମଲ, ଡ଼ଇଁଚା ସରପଞ୍ଚ ସୌଦାମିନୀ ପ୍ରଧାନ, ଶିମିଳିପାଳ ସରପଞ୍ଚ ସସ୍ମିତାରାଣୀ ପ୍ରଧାନ, ଘୋଷରାମାଳ ସରପଞ୍ଚ ପ୍ରେମଶୀଳା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଶ୍ୟାମ ମେଟାଲିକ୍ସରେ ଜାତୀୟ ସୁରକ୍ଷା ସପ୍ତାହର ଶୁଭାରମ୍ଭ

ରେଙ୍ଗାଲି,୪ା୩(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସରେ ଶନିବାର ଜାତୀୟ ସୁରକ୍ଷା ସପ୍ତାହ ଶୁଭାରମ୍ଭ ହୋଇଛି। ଫ୍ୟାକ୍ଟ୍ରି ଓ ବୟଲର ଡେପୁଟି ଡ଼ାଇରେକ୍ଟର ସ୍ୱରୂପ ଜେନା ଓ ଆସିଷ୍ଟାଣ୍ଟ ଡାଇରେକ୍ଟର ଉମାକାନ୍ତ ସାମନ୍ତରାୟ ଯୋଗଦେଇ ଡିଡିଏଫ୍ ରାଷ୍ଟ୍ରୀୟ ସୁରକ୍ଷା ପରିଷଦ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କମ୍ପାନୀର ସୁରକ୍ଷା ଏଜିଏମ୍ ଇନ୍ଦ୍ରଜିତ ସିଂଙ୍କ ତତ୍ତ୍ୱାବଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ଡାଇରେକ୍ଟର ଦେବ କୁମାର ତିୱାରୀ ଯୋଗ ଦେଇ ଶ୍ରମିକମାନଙ୍କୁ ସୁରକ୍ଷାରେ ରହି କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜେଶ ତିୱାରୀ, ତନ୍ମୟ ପଟେଲ, ଅମିୟ ମିଶ୍ର, ସଞ୍ଜୀବ ବେହେରା ଆୟୋଜନରେ ସହଯୋଗ କରିଥିଲେ।

## ଦୁଇଦିନିଆ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଖେଳାଳିଙ୍କ ସହ ଅତିଥିମାନେ।

ସମ୍ବଲପୁର,୪ା୩(ବ୍ୟୁରୋ)

ଗେଙ୍ଗୁଟିପାଲି ଭିଏସ୍‌ଏସ୍ କ୍ଲବ ଆୟୋଜିତ ଦୁଇଦିନିଆ ଫୁଟ୍‌ବଲ ପ୍ରତିଯୋଗିତା ସମ୍ବଲପୁର ମହାନଗର ଅନ୍ତର୍ଗତ ଧନକଉଡ଼ା ଖେଳପଡିଆଠାରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ହିରାଲାଲ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ସମ୍ବଲପୁର ସହର ତଥା ଗ୍ରାମାଞ୍ଚଳର ୧୬ଟି ଫୁଟ୍‌ବଲ ଦଳ ଅଂଶଗ୍ରହଣ କରିଛନ୍ତି। ଆୟୋଜକ ଗେଙ୍ଗୁଟିପାଲି ଭିଏସ୍‌ଏସ୍ କ୍ଲବର ଚମନ ଓରାମ, ଅଜିତ ଓରାମ, ରଞ୍ଜନ ଓରାମ, ରଞ୍ଜିତ ଓରାମ, ରୋହିତ ଓରାମ, କ୍ରିଷ୍ଣା ଓରାମ୍ ପ୍ରମୁଖ ଉଦଘାଟନୀ ସମାରୋହରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଜିଲାରେ ନୂଆ ଫୁଟ୍‌ବଲ ପ୍ରତିଭାଙ୍କୁ ଲୋକଲୋଚନାକୁ ଆଣିବା ଲକ୍ଷ୍ୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ଆୟୋଜକମାନେ ସୂଚିତ କରିଥିଲେ । ଉଦଘାଟନୀ ମ୍ୟାଚ ମିର୍ଗାମୁଣ୍ଡା ବନାମ ଏଲେକ୍ସ କ୍ଲବ ମଧ୍ୟରେ ହୋଇଥିଲା । ଏଥିରେ ମିର୍ଗାମୁଣ୍ଡା ୪-୦ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ରେଫରି ରାଜାରାମ, ନରସିଂହ ଓ ଲବ ଓରାମ ମ୍ୟାଚ ପରିଚାଳନା କରିଥିଲେ।

# ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ଧାରଣା



ଧାରଣାରେ ସାମିଲ ହୋଇଥିବା ଦଳୀୟ କର୍ମକର୍ତ୍ତା।

ସମ୍ବଲପୁର,୪ା୩(ବ୍ୟୁରୋ)

ରାଜ୍ୟରେ ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ିପଡିଛି। ଏ ନେଇ ସ୍ୱର ଉତ୍ତୋଳନ କଲେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପୋଲିସ ଭାଜପା ଯୁବମୋର୍ଚ୍ଚା ନେତା ଓ କର୍ମୀଙ୍କୁ ମାଡ଼ ମାରୁଛି। ଏପରି କି ମିଛ କେସ୍ ରୁଜୁକରି ଜେଲ ହାଜତକୁ ପଠାଉଛି। ଏହା ଅଗଣତାନ୍ତ୍ରିକ ବୋଲି ଶନିବାର ସମ୍ବଲପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାସ୍ଥଳରେ ଭାଜପା ନେତୃବୃନ୍ଦ ପ୍ରକାଶ କରିଛନ୍ତି। ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କ ଉପରେ ପୋଲିସର ମରଣାନ୍ତକ ଆକ୍ରମଣ, ମିଛ କେସ୍ ଦେଇ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ସମେତ ୨୨ ଜଣ ଯୁବମୋର୍ଚ୍ଚା କର୍ମୀଙ୍କୁ ଗିରଫ, ପୋଲିସ ପ୍ରଶାସନ ବିରୋଧରେ ବିଭିନ୍ନ ଥାନାରେ ଦିଆଯାଇଥିବା ଏତଲା ପଞ୍ଜୀକରଣ ନ ହେବା ପ୍ରତିବାଦରେ ସମ୍ବଲପୁର ଏସ୍‌ପି କାର୍ଯ୍ୟାଳୟ ସାମ୍ନାରେ ପୂର୍ବାହ୍ନ ସାଢ଼େ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗଣଧାରଣା ଦିଆଯାଇଥିଲା।

ପ୍ରତିବାଦ ସଭାରେ ଭାଜପା ଓଡ଼ିଶା ପ୍ରଦେଶ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପୂର୍ବତନ ଜିଲା ସଭାପତି ରାମଚନ୍ଦ୍ର ମେହେର ଓ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ଡା. ପ୍ରଭାସ ଦେବତା, ଉତ୍ତମ ବିଶ୍ୱାଳ, ସୁଦୀପ ପରିଡା, କାଞ୍ଚନ ଲୁହା, ସମୀର ଲୁହା, ପ୍ରଭୁଦତ୍ତ ପଣ୍ଡାଙ୍କ ସମେତ ବିଭିନ୍ନ ମଣ୍ଡଳ କର୍ମକର୍ତ୍ତା ଓ କର୍ମୀ ସାମିଲ ଥିଲେ। ସମ୍ବଲପୁର ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝିଙ୍କ ପରିଚାଳନା ଓ କାହ୍ନୁରାମ ଶର୍ମାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା।

## ଅର୍ଡାବାହାଲ ବାଳିକା ହାଇସ୍କୁଲର ବାର୍ଷିକୋତ୍ସବ


କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

କୁଚିଣ୍ଡା,୪ା୩(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅର୍ଡାବାହାଲ ସରକାରୀ ବାଳିକା ହାଇସ୍କୁଲ (ଏସଏସଡି)ରେ ଶନିବାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅନିତାରାଣୀ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ କୁଚିଣ୍ଡା ଉପଜିଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ ବିଭାଗୀୟ ଡିଆଇ ନିଳମଣୀ ସାହୁ ମୁଖ୍ୟବକ୍ତା, କୁଚିଣ୍ଡା ସାମ୍ବାଦିକ ସଂଘ ସଭାପତି ବିରଞ୍ଚି ଦର୍କା, ସରପଞ୍ଚ ଶୁକେଶ୍ୱର ମାଝି, ସମିତି ସଭ୍ୟା ଚମ୍ପାବତୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ଶିକ୍ଷାର ପ୍ରଗତି ଉପରେ ଆଲୋଚନା କରି ଭଲ ପାଠ ପଢି ସୁନାମ ଅର୍ଜନ କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଶିକ୍ଷକ ବୀରେନ୍ଦ୍ର ନାଏକ ସଭା ପରିଚାଳନା କରିଥବା ବେଳେ ଶିକ୍ଷକ ହରିହର ନାଏକ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ରାଜେନ୍ଦ୍ର ସାହୁ, ଚନ୍ଦନ ମାକର, ଶିକ୍ଷୟିତ୍ରୀ ଶିବାନୀ ମରେଇ, ତରୁଲତା ସୁନାନୀ, ସୁଷମା ପାଣୀ, ଦୀପିକ ନାଏକ, ଜେନାମଣୀ ନାଏକ ପ୍ରମୁଖ ସହଯୋଗ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଟାଟାପାୱାର ବିରୋଧରେ ଭାଜପାର ଉପଜିଲାପାଳଙ୍କୁ ଦାବିପତ୍ର

ରେଢାଖୋଲ,୪ା୩(ଡି.ଏନ.ଏ.)


ଭାଜପା କର୍ମକର୍ତ୍ତା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଟାଟା ପାୱାର ବିଦ୍ୟୁତ ବିଲ୍ ସଂଗ୍ରହ ଓ ବକେୟା ପାଉଣା ପାଇଁ ବେଆଇନ ଭାବେ ଘରୋଇ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରୁଥିବା ରେଢାଖୋଲ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ଦଳର କର୍ମକର୍ତ୍ତା ଉପଜିଲାପାଳ ପବିତ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରାଜ୍ୟ ସରକାର ବିଦ୍ୟୁତ୍ ବିତରଣ ଦାୟିତ୍ୱ ଟାଟା ପାୱାରକୁ ପ୍ରଦାନ କରିଛନ୍ତି। ହେଲେ କମ୍ପାନୀ ବକେୟା ପାଉଣା ନାମରେ ବଳପୂର୍ବକ ଗ୍ରାହକଙ୍କଠାରୁ ଟଙ୍କା ଆଦାୟ କରୁଛି, ଯାହା ବେଆଇନ। ସରକାର ବିଦ୍ୟୁତ୍ ବିତରଣ ଓ ଦେୟ ସଂଗ୍ରହ ପାଇଁ ଚୁକ୍ତି ସ୍ୱାକ୍ଷର କରିଥିବା ବେଳେ ବକେୟା ବିଦ୍ୟୁତ୍ ପାଉଣା ସଂଗ୍ରହ ପାଇଁ କୌଣସି ଚୁକ୍ତି ହୋଇନାହିଁ। ଏ ନେଇ ଚଳିତ ବିଧାନସଭାରେ ମଧ ବିଧାୟକମାନେ ଆଲୋଚନା କରିଛନ୍ତି। ହେଲେ ଟାଟା କମ୍ପାନୀ ଏହାକୁ ଭୃକ୍ଷେପ ନ କରି ଜୋରଜବରଦସ୍ତ ବକେୟା ପାଉଣା ସହ ବିଦ୍ୟୁତ୍ ବିଲ ସଂଗ୍ରହ କରୁଛି। ବିଲ୍ ନ ଦେଲେ ବିଦ୍ୟୁତ୍ ବିଚ୍ଛିନ୍ନ କରିଦେଉଛି। ଛାତ୍ରୀଛାତ୍ରଙ୍କ ପରୀକ୍ଷା ଚାଲିଥିବାବେଳେ ମନଇଚ୍ଛା ବିଦ୍ୟୁତ୍ କାଟ ଯୋଗୁ ସେମାନେ ହଇରାଣ ହେଉଥିବା କର୍ମକର୍ତ୍ତା ଅଭିଯୋଗରେ ଦର୍ଶାଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ, ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, କାଉନସିଲର ରାମଚନ୍ଦ୍ର ପ୍ରଧାନ, କଳ୍ପନା ନାୟକ, କୁମୁଦ ନାଗ, ଦିଲୀପ ପ୍ରଧାନ, ବବ୍‌ଲୁ ଦେବଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ମୃତାଙ୍କ ପରିବାର ଲୋକଙ୍କୁ ବୁର୍ଲା ପୋଲିସର ପଚରାଉଚରା

ବଲାଙ୍ଗୀର ଅଫିସ, ୪ା୩


ପୋଲିସ ଟିମ୍ ମୃତା ଚିନ୍ମୟୀଙ୍କ ମା’ ଲବଙ୍ଗ ସାହୁଙ୍କୁ ପଚରାଉଚରା କରୁଛନ୍ତି।

**ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ମୃତ୍ୟୁ ଘଟଣା**

ଭିସୁଟ୍ ପୁରାତନ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶନୀ ସାହୁ ମୃତ୍ୟୁ ଘଟଣାର ତଦନ୍ତ କରୁଥିବା ବୁର୍ଲା ପୋଲିସର ଏକ ଟିମ୍ ଶନିବାର ବଲାଙ୍ଗୀର ପହଞ୍ଚି ମୃତାଙ୍କ ପରିବାରବର୍ଗଙ୍କୁ ପଚରାଉଚରା କରିଛି। ପୋଲିସ ଟିମ୍ ବଲାଙ୍ଗୀର ବିକ୍ରମ ଛକ ନିକଟ ଚିନ୍ମୟୀଙ୍କ ପୈତୃକ ଘରକୁ ଆସି ଆଲୋଚନା କରିଥିଲେ। ଚିନ୍ମୟୀଙ୍କ ସାଙ୍ଗସାଥୀ, ପାଠପଢ଼ା, ଭୁବନେଶ୍ୱର ରହଣୀ, ଅଟକ ପ୍ରୀତିମାନଙ୍କୁ କିଭଳି ଜାଣିଥିଲେ ସେ ବିଷୟରେ ମାତା ଲବଙ୍ଗ ସାହୁଙ୍କୁ ପଚରାଉଚରା କରିଥିଲେ। ଘଟଣା ଦିନ କ’ଣ ସବୁ କଥା ହୋଇଥିଲେ ସେ ବିଷୟରେ ପଚରାଉଚରା କରିଥିଲେ। ଏହି ସମୟରେ ଲବଙ୍ଗ ପୋଲିସକୁ କ’ଣ ସବୁ ତଦନ୍ତ କରାଯାଉଛି ପଚାରିଥିଲେ। ଚିନ୍ମୟୀଙ୍କ ମୋବାଇଲ ଫୋନ୍ ଅଭିଯୁକ୍ତଙ୍କ ପାଖରୁ ଜବତ ହୋଇଥିବାରୁ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଯାଇନାହିଁ ବୋଲି କହିଥିଲେ। ଚିନ୍ମୟୀଙ୍କ ପିତା ଡା ବନମାଳୀ ସାହୁଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡି ଯାଇଥିବାରୁ ପୋଲିସ ସହ ସେ କିଛି ବି କଥା ହୋଇପାରି ନ ଥିବା ଜଣାପଡିଛି। ବିଭିନ୍ନ ପ୍ରଶ୍ନ କରିବା ପରେ ପୋଲିସ ଟିମ୍ ସେଠାରୁ ଫେରି ଯାଇଛନ୍ତି। ସନ୍ଧ୍ୟାରେ ବଲାଙ୍ଗୀର ଏସ୍‌ପି ଅଫିସରୁ ଡା ସାହୁଙ୍କ ଘରକୁ ସୂଚନା ଦିଆଯାଇ ତାଙ୍କ ପରିବାରରୁ କେହି ଜଣେ ସମ୍ବଲପୁର ଯିବାକୁ କହିଛନ୍ତି। ଚିନ୍ମୟୀ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୫ ଦିନ ଅତିବାହିତ ହୋଇଯାଇଥିଲେ ମଧ ମୃତ୍ୟୁ ରହସ୍ୟ ପୋଲିସ ଉନ୍ମୋଚନ କରି ପାରିନାହିଁ। ମୃତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଚିନ୍ମୟୀଙ୍କୁ ସୁପରିକଳ୍ପିତ ଯୋଜନାରେ ହତ୍ୟା କରାଯାଇଛି। ଅଭିଯୁକ୍ତ ପ୍ରୀତିମାନଙ୍କ ପିତା ଓଡିଶା ସରକାରଙ୍କ ଗୃହ ବିଭାଗ ସଚିବ ସ୍ତରୀୟ ଅଧିକାରୀ ଥିବାରୁ ପୋଲିସ ତଦନ୍ତ ବାଟବଣା ହେବା ଆଶଙ୍କା ପରିବାର ପକ୍ଷରୁ କରାଯାଇଛି। ପୋଲିସ ଏପର୍ଯ୍ୟନ୍ତ କ’ଣ ତଦନ୍ତ କରୁଛି ସେ ସମ୍ପର୍କରେ ଚିନ୍ମୟୀଙ୍କ ପରିବାର ଲୋକଙ୍କୁ କୁହାଯାଉ ନ ଥିବାରୁ ତଦନ୍ତ କେଉଁ ଦିଗକୁ ଯାଉଛି ତାହା ଜଣାପଡୁନାହିଁ ବୋଲି ଚିନ୍ମୟୀଙ୍କ ବାପା ଡା ସାହୁ କହିଛନ୍ତି। ଘଟଣା ଦିନ ରାତି ପ୍ରାୟ ୮ଟାରେ ଚିନ୍ମୟୀ ସହ ପ୍ରୀତିମାନ୍ ଶେଷଥର ପାଇଁ ବୁର୍ଲାର ଏକ ଢ଼ାବାରେ ଦେଖାଯାଇଥିଲେ ଏବଂ ପ୍ରୀତିମାନ ଓ ଚିନ୍ମୟୀ ସେଠି ଭୋଜନ କରିଥିବା ପରିବାର ଲୋକେ କହିଛନ୍ତି। ଏପରିକି ସେଦିନର ରାତ୍ର ଭୋଜନ ପାଉଣା ଚିନ୍ମୟୀ ଦେଇଥିବା ପରିବାର ଲୋକ କହିଛନ୍ତି। ଏହି ଢ଼ାବାରୁ ସେ ବୁର୍ଲା ବସଷ୍ଟାଣ୍ଡକୁ ନଯାଇ କିଭଳି ଭାବେ ପିସି ବ୍ରିଜ୍ ପଟେ ଗଲେ ତାହା ଜଣାପଡିନାହିଁ। ଚିନ୍ମୟୀଙ୍କୁ ହତ୍ୟା କରିବା ପରେ ପିସି ବ୍ରିଜ୍ ତଳକୁ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## 'ସ୍ପୁଟ୍‌ନିକ୍-ଭି'...

ଖସିପଡ଼ିଥିବା ଅଧିକାରୀମାନେ ସୂଚନା ଦେଇଥିଲେ। ସେହିପରି ରୁଷିଆର ଦ୍ୱିତୀୟ ବୃହତ୍ ତୈଳ ଉତ୍ପାଦନକାରୀ ତଥା ସର୍ବବୃହତ୍ ଘରୋଇ ଅଏଲ୍ କମ୍ପାନୀ 'ଲୁକୋଇଲ୍'ର ୬୭ ବର୍ଷୀୟ ଅଧକ୍ଷ ରାଭିଲ୍ ମାଗାନୋଭ୍‌ଙ୍କର ମଧ ଅତି ରହସ୍ୟଜନକ ସ୍ଥିତିରେ ମୃତ୍ୟୁ ଘଟିଥିଲା। ମସ୍କୋର ଏକ ହସ୍ପିଟାଲ ଝରକାରୁ ଖସିପଡ଼ିବା ପରେ ସେପ୍ଟେମ୍ବର ୧ରେ ରାଭିଲ୍‌ଙ୍କ ମୃତଦେହ ମିଳିଥିଲା। ମାଗାନୋଭ୍‌ଙ୍କ ମୃତ୍ୟୁ ସହ ରାୟଗଡ଼ା ହୋଟେଲ ରୁମ୍‌ର ଝରକାରୁ ଖସିପଡ଼ିଥିବା ଆଣ୍ଟୋଭ୍‌ଙ୍କ ମୃତ୍ୟୁର ଅନେକ ସାମଞ୍ଜସ୍ୟ ରହିଛି। ଗତ ଏପ୍ରିଲରେ ମାତ୍ର ୨୪ ଘଣ୍ଟାର ବ୍ୟବଧାନରେ ୨ ରୁଷୀୟ ସମ୍ଭ୍ରାନ୍ତ ସେରେଗି ପ୍ରୋଟୋସେନ୍ୟା ଏବଂ ଭ୍ଲାଡିସ୍ଲାଭ୍ ଆଭାଏଭ୍‌ଙ୍କ ମୃତ୍ୟୁ ସାରା ବିଶ୍ୱକୁ ଚକିତ କରିଦେଇଥିଲା। ପ୍ରୋଟୋସେନ୍ୟାଙ୍କ ଝୁଲନ୍ତା ମୃତଦେହ ଏପ୍ରିଲ ୧୮ରେ ସ୍ପେନ୍‌ରେ ଥିବା ତାଙ୍କ ବଗିଚାରେ ଠାବ ହୋଇଥିଲା। ତାଙ୍କ ସ୍ତ୍ରୀ ଓ ଝିଅଙ୍କ ଦେହରେ ଅନେକ ଥର ଛୁରାମାଡ଼ କରାଯାଇଥିଲା। ଏହାର ଦିନକ ପୂର୍ବରୁ ମଲ୍ଟି-ମିଲିୟନେୟାର ଆଭାଏଭ୍‌ଙ୍କ ସହ ତାଙ୍କ ସ୍ତ୍ରୀ ଓ ଝିଅଙ୍କ ମୃତଦେହ ମସ୍କୋସ୍ଥିତ ପ୍ରୋସ୍ପେକ୍ଟ ୟୁନିଭର୍ସିଟିରେ ଥିବା ତାଙ୍କ ବାସଭବନରୁ ମିଳିଥିଲା। ଉଭୟେ ୟୁକ୍ରେନ୍ ଆକ୍ରମଣକୁ ସମାଲୋଚନା କରୁଥିଲେ। ସେହିପରି ଆଲେକ୍‌ଜାଣ୍ଡାର ତିଉଲିକୋଭ୍ ଏବଂ ମିଖାଇଲ ୱାଟଫୋର୍ଡଙ୍କ ଭଳି ବହୁ ଧନୀ ରୁଷୀୟ ଅତି ରହସ୍ୟଜନକ ସ୍ଥିତିରେ ପ୍ରାଣ ହରାଇଥିଲେ।

## ୧୦ରୁ ମାଟ୍ରିକ...

ପରାମର୍ଶ ଦେଇଛନ୍ତି। ପ୍ରଶ୍ନପତ୍ର ଓ ଉତ୍ତରଖାତା ରହୁଥିବା ଷ୍ଟ୍ରଙ୍ଗରୁମ୍‌ରେ ୨୪ ଘଣ୍ଟିଆ କଡ଼ା ନିରାପତ୍ତା, ପରୀକ୍ଷା କେନ୍ଦ୍ରରେ ସୁରକ୍ଷା କର୍ମୀ ମୁତୟନ, ବିଦ୍ୟୁତ୍ ଏବଂ ପିଇବା ପାଣି ବ୍ୟବସ୍ଥା ସହ ପରୀକ୍ଷା ପରିଚାଳନାରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା ନିମନ୍ତେ କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ଶନିବାରଠାରୁ ପଠାଇବା ଆରମ୍ଭ ହୋଇଥିବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବୈଠକରେ ସୂଚନା ଦିଆଯାଇଛି। ଏଥି ନିମନ୍ତେ ୨୨ଟି ଥାନାକୁ ମିଶାଇ ମୋଟ ୩୧୬ଟି ନୋଡାଲ ସେଣ୍ଟର କରାଯାଇଛି। ଏଥିମଧ୍ୟରେ କନ୍ଧମାଳରେ ୭ଟି, କୋରାପୁଟରେ ୫ଟି ଏବଂ ମାଲକାନଗିରିରେ ୧୦ଟି ଥାନାରେ ନୋଡାଲ ସେଣ୍ଟର କରାଯାଇଛି। ପରୀକ୍ଷା ଶେଷ ହେବା ପରେ ୫୬ଟି କେନ୍ଦ୍ରରେ ଖାତାଦେଖା ଆରମ୍ଭ କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯିବ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍, ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ରାମଶିଷ ହାଜରା, ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ସୁଶାନ୍ତ ଦାଶ, ଅତିରିକ୍ତ ସଚିବ ଅଶ୍ୱିନୀ ମିଶ୍ରଙ୍କ ସମେତ ସମସ୍ତ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ,ଜିଲା ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଆମେରିକା ଭଳି...

ବୋଲି ସେ କହିଛନ୍ତି । ଦେଶରେ ପେଟ୍ରୋଲ, ଡିଜେଲର ବିକଳ୍ପ ଭାବେ ଇଥାନଲ, ମିଥେନାଇଲ, ବାୟୋଡିଜେଲ, ବାୟୋ ସିଏନ୍‌ଜି, ଗ୍ରୀନ୍ ହାଇଡ୍ରୋଜେନ, ସୋଲାର ପାୱାର ଉପରେ କାମ ଚାଲିଛି। ଫଳରେ ଗ୍ରୀନ୍ ଇଣ୍ଡିଆର ସ୍ୱପ୍ନ ଖୁବ୍‌ଶୀଘ୍ର ସାକାର ହେବ। ଭାରତରେ ଲଜିଷ୍ଟିକ୍ ଖର୍ଚ୍ଚ ୧୬% ଥିବାବେଳେ ଚାଇନାରେ ଏହା ୮-୧୦%, ପାଶ୍ଚାତ୍ୟ ଦେଶରେ ଏହା ୧୨%ରେ ସୀମିତ ରହିଛି। ଏହାକୁ ଏକକ ସଂଖ୍ୟା ମଧ୍ୟରେ ସୀମିତ କରି ରଖିବାକୁ ଆମେ ତତ୍ପର ଓ କାର୍ଯ୍ୟରତ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

## ଜେରୁଜେଲମର ପବିତ୍ର...

କାର୍ଯ୍ୟକ୍ରମ ମେ' ୬ରୁ ୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏହି ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ଷ୍ଟ୍ରିଟ୍ ପାର୍ଟି ଆୟୋଜନ କରାଯାଇଛି। ତେବେ ଏହି ବିଶାଳ ସମାରୋହକୁ ଦେଖିବା ପାଇଁ ଲଣ୍ଡନରେ ୧୦ ହଜାରରୁ ଅଧିକ ଲୋକ ଏକତ୍ର ହେବା ନେଇ ବକିଂହାମ ପ୍ୟାଲେସ ଆଶାବାଦୀ।

# ଆଜମେର ଅଭିମୁଖେ ତୀର୍ଥଯାତ୍ରା ଟ୍ରେନ୍

ଭୁବନେଶ୍ୱର, ୪।୨(ବ୍ୟୁରୋ)




ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଶନିବାର ଭୁବନେଶ୍ୱରଠାରୁ ଆଜମେର ଓ ପୁଷ୍କର ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍ ଯାତ୍ରା ଆରମ୍ଭ କରିଛି। ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ଲକ୍ଷ୍ୟ ନେଇ ଯାତ୍ରା କରୁଥିବା ଏହି ସତନ୍ତ୍ର ଟ୍ରେନ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଥିଲେ। ଏଥିସହିତ ଏଥିରେ ଯାତ୍ରା କରୁଥିବା ସମସ୍ତ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। କରୋନା ଯୋଗୁଁ ଗତ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ପାଇଁ ବନ୍ଦ ଥିବା ବରିଷ୍ଠ ନାଗରିକମାନଙ୍କ ପାଇଁ ତୀର୍ଥଯାତ୍ରା ପୁଣି ଆରମ୍ଭ ହୋଇଛି। ଚଳିତ ବର୍ଷ ୭ହଜାର ବରିଷ୍ଠ ନାଗରିକଙ୍କ ପାଇଁ ତୀର୍ଥଯାତ୍ରା ବ୍ୟବସ୍ଥା କରାଯାଇଛି। ଏଥି ପାଇଁ ୭ଟି ଯାତ୍ରାର ବ୍ୟବସ୍ଥା କରାଯାଇଛି। ତୀର୍ଥଯାତ୍ରୀଙ୍କ ଯିବା, ଆସିବା, ରହିବା, ଖାଇବା, ସ୍ୱାସ୍ଥ୍ୟସେବା ଆଦିର ସବୁପ୍ରକାର ବ୍ୟବସ୍ଥା କରାଯାଇଛି। ୨୦୨୨-୨୩ ବର୍ଷରେ ଏହି ଯୋଜନାରେ ଖୋର୍ଦ୍ଧା, ପୁରୀ,କଟକ, ଜଗତସିଂହପୁର, କେନ୍ଦ୍ରାପଡା ଓ ଢେଙ୍କାନାଳ ଆଦି ୬ ଟି ଜିଲାରୁ ଚୟନ କରାଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରୀମାନେ ଭୁବନେଶ୍ୱର ରେଳ ଷ୍ଟେଶନରୁ ଆଜମେର ଓ ପୁଷ୍କର ତୀର୍ଥଯାତ୍ରା କରି ସମସ୍ତେ ଦିବ୍ୟ ଅନୁଭୂତି ନେଇ ଫେରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ସ୍ୱତନ୍ତ୍ର ଟ୍ରେନ ଭୁବନେଶ୍ୱର ରେଳ ଷ୍ଟେଶନର ୧ ନମ୍ବର ପ୍ଲାଟଫର୍ମରୁ ଦିନ ୧୨.୪୫ ମିନିଟ ସମୟରେ ଛାଡ଼ିଥିଲା। ଏହି ଯାତ୍ରାରେ ବରିଷ୍ଠ ନାଗରିକ ଓ ସେମାନଙ୍କ ପାଇଁ ସୁରକ୍ଷା ଅଧିକାରୀମାନଙ୍କୁ ମିଶାଇ ମୋଟ ୧୦୦୦ ଜଣ ଯାତ୍ରା କରିଛନ୍ତି। ଆସନ୍ତା ୯ ତାରିଖରେ ତୀର୍ଥଯାତ୍ରା ସାରି ଏହି ଟ୍ରେନ ଭୁବନେଶ୍ୱର ଫେରିବ। ନିମନ୍ତ୍ରିତ ଅତିଥିମାନେ ରେଳ ବଗି ନିକଟରେ ଫିତାକାଟି ଏବଂ ସବୁଜ ପତାକା ହଲାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷି ଓ କୃଷକ ସଶକ୍ତି କରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସାଂସଦ ଡ. ରାଜଶ୍ରୀ ମଲ୍ଲିକ, ସାଂସଦ ସୁଲତା ଦେଓ, ସରକାରୀ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପାଟକୁରା ବିଧାୟକ ସାବିତ୍ରୀ ଅଗ୍ରୱାଲ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଡ. ଲେନିନ ମହାନ୍ତି, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା କାର୍ଯ୍ୟକ୍ରମର ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚ୍ଚିନ ରାମଚନ୍ଦ୍ର ଯାଦବ ଏବଂ ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଭୁବନେଶ୍ୱର ମହାନଗର ନିଗମ ଡେପୁଟୀ ମେୟର ମଞ୍ଜୁଲତା କହ୍ନର, ସମସ୍ତ କର୍ପୋରେଟର ଅତିଥି ଭାବେ ଉପସ୍ଥିତ ଥିଲେ। ତୀର୍ଥଯାତ୍ରାର ଶୁଭାରମ୍ଭ ପରିପ୍ରେକ୍ଷୀରେ ତୀର୍ଥଯାତ୍ରା କରିଥିବା ବରିଷ୍ଠ ନାଗରିକ ସୁବାସ ଚନ୍ଦ୍ର ସ୍ୱାଇଁ, ପ୍ରମୋଦ କୁମାର ବାରିକ, ଧର୍ମାନନ୍ଦ ବିଶ୍ୱାଳ, ସବିତା ମହାନ୍ତି, ବାସନ୍ତୀ ସାହୁ ଙ୍କୁ ସାଙ୍କେତିକ ଭାବେ ରେଳ ଟିକେଟ ଓ ଟ୍ରାଭେଲ କିଟ ପ୍ରଦାନ କରାଯାଇଥିଲା।


## ODISHA PUBLIC SERVICE COMMISSION CUTTACK

### NOTICE

No. 2474/PSC, Dt.4.3.23
(1E-24-2022-23) (DR-II)
Website - http://www.opsc.gov.in

**No. D-338:-** In continuation to this office notice No. 2294/PSC, dt.03.03.2023, it is for information of all provisionally qualified candidates relating to recruitment for the post of **Assistant Agriculture Engineer**, pursuant to **Advt. No. 03 of 2022-23** that the **Document verification and Viva Voce Test** will be conducted from **20.03.2023 to 24.03.2023** in the Office of the Commission, at 19, Dr. P.K. Parija Road, Cuttack-753001, as per the following programme.

**PROGRAMME OF DOCUMENT VERIFICATION & VIVA VOCE TEST**

| Date | Time of Verifi-cation | Time of viva voce test | Roll Numbers of candidates | |
|---|---|---|---|---|
| | | | Board-I | Board-II |
| 20.03.2023 | 9.00 A.M. | 10.45 A.M. | 100004, 100005, 100008, 100013, 100018, 100020, 100022, 100024, 100029, 100032 & 100036 = 11 candidates | 100084, 100085, 100092, 100096, 100105, 100110, 100111, 100116, 100117, 100131 & 100132 = 11 candidates |
| | 1.00 P.M. | 3.00 P.M. | 100037, 100058, 100060, 100066, 100067, 100075, 100079, 100080 & 100083 = 09 candidates | 100136, 100137, 100138, 100141, 100142, 100143, 100145, 100149 & 100153 = 09 candidates |
| 21.03.2023 | 9.00 A.M. | 10.45 A.M. | 100214, 100216, 100218, 100223, 100225, 100226, 100230, 100231, 100235, 100241 & 100242 = 11 candidates | 100155, 100156, 100157, 100164, 100165, 100172, 100174, 100178, 100180, 100182 & 100184 = 11 candidates |
| | 1.00 P.M. | 3.00 P.M. | 100244, 100253, 100263, 100264, 100266, 100268, 100269, 100274 & 100276 = 09 candidates | 100185, 100192, 100196, 100203, 100205, 100206, 100207, 100208 & 100211 = 09 candidates |
| 22.03.2023 | 9.00 A.M. | 10.45 A.M. | 100285, 100286, 100288, 100293, 100298, 100304, 100305, 100306, 100310, 100314 & 100317 = 11 candidates | 100353, 100359, 100365, 100369, 100375, 100379, 100380, 100381, 100382, 100387 & 100389 = 11 candidates |
| | 1.00 P.M. | 3.00 P.M. | 100322, 100324, 100332, 100333, 100334, 100336, 100348, 100349 & 100350 = 09 candidates | 100390, 100395, 100401, 100406, 100410, 100415, 100424, 100432 & 100433 = 09 candidates |
| 23.03.2023 | 9.00 A.M. | 10.45 A.M. | 100508, 100510, 100512, 100513, 100514, 100517, 100519, 100530, 100539, 100545 & 100547 = 11 candidates | 100438, 100439, 100440, 100443, 100455, 100458, 100459, 100461, 100463, 100464 & 100467 = 11 candidates |
| | 1.00 P.M. | 3.00 P.M. | 100549, 100553, 100554, 100562, 100566, 100570, 100571, 100577 & 100579 = 09 candidates | 100469, 100471, 100475, 100481, 100488, 100493, 100499, 100504 & 100506 = 09 candidates |
| 24.03.2023 | 9.00 A.M. | 10.45 A.M. | 100590, 100591, 100594, 100596, 100598, 100600, 100606, 100612, 100613, 100614 & 100616 = 11 candidates | 100628, 100640, 100642, 100643, 100648, 100655, 100656, 100658, 100659, 100661 & 100664 = 11 candidates |
| | 1.00 P.M. | 3.00 P.M. | 100618, 100621, 100622, 100623, 100624 & 100627 = 06 candidates | 100668, 100678, 100681, 100684 & 100691 = 05 candidates |

The candidates are required to come with hard-copies of online application forms (indicating their Roll Nos. at the top right comer), four passport size photographs, self-attested copies of all relevant certificates, documents, Proof of identity etc. **with original of the same** as per **Para - 9** of the aforesaid Advertisement and duly filled in "**Attestation Form**" & "**Bio-data Form**" (to be downloaded from the website of the Commission) and submit the same **in person** on the day of verification. While submitting the hard copy of online application form you are requested to **mask** the mobile No/alternatively mobile No and Email ID through **blackening**.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy /deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the viva voce test**. The candidates shall be allowed to the viva voce test on the scheduled date & time mentioned below subject to fulfillment of their eligibility in all respect as per verification of original certificate /documents. The decision of the Commission thereon shall be final.

**N.B. - The candidates are advised to report at the office of the Commission half an hour before the commencement of verification of original certificates & documents on their scheduled dates & time as mentioned against each.**

OIPR-12002/11/0286/2223 **Sd./- Secretary**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER PHULBANI (R&B) DIVISION, PHULBANI

e-mail-eeplbrb@gmail.com

**INVITATIONS FOR BIDS (IFB)**
**'e' procurement Notice**

No. B-1329

**Bid Identification No.SE-R&B-PLB-44-2022-23**

1) (a) Name of the work : Building Work-3 (Three) Nos.
Estimated Cost : Rs.35.05 lakhs - Rs.68.16 lakhs
2) Period of Completion : As notified in Tender Call Notice.
3) Date & Time of availability of Bid documents in the portal : From 13.03.2023, 10.00 A.M. to 22.03.2023, 5.00 P.M.
4) Last date / time for receipt of bids in the portal : Up to 5.00 P.M. of dated 22.03.2023.
5) Name and address of the O.I.T. : Superintending Engineer, Phulbani (R&B) Division.

Further details can be seen from the website www.tendersodisha.gov.in
Corrigendum if any shall be published only in the above website.

**Sd./- Superintending Engineer**
**Phulbani (R&B) Division**

OIPR-34066/11/0012/2223

## Government of Odisha, e- Procurement Notice
## INVITATION FOR BIDS (IFB)

Email Id-sedklpwd@gmail.com

**Bid Identification No. C.C.E.Dkl.(R&B) 23/2022-23**

**Letter No. 541/Dt.22.02.2023**

No. B-1321:- The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road work as detailed below:

1. Name of the work : Road, Bridge & Building works
2. No. of works : 14 (Fourteen) No.
3. Estimated Cost : **Rs.2,56,33,783/- to 8,17,23,723/- (as given in column No. 03 of table)**
4. Cost of tender paper : Rs 10,000.00
5. Class of contractor : 'B', 'A' & 'Special' Class **(as given in column No. 07 of table)**
6. Period of Completion of work : 06 (Six) to 11 (Eleven) Calendar months **(as given in column No. 08 of table)**
7. Date and time of availability of bid Document in the website : From Dt.09.03.2023 to 5.30 P.M. of Dt.23.03.2023
8. Date of opening of bid : Dt.24.03.2023 at 11.30 hours

The bidders have to participate in ONLINE bidding only. Further details can be seen from the e-Procurement Portal: www.tendersodisha.gov.in. Any Addendum/ Corrigendum/cancellation of tender can also be seen in the said website.

**Sd./- Chief Construction Engineer**
OIPR-34132/11/0032/2223 **Dhenkanal(R&B) Circle, Dhenkanal**

## GOVT. OF ODISHA
No. A-1220
## OFFICE OF THE ENGINEER-IN-CHIEF WATER RESOURCES, ODISHA, BHUBANESWAR

**'e' Procurement Notice No. CEMKS 08 of 2022-23**

1. Name of the work : Construction of Cement Concrete Lining in Distributary No. 13 Main off taking from RD 55.530 Km. of Taladanda Main Canal.
2. Amount put to tender : Rs.9,26,40,331.00
3. Bid Document Cost : Rs.10,000.00 (Online)
4. E.M.D. : Rs.9,26,500.00
5. Class of Contractor : "A" Class & Special Class
6. Period of Completion : 18 Calendar months (548 days)
7. Other details are as follows :

| Procurement Officer | Bid Idenitification No. | Availability of Tender Online for Bidding | | Date of Opening of Technical Bid (Cover-I |
|---|---|---|---|---|
| | | From | To | |
| Chief Engineer & BM, Mahanadi Kathajodi System, Bhubaneswar | CEMKS MSD 03 of 2022-23 | 06.03.2023 10.00 hrs. | 20.03.2023 17.00 hrs. | 21.03.2023 11.00 hrs. |

8. e-mail Id : **celmbbbsr@yahoo.co.in**

Further detail conditions can be seen from the Govt. website: **www.tendersodisha.gov.in**.

**Sd./- Chief Engineer & Basin Manager**
**Mahanadi Kathajodi System,**
**Bhubaneswar**

OIPR-32252/11/0012/2223

## GOVERNMENT OF ODISHA, "e"-PROCUREMENT NOTICE
## WORKS DEPARTMENT

No.B-1327
E-mail: ceroads.bbsr@gmail.com

**RFP Identification No. CE-DPI & R-07/2022-23**

1. The Chief Engineer, D.P.I. & Roads, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha, and, as part of this endeavour, Govt. of Odisha has decided to undertake the following "Projects" under EPC Contract (Engineering, Procurement and Construction) basis and has decided to carry out the bid process for selection of the parties/Joint Ventures to whom the Project may be awarded eventually.
2. Nature of Project : Road Work
3. No. of Project : 1 No.
4. Tender Paper cost : Rs.10,000.00
5. Class of Contractor : Super Class
6. Available of bid document in the website : From 10.00 A.M. of 14.03.2023 to 4.00 PM of 03.04.2023
7. Date of Pre-Application conference : 20.03.2023 at 12.30 P.M.
8. Date of opening of Bid : Dt.03.04.2023 at 4.30 P.M.
9. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

OIPR 34111/11/0092/2223 Sd./- Chief Engineer (DPI & Roads), Odisha

See Career Appointment on every Wednesday & Saturday

ଚିଠି ନଂ- ୩୨୮

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ପୁରୀ

ତାରିଖ- ୦୩/୦୩/୨୦୨୩

**ବିଜ୍ଞପ୍ତି**

No.g-110

| କ୍ର ନଂ | ଶିଶୁଙ୍କ ପରିଚୟ | ଝିଅ /ପୁଅ | ବୟସ | | ଫଟୋ |
|---|---|---|---|---|---|
| ୧. | ନାମ- ରଥ ସିଂ<br>ପିତା – ଭରତ ସିଂ<br>ମାତା: - ପାନ @ଜେମା ସିଂ<br>ଠିକଣା : - ସା- ପଣ୍ଡାପଡ଼ା, ଥାନା- ଘଟଗାଁ ତାରିଣୀ, ଜିଲ୍ଲା- କେଉଁଝର | ପୁଅ | ୧୩ ବର୍ଷ | ଗତ ୦୮ ,୦୩,୨୦୨୦ ରିଖ , ରଥ ସିଂ ଏବଂ ବାପୁନି ସିଂ ନାମକ ଦୁଇ ଭାଇଙ୍କୁ ଅପରେସନ ପରୀ ଦ୍ୱାରା ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶାଙ୍କ ନଂ ୪୯୬୮/CWCPURI/ତା ୨୮.୦୪.୨୦୨୦ ରିଖ ଅନୁସାରେ ଓପନ ସେଲ୍ଟର ଠାରେ ଅବସ୍ଥାପିତ କରାଯାଇଥିଲା। ବର୍ତ୍ତମାନ, ଉକ୍ତ ଦୁଇ ଭାଇ କଣାସଠାରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନ, ଶିଶୁ ପରିଚର୍ଯ୍ୟା ଗୃହ ପୁରୀ ଠାରେ ରହି ଯତ୍ନ ଓ ସୁରକ୍ଷା ପାଇ ଆସୁ ଛନ୍ତି । |  ରଥ ସିଂ |
| ୨. | ନାମ –ବାପୁନି ସିଂ<br>ପିତା – ଭରତ ସିଂ<br>ମାତା: - ପାନ @ଜେମା ସିଂ<br>ଠିକଣା : - ସା- ପଣ୍ଡାପଡ଼ା, ଥାନା- ଘଟଗାଁ ତାରିଣୀ, ଜିଲ୍ଲା- କେଉଁଝର | ପୁଅ | ୧୨ ବର୍ଷ | |  ବାପୁନି ସିଂ |

ଯଦି ଏହି ଶିଶୁ ମାନଙ୍କର କେହି ଅଭିଭାବକ ବା ପରିବାରବର୍ଗ ଓ ଅନ୍ୟ ସମ୍ପର୍କୀୟ ଅଥବା ଆଇନସିଦ୍ଧ ଦାବିଦାର ଥାଆନ୍ତି , ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ଭିତରେ ଶିଶୁ ମଙ୍ଗଳ କମିଟି , ଉତ୍କଳ ବାଳାଶ୍ରମ ପରିସର , ନରେନ୍ଦ୍ରକୋଣ, ପୁରୀ (ଫୋନ ନଂ-୯୪୩୭୧୧୪୪୬୧)/ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ , ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର (ଫୋନ ନଂ-୯୪୩୮୬୪୮୦୬୭) , ପୁରୀଙ୍କ ସହ ଯୋଗାଯୋଗ କରନ୍ତୁ । ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁମାନଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ର ଧାରା ୩୮ ଉପଧାରା (୧) ଅନୁସାରେ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବାପାଇଁ ପଦକ୍ଷେପ ନିଆଯିବ।

ସ୍ୱା/-
ଜିଲ୍ଲାପାଳ, ପୁରୀ

OIPR-33018/11/0013/2223

**Odisha State Health & Family Welfare Society, Govt. of Odisha**
**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha) Phone/Fax: 0674- 2392480/79**

**Advt. No:06/23** **Walk-in-Interview** **Date:05.03.2023**

No.E-955:- Walk-in-Interview will be conducted as scheduled below for filling up of the following vacant position under National Health Mission, Odisha on contractual basis with monthly remuneration as noted and subject to renewal as per the terms and conditions of OSH&FW Society. The position is purely temporary and co-terminus with the scheme. Lower age limit is 21 years as on dtd. 01.03.2023.

| Sl. No. | Name of the Post | No. of Vacancy | Remuneration (in Rs.), Performance Incentive (P.I) & other allowances as admissible | Date of Registration/ Interview |
|---|---|---|---|---|
| 01 | Consultant NVHCP & Climate Change | 01 | Rs.65,480/-+PI | 22.03.2023 |

Interested candidates can log on to www.nhmodisha.gov.in for details of vacancy, eligibility criteria, Age, Application Form etc. **Candidates fulfilling the eligibility criteria may appear for registration on the date as mentioned against the post. Registration timing will be from 10.00 A. M. to 12 Noon only on Walk-in-Interview date**. No application will be received after scheduled date & timing of registration.

**Venue**: - Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, District- Khordha, Pin – 751012, Odisha.

**The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.**

**Sd/-**
**Mission Director, NHM**
**Member Secretary, OSH&FWS, Odisha.**

OIPR-10084/11/0035/2223

idco ODISHA NEW OPPORTUNITIES
## OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR

No. CAD-5034
**Tender Call Notice No. File No. IDCO/HO-P&C/O-3675/03/2023/V-1/6822** **Dated: 03.03.2023**

**NOTICE INVITING TENDER THROUGH e-Procurement**

Name of the Work : SITC of LED Street Lights in Internal Roads of Balangir Zone A & Zone B.

| Procurement Officer | Bid Identification No. | Period of Completion | Availability of Tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/ EST/E-164/2022-23 | 02 (Two) Calendar Months | 10.00 hours of 14.03.2023 | 17.00 hours of 27.03.2023 |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will be published in Newspapers and can only be seen in the e-Procurement portal as well as in IDCO website.

**OIPR-14003/11/0318/2223** **Sd./- Chief General Manager (P&C), IDCO, Bhubaneswar**

idco ODISHA NEW OPPORTUNITIES
## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR - 751022

No. CAD-5032
**Tender Call Notice No. IDCO: H.O./P&C/EST-E-1527/01/2020/6538** **Dated: 01.03.2023**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Repair and Rehabilitation of the existing Roads and Drains at Pitamahal Industrial Estate, IID Centre, Rayagada, Odisha
2. Estimated Cost : Rs.94.51 lakh
3. Period of Completion : 02 (Two) Calendar Months
4. Other details :

| Procurement Officer | Bid ID/ Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-165/2022-23 | 13.03.2023 at 17.00 hrs. | 28.03.2023 upto 17.00 hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in Newspapers and can only be seen in the e-Procurement portal **www.tendersodisha.gov.in** and **www.idco.in**

**OIPR-14003/11/0316/2223** **Sd./- Chief General Manager (P&C), IDCO, Bhubaneswar**

## ସଂକ୍ଷେପରେ

## ଜେଲଗଲେ କ୍ଷୁଦ୍ର ଜଳସେଚନ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସର ଚଢ଼ାଉ



ଭବାନୀପାଟଣା,୪।୩(ସ୍ୱ.ପ୍ର.): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଶନିବାର ଜେଲ ଯାଇଛନ୍ତି କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ କେବିକେ ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ କନ୍ଦର୍ପ ପ୍ରଧାନ। ଭିଜିଲାନ୍ସ ଚଢ଼ାଉ ସମୟରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ କନ୍ଦର୍ପଙ୍କ ଆୟଠାରୁ ୭୫ ପ୍ରତିଶତ ଅଧିକ ସମ୍ପତ୍ତି ଠାବ କରା ଯାଇଥିଲା। ଶୁକ୍ରବାର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଧାନଙ୍କ ଭବାନୀପାଟଣାସ୍ଥିତ ଅଫିସ, ସରକାରୀ ବାସଭବନ, ଖୋର୍ଦ୍ଧା ଓ ଅନୁଗୋଳର ୮ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଭୁବନେଶ୍ୱରର ରସୁଲଗଡ (ଏସ୍‌ପ୍ଲାନେଡ ପଛରେ) ଥିବା ବେଷ୍ଟୋ ମୋନାର୍କ ଆପାର୍ଟମେଣ୍ଟର ଫ୍ଲାଟ ନମ୍ବର ୩୦୧, ଖାରବେଳନଗରର ବେଷ୍ଟୋ ରିଜେନ୍ସିର ଫ୍ଲାଟ ନମ୍ବର ୧, ଶହୀଦନଗରରେ ଥିବା ଇମ୍ପେରିଆ ଆପାର୍ଟମେଣ୍ଟର ପ୍ରଥମ ମହଲାର ଫ୍ଲାଟ ନମ୍ବର ୧୦୧, ଅନୁଗୋଳରେ ତୁରଙ୍ଗ ମୌଜା ଖାତା ନମ୍ବର ୧୫୩, ପ୍ଲଟ ନମ୍ବର୧/୬୮୨ ଠାରେ ୨ ମହଲା ନିର୍ମାଣାଧୀନ କୋଠା, ଅନୁଗୋଳର ଖିଲାର ମୌଜା ପ୍ଲଟ ନମ୍ବର ୧୬୯/ଖାତା ନମ୍ବର ୩୮୨, ପ୍ଲଟ ନମ୍ବର୧୬୯/୪୯୨୭ ଖାତା ନମ୍ବର ୬୪୯/ ୪୮୬ ଗୋଟିଏ ପ୍ଲଟ ପ୍ରଧାନଙ୍କ ଥିବା ଚଢ଼ାଉ ବେଳେ ଜଣାପଡ଼ିଛି। ଅନୁଗୋଳ ଜିଲା ଠାକୁରଗ ଥାନା ବନ୍ତଳାସ୍ଥିତ ପୈତୃକ ଘର, କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଏମଆଇ କଲୋନି ସରକାରୀ ବାସଭବନ, କେବିକେ ଏମଆଇ ସର୍କଲ ସମେତ ୮ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକାସାଙ୍ଗରେ ଚଢ଼ାଉ ହୋଇଥିଲା। ଏହି ସମୟରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ କନ୍ଦର୍ପ ପ୍ରଧାନଙ୍କର ଆୟଠାରୁ ୭୫ ପ୍ରତିଶତ ଅଧିକ ସମ୍ପତ୍ତି ଠାବ କରାଯାଇଥିଲା। ଏହାସହ ସୁନା ୫୩୦ ଗ୍ରାମ, ୨ଟି ଚାରି ଚକିଆ ଆଦି ଜବତ ହୋଇଛି। ଏହି ଚଢ଼ାଉରେ ୮ଟି ଟିମ ଗଠନ କରାଯାଇଥିବାବେଳେ ଏଥିରେ ୪ ଜଣ ଡିଏସ୍‌ପି, ୧୦ଜଣ ଇନ୍‌ସପେକ୍ଟର ସାମିଲ ହୋଇଥିଲେ।

## ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗ: ଦୁଇ ଜଣଙ୍କୁ କୋର୍ଟ ଚାଲାଣ

ତରଭା,୪।୩(ଡି.ଏନ.ଏ.): ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ଏହାଛଡା ଅପହରଣରେ ସହଯୋଗ କରିବା ଅଭିଯୋଗରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ତରଭା ପୋଲିସ ଗିରଫ କରିଛି । ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ତରଭା ଅଞ୍ଚଳର ଜଣେ ନାବାଳିକା ଗତ ଜାନୁୟାରୀ ୨ତାରିଖ ଦିନ କଲେଜକୁ ପଢ଼ିବା ପାଇଁ ଯାଉଥିବା ବେଳେ ବିନୟ ବାଗ(୨୧) ତାଙ୍କୁ ଅପହରଣ କରି ନେଇଥିଲେ । ଏହି ଅପହରଣରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳର ବିଶ୍ୱଜିତ ହରିପାଲ (୪୨) ସହଯୋଗ କରିଥିଲେ । ଜାନୁୟାରୀ ୩ ତାରିଖରେ ନାବାଳିକାଙ୍କ ବାପା ଏନେଇ ତରଭା ଥାନାରେ ଏତଲା ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ ଚାଲିଥିଲା। ତରଭା ଥାନା ଏସ୍‌ଆଇ ଯଯାତି କେଶରୀ ସାହୁଙ୍କ ନେତୃତ୍ୱରେ ଓଏପିଏଫ ବିମଳ ପଧାନ ଓ ଜ୍ୟୋତ୍ସ୍ନା ପଧାନ ମୁମ୍ବାଇ ଡିଭା ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ବିନୟଙ୍କୁ ଗିରଫ କରି ଶୁକ୍ରବାର ତରଭା ଥାନାକୁ ଆଣିଥିଲେ। ଉଭୟଙ୍କ ଡାକ୍ତରୀ ପରୀକ୍ଷା ପରେ ନାବାଳିକାଙ୍କୁ ସୋନପୁର ସିଡବ୍ଲ୍ୟୁସିକୁ ପଠାଯାଇଛି । ଏହି ଘଟଣାରେ ବିନୟ ଓ ବିଶ୍ୱଜିତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନା କେସ୍ ନମ୍ବର ୨ ଦଫା ୩୬୩/୩୬୬/୩୭୬ (୨)(୩) ୩୪ ଆଇପିସି/ସେକ୍ସନ ୬ ପୋକ୍‌ସୋ ଆଇନରେ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି ବୋଲି ଆଇଆଇସି ସୁବ୍ରତ ପାଣିଗ୍ରାହୀ କହିଛନ୍ତି।

# ଦେଶଫାଲ ଲୋକ ମହୋତ୍ସବ ଉଦ୍‌ଘାଟିତ




ଲୋକ ମହୋତ୍ସବରେ ମଞ୍ଚାସୀନ ଅତିଥି ।

ଅମରପାଲି,୪।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଧର୍ମଶାଳାଠାରେ ଶନିବାର ସନ୍ଧ୍ୟାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଦେଶଫାଲ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବର ପ୍ରଥମ ପର୍ଯ୍ୟାୟରେ ସୁବର୍ଣ୍ଣପୁର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କୁଅଁର, ଉଲୁଣ୍ଡ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ଓ ମୁଣ୍ଡୋଘାଟ ସରପଞ୍ଚ କେଶନ ଜଗଦଲା ଅତିଥି ଭାବେ ଯୋଗଦେଇ ମହୋତ୍ସବ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ବିରେନ ଜଗଦଲା ସମ୍ବଲପୁରୀ ଭଜନ ଗାନ କରିଥିଲେ। ପରେ ବ୍ୟଙ୍ଗକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରସରାଜ ଅଚ୍ୟୁତ ପୁରୋହିତ, ବ୍ୟଙ୍ଗକବି ନୀତିଶ ଆଚାର୍ଯ୍ୟ, ହରିଲାଲ ସାହୁ, ଭରତ ନାଏକ ଓ ଆଶୀଷ ସାହୁଙ୍କ ବ୍ୟଙ୍ଗ କବିତା ମନଛୁଆଁ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଦେଶଫାଲ ମହୋତ୍ସବ କମିଟିର ସଭାପତି ପଦ୍ମଲୋଚନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କୁଅଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ସ୍ଥାନୀୟ ସରପଞ୍ଚ କେଶନ ଜଗଦଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। କେଶବ କୁମାର ଦାଶ ଓ ସାଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ମହୋତ୍ସବ କମିଟିର ସମ୍ପାଦକ ଶ୍ରୀନିବାସ ଚାନ୍ଦ ବିବରଣୀ ପ୍ରଦାନ କରିଥିଲେ।

### ମନମୋହିଲା ବ୍ୟଙ୍ଗ କବିତା, ରସରକେଳି ନୃତ୍ୟ

ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅବସରପ୍ରାପ୍ତ ଶିକ୍ଷକ ଯୋଗିନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଲିଖିତ ପୁସ୍ତକ ଐତିହାସିକ କ୍ଷେତ୍ରରେ ସୋନପୁର ସ୍ଥାନ ଓ ଦେଶଫାଲ ଉନ୍ମୋଚିତ ହୋଇଥିଲା। କଣ୍ଠଶିଳ୍ପୀ ଶତ୍ରୁଘ୍ନ ଲୁହାଙ୍କୁ ଦେଶଫାଲ କଳା ଓ ସଂସ୍କୃତି ସମ୍ମାନ ଏବଂ ବାଲଗୋପାଳ ମହାପାତ୍ରଙ୍କୁ ଦେଶଫାଲ ଶିକ୍ଷା ବିକାଶ ସମ୍ମାନରେ ସମ୍ମାନିତ କରାଯାଇଥିଲା। ହୃଷୀକେଶ ଚାନ୍ଦ ଓ ଲକ୍ଷ୍ମୀନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ମହୋତ୍ସବ କମିଟିର ଉପସଭାପତି ହରିହର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଫୁଲବାଣୀ ନଟରାଜ କଳାପରିଷଦ ଦ୍ୱାରା ଓଡିଶୀ ନୃତ୍ୟ, ବୌଦ୍ଧର ବଉଳି କଳାପରିଷଦ ଦ୍ୱାରା ପଞ୍ଚରସି, ବିନିକାର ରୁମକୁ ଝୁମାନା ଦ୍ୱାରା ରସରକେଲି, ବଲାଙ୍ଗୀର ଦ୍ୱାରା ମାଳଖମ୍ଭ, ଅଇଁଲାଛାଟ(ଉଲୁଣ୍ଡା) କଳାକାରଙ୍କ କରମା, ତିକୁଡା କଳାକାରଙ୍କ ଦ୍ୱାରା ବିଣାକାର ନୃତ୍ୟ ପରିବେଷଣ ହୋଇଥିଲା।



ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ ପୂର୍ବରୁ ବରଗଡ ଜିଲା ସୋହେଲାର ରାସ୍ତାକୁ ରଙ୍ଗୋଳି ମାଧ୍ୟମରେ ସଜାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବ୍ୟାପକ ପ୍ରସ୍ତୁତି

ସୋହେଲା, ୪।୩(ଡି.ଏନ.ଏ.)

ମାର୍ଚ୍ଚ ୫ତାରିଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୋହେଲା ଗସ୍ତ। ଏଥିପାଇଁ ସୋହେଲା ନବବଧୂ ପରି ସଜେଇ ହୋଇଛି। ସୋହେଲାରୁ ଆରମ୍ଭ ହେଉଥିବା ବିଜୁ ଏକ୍ସପ୍ରେସ ୱେର ମୁଖଶାଳା ସୋହେଲାର ଗାନ୍ଧୀ ଛକକୁ ସୁନ୍ଦରଭାବେ ସାଜସଜ୍ଜା କରାଯାଉଛି। ଏଠାରେ ଥିବା ସତ୍ୟାଗ୍ରହୀ ସ୍ମାରକ ପୀଠକୁ ରଙ୍ଗ ଦିଆ ଯାଇଛି। ଚାରିପଟେ ଫୁଲକୁଣ୍ଡ ଲଗାଯାଇଛି। ରାସ୍ତାକୁ ପ୍ରାୟ ତିନିଶହ ମିଟର ପର୍ଯ୍ୟନ୍ତ ବିଭିନ୍ନ ଚିତ୍ରରେ ଚିତ୍ରିତ କରାଯାଇଛି। ଏଥିପାଇଁ ପଚାଶରୁ ଅଧିକ ଚିତ୍ରକର ଦିନରାତି ପରିଶ୍ରମ କରୁଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟାପକ ଗଛ ଲଗାଯାଉଛି। ସଭାସ୍ଥଳ ହଳଦୀପାଲି ପଡିଆରେ ଏକ ବଡ ଟେଣ୍ଟ ଲଗାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ ପାଇଁ ଏକ ସ୍ୱତନ୍ତ୍ର ବସ ଆସିଛି। ସୁରକ୍ଷା ପାଇଁ ୩୦ ପ୍ଲାଟୁନ ପୋଲିସ ପହଞ୍ଚି ଶନିବାର ଅଭ୍ୟାସ କରିଛନ୍ତି। ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣୟ ପ୍ରକାଶ ଦାସ ସ୍ଥାପୀୟ ବିଧାୟକ ସୁଶାନ୍ତ ସିଂଙ୍କ ସହ ସବୁ ପ୍ରସ୍ତୁତିର ତଦାରଖ କରୁଛନ୍ତି।

## କୁରୁମପୁରି କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା

ନୂଆପଡ଼ା ଅଫିସ,୪।୩

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରି କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର କୁରୁମପୁରି ସୁବଳ ଶ୍ୟାମ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋମନା ହେମସାଗର ମହାନନ୍ଦ ମୁଖ୍ୟଅତିଥି, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅହସ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଫିରୋଜ ଖାନ, ରୀତା ପାତ୍ର, ଅଶୋକ କୁମାର ମୁଦୁଳି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୁରୁମପୁରି କ୍ଲଷ୍ଟରର ୧୪ଟି ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଶିକ୍ଷଣ ସାମଗ୍ରୀ ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳୀକୁ ତଥା ଶିକ୍ଷାର ବିକାଶରେ ସାହାଯ୍ୟ କରିବ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଦଳଦଳି ବିଦ୍ୟାଳୟ ତଥା କୁରୁମପୁରି କ୍ଲଷ୍ଟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସିଆରସିସି ପଣ୍ଡା ଧନ୍ୟବାଦ ଅର୍ପଣ କରିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ: ୪ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ

ବୌଦ୍ଧ,୪।୩(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥର ମାଧପୁର ନିକଟସ୍ଥ ବନଦୁର୍ଗା ମନ୍ଦିର ନିକଟରେ ଶନିବାର ଦିନ ଏକ ଟ୍ରକ ସହ ଟାଟା ଏସିର ଧକ୍କା ହେବାରୁ ଟାଟା ଏସି ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଏହାକୁ କେନ୍ଦ୍ର କରି ଦୀର୍ଘ ୪ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହେବା ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା । ପ୍ରକାଶ ଯେ, ମଧ୍ୟାହ୍ନ ୧୨ଟା ସମୟରେ ପୁରୁଣାକଟକ ଥାନା ଅନ୍ତର୍ଗତ ଆଡେଣୀଗଡ ଗ୍ରାମର ଗୋଲେଖ ବେହେରା (୪୫) ଏକ ଟାଟା ଏସି ଚଳାଇ ମାଧପୁର ଆଡକୁ ଯାଉଥିବା ବେଳେ ବିପରୀତ ଦିଗରୁ ବୌଦ୍ଧ ଆଡକୁ ଆସୁଥିବା ଏକ ଟ୍ରକ ସହ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ଗୋଲେଖଙ୍କ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଘଟଣାସ୍ଥଳରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ହରଭଙ୍ଗା ତହସିଲଦାର ଶମ୍ଭୁ ଭୂଷଣ ମିଶ୍ର, ପୁରୁଣାକଟକ ଥାନା ଅଧିକାରୀ ଜ୍ୟୋତ୍ସ୍ନା କାଉଁରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ଏନେଇ ପୁରୁଣାକଟକ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଥିଲା ।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ମାନିନୀ



@ ଅମିର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାସ୍ତା ଜବରଦଖଲ କରି ଚାଷଜମି

ଲୋଇସିଂହା,୪।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ଲୋଇସିଂହା ମୌଜାର ସମେଲମୁଣ୍ଡା ଭାଗ ଚାଷ ଜମି ସର୍ବସାଧାରଣ ରାସ୍ତାକୁ ଜଣେ ବ୍ୟକ୍ତି ଜବରଦଖଲ କରି ଜମି ପ୍ରସ୍ତୁତ କରିଛନ୍ତି। ଏଥିଯୋଗୁ ଅନ୍ୟଚାଷୀମାନେ ତାଙ୍କ କ୍ଷେତକୁ ଯିବା ଆସିବା ବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜବରଦଖଲ ଜମି ଉଚ୍ଛେଦ କରି ଚାଷୀଙ୍କ ଗମନାଗମନ ପାଇଁ ରାସ୍ତା ଫିଟାଇବା ପାଇଁ ତହସିଲଦାରଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ଚାଷୀମାନେ ବର୍ଷବର୍ଷ ହେଲା ଗୁହାରି କରିଆସୁଥିଲେ ହେଁ ଏହାର ସମାଧାନ ଦିଗରେ ପ୍ରଶାସନ ଗୁରୁତ୍ୱ ଦେଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଲୋଇସିଂହା ମୌଜା ଖାତା ନଂ ୬୫୪ର ପ୍ଲଟନଂ ୧୮୬୧ ମୋଟ ରକବା ୦.୫୬ ଡିସିମିଲ ସର୍ବସାଧାରଣ ରାସ୍ତା ଅଛି । ଉକ୍ତ ରାସ୍ତାକୁ ଜଣେ ବ୍ୟକ୍ତି ଜବରଦଖଲ କରି ଚାଷ କରୁଛନ୍ତି। ସେହି ଧରସା ରାସ୍ତା ଜବରଦଖଲ ହେବା ପରେ ଚାଷୀମାନେ ଖରିଫ ଚାଷ ଏବଂ ଅନ୍ୟାନ୍ୟ ସମୟରେ ଚାଷ ଜମିକୁ ଶଗଡ, ଟ୍ରାକ୍ଟର ନେବା ଆଣିବା କରିପାରୁନାହାନ୍ତି। ଅପରପକ୍ଷେ ଉକ୍ତ ମୌଜାର ପ୍ଲଟନଂ ୧୮୫୯ ରଏତି ଜମିରେ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା କଲଭର୍ଟକୁ ନେଇ ଚାଷୀମାନେ ଆପତ୍ତି ଉଠାଉଛନ୍ତି। ରଏତି ଜମିରେ କଲଭର୍ଟ ନିର୍ମାଣ ଏବଂ ଜବରଦଖଲକାରୀଙ୍କୁ ସୁହାଇଲା ଭଳି ପୂର୍ବ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ବିବାଦକୁ ଆହୁରି ବଢାଉଥିବା କରମସିଂ ରଣା, ପ୍ରଭାକର ରଣା, ସନ୍ତୋଷ ରଣା ପ୍ରମୁଖ କହିଛନ୍ତି। ସୋମବାର ଅଫିସକୁ ଆସିବା ପାଇଁ ସମ୍ପୃକ୍ତ ଚାଷୀମାନଙ୍କୁ ଡକାଯାଇଛି ବୋଲି ରାଜସ୍ୱ ନିରୀକ୍ଷକ ଆର୍ଜୁ ପଟେଲ କହିଛନ୍ତି।

## ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଲୋଇସିଂହା,୪।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ କେଉଁଟିପାଲି ଆଦିବାସୀ ହରିଜନ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ତରଫରୁ ବିଦାୟ ସମ୍ବର୍ଦ୍ଧନା ଶନିବାର ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ଶାନ୍ତିଲାଲ ନନ୍ଦ ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ବାହାଦୂର ନନ୍ଦ, ସହକାରୀ ଶିକ୍ଷକ ହିମାଂଶୁ ଶେଖର ଷଡଙ୍ଗୀ, ସୁକାନ୍ତି ଲୁହାର, ବ୍ୟାସଦେବ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ମାଟ୍ରିକ ବୋର୍ଡ ପରୀକ୍ଷାରେ ପାଇଁ ବିଭିନ୍ନ ପରାମର୍ଶ ଦେବା ସହ ଛାତ୍ରୀଛାତ୍ରଙ୍କ ଶୁଭମନାସୀ ଥିଲେ। ଛାତ୍ରୀଛାତ୍ରମାନେ ତାଙ୍କ ସ୍କୁଲ ସମୟର ଅନୁଭୂତି ବଖାଣିଥିଲା।




ସମ୍ବର୍ଦ୍ଧନା ସଭାରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ।

## ଛାତ୍ର ଜୀବନରେ ଆଦର୍ଶ ହିଁ ମହତ୍ତ୍ୱପୂର୍ଣ୍ଣ

ଅମରପାଲି,୪।୩(ଡି.ଏନ.ଏ.)

ନୈତିକ ଓ ଆଧ୍ୟାତ୍ମିକ ପ୍ରଶିକ୍ଷଣ ବିନା ଶିକ୍ଷା ତାର ଅଭିପ୍ରାୟ ହାସଲ କରିପାରେ ନାହିଁ। ଛାତ୍ର ଜୀବନରେ ଆଦର୍ଶ ହିଁ ମହତ୍ତ୍ୱପୂର୍ଣ୍ଣ। ଏହା ବିନା ଶିକ୍ଷା ଅସମ୍ପୂର୍ଣ୍ଣ । ତେଣୁ ଉତ୍ତମ ଶିକ୍ଷା ପାଇଁ ଏହାକୁ ଧ୍ୟାନ ଦେବା ଜରୁରୀ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କେନ୍ଦୁପାଲିସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତ ପ୍ରକାଶ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ମିଶ୍ରଙ୍କ ପୌରୋହିତ୍ୟରେ ଶନିବାର ଅନୁଷ୍ଠିତ ବାର୍ଷିକୋତ୍ସବରେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟଅତିଥି ଏବଂ ପୂର୍ବତନ ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ଡା.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ବିଡିଓ ମୋତିଲାଲ ସୁଲିଆ, ଏସଡିପିଓ ଡୋଳାମଣି ଭୋଇ, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ବାଗବର ସରପଞ୍ଚ ନିରୁପମା ବଗର୍ତ୍ତି, ମୋ




ବାର୍ଷିକ ଉତ୍ସବରେ ଅତିଥିମାନେ ।

### କେନ୍ଦୁପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସ୍କୁଲ ଅଭିଯାନ କମିଟିର ସଭାପତି ଧର୍ମେନ୍ଦ୍ର ମେହେର ଓ ସ୍କୁଲ ପରିଚାଳନା କମିଟିର ସଭାପତି ତ୍ରିଲୋଚନ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିନେ ଅଭିନେତା ପ୍ରଦ୍ୟୁମ୍ନ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ସିତାଂଶୁ ଶେଖର ଖମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଅର୍ପିତା ହୋତା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ମାନିନୀ ମେହେରଙ୍କୁ ଚଳିତବର୍ଷର ଶ୍ରେଷ୍ଠ ଛାତ୍ରୀ, ରାଧାକାନ୍ତ ପଧାନ, ସ୍ୱସ୍ତି ମେହେର ଓ ପୂଜା ମଲ୍ଲିକଙ୍କୁ ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀଛାତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ଶିକ୍ଷକ ଆର୍ତ୍ତତ୍ରାଣ ବିଶି, ପୁଜୁ କାଲସାଏ, ଅମରେଶ ତ୍ରିପାଠୀ, ଦେବୋଦତ୍ତ ନନ୍ଦ, ମଧୁସୂଦନ ସାହୁ, ବିଷ୍ଣୁ ପ୍ରସାଦ ଧଳ, ବାବୁଲାଲ ମେହେର, ଶିକ୍ଷୟିତ୍ରୀ ଜିତେଶ୍ୱରୀ ମେହେର ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗ: ଦୁଇ ଜଣଙ୍କୁ କୋର୍ଟ ଚାଲାଣ

ତରଭା,୪।୩(ଡି.ଏନ.ଏ.): ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ଏହାଛଡା ଅପହରଣରେ ସହଯୋଗ କରିବା ଅଭିଯୋଗରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ତରଭା ପୋଲିସ ଗିରଫ କରିଛି । ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ତରଭା ଅଞ୍ଚଳର ଜଣେ ନାବାଳିକା ଗତ ଜାନୁୟାରୀ ୨ତାରିଖ ଦିନ କଲେଜକୁ ପଢ଼ିବା ପାଇଁ ଯାଉଥିବା ବେଳେ ବିନୟ ବାଗ(୨୧) ତାଙ୍କୁ ଅପହରଣ କରି ନେଇଥିଲେ । ଏହି ଅପହରଣରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳର ବିଶ୍ୱଜିତ ହରିପାଲ (୪୨) ସହଯୋଗ କରିଥିଲେ । ଜାନୁୟାରୀ ୩ ତାରିଖରେ ନାବାଳିକାଙ୍କ ବାପା ଏନେଇ ତରଭା ଥାନାରେ ଏତଲା ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ ଚାଲିଥିଲା। ତରଭା ଥାନା ଏସ୍‌ଆଇ ଯଯାତି କେଶରୀ ସାହୁଙ୍କ ନେତୃତ୍ୱରେ ଓଏପିଏଫ ବିମଳ ପଧାନ ଓ ଜ୍ୟୋତ୍ସ୍ନା ପଧାନ ମୁମ୍ବାଇ ଡିଭା ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ବିନୟଙ୍କୁ ଗିରଫ କରି ଶୁକ୍ରବାର ତରଭା ଥାନାକୁ ଆଣିଥିଲେ। ଉଭୟଙ୍କ ଡାକ୍ତରୀ ପରୀକ୍ଷା ପରେ ନାବାଳିକାଙ୍କୁ ସୋନପୁର ସିଡବ୍ଲ୍ୟୁସିକୁ ପଠାଯାଇଛି । ଏହି ଘଟଣାରେ ବିନୟ ଓ ବିଶ୍ୱଜିତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନା କେସ୍ ନମ୍ବର ୨ ଦଫା ୩୬୩/୩୬୬/୩୭୬ (୨)(୩) ୩୪ ଆଇପିସି/ସେକ୍ସନ ୬ ପୋକ୍‌ସୋ ଆଇନରେ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି ବୋଲି ଆଇଆଇସି ସୁବ୍ରତ ପାଣିଗ୍ରାହୀ କହିଛନ୍ତି।

### ଜେଲଗଲେ କ୍ଷୁଦ୍ର ଜଳସେଚନ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସର ଚଢ଼ାଉ**



ଭବାନୀପାଟଣା,୪।୩(ସ୍ୱ.ପ୍ର.): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଶନିବାର ଜେଲ ଯାଇଛନ୍ତି କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ କେବିକେ ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ କନ୍ଦର୍ପ ପ୍ରଧାନ। ଭିଜିଲାନ୍ସ ଚଢ଼ାଉ ସମୟରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ କନ୍ଦର୍ପଙ୍କ ଆୟଠାରୁ ୭୫ ପ୍ରତିଶତ ଅଧିକ ସମ୍ପତ୍ତି ଠାବ କରା ଯାଇଥିଲା। ଶୁକ୍ରବାର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଧାନଙ୍କ ଭବାନୀପାଟଣାସ୍ଥିତ ଅଫିସ, ସରକାରୀ ବାସଭବନ, ଖୋର୍ଦ୍ଧା ଓ ଅନୁଗୋଳର ୮ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଭୁବନେଶ୍ୱରର ରସୁଲଗଡ (ଏସ୍‌ପ୍ଲାନେଡ ପଛରେ) ଥିବା ବେଷ୍ଟୋ ମୋନାର୍କ ଆପାର୍ଟମେଣ୍ଟର ଫ୍ଲାଟ ନମ୍ବର ୩୦୧, ଖାରବେଳନଗରର ବେଷ୍ଟୋ ରିଜେନ୍ସିର ଫ୍ଲାଟ ନମ୍ବର ୧, ଶହୀଦନଗରରେ ଥିବା ଇମ୍ପେରିଆ ଆପାର୍ଟମେଣ୍ଟର ପ୍ରଥମ ମହଲାର ଫ୍ଲାଟ ନମ୍ବର ୧୦୧, ଅନୁଗୋଳରେ ତୁରଙ୍ଗ ମୌଜା ଖାତା ନମ୍ବର ୧୫୩, ପ୍ଲଟ ନମ୍ବର୧/୬୮୨ ଠାରେ ୨ ମହଲା ନିର୍ମାଣାଧୀନ କୋଠା, ଅନୁଗୋଳର ଖିଲାର ମୌଜା ପ୍ଲଟ ନମ୍ବର ୧୬୯/ଖାତା ନମ୍ବର ୩୮୨, ପ୍ଲଟ ନମ୍ବର୧୬୯/୪୯୨୭ ଖାତା ନମ୍ବର ୬୪୯/ ୪୮୬ ଗୋଟିଏ ପ୍ଲଟ ପ୍ରଧାନଙ୍କ ଥିବା ଚଢ଼ାଉ ବେଳେ ଜଣାପଡ଼ିଛି। ଅନୁଗୋଳ ଜିଲା ଠାକୁରଗ ଥାନା ବନ୍ତଲାସ୍ଥିତ ପେତୃକ ଘର, କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଏମଆଇ କଲୋନି ସରକାରୀ ବାସଭବନ, କେବିକେ ଏମଆଇ ସର୍କଲ ସମେତ ୮ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକାସାଙ୍ଗରେ ଚଢ଼ାଉ ହୋଇଥିଲା। ଏହି ସମୟରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ କନ୍ଦର୍ପ ପ୍ରଧାନଙ୍କର ଆୟଠାରୁ ୭୫ ପ୍ରତିଶତ ଅଧିକ ସମ୍ପତ୍ତି ଠାବ କରାଯାଇଥିଲା। ଏହାସହ ସୁନା ୫୩୦ ଗ୍ରାମ, ୨ଟି ଚାରି ଚକିଆ ଆଦି ଜବତ ହୋଇଛି। ଏହି ଚଢ଼ାଉରେ ୮ଟିମ ଗଠନ କରାଯାଇଥିବାବେଳେ ଏଥିରେ ୪ ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର ସାମିଲ ହୋଇଥିଲେ।

# ଦେଶଫାଲ ଲୋକ ମହୋତ୍ସବ ଉଦ୍‌ଘାଟିତ




ଲୋକ ମହୋତ୍ସବରେ ମଞ୍ଚାସୀନ ଅତିଥି ।

ଅମରପାଲି,୪।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଧର୍ମଶାଳାଠାରେ ଶନିବାର ସନ୍ଧ୍ୟାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଦେଶଫାଲ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବର ପ୍ରଥମ ପର୍ଯ୍ୟାୟରେ ସୁବର୍ଣ୍ଣପୁର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କଅଁର, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ଓ ମୁଣ୍ଡୋଘାଟ ସରପଞ୍ଚ କେଶନ ଜଗଦଲା ଅତିଥି ଭାବେ ଯୋଗଦେଇ ମହୋତ୍ସବ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ବିରେନ ଜଗଦଲା ସମ୍ବଲପୁରୀ ଭଜନ ଗାନ କରିଥିଲେ । ପରେ ବ୍ୟଙ୍ଗକବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରସରାଜ ଅଚ୍ୟୁତ ପୁରୋହିତ, ବ୍ୟଙ୍ଗକବି ନୀତିଶ ଆଚାର୍ଯ୍ୟ, ହରିଲାଲ ସାହୁ, ଭରତ ନାଏକ ଓ ଆଶୀଷ ସାହୁଙ୍କ ବ୍ୟଙ୍ଗ କବିତା ମନଛୁଆଁ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଦେଶଫାଲ ମହୋତ୍ସବ କମିଟିର ସଭାପତି ପଦ୍ମଲୋଚନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କଅଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ସ୍ଥାନୀୟ ସରପଞ୍ଚ କେଶନ ଜଗଦଲା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। କେଶବ କୁମାର ଦାଶ ଓ ସାଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ମହୋତ୍ସବ କମିଟିର ସମ୍ପାଦକ ଶ୍ରୀନିବାସ ଚାନ୍ଦ ବିବରଣୀ ପ୍ରଦାନ କରିଥିଲେ।

**ମନମୋହିଲା ବ୍ୟଙ୍ଗ କବିତା, ରସରକେଲି ନୃତ୍ୟ**

ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅବସରପ୍ରାପ୍ତ ଶିକ୍ଷକ ଯୋଗିନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଲିଖିତ ପୁସ୍ତକ ଐତିହାସିକ କ୍ଷେତ୍ରରେ ସୋନପୁର ସ୍ଥାନ ଓ ଦେଶଫାଲ ଉନ୍ମୋଚିତ ହୋଇଥିଲା। କଣ୍ଠଶିଳ୍ପୀ ଶତୃଘ୍ନ ଲୁହାଙ୍କୁ ଦେଶଫାଲ କଳା ଓ ସଂସ୍କୃତି ସମ୍ମାନ ଏବଂ ବାଲଗୋପାଲ ମହାପାତ୍ରଙ୍କୁ ଦେଶଫାଲ ଶିକ୍ଷା ବିକାଶ ସମ୍ମାନରେ ସମ୍ମାନିତ କରାଯାଇଥିଲା। ହୃଷୀକେଶ ଚାନ୍ଦ ଓ ଲକ୍ଷ୍ମୀନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିଲେ। ମହୋତ୍ସବ କମିଟିର ଉପସଭାପତି ହରିହର କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଫୁଲବାଣୀ ନଟରାଜ କଳାପରିଷଦ ଦ୍ୱାରା ଓଡିଶୀ ନୃତ୍ୟ, ବୌଦ୍ଧର ବଉଳି କଳାପରିଷଦ ଦ୍ୱାରା ପଞ୍ଚରସି, ବିନିକାର ରୁମକୁ ଝୁମାନା ଦ୍ୱାରା ରସରକେଲି, ବଲାଙ୍ଗୀର ଦ୍ୱାରା ମାଳଖମ୍ବ, ଅଇଁଲାଛାଟ(ଉଲୁଣ୍ଡା) କଳାକାରଙ୍କ କରମା, ତିକୁଡା କଳାକାରଙ୍କ ଦ୍ୱାରା ବିଣାକାର ନୃତ୍ୟ ପରିବେଷଣ ହୋଇଥିଲା।



ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ ପୂର୍ବରୁ ବରଗଡ ଜିଲା ସୋହେଲାର ରାସ୍ତାକୁ ରଙ୍ଗୋଲି ମାଧ୍ୟମରେ ସଜାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବ୍ୟାପକ ପ୍ରସ୍ତୁତି

ସୋହେଲା, ୪।୩(ଡି.ଏନ.ଏ.)

ମାର୍ଚ୍ଚ ୫ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୋହେଲା ଗସ୍ତ। ଏଥିପାଇଁ ସୋହେଲା ନବବଧୂ ପରି ସଜେଇ ହୋଇଛି। ସୋହେଲାରୁ ଆରମ୍ଭ ହେଉଥିବା ବିଜୁ ଏକ୍ସପ୍ରେସ ୱେର ମୁଖଶାଳା ସୋହେଲାର ଗାନ୍ଧୀ ଛକକୁ ସୁନ୍ଦରଭାବେ ସାଜସଜ୍ଜା କରାଯାଉଛି। ଏଠାରେ ଥିବା ସତ୍ୟାଗ୍ରହୀ ସ୍ମାରକ ପୀଠକୁ ରଙ୍ଗ ଦିଆ ଯାଇଛି। ଚାରିପଟେ ଫୁଲକୁଣ୍ଡ ଲଗାଯାଇଛି। ରାସ୍ତାକୁ ପ୍ରାୟ ତିନିଶହ ମିଟର ପର୍ଯ୍ୟନ୍ତ ବିଭିନ୍ନ ଚିତ୍ରରେ ଚିତ୍ରିତ କରାଯାଇଛି। ଏଥିପାଇଁ ପଚାଶରୁ ଅଧିକ ଚିତ୍ରକର ଦିନରାତି ପରିଶ୍ରମ କରୁଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟାପକ ଗଛ ଲଗାଯାଉଛି। ସଭାସ୍ଥଳ ହଳଦୀପାଲି ପଡିଆରେ ଏକ ବଡ ଟେଣ୍ଟ ଲଗାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ ପାଇଁ ଏକ ସ୍ୱତନ୍ତ୍ର ବସ ଆସିଛି। ସୁରକ୍ଷା ପାଇଁ ୩୦ ପ୍ଲାଟୁନ ପୋଲିସ ପହଞ୍ଚି ଶନିବାର ଅଭ୍ୟାସ କରିଛନ୍ତି। ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣୟ ପ୍ରକାଶ ଦାସ ସ୍ଥାପୀୟ ବିଧାୟକ ସୁଶାନ୍ତ ସିଂଙ୍କ ସହ ସବୁ ପ୍ରସ୍ତୁତିର ତଦାରଖ କରୁଛନ୍ତି।

# ସମବାୟ ସମିତିର ସାଧାରଣ ସଭା

ବରଗଡ଼ ଅଫିସ,୪।୩

ବରଗଡ଼ ବ୍ଲକ ଗୋବିନ୍ଦପୁର ପ୍ରାଥମିକ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଶନିବାର ଅନୁଷ୍ଠିତ ହୋଇଛି। ସମିତି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଆନନ୍ଦ ରଥ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସଭାରେ ୫୦୦ରୁ ଅଧିକ ସଭ୍ୟ ଉପସ୍ଥିତ ଥିଲେ। ଗଭୀର ନଳକୂପ ମଧ୍ୟରେ ଚାଷକାର୍ଯ୍ୟ କରୁଥିବା କୃଷକଙ୍କ ବିଦ୍ୟୁତ ବିଲ୍ ଛାଡ଼ ପାଇଁ ସଭାରେ ଦାବି ହୋଇଥିଲା। ଏ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସମ୍ପାଦକ ରଥ କହିଥିଲେ। ସଭାରେ ସମିତିର ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, ଅଶୋକ ସାହୁ, ଆନନ୍ଦ ସାହୁ, ତରୁଣ ନାଏକ, ରାଜେଶ୍ୱର ସାହୁ, ଈଶ୍ୱର ବାଗ, ସୁଶିଲ ଖମାରୀ, ଛତ୍ରପତି ଭୋଇ, ସରୋଜ କୁମାର ଭୋଇ, କୃଷ୍ଣଚନ୍ଦ୍ର ଦାଶ, ଧବଳେଶ୍ୱର ମେହେର, ପ୍ୟାରିଲାଲ ସାହୁ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଅଧ୍ୟକ୍ଷଙ୍କ ଦୃଷ୍ଟିକୁ ଆଣିଥିଲେ। ପର୍ଯ୍ୟାୟକ୍ରମେ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ଅଧ୍ୟକ୍ଷ ନାଏକ କହିଥିଲେ।

### ଦୁର୍ଘଟଣାରେ ଜଣେ ମୃତ: ୪ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ

ବୌଦ୍ଧ,୪।୩(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ମାଧପୁର ନିକଟସ୍ଥ ବନଦୁର୍ଗା ମନ୍ଦିର ନିକଟରେ ଶନିବାର ଦିନ ଏକ ଟ୍ରକ ସହ ଟାଟା ଏସିର ଧକ୍କା ହେବାରୁ ଟାଟା ଏସି ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଏହାକୁ କେନ୍ଦ୍ର କରି ଦୀର୍ଘ ୪ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହେବା ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା । ପ୍ରକାଶ ଯେ, ମଧ୍ୟାହ୍ନ ୧୨ଟା ସମୟରେ ପୁରୁଣାକଟକ ଥାନା ଅନ୍ତର୍ଗତ ଆଡେଣୀଗଡ ଗ୍ରାମର ଗୋଲେଖ ବେହେରା (୪୫) ଏକ ଟାଟା ଏସି ଚଳାଇ ମାଧପୁର ଆଡକୁ ଯାଉଥିବା ବେଳେ ବିପରୀତ ଦିଗରୁ ବୌଦ୍ଧ ଆଡକୁ ଆସୁଥିବା ଏକ ଟ୍ରକ ସହ ଧକ୍କା ହୋଇଥିଲା । ଫଳରେ ଘଟଣା ସ୍ଥଳରେ ଗୋଲେଖଙ୍କ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଘଟଣାସ୍ଥଳରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ହରଭଙ୍ଗା ତହସିଲଦାର ଶମ୍ଭୁ ଭୂଷଣ ମିଶ୍ର, ପୁରୁଣାକଟକ ଥାନା ଅଧିକାରୀ ଜ୍ୟୋତ୍ସ୍ନା କାଉଁରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ପୁରୁଣାକଟକ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଚିକିତ୍ସାଳୟ ପଠାଇଥିଲା । ଏନେଇ ପୋଲିସ ଏକ ମମଲା ରୁଜୁ କରି ତଦନ୍ତ ଚଳାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ମାନିନୀ



@ ଅମିର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଏସ୍‌ପି ଅଫିସ ଆଗରେ ବିକ୍ଷୋଭ



ଏସ୍‌ପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ବୌଦ୍ଧ,୪।୩(ସ୍ୱ.ପ୍ର.)

ବୌଦ୍ଧ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଶନିବାର ଦିନ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଏକ ଦାବିପତ୍ର ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି। ଶୁକ୍ରବାର ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଜିଲାର ବିଭିନ୍ନ ଥାନାରେ ଏତଲା ଦିଆଯାଇଥିଲା। କିନ୍ତୁ ଦିଆଯାଇଥିବା ଏତଲାଗୁଡିକ ରେଜେଷ୍ଟ୍ରି ହୋଇ ନ ଥିବାରୁ ଏହାର ପ୍ରତିବାଦରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏସ୍‌ପି ଅଫିସ ଘେରାଉ କରାଯାଇଥିଲା। ଜିଲା ଯୁବମୋର୍ଚ୍ଚା ସଭାପତି ଅଟଳ କୁମାର ପ୍ରଧାନଙ୍କ ନେତୃତ୍ୱରେ ଦଳର କର୍ମୀ ଓ ଯୁବମୋର୍ଚ୍ଚା ସଦସ୍ୟମାନେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସମୟରେ ନାରାୟଣ କର୍ମୀ, ଶଙ୍କର୍ଷଣ ସାହୁ, ସୁବାଷ ଚନ୍ଦ୍ର ଦେହୁରୀ, ଏସ.କେ. ନାଏକ, ମନୋରଞ୍ଜନ ମୁଦୁଲି, ଦଳର ସଭାପତି ବିପ୍ରଚରଣ ମହାନ୍ତି, ବରିଷ୍ଠ ନେତା ମାଗୁଣୀ ଗାଇଗୌରିଆଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

### ପଶ୍ଚିମବଙ୍ଗରେ ପ୍ରଦର୍ଶିତ ହେଲା ଓଡିଆ ନାଟକ ‘ସୃଷ୍ଟି’

ସୋନପୁର,୪।୩(ନି.ପ୍ର.)

ପଶ୍ଚିମବଙ୍ଗର କାଳିଆଗଞ୍ଜଠାରେ ସୁଚେତା କଳାକେନ୍ଦ୍ର ଦ୍ୱାରା ଆନ୍ତର୍ଜାତୀୟ ନାଟକ ମହୋତ୍ସବ ଆୟୋଜିତ ହେଉଛି। ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ନାଟକ ମହୋତ୍ସବ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୦ଟି ରାଜ୍ୟର ନାଟକ ଏହି ମହୋତ୍ସବରେ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ପ୍ରଥମ ଦିବସରେ ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ନାଟ୍ୟଚକ୍ର ପକ୍ଷରୁ ଓଡିଆ ନାଟକ ‘ସୃଷ୍ଟି’ ପ୍ରଦର୍ଶିତ ହୋଇଥିଲା। ନାଟ୍ୟଶ୍ରୀ ଗଦାଧର ବାରିକଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ନାଟକରେ ନାଟ୍ୟ ଅଭିନେତା ମନୋଜ କୁମାର ବାରିକଙ୍କ ସହିତ ଅନୁଷ୍ଠାନର ସୀତାକାନ୍ତ ସିଂହ, ଶୁଭମ ବକ୍ସି, ମାନସ ଥନାପତି, ସୌରାଜ ମହାନ୍ତି, ଅମିତ ଦାସ, ପ୍ରେମାନନ୍ଦ ନାଗ, ହରିଚନ୍ଦନ ଦାସ, ଗୀତା କୁଅଁର, ଶିବାନୀ ମିଶ୍ର ଓ ବିଦୁସ୍ମିତା ଜାଲ ଅଭିନୟ କରିଥିଲେ। କୌଶିକ ଜାଲ ମଞ୍ଚ ସାଜସଜ୍ଜା, ଉମେଶ କୁମ୍ଭାର ଓ ରଞ୍ଜନ ପଟ୍ଟନାୟକ ବାଦ୍ୟ, ସଙ୍ଗୀତ ପରିବେଷଣ କରିଥିଲେ।



ମଞ୍ଚରେ ନାଟକ ସୃଷ୍ଟିର କଳାକାର ଓ ନିର୍ଦ୍ଦେଶକ।

# ଛାତ୍ର ଜୀବନରେ ଆଦର୍ଶ ହିଁ ମହତ୍ତ୍ୱପୂର୍ଣ୍ଣ

ଅମରପାଲି,୪।୩(ଡି.ଏନ.ଏ.)

ନୈତିକ ଓ ଆଧ୍ୟାତ୍ମିକ ପ୍ରଶିକ୍ଷଣ ବିନା ଶିକ୍ଷା ତାର ଅଭିପ୍ରାୟ ହାସଲ କରିପାରେ ନାହିଁ। ଛାତ୍ର ଜୀବନରେ ଆଦର୍ଶ ହିଁ ମହତ୍ତ୍ୱପୂର୍ଣ୍ଣ। ଏହା ବିନା ଶିକ୍ଷା ଅସମ୍ପୂର୍ଣ୍ଣ । ତେଣୁ ଉତ୍ତମ ଶିକ୍ଷା ପାଇଁ ଏହାକୁ ଧ୍ୟାନ ଦେବା ଜରୁରୀ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କେନ୍ଦୁପାଲିସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତ ପ୍ରକାଶ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ମିଶ୍ରଙ୍କ ପୌରୋହିତ୍ୟରେ ଶନିବାର ଅନୁଷ୍ଠିତ ବାର୍ଷିକୋତ୍ସବରେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟଅତିଥି ଏବଂ ପୂର୍ବତନ ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ଡା.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ବିଡିଓ ମୋତିଲାଲ ସୁଲିଆ, ଏସଡିପିଓ ଡୋଳାମଣି ଭୋଇ, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ବାଗବର ସରପଞ୍ଚ ନିରୁପମା ବଗର୍ତ୍ତି, ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଧର୍ମେନ୍ଦ୍ର ମେହେର ଓ ସ୍କୁଲ ପରିଚାଳନା କମିଟିର ସଭାପତି ତ୍ରିଲୋଚନ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିନେ ଅଭିନେତା ପ୍ରଦ୍ୟୁମ୍ନ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ସିତାଂଶୁ ଶେଖର ଖମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ଅର୍ପିତା ହୋତା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ମାନିନୀ ମେହେରଙ୍କୁ ଚଳିତବର୍ଷର ଶ୍ରେଷ୍ଠ ଛାତ୍ରୀ, ରାଧାକାନ୍ତ ପଧାନ, ସ୍ୱସ୍ତି ମେହେର ଓ ପୂଜା ମଲ୍ଲିକଙ୍କୁ ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀଛାତ୍ର ଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ଶିକ୍ଷକ ଆର୍ତ୍ତତ୍ରାଣ ବିଶି, ପୁଡୁ କାଲସାଏ, ଅମରେଶ ତ୍ରିପାଠୀ, ଦେବୋଦତ୍ତ ନନ୍ଦ, ମଧୁସୂଦନ ସାହୁ, ବିଷ୍ଣୁ ପ୍ରସାଦ ଧଳ, ବାବୁଲାଲ ମେହେର, ଶିକ୍ଷୟିତ୍ରୀ ଜିତେଶ୍ୱରୀ ମେହେର ପ୍ରମୁଖ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ଅତିଥିମାନେ ।

**କେନ୍ଦୁପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ**

# ଭାଜପା ନେତାଙ୍କୁ ଗିରଫ କଲା ରାଉରକେଲା ପୋଲିସ

## ସୁନ୍ଦରଗଡ଼, ରାଉରକେଲାରେ ଭାଜପା ପକ୍ଷରୁ ଏସ୍‌ପି ଅଫିସ ଆଗରେ ପ୍ରତିବାଦ, ବିକ୍ଷୋଭ ପ୍ରଦର୍ଶନ




ରାଉରକେଲାରେ ଭାଜପା ନେତାଙ୍କୁ ପୋଲିସ ଗିରଫ କରୁଛି। ସୁନ୍ଦରଗଡ଼ରେ ଭାଜପା ପକ୍ଷରୁ ଦାବିପତ୍ର ଦିଆଯାଉଛି।

ରାଉରକେଲା ଅଫିସ୍/ସୁନ୍ଦରଗଡ଼,୪।୩ (ଡି.ଏନ୍.ଏ.)

ଶନିବାର ରାଉରକେଲା ଭାଜପା ପକ୍ଷରୁ ରାଉରକେଲା ଏସ୍‌ପି (ଆରକ୍ଷୀ ଅଧୀକ୍ଷକ)ଙ୍କ ଅଫିସ ଆଗରେ ଭାଜପା ଯୁବମୋର୍ଚ୍ଚାର ସଭାପତି ଇରାଶିଷ ଆଚାର୍ଯ୍ୟଙ୍କର ଗିରଫଦାରୀ ପ୍ରତିବାଦ ନେଇ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଭାଜପା ନେତା ଏବଂ କର୍ମୀମାନେ ଏକ ବିଶାଳ ରାଲିରେ ଆସି ସକାଳ ୯ଟାରେ ବିଭିନ୍ନ ନାରାବାଜି କାର୍ଯ୍ୟାଳୟ ଆଗେ କରିଥିଲେ। ଏହା ପରେ ରାଉରକେଲା ପୋଲିସ ଭାଜପା କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କୁ ବିକ୍ଷୋଭସ୍ଥଳର ଗିରଫ କରିଥିଲା। ପ୍ରାୟ ୨ଘଣ୍ଟା ଧରି ଚାଲିଥିଲା ଭାଜପା ତରଫରୁ ପ୍ରତିବାଦ। ତେବେ ଶନିବାର ପୋଲିସ ରାଜ୍ୟ ଭାଜପା ପ୍ରବକ୍ତା ଧିରେନ ସେନାପତି, ନିହାର ରାୟ, ଅଂକୁଶ ବର୍ମା, ସୂର୍ଯ୍ୟ ମହାନ୍ତି, ରୀତା ସିଂହ, ଭଗବାନ ରାଉତ, ସଂଗ୍ରାମ କିଶୋର ମହାନ୍ତି, ଭଗବାନ ମହାପାତ୍ରଙ୍କ ସମେତ ଭାଜପା ନେତା, କର୍ମୀଙ୍କୁ ଗିରଫ କରିଥିଲା। ଗିରଫ ହୋଇଥିବା ଭାଜପା ନେତା ଓ କର୍ମୀଙ୍କୁ ତିନୋଟି ବସରେ ପୁରାଇଥିଲା ପୋଲିସ। ଭାଜପାର ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶ କ୍ରମେ ୪ପ୍ଲାଟୁନ ପୋଲିସ ଫୋର୍ସ ପ୍ରତିବାଦ ସ୍ଥଳେ ମୁତୟନ ଥିଲେ। ତାସହ ୬ଜଣ ଡିଏସ୍‌ପି, ୮ଇନ୍ସପେକ୍ଟର ସମେତ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିଲେ ସହକାରୀ ଜିଲାପାଳ ଗୋପବନ୍ଧୁ ନାୟକ। ସେହିପରି ଭାଜପା ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ବିଧାନସଭା ଘେରାଉ ବେଳେ ପୋଲିସ ଦମନଲୀଳା ବିରୁଦ୍ଧରେ ସୁନ୍ଦରଗଡ଼ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶନିବାର ଏସ୍‌ପି ଅଫିସ ଘେରାଉ କରାଯାଇଥିଲା। ସୁନ୍ଦରଗଡ଼ ନାରୀ କଲ୍ୟାଣ କେନ୍ଦ୍ର ଠାରୁ ଯୁବମୋର୍ଚ୍ଚା କର୍ମୀମାନେ ଏକ ଶୋଭାଯାତ୍ରାରେ ଆସି ଏସପି ଅଫିସ ନିକଟରେ ପହଞ୍ଚି ଥିଲେ। ସେଠାରେ ଅତିରିକ୍ତ ଏସପି ସୁରେନ୍ଦ୍ର ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଅମିୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଘେରାଉ କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ତଥା ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଅମୀର ନାଏକ, କାଉନସିଲର ମମତା ଖାଲକୋ, ରମେଶ ସୋରେଙ୍ଗ, ନଗର ମଣ୍ଡଳ ସଭାପତି ଅଶୋକ ସାହୁ, ଲଳିତ ବିପ୍ର, ବୀରେନ ଟପ୍ପୋ, ମିତ୍ରଭାନୁ ନାଏକ, ଶ୍ରୀକାନ୍ତ ଭଞ୍ଜ, ନିବେଦିତା ସୋରେଙ୍ଗ, ତେଜରାଜ ନାଗ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ମାନିନୀ



@ ଅମିର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ବେଲପାହାଡ଼ ଭାଜପା ମଣ୍ଡଳ ଗଠିତ

**ବେଲପାହାଡ,୪।୩(ଡି.ଏନ.ଏ.):** ବେଲପାହାଡ଼ଠାରେ ଭାଜପା ଜିଲାସ୍ତରୀୟ ପଦାଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମଙ୍ଗଳ ସାହୁ ଓ ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ନୂତନ ମଣ୍ଡଳ ଗଠନ କରାଯାଇଛି। ଏଥିରେ ୧୯ ଜଣ ସଦସ୍ୟ ମନୋନୀତ ହୋଇଛନ୍ତି। ମଣ୍ଡଳ ଅଧକ୍ଷ ଭାବେ ପ୍ରେମ ପ୍ରକାଶ ସିଂ, ସମ୍ପାଦକ ଭାବେ ରମେଶ ଜୟସ୍ୱାଲ ଓ ତ୍ରିଲୋଚନ ପ୍ରଧାନଙ୍କୁ ଦାୟିତ୍ୱ ମିଳିଛି। ମୋନୁ ପ୍ରସାଦଙ୍କୁ ଯୁବମୋର୍ଚ୍ଚା ଦାୟିତ୍ୱ ଦିଆଯାଇଛି। ମହିଳା ମୋର୍ଚ୍ଚା ଅଧକ୍ଷ ଭାବେ ମୋନାଲିସା ମୋଦକ, ଓବିସି ମୋର୍ଚ୍ଚା ଅଧ୍ୟକ୍ଷ ଭାବେ ଗୌରାଙ୍ଗ ସାହୁ, ଏସ୍‌ସି ମୋର୍ଚ୍ଚା ଅଧକ୍ଷ ଭାବେ ପୁରେନ୍ଦ୍ର ବନଛୋର, ଏସ୍‌ଟି ମୋର୍ଚ୍ଚା ଅଧକ୍ଷ ଭାବେ ବିଜୟ କୁମାର ପ୍ରଧାନ, ମାଇନରିଟି ମୋର୍ଚ୍ଚା ଅଧକ୍ଷ ଭାବେ ନିସାର ଖାନଙ୍କୁ ଦାୟିତ୍ୱ ମିଳିଛି। ଆଗାମୀ ନିର୍ବାଚନୀ ବର୍ଷ ପର୍ଯ୍ୟନ୍ତ ମଣ୍ଡଳ କମିଟି ଅପରିବର୍ତ୍ତିତ ରହିବ ବୋଲି କୁହାଯାଇଛି।

### ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗ: ଦୁଇ ଜଣଙ୍କୁ କୋର୍ଟ ଚାଲାଣ

**ତରଭା,୪।୩(ଡି.ଏନ.ଏ.):** ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଏହାଛଡା ଅପହରଣରେ ସହଯୋଗ କରିବା ଅଭିଯୋଗରେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ତରଭା ପୋଲିସ ଗିରଫ କରିଛି। ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ତରଭା ଅଞ୍ଚଳର ଜଣେ ନାବାଳିକା ଗତ ଜାନୁୟାରୀ ୨ତାରିଖ ଦିନ କଲେଜକୁ ପଢିବା ପାଇଁ ଯାଉଥିବା ବେଳେ ବିନୟ ବାଗ(୨୧) ତାଙ୍କୁ ଅପହରଣ କରି ନେଇଥିଲେ। ଏହି ଅପହରଣରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳର ବିଶ୍ୱଜିତ ହରିପାଲ (୪୨) ସହଯୋଗ କରିଥିଲେ।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ପ୍ରଶାସନର ପ୍ରସ୍ତୁତି

ସୁନ୍ଦରଗଡ଼, ୪।୩(ଡି.ଏନ୍.ଏ.)



ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଶନିବାର ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁଙ୍କ ଅଧକ୍ଷତାରେ ଭିଡ଼ିଓ କନଫରେନସିଂ ମାଧମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଂଶୁଘାତର ମୁକାବିଲା ସହିତ ଜଳ ସମସ୍ୟାର ସମାଧାନ ଦିଗରେ ବିଶେଷ ଧାନ ଦିଆଯିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିଜ ଅଞ୍ଚଳରେ ଜଳ ସମସ୍ୟା ଦୂରୀକରଣ ନିମନ୍ତେ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଅଚଳ କିମ୍ବା ଖରାପ ହୋଇଯାଇଥିବା ନଳକୂପ ଶୀଘ୍ର ମରାମତି କରାଯିବାକୁ କୁହାଯାଇଥିଲା। ଜଳ ସମସ୍ୟା ଥିବା ଅଞ୍ଚଳ ଗୁଡିକ ଶୀଘ୍ର ଚିହ୍ନଟ କରାଯାଇ ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଇଦେବା ଏବଂ ପ୍ରମୁଖ ସ୍ଥାନରେ ଜଳଛତ୍ରମାନ ଖୋଲା ଯିବା, ଜଙ୍ଗଲ ନିଆଁ ପ୍ରତି ବିଶେଷ ଧ୍ୟାନ ଦେବା, ପଶୁପକ୍ଷୀଙ୍କ ନିମନ୍ତେ ଜଳ ବ୍ୟବସ୍ଥା ଆଦି ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଅଂଶୁଘାତ ର ମୁକାବିଲା ନିମନ୍ତେ ସମସ୍ତ ଡାକ୍ତରଖାନାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା, ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ ପ୍ରସ୍ତୁତ ରଖିବା, ଆବଶ୍ୟକୀୟ ପରିମାଣରେ ଓଆର୍‌ଏସ ପ୍ୟାକେଟ, ଔଷଧ, ବରଫ ପ୍ୟାକେଟ ଆଦି ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଥିଲା। ସେହିପରି ସକାଳୁଆ ସ୍କୁଲ ବିଷୟରେ ଆଲୋଚନା କରାଯାଇଥିଲା। ସମସ୍ତ ସ୍କୁଲରେ ଯଥେଷ୍ଟ ପରିମାଣରେ ପାନୀୟ ଜଳ, ଓଆର୍‌ଏସ ବ୍ୟବସ୍ଥା କରିବାକୁ କୁହାଯାଇଥିଲା। ସେହିପରି ସକାଳ ୧୧ଟାରୁ ଦିନ ୩ଟା ୩୦ ସମୟ ପର୍ଯ୍ୟନ୍ତ ଶ୍ରମିକଙ୍କ କାମକୁ ବାରଣ କରାଯିବା ସହିତ ଏହି ସମୟରେ ଅତ୍ୟାବଶ୍ୟକ ନ ହେଲେ ବାହାରକୁ ନ ବାହାରିବା ନିମନ୍ତେ ଜନସଚେତନତା କରାଯିବାକୁ ଆଲୋଚନା କରାଯାଇଥିଲା। ଯାତ୍ରୀବାହୀ ବସରେ ପାନୀୟ ଜଳ ସହ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ କୁହାଯାଇଥିଲା। ଅଂଶୁଘାତ ମୁକାବିଲା ନିମନ୍ତେ ଶୀଘ୍ର କଣ୍ଟ୍ରୋଲ ରୁମ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ସମସ୍ତ ବିଭାଗୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ।

# ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ କର୍ମଶାଳା

ବଡ଼ଗାଁ, ୪।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସମନ୍ୱିତ ଶିଶୁ ବିକାଶ ସଂସ୍ଥା ଓ ସାଥୀ ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ବଡ଼ଗାଁ ବିଡ଼ିଓ କ୍ଷମାନିଧି ଭୋଇ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ଦୁଲାରି ସୋରେଙ୍ଗ, ଜରଙ୍ଗଲୋଇ ସରପଞ୍ଚ ମେନକା କାଲୋ, ଟିଁକିଲିପଡା ସରପଞ୍ଚ ସାବିତ୍ରୀ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ସିଡ଼ିପିଓ ସୁଜାତା ବେକ୍ ଅତିଥି ପରିଚୟ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହା ପରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ମୁଖ୍ୟ ଅତିଥି ଭୋଇ ମହିଳା ଦିବସ ପାଳନର ଆବଶ୍ୟକତା ଉପରେ ବୁଝାଇଥିଲେ। ମହିଳାମାନେ ସମାଜରେ ଆଗକୁ ବଢ଼ିଲେ ଦେଶ ଓ ବିଶ୍ୱ ଆଗକୁ ବଢିବ। ବ୍ଲକ ଅଧକ୍ଷା ସୋରେଙ୍ଗ ମାତୃଶକ୍ତି କିଭଳି ଦେଶ ଓ ଜାତିର ପରିବର୍ତ୍ତନ ଆଣିଥାନ୍ତି ଏବଂ ସୁନ୍ଦର ବିଶ୍ୱ ଗଠନ ନିମନ୍ତେ ଅହରହ ପ୍ରୟାସ କରିଥାନ୍ତି ବୁଝାଇଥିଲେ। ସାଥୀ ସ୍ୱେଚ୍ଛାସେବୀ ସଙ୍ଗଠନର ଜିଲା ସଂଯୋଜକ ଜଗବନ୍ଧୁ ମହାନ୍ତି 'ସଶକ୍ତ ମହିଳା ସମୃଦ୍ଧ ବିଶ୍ୱ' ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମହିଳା ଦିବସର ଥିମ ଲିଙ୍ଗ ସମାନତାକୁ ଗ୍ରହଣ କରିବା ଉପରେ ସରଳ ଭାବେ ବୁଝାଇଥିଲେ। ସେ ଲିଙ୍ଗ ସମାନତା, ମହିଳା ଅଧିକାର, ସୁଯୋଗ, ଉପଯୁକ୍ତ ପରିବେଶ, ମାନସିକତାରେ ପରିବର୍ତ୍ତନ, ଶିକ୍ଷା ଓ ସଚେତନତା ମାଧ୍ୟମରେ ସମାଜରେ ଅବହେଳିତ, ପଛୁଆ ବର୍ଗର ମହିଳାମାନଙ୍କୁ ସଶକ୍ତ କରାଯାଇ ଏକ ସମୃଦ୍ଧ ବିଶ୍ୱଗଠନ ହୋଇପାରିବ ବୋଲି ବୁଝାଇଥିଲେ। ସୁପରଭାଇଜର ସୁନୀତା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଆରକ୍ଷୀ ବିଭାଗ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ମହିଳା ଓ ବାଳିକାମାନେ ଶୋଭାଯାତ୍ରାରେ ଯାଇଥିଲେ। ଏଥିସହିତ ବାଳିକା, ମହିଳାମାନଙ୍କ ମଧ୍ୟରେ ରଙ୍ଗୋଲି, ସଙ୍ଗୀତ, ବକ୍ତୃତା, ସ୍ଲୋଗାନ, କୁଇଜ ଆଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଅତିଥିମାନେ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ।

# ରାସ୍ତା ଜବରଦଖଲ କରି ଚାଷଜମି

ଲୋଇସିଂହା,୪।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ଲୋଇସିଂହା ମୌଜାର ସମେଲମୁଣ୍ଡା ଭାଗ ଚାଷ ଜମି ସର୍ବସାଧାରଣ ରାସ୍ତାକୁ ଜଣେ ବ୍ୟକ୍ତି ଜବରଦଖଲ କରି ଜମି ପ୍ରସ୍ତୁତ କରିଛନ୍ତି। ଏଥିଯୋଗୁ ଅନ୍ୟଚାଷୀମାନେ ତାଙ୍କ କ୍ଷେତକୁ ଯିବା ଆସିବା ବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜବରଦଖଲ ଜମି ଉଚ୍ଛେଦ କରି ଚାଷୀଙ୍କ ଗମନାଗମନ ପାଇଁ ରାସ୍ତା ଫିଟାଇବା ପାଇଁ ତହସିଲଦାରଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ଚାଷୀମାନେ ବର୍ଷବର୍ଷ ହେଲା ଗୁହାରି କରିଆସୁଥିଲେ ହେଁ ଏହାର ସମାଧାନ ଦିଗରେ ପ୍ରଶାସନ ଗୁରୁତ୍ୱ ଦେଉନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

# ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା, ସ୍ୱାମୀ ଗିରଫ

ସୁନ୍ଦରଗଡ଼,୪।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କନ୍ଧାବାହାଲ ଜବରଦସ୍ତ ପଡାରେ ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତା ମହିଳାଙ୍କ ନାମ ବିନୋଦିନୀ ପଟେଲ (୩୯)। ମହିଳାଙ୍କ ଭାଇ ସୁମନ୍ତ ପଟେଲଙ୍କ ଅଭିଯୋଗ ପରେ ମହିଳାଙ୍କ ସ୍ୱାମୀ ଜିତେନ୍ଦ୍ରୀୟ ପଟେଲ (୪୪)ଙ୍କୁ ସଦର ଥାନା ପୋଲିସ ଗିରଫ କରି ତାଙ୍କ ବିରୁଦ୍ଧରେ ହତ୍ୟା ମାମଲା ରୁଜୁ କରି ଶନିବାର କୋର୍ଟ ଚାଲାଣ କରିଛି। ବିନୋଦିନୀଙ୍କ ଭାଇ ସୁମନ୍ତ ଥାନାରେ ଦେଇଥିବା ଏତଲା ଅନୁସାରେ ଶୁକ୍ରବାର ଅପରାହ୍ନରେ ତାଙ୍କ ଭିଣୋଇ ଜିତେନ୍ଦ୍ରୀୟ ତାଙ୍କ ନାନୀ ହଠାତ ଅସୁସ୍ଥ ହୋଇପଡିଥିବା କହି ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିତେନ୍ଦ୍ରୀୟ ମହେଶ ଡିହିରେ ରହୁଥିବା ବିନୋଦିନୀଙ୍କ ବାପଘର ଲୋକଙ୍କୁ ବିନୋଦିନୀଙ୍କ ନାଡି ଠିକ ଭାବେ ଚାଲୁ ନାହିଁ ଡାକ୍ତରଖାନାକୁ ଆସ କହି ସେଠାରୁ ଚମ୍ପଟ ମାରିଥିଲେ। ତାଙ୍କର ନବମ ଶ୍ରେଣୀରେ ପଢୁଥିବା ଏକ ଝିଅ ଥିବାବେଳେ ହୋଟେଲ କରିଥିବା ଜିତେନ୍ଦ୍ରୀୟ ଅଧିକାଂଶ ସମୟ ମଦ ଓ ଜୁଆରେ ବୁଡି ରହୁଥିବାରୁ ଏହାକୁ ବିନୋଦିନୀ ବାରଣ କରିଆସୁଥିଲେ। ଏହାକୁ ନେଇ ଜିତେନ୍ଦ୍ରୀୟ ସ୍ତ୍ରୀ ବିନୋଦିନୀଙ୍କୁ ନାନା ନିର୍ଯାତନା ଦେଇଆସୁଥିଲେ। ବିନୋଦିନୀଙ୍କ ଗଳାରେ କଳାଦାଗ ଥିବାରୁ ଜିତେନ୍ଦ୍ରୀୟ ଗଳାଚିପି ହତ୍ୟା କରିଥିବା ନେଇ ବିନୋଦିନୀଙ୍କ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଶନିବାର ସକାଳେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥାନାରେ ଏକ ହତ୍ୟା ମାମଲା (ନଂ ୬୨/୨୦୨୩) ରୁଜୁ କରିଛି।

# ଜଙ୍ଗଲ ନିଆଁ ସମ୍ପର୍କରେ ସଚେତନତା

ଜମନକିରା,୪।୩(ଡି.ଏନ.ଏ.)

ଜଙ୍ଗଲ ଓ ପରିବେଶ ବିଭାଗ ବଡରମା ରେଞ୍ଜ ପକ୍ଷରୁ ସଦର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସାମାଜିକ କର୍ମୀଙ୍କୁ ନେଇ ଜଙ୍ଗଲ ନିଆଁ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ଲକ୍ଷ୍ମୀ ଦିଲୀପ ମେଣ୍ଡେଲୱାଲଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏଥିରେ ବନପାଳ ଶିଶିର ସାମଲ, ତରୁଣ ଦ୍ୱିବେଦୀ, ବନରକ୍ଷୀ ଭେଙ୍କଟେଶ୍ୱର ପିଙ୍ଗ, ସତ୍ୟବାନ ମାଝି, ବି.ପଟେଲ, ନିରଞ୍ଜନ ଭୋଇଙ୍କ ସମେତ ବଡରମା ପ୍ରାଥମିକ ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପରେ ଗାଁ ମୁଣ୍ଡରେ ଅନୁଷ୍ଠିତ ସଭାରେ ରେଞ୍ଜର ମେନ୍ଦେଲୱାଲ ସଭାପତିତ୍ୱ କରି ଜଙ୍ଗଲରେ ନିଆଁ ନ ଲଗାଇବା, କୌଣସି କାରଣରୁ ନିଆଁ ଲାଗିଲେ ଏହାକୁ ଲିଭାଇବା ଦିଗରେ ସହଯୋଗ କରିବାକୁ କହିଥିଲେ।




ସଚେତନ ପାଇଁ ବାହାରିଥିବା ଶୋଭାଯାତ୍ରା।

# ବିଦ୍ୟାଳୟ ସମୂହ ହକି, ତୀରନ୍ଦାଜ ପ୍ରତିଯୋଗିତାର ଦ୍ୱିତୀୟ ଦିବସ

ସୁନ୍ଦରଗଡ଼, ୪।୩(ଡି.ଏନ୍.ଏ.)



ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅତିଥିଙ୍କ ସହ ଚାମ୍ପିୟନ ଖେଳାଳି।

ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ହକି ଓ ତୀରନ୍ଦାଜ ପ୍ରତିଯୋଗିତାର ଦିତୀୟ ଦିବସରେ ଶନିବାର ହକି ୧୭ବର୍ଷରୁ କମ ବାଳକ ବିଭାଗ ପ୍ରଥମ ମ୍ୟାଚ ଦେବଗଡ ଓ ସମ୍ବଲପୁର ମଧ୍ୟରେ ହୋଇଥିଲା। ଏଥିରେ ଦେବଗଡ଼ ଜିଲା ୧-୦ରେ ବିଜୟ ଲାଭ କରି ସେମିଫାଇନାଲରେ ପହଞ୍ଚିଥିଲା। ୧୭ ବର୍ଷରୁ କମ ବାଳିକା ବିଭାଗର ପ୍ରଥମ ସେମିଫାଇନାଲ ଦେବଗଡ ଓ ଅନୁଗୋଳ ମଧ୍ୟରେ ହୋଇଥିଲା। ଦେବଗଡ଼ ଦଳ ପେନାଲ୍ଟି ସୁଟରେ ଅନୁଗୋଳକୁ ୩-୦ ଗୋଲ ଦେଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ୧୭ବର୍ଷରୁ କମ ବାଳକ ବିଭାଗର ପ୍ରଥମ ସେମିଫାଇନାଲ ସୁନ୍ଦରଗଡ ଢ଼େଙ୍କାନାଳ ମଧ୍ୟରେ ହୋଇଥିଲା। ଯେଉଁଥିରେ ସୁନ୍ଦରଗଡ ୫-୦ ଗୋଲରେ ଢେଙ୍କାନାଳକୁ ହରେଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଗ୍ରାଉଣ୍ଡ-୨ରେ ବାଳିକା ବିଭାଗର ଦ୍ୱିତୀୟ ସେମିଫାଇନାଲରେ ସୁନ୍ଦରଗଡ଼, ଢ଼େଙ୍କାନାଳକୁ ୧୦-୦ ଗୋଲରେ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ୧୭ ବର୍ଷରୁ କମ ବାଳିକା ବିଭାଗର ଚୂଡାନ୍ତ ପ୍ରତିଯୋଗିତା ସୁନ୍ଦରଗଡ ଓ ଦେବଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେଥିରେ ସୁନ୍ଦରଗଡ଼ ଅତି ସୁନ୍ଦର ଖେଳ ପ୍ରଦର୍ଶନ କରି ୮-୦ ଗୋଲରେ ବିଜୟ ଲାଭ କରି ଚଳିତ ବର୍ଷ ପାଇଁ ରାଜ୍ୟସ୍ତରୀୟ ଚାମ୍ପିୟନ ଆଖ୍ୟା ବଜାୟ ରଖିଥିଲେ। ୧୭ବର୍ଷରୁ କମ ବାଳକ ବିଭାଗର ଚୂଡାନ୍ତ ମ୍ୟାଚ ସୁନ୍ଦରଗଡ ଓ ଦେବଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ ୫-୧ରେ ବିଜୟ ଲାଭ କରି ବାଳିକା ବିଭାଗର ରାଜ୍ୟ ଚାମ୍ପିୟନଶିପ ଆଖ୍ୟା ବଜାୟ ରଖିଥିଲେ। ସେହିଭଳି ରାଜ୍ୟ ତୀରନ୍ଦାଜ ପ୍ରତିଯୋଗିତାରେ କଳାହାଣ୍ଡି ସବୁଠାରୁ ଅଧିକ ୧୬ ସ୍ୱର୍ଣ୍ଣ ପଦକ ପାଇ ଚାମ୍ପିୟନ ହୋଇଥିଲା ଓ ମୟୂରଭଞ୍ଜ ୧୨ ସ୍ୱର୍ଣ୍ଣ ପଦକ ପାଇ ରନର୍ସଅପ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଲାଳିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦର କୈଳାଶ ଚନ୍ଦ୍ର ପ୍ରଧାନ, ସହକାରୀ ନିର୍ଦ୍ଦେଶକ ଶାରିରୀକ ଶିକ୍ଷା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଭୁବନେଶ୍ୱର ଅଭିଜିତ ମହାନ୍ତ, ଜିଲା କ୍ରୀଡ଼ା ଅଧିକାରୀ, ତେଜ କୁମାର ଖେସ, ଅମାତ୍ୟ ପ୍ରଧାନ, ଆଇଇଡି. ସଂଯୋଜକ, ଗଣେଷ ବାରିକ, ପୂର୍ବତନ ଶାରିରୀକ ଶିକ୍ଷା ନିରୀକ୍ଷକ, ଜ୍ୟୋତି ପ୍ରସାଦ ପରିଡା, ଆଇ. ପି. ଇ. ଢ଼େଙ୍କାନାଳ, ଭାଗିରଥୀ ମଲିକ, ଆଇ. ପି. ଇ. ମୟୂରଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହୀରାମଣି ମିଞ୍ଜ ସମସ୍ତଙ୍କୁ ଆନୁଷ୍ଠାନିକ ଭାବରେ ସ୍ୱାଗତ କରିଥିଲେ। ବିଭୀଷଣ ବାରିକ ଓ ସ୍ୱାଗତିକା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୫/୨୦୨୩ Bhubaneswar, Sunday, March 5/ 2023

## ସଂକ୍ଷେପରେ

### ବ୍ୟବସାୟୀଙ୍କୁ ଗୁଳି

ଜୟପୁର, ୪।୩ (ନି.ପ୍ର.): ଶନିବାର ଜୟପୁର ସହରରେ ସ୍ପଷ୍ଟ ଦିବାଲୋକରେ ଗୁଳି ଫୁଟିଛି। ଜଣେ ବ୍ୟବସାୟୀଙ୍କ ପୁଅ ଆଦର୍ଶ ଅଗ୍ରୱାଲଙ୍କ ଉପରକୁ ଏହି ଗୁଳିମାଡ଼ ହୋଇଛି। ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗୁଳିକାଣ୍ଡର କାରଣ ଜଣାପଡିନାହିଁ। ଖବରରୁ ପ୍ରକାଶ, ସହରର ପ୍ରତିଷ୍ଠିତ ବ୍ୟବସାୟୀ ପବନ ଅଗ୍ରୱାଲଙ୍କ ପୁଅ ଆଦର୍ଶ (୩୫) ତାଙ୍କର ବାରିଣିପୁଟରେ ଥିବା କାର ଶୋରୁମରୁ ଅପରାହ୍ନ ୩ଟାରେ ଘରକୁ ଆସୁଥିବା ବେଳେ ଜାତୀୟ ରାଜପଥ-୨୬ର ଲକ୍ଷ୍ମୀ ପଣ୍ଡା ଛକ ଡେଙ୍ଗାତୋଟା ମଶାଣି ନିକଟରେ ତାଙ୍କ କାର ଉପରକୁ ଦୁର୍ବୃତ୍ତମାନେ ୨ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ। ଖବରପାଇ ଘଟଣାସ୍ଥଳରେ ଟାଉନଥାନା ପୋଲିସ ପହଞ୍ଚି ୨ଟି ୯ ଏମ୍ଏମ୍ ଖୋଳାକୁ ଜବତ କରି ଏହାର ଅଧିକ ତଦନ୍ତ ଜାରି ରଖିଛି। ଘଟଣା ସମ୍ପର୍କରେ ଜାଣିବା ପରେ ବିଧାୟକ ତାରାପ୍ରସାଦ ବାହିନୀପତି ମଧ ଘଟଣାସ୍ଥଳରେ ପହଞ୍ଚି ଆଦର୍ଶଙ୍କ ସହ ଆଲୋଚନା କରିଥିଲେ। ବାହିନୀପତି କହିଛନ୍ତି ଯେ, ଅପରାଧୀମାନେ ଅନେକ ଦିନ ହେବ ଏଠାରେ ସକ୍ରିୟ ନ ଥିଲେ। ଏବେ ସେମାନଙ୍କ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏନେଇ ଏସ୍ପିଙ୍କ ସହ ଆଲୋଚନା କରିଥିବା ସେ ପ୍ରକାଶ କରିଛନ୍ତି।

### ନାବାଳିକା ଝିଅକୁ ବଳାତ୍କାର, ଜେଲ ଗଲେ ବାପା

#### ବାପ-ଝିଅ ସମ୍ପର୍କରେ ଲାଗିଲା କଳଙ୍କର ଦାଗ

ଲାଞ୍ଜିଗଡ଼, ୪।୩(ଡି.ଏନ.ଏ.): ବାପା-ଝିଅ ସମ୍ପର୍କରେ ଲାଗିଲା କଳଙ୍କର ଦାଗ। କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅଞ୍ଚଳରେ ଏଭଳି ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ୧୨ ବର୍ଷର ଝିଅକୁ ବଳାତ୍କାର କରିବା ଅଭିଯୋଗରେ ବାପା ଗିରଫ ହୋଇ ଜେଲ ଯିବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁସାରେ, ଅଭିଯୁକ୍ତ ବାପା ସ୍ତ୍ରୀ ଓ ଝିଅକୁ ନେଇ ୫ ମାସ ତଳେ କେରଳକୁ କାମ କରିବାକୁ ଯାଇଥିଲେ। ସେଠାରେ ଏକ ମାସ ରହିବା ମଧ୍ୟରେ ଝିଅକୁ ବାଳାତ୍କାର କରିଥିଲେ। ଏହା ସ୍ତ୍ରୀ ଜାଣିପାରି ଘରକୁ ଚାଲି ଆସିଥିଲେ। ହେଲେ ଏକଥା କାହା ଆଗରେ ସେ ପ୍ରକାଶ କରି ନ ଥିଲେ। ଗତ ୭ ଦିନ ତଳେ ଅଭିଯୁକ୍ତ କେରଳରୁ ଘରକୁ ଫେରି ଆସିଥିଲେ। ଘରେ ମଧ ସେ ଝିଅକୁ ପୁଣି ବାଳାତ୍କାର କରିଥିଲେ। ଏ ନେଇ ନାବାଳିକା ଝିଅ ମା'ଙ୍କ ସହ ଲାଞ୍ଜିଗଡ଼ ଥାନାରେ ଗତ ଗୁରୁବାର ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୧୪/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଭାରପ୍ରାପ୍ତ ଥାନାଧିକାରୀ ମମତା ହେମ୍ବ୍ରମ ସୂଚନା ଦେଇଛନ୍ତି।

# କୃଷକଙ୍କ କଥା କହିଲା 'କାହାର ସହର କାହାର ସ୍ୱପ୍ନ'

କଟକ ଅଫିସ,୪।୩

ଭୁବନେଶ୍ୱରରେ କୃଷି ଭବନର କଳାକୃତିରୁ କୃଷକ ଜୀବନୀର ଗାଥାକୁ ଏକ ପ୍ରାମାଣିକ ଚଳଚ୍ଚିତ୍ର ମାଧ୍ୟମରେ ପ୍ରସ୍ଫୁଟିତ କରିବା ପାଇଁ ପ୍ରୟାସ ହୋଇଥିଲା। ଉକ୍ତ ଚଳଚ୍ଚିତ୍ର 'କାହାର ସହର କାହାର ସ୍ୱପ୍ନ' ରେଭେନ୍ସା ବିଶ୍ୱବିଦ୍ୟାଳୟ ଫିଲ୍ମ ଫେଷ୍ଟିଭାଲର ଶନିବାର ଉଦ୍ଯାପନୀ ଦିବସରେ ପ୍ରଦର୍ଶିତ ହୋଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ଅଭିଷେକ ପରିଜାଙ୍କ କାହାଣୀ, ସଂଳାପ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନାରେ ପ୍ରସ୍ତୁତ ଚଳଚ୍ଚିତ୍ରଟି ଛାତ୍ରୀଛାତ୍ରଙ୍କୁ ଏକ ଭିନ୍ନରୁଚି ପରଶିଥିଲା। କୃଷି ଭବନ ନିର୍ମାଣ କାର୍ଯ୍ୟରେ ସାମିଲ ପଥର ଶିଳ୍ପୀ, କାଠଶିଳ୍ପୀଙ୍କ ନିହାଣ ମୁନର କାରୁକାର୍ଯ୍ୟ କୃଷକଙ୍କ ମେରୁଦଣ୍ଡ ସଳଖିବା ନିମନ୍ତେ ଏକ ପ୍ରୟାସ। ଓଡ଼ିଶାର କୃଷି, କୃଷକଙ୍କ ଗାଥା, ବ୍ୟଥା ଆଉ କଥା ସହ କାରୁକାର୍ଯ୍ୟ ବିମଣ୍ଡିତ କୃଷି ଭବନକୁ ଯୋଡ଼ି ଅତ୍ୟନ୍ତ ଚମତ୍କାର ଶୈଳୀରେ ଅଭିଷେକଙ୍କ ଦକ୍ଷତା ବଡ଼ ପରଦାରେ ପରଖି ହୋଇଥିଲା।

ଉଦ୍ଯାପନୀ ଦିବସରେ ସୁବାସ ଦାସଙ୍କ ନିର୍ଦ୍ଦେଶନାରେ ୨୦୦୩ରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର ଏ ବି ସି ବେଶ୍ ମନୋରଞ୍ଜନର ଖୋରାକ୍


ପ୍ରାମାଣିକ ଚଳଚ୍ଚିତ୍ର 'କାହାର ସହର କାହାର ସ୍ୱପ୍ନ'ର ଏକ ଦୃଶ୍ୟ।

ଯୋଗାଇଥିଲା। ଏଥିସହ ପ୍ରଖ୍ୟାତ ସିନେ ବ୍ୟକ୍ତିତ୍ୱ ସତ୍ୟଜିତ୍ ରାୟଙ୍କ ନିର୍ଦ୍ଦେଶନାରେ ୧୯୫୬ରେ ନିର୍ମାଣ ହୋଇଥିବା ବଙ୍ଗଳା ଚଳଚ୍ଚିତ୍ର ଅପରାଜିତୋ ଏବଂ ୧୯୫୯ରେ ନିର୍ମିତ ଅପୁର ସଂସାର ତତ୍କାଳୀନ ସମୟର କଳାତ୍ମକତାକୁ ପ୍ରତିପାଦିତ କରିବାରେ ସକ୍ଷମ ହୋଇଥିଲା। ଏହି ଦୁଇଟି ଚଳଚ୍ଚିତ୍ର ସତ୍ୟଜିତ୍ ରାୟଙ୍କୁ ଛାତ୍ର ସମାଜ ଆଗରେ ପରିଚିତ କରାଇବାର ପ୍ରୟାସକୁ କେତେକାଂଶରେ ସଫଳ କରିଥିଲା। ସେହିପରି କୋଲକାତାରୁ ଆସିଥିବା କଳାକାର ତଥା ଯାଦବପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ନିବିଦ୍ ରୟଙ୍କ ସୀତାର ବାଦନ ଛାତ୍ରୀଛାତ୍ରଙ୍କୁ ଅଭିଭୂତ କରିଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସେଭେଲ ପିଲାର୍ସ ଅଫ୍ ୱିଜ୍‌ଡମ୍ ପରିସରରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ଦେଖିବାକୁ ଛାତ୍ରୀଛାତ୍ରମାନେ ଭିଡ଼ ଜମାଇଥିଲେ। ବିଶ୍ୱବିଦ୍ୟାଳୟ କଲଚରାଲ କାଉନ୍ସିଲ୍ ଚେୟାର ପର୍ସନ ଡ. ଉର୍ମିଶ୍ରୀ ବେଦମାତା, ବିଶ୍ୱବିଦ୍ୟାଳୟ ଷ୍ଟୁଡେଣ୍ଟସ୍ ୱେଲଫେୟାର ନିର୍ଦ୍ଦେଶକ ଡ. ଅଳକାନନ୍ଦା ପରିଡ଼ାଙ୍କ ତତ୍ତ୍ୱାବଧାନରେ ଫିଲ୍ମ ଫେଷ୍ଟିଭାଲ

### ରେଭେନ୍ସାରେ ଫିଲ୍ମ ଫେଷ୍ଟିଭାଲ ଉଦ୍ଯାପିତ

ଅନୁଷ୍ଠିତ ହୋଇଥିଲା। ରେଭେନ୍ସା ଫିଲ୍ମ ସୋସାଇଟି ସମ୍ପାଦକ ଶୁଭ ସୁଦର୍ଶନ ନାୟକଙ୍କ ସମେତ ସୋନିଆ ଚାନ୍ଦ, ଜ୍ଞାନେଷ୍ଟୁ ଜେନା, ନିବେଦିତା ବେହେରା, ଦେବାଂଶୁ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ରମାନେ ବଡ଼ ପରଦାରେ ପ୍ରଦର୍ଶିତ ଚଳଚ୍ଚିତ୍ରଗୁଡ଼ିକୁ ଉପଭୋଗ କରିଥିଲେ।

### ଏମାନେ କୁହନ୍ତି...

ରେଭେନ୍ସା ପ୍ରେକ୍ଷାଳୟରେ ଫିଲ୍ମ ଫେଷ୍ଟିଭାଲ ନିଶ୍ଚିତ ଭାବେ ଆମକୁ ଉତ୍ସାହିତ କରିଛି। ବିଭିନ୍ନ ପ୍ରକାରର ଚଳଚ୍ଚିତ୍ର ଦେଖିବାର ସୁଯୋଗ ପାଇଲୁ। ଏଥିରୁ କିଛି ଶିଖିବାକୁ ପାଇଲୁ। ପାଠପଢ଼ାର ବ୍ୟସ୍ତତା ଭିତରେ ମୋବାଇଲ୍ ଅବା ଟିଭି ବ୍ୟତୀତ ବଡ଼ ପରଦା ଦେଖିବାର ସୁଯୋଗ ପାଉ ନ ଥିଲୁ। ପୁଣି ପୁରୁଣା ସିନେମାଗୁଡ଼ିକୁ ଦେଖି ସେ ସମୟର କଳା, ସଂସ୍କୃତି, ସଭ୍ୟତା, ସାମାଜିକ ସ୍ଥିତି ଆଦି ବିଷୟରେ ମଧ କିଛି ଧାରଣା ସୃଷ୍ଟି ହେଲା।



**ନିବେଦିତା ବେହେରା, ଛାତ୍ରୀ, ୟୁଜି ୨ୟ ବର୍ଷ**

ଛାତ୍ର ଜୀବନରୁ ସିନେମା କରିବା ପାଇଁ ମୋର ଏକ ଲକ୍ଷ୍ୟ ଥିଲା। ପ୍ରଥମେ ହିନ୍ଦୀ ଭାଷାରେ ଅଲ୍ କବିରାହ ନାମକ ଏକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିଥିଲି। ହେଲେ ଖାଣ୍ଟି ଓଡ଼ିଆମୀର କଥା କହୁଥିବା ୨ୟ ସିନେମାଟି ଏକ ପ୍ରାମାଣିକ ଚଳଚ୍ଚିତ୍ର ଭାବେ ମୋତେ ରେଭେନ୍ସାରେ ଏକ ପରିଚିତି ଆଣି ଦେଇଛି। ଭୁବନେଶ୍ୱର, ତ୍ରିଶୂଳିଆ ଓ ପିପିଲିଠାରେ ଚଳଚ୍ଚିତ୍ରର ସୁଟିଂ କରିଥିଲୁ। ଏଥିରେ ଓଡ଼ିଶାର କୃଷକ, ଶିଳ୍ପୀଙ୍କ ବାସ୍ତବ ଜୀବନ ସହ ସେମାନେ ଜାବୁଡ଼ି ଧରିଥିବା ଭବିଷ୍ୟତର ଆଶାର କିରଣକୁ ସାମିଲ କରିଛୁ। ଆଗକୁ ଆହୁରି ଭଲ ସିନେମା ନିର୍ମାଣ କରିବାର ଯୋଜନା ରହିଛି।



**ଅଭିଷେକ ପରିଜା, ଯୁବ ଫିଲ୍ମ ନିର୍ମାତା**



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଡାକୋଟା ବିମାନକୁ ନେଇ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପୁରୀ ସମୁଦ୍ରରେ ପ୍ରସ୍ତୁତ ବାଲୁକା କଳା।

# ଆଜି ମୁଖ୍ୟମନ୍ତ୍ରୀଙ୍କ ବରଗଡ଼, କଳାହାଣ୍ଡି, ନୂଆପଡ଼ା ଗସ୍ତ

ବରଗଡ଼ ଅଫିସ/ନୂଆପଡ଼ା ଅଫିସ/ସୋହେଲା/ଭବାନୀପାଟଣା, ୪।୩(ଡି.ଏନ.ଏ./ସ୍ୱ.ପ୍ର.)

- ବିଜୁ ଏକ୍ସପ୍ରେସ ୱେର କରିବେ ଉଦ୍‌ଘାଟନ
- ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ
- ରୋଡ୍ ଶୋ କରିବେ ନବୀନ
- ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାର ୩ ଜିଲା ବରଗଡ଼, ନୂଆପଡା ଓ କଳାହାଣ୍ଡି ଗସ୍ତରେ ଆସୁଛନ୍ତି। ବରଗଡ଼ ଜିଲା ପଦ୍ମପୁର ନିକଟ ସତୀଭଟା ଏୟାରଷ୍ଟ୍ରିପକୁ ବି-୨୦୦ ଭିଟି-ଜେପିଭି ଏୟାରକ୍ରାଫ୍ଟ ଯୋଗେ ଆସି ସେଠାରେ ପୂର୍ବାହ୍ନ ୧୦ଟା ୩୦ରେ ମୁଖ୍ୟମନ୍ତ୍ରୀ ଓହ୍ଲାଇବେ। ସେଠାରୁ ଏକ ହେଲିକପ୍ଟରରେ ସୋହେଲା ବ୍ଲକ ହଲଦିପାଲିର ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିବେ। ୪୫ ମିନିଟର ରହଣି ମଧ୍ୟରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଏହାପରେ ବିଜୁ ଏକ୍ସପ୍ରେସ ୱେରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ, ଛୁରିଆପାଲି ନିକଟ ଯାଯାବର ଆଶ୍ରୟସ୍ଥଳୀ, ପେଟୁପାଲି(ଭାତେନଡୁଙ୍ଗୁରି)ର ଶହୀଦ କୁଞ୍ଜେଲ ସିଂ ଶିଶୁପାର୍କ ଏବଂ ଘେଁସସ୍ଥିତ ମାଧୋ ସିଂ ପ୍ରତିମୂର୍ତ୍ତି ପରିସରରେ ସ୍ୱଳ୍ପ ରହଣି ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ନେଇ ପୋଲିସ, ପ୍ରଶାସନ ମଧ୍ୟରେ ତତ୍ପରତା ପରିଲକ୍ଷିତ ହୋଇଛି। ସଭାସ୍ଥଳୀ ତଥା ସଭାମଞ୍ଚ ନିର୍ମାଣ ସରିଥିବାବେଳେ ସୋହେଲା ରାସ୍ତାପାର୍ଶ୍ୱ ମଧ୍ୟ ନୂଆରୂପ ସହିତ ସଜେଇ ହୋଇଛି। ବିଜୁ ଏକ୍ସପ୍ରେସ ୱେର ମୁଖଶାଳା ସୋହେଲାସ୍ଥିତ ସତ୍ୟାଗ୍ରହୀ ସ୍ମାରକ ପୀଠରେ ନୂଆ ରଙ୍ଗ ଦିଆଯାଇଛି। ରାସ୍ତାର ପ୍ରାୟ ୩୦୦ ମିଟର ପର୍ଯ୍ୟନ୍ତ ବିଭିନ୍ନ ଚିତ୍ର ଅଙ୍କାଯାଇଛି। ରୋଡ୍ ଶୋ ପାଇଁ ଏକ ସ୍ୱତନ୍ତ୍ର ବସ୍ ପହଞ୍ଚି ସାରି ଥିବାବେଳେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏସ୍‌ପି ପି.ଏସ୍. ମୀନାଙ୍କ ତତ୍ତ୍ୱାବଧାନରେ ୪ଜଣ ଅତିରିକ୍ତ ଏସ୍‌ପି, ୭ଜଣ ଡିଏସ୍‌ପି, ୨୦ଜଣ ଇନ୍ସପେକ୍ଟର, ୧୦୦ଜଣ ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର ଏବଂ ୨୦ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ବରଗଡ଼ ପରେ ମୁଖ୍ୟମନ୍ତ୍ରୀ ନୂଆପଡ଼ା ଜିଲା ଗସ୍ତ କରିବେ। ନୂଆପଡ଼ାରେ ବିଜୁ ଏକ୍ସପ୍ରେସ ୱେ, ନୂଆପଡ଼ା, ଖଡ଼ିଆଳ, ଖରିଆର ରୋଡଠାରେ ନବନିର୍ମିତ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟନ କରିବେ। ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ପରେ ଅପରାହ୍ନ ୩ଟା୧୫ରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ହାଇସ୍କୁଲ ପଡିଆରେ କରାଯାଇଥିବା ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇବେ। ସେଠାରେ ବିଜୁ ଏକ୍ସପ୍ରେସ ୱେ ଉଦ୍‌ଘାଟନ କରିବେ। ଏହାସହ ଧର୍ମଗଡ଼ ସରକାରୀ ବସ୍‌ଷ୍ଟାଣ୍ଡ ଓ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ସହ ଜିଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ କରିବେ। ଅପରାହ୍ନ ୩ଟା ୫୫ରେ ବୃନ୍ଦାବାହାଲଠାରୁ ଆମପାଣି ୬୦ କି.ମି. ପର୍ଯ୍ୟନ୍ତ ନୂତନ ବିଜୁ ଏକ୍ସପ୍ରେସ୍ ରାସ୍ତାରେ ନବୀନ ରୋଡ୍ ଶୋ' କରିବେ। ସେଠାରୁ ହେଲିକପ୍ଟର ଯୋଗେ ଉତ୍କେଳା ଏୟାରଷ୍ଟ୍ରିପକୁ ଯାଇ ୫ଟା ୪୫ରେ ଭୁବନେଶ୍ୱର ଫେରିବେ।

# ସାଇବର ଠକେଇ ଅଭିଯୋଗରେ ନାବାଳକ ଅଟକ

ଉମରକୋଟ, ୪।୩(ସ୍ୱ.ପ୍ର.)

- ଲୋକଙ୍କୁ କିପରି ଠକିବ ସେ ନେଇ ଦେଉଥିଲେ ଅନ୍‌ଲାଇନ ତାଲିମ
- ନଗଦ ଲକ୍ଷେ ଟଙ୍କା, ହ୍ୟାକିଂ ବହି, ମୋବାଇଲ ଜବତ

ପେନିୟର ବାୟ ବ୍ୟାଙ୍କ ନାମରେ ଲୋକଙ୍କୁ ଠକୁଥିବା ଜଣେ ସାଇବର ଠକଙ୍କୁ ଉମରକୋଟ ପୋଲିସ ଅଟକ ରଖିଛି। ସେ ଜଣେ ନାବାଳକ। ତାଙ୍କ ଘର ଗଞ୍ଜାମ ଜିଲା ବାଲିପଦର ଥାନା ଅଞ୍ଚଳରେ ବୋଲି ଉମରକୋଟ ପୋଲିସ କହିଛି। ନାବାଳକଙ୍କୁ ଭବାନୀପାଟଣା ସ୍ଥିତ ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିଲା। ବର୍ତ୍ତମାନ ତାଙ୍କୁ ଚାଇଲ୍ଡ ଅବଜର୍ଭେଶନ ହୋମ୍‌ରେ ରଖାଯାଇଛି ବୋଲି ଉମରକୋଟ ପୋଲିସ ସୂଚନା ଦେଇଛି।

ସୂଚନାନୁଯାୟୀ, ଗତ ୨୧ରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ମୂର୍ତ୍ତୁମା ପଞ୍ଚାୟତ ସାନଖଡ଼କା ଗ୍ରାମର ଗୋକୁଲ ବିଶ୍ୱାସ ତାଙ୍କର ୧, ୦୫, ୦୩୨ଟଙ୍କା ଠକେଇ ହୋଇଥିବା ନେଇ ଉମରକୋଟ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପି ଏସ୍. ସୁଶ୍ରୀ ସାଇବର ପୋଲିସ ଓ ଉମରକୋଟ ପୋଲିସକୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଜିଲା ସାଇବର ପୋଲିସ କର୍ମଚାରୀ, ଉମରକୋଟ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା, ସବ୍‌ଇନ୍ସପେକ୍ଟର ସନ୍ତୋଷ ମାଝି ଓ ଅନ୍ୟ କେତେଜଣ ପୋଲିସ ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବା ପରେ ଘଟଣାରେ ନାବାଳକଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇ ତଦନ୍ତକାରୀ ଟିମ୍ ସେଠାକୁ ଯାଇଥିଲେ। ନାବାଳକଙ୍କ ଘରୁ ୧ଲକ୍ଷ ୫ହଜାର ନଗଦ ଟଙ୍କା, ତିନୋଟି ଏଟିଏମ୍ କାର୍ଡ, ପେନ୍‌ଡ୍ରାଇଭ, ଲାପ୍‌ଟପ୍, ପେଟିଏମ୍ ସ୍କାନର, କ୍ରିପ୍ଟ ହ୍ୟାକିଂ ବହି, ମୋବାଇଲ ସହ କିଛି ଗୁରୁତ୍ୱପୂର୍ଣ୍ଣ ଫାଇଲ ଜବତ କରାଯାଇଛି। ସେଠାରୁ ନାବାଳକଙ୍କୁ ଆଣି ଭବାନୀପାଟଣାସ୍ଥିତ ଜୁଭେନାଇଲ କୋର୍ଟରେ ହାଜର କରାଯିବାପରେ ତାଙ୍କୁ ଚାଇଲ୍ଡ ଅବଜର୍ଭେଶନ ହୋମରେ ରଖାଯାଇଛି। ନାବାଳକ ଜଣକ ସ୍କାନିନ୍‌ଫୋଗା ନାମରେ ଏକ ଅନୁଷ୍ଠାନ କରି ଲୋକଙ୍କୁ କିପରି ଠକିବେ ସେ ନେଇ ୪୦ରୁ ୫୦ ପିଲାଙ୍କୁ ଅନ୍‌ଲାଇନ ତାଲିମ ଦେଉଥିଲେ ବୋଲି ପୋଲିସ କହିଛି। ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର କହିଛନ୍ତି। ଉମରକୋଟ ଥାନାରେ କେସ୍ ନଂ.୫୩/୨୩ରେ ମାମଲା ରୁଜୁ ହୋଇଛି।


ତଦନ୍ତକାରୀ ଅଧିକାରୀମାନେ ଠକେଇ ସମ୍ପର୍କରେ ସୂଚନା ଦେଉଛନ୍ତି।

# ଜଳୁଛି ଶିମିଳିପାଳ

### ୫ ରେଞ୍ଜର ଶତାଧିକ ସ୍ଥାନରେ ନିଆଁ
### ବର୍ଷା ହିଁ ଏକମାତ୍ର ଭରସା

ବାରିପଦା ଅଫିସ, ୪।୩

ସବୁଜ ବନାନୀରେ ଆଚ୍ଛାଦିତ ପ୍ରକୃତି ସୁନ୍ଦରୀ ଶିମିଳିପାଳ ଏବେ ନିଆଁ କବଳରେ। କ୍ରମାଗତ ମାସେ ହେଲା ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ନିଆଁ ଲାଗୁଥିବା ଦେଖିବାକୁ ମିଳୁଛି। ଶନିବାର ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ମିଳିଥିବା ସାଟେଲାଇଟ ତଥ୍ୟ ଅନୁଯାୟୀ ରାଜ୍ୟର ୫୬୭ଟି ସ୍ଥାନରେ ନିଆଁ ଲାଗିଛି। ଏଥିମଧ୍ୟରେ ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ରେଞ୍ଜରେ ଥିବା ଶହେରୁ ଊର୍ଦ୍ଧ୍ୱ ସ୍ଥାନ ଜଳୁଥିବା ନଜରକୁ ଆସିଛି। ଅଭୟାରଣ୍ୟର କ୍ଷେତ୍ର ନିର୍ଦ୍ଦେଶକ ଟି. ଅଶୋକ କୁମାର, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦୁଇ ଉପନିର୍ଦ୍ଦେଶକ ଓ ୩ ବନଖଣ୍ଡ ଅଧିକାରୀ ନିଆଁକୁ ଆୟତ୍ତ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ସେମାନଙ୍କୁ ବନବିଭାଗ କର୍ମଚାରୀ, ଦମକଳ ବାହିନୀ, ବନସୁରକ୍ଷା ସମିତି ଓ ଅଞ୍ଚଳବାସୀ ସହଯୋଗ କରୁଛନ୍ତି।

ସୂଚନା ଅନୁଯାୟୀ, ଶିମିଳିପାଳ ଜୈବମଣ୍ଡଳ ଅଧୀନରେ ଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର-ଦକ୍ଷିଣ ଡିଭିଜନ, ବାରିପଦା, ରାଇରଙ୍ଗପୁର ଓ କରଞ୍ଜିଆ ଡିଭିଜନରେ ନିଆଁ ବ୍ୟାପିବାରେ ଲାଗିଛି। ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳକୁ ନିଆଁ ପ୍ରବେଶ କରିସାରିଛି। ଏଥିସହ ମୟୂରଭଞ୍ଜ ଜିଲାର ଚାରିପଟେ


ପିଠାବଟା ଜଙ୍ଗଲରେ ନିଆଁ ଲାଗିଛି।

ଥିବା ଜଙ୍ଗଲରେ ମଧ ବନାଗ୍ନି ବୃଦ୍ଧି ପାଇବାରେ ଲାଗିଛି। ଫଳରେ ତାପମାତ୍ରା ବୃଦ୍ଧି ହେଉଥିବା ବେଳେ ନିଆଁ ଅଣାୟତ୍ତ ହୋଇପଡ଼ିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ମଧ୍ୟରେ ଥିବା ମଣଦା, ଜାମୁଆଣି, ତମାଳବନ୍ଧ, ବୋକୁଆ, ଭାଟୁଣିଆ, ଆଶାଦଳା, ତାଳବନ୍ଧ, ବାଙ୍କିଡିହୀ, ନଟ, ବାଲିଡିହା, ଭାଟୁଣିଆ, ଡେଙ୍ଗାମ, ତାଳଡିହା, କାନଛିଣ୍ଡା, କୁସୁମବନ୍ଧ, ଭଣ୍ଡଗାଁ, ବାଉଁଶତାଳ, ଚମ୍ପାଗଡ଼, ତମାଳବନ୍ଧ, ପୋଡ଼ାଡ଼ିହା, ବିଦୁଭଣ୍ଡାର, କାଳିଆଣି, ସାତକୋଶିଆ, ଚମ୍ପାଝର, କେଶଡିହା, ଶିରସା, କୁସୁମବନ୍ଧ, ମଞ୍ଜାବନ୍ଧା, ଦୁର୍ଗାପୁର, ଭାଲୁକଚୁଆ, ରାସଗୋବିନ୍ଦପୁର, ଅର୍ମଦା, ବାଦାମ ତଳିଆ, ଗୋରୁମହିଷାଣି, ଗେରଗେଡ଼ି, ଟିରିଂ, ଝରାଡିହି ବାଦାମପାହାଡ଼, ବରେହିପାଣି ଆଦି ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ନିଆଁ ଲାଗିଥିବା ଜଣାଯାଇଛି। ମାତ୍ର ଦୀର୍ଘଦିନ ଧରି ବର୍ଷା ହୋଇ ନ ଥିବାରୁ ଜଙ୍ଗଲର ଶୁଖିଲା କାଠପତ୍ର ହୁ ହୁ ହୋଇ ଜଳୁଛି। ଗୋଟିଏ ପାହାଡ଼ରୁ ଅନ୍ୟ ଏକ ପାହାଡ଼କୁ ବ୍ୟାପିବାରେ ଲାଗିଛି। ବନ୍ୟପ୍ରାଣୀମାନେ ପ୍ରାଣ ବିକଳରେ ଜନବସତିମୁହାଁ ହେଉଛନ୍ତି। ଅନେକ ବନ୍ୟଜାତ ଦ୍ରବ୍ୟ ପୋଡ଼ି ପାଉଁଶ ହୋଇଯାଉଛି। ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିବା ପାଇଁ କେବଳ ବର୍ଷା ହିଁ ଏକମାତ୍ର ଭରସା ବୋଲି କୁହାଯାଉଛି। ଶିମିଳିପାଳକୁ ବନାଗ୍ନିରୁ ସୁରକ୍ଷା ଯୋଗାଇ ଦିଆ ନ ଗଲେ ଜୀବଜଗତ ତିଷ୍ଠିବା କଷ୍ଟକର ହୋଇପଡ଼ିବ। ଏହାକୁ ରକ୍ଷା କରିବା ପାଇଁ ବିଭିନ୍ନ ସଙ୍ଗଠନ, ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗର ହାତ ବଢ଼ାଇବାକୁ ପଡ଼ିବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ